# ଧରିତ୍ରୀ
DHARITRI

ବ୍ରହ୍ମପୁର, ବୁଧବାର, ଜାନୁୟାରୀ ୩୦/୨୦୧୯ (୨୦ ପୃଷ୍ଠା) Berhampur, Wednesday, January 30/ 2019 ★★★

୧୫ ଶ ଭାଗ ୪ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୫/-



DADLS-262

ଓଡ଼ିଶା ସରକାର

## ମାନ୍ୟବର ମୁଖ୍ୟମନ୍ତ୍ରୀ
## ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ
## ମୟୂରଭଞ୍ଜ ଜିଲ୍ଲା ଗସ୍ତ

**୩୦ ଜାନୁଆରୀ ୨୦୧୯ ବୁଧବାର**

**ବାରିପଦା ଛଉପଡ଼ିଆ ମଧ୍ୟାହ୍ନ ୧୨.୨୫**



### ୧୧ଟି ଜନହିତକାରୀ ପ୍ରକଳ୍ପର ଶୁଭ ଉଦ୍‌ଘାଟନ

- ଉଦଳା ବ୍ଲକ୍‌ର ରାଜ୍ୟ ରାଜପଥ-୧୯ରେ ଚମ୍ପା ନଦୀ ଉପରେ ହାଇଲେଭ୍‌ଲ ସେତୁ ।
- ଉଦଳା ଉପଖଣ୍ଡ ଚିକିତ୍ସାଳୟର ୫୦ ଶଯ୍ୟା ବିଶିଷ୍ଟ ନବନିର୍ମିତ ମାତୃ ଓ ଶିଶୁ ଚିକିତ୍ସାକେନ୍ଦ୍ର ।
- ବାରିପଦା ମହିଳା ମହାବିଦ୍ୟାଳୟ ଏବଂ ଏମ୍.ପି.ସି ଜୁନିଅର କଲେଜ୍‌ର ୩୦୦ ସିଟ୍ ବିଶିଷ୍ଟ ଛାତ୍ରୀନିବାସ ।
- ତକତପୁରଠାରେ ଏମ୍.ପି.ସି ସ୍ୱୟଂଶାସିତ କଲେଜର ୪୦୦ ସିଟ୍ ବିଶିଷ୍ଟ ଛାତ୍ରୀନିବାସ ।
- ମୋରଡା ବ୍ଲକ୍‌ର ଗଡିଆ-କେନ୍ଦୁଡିହ ରାସ୍ତାର ଜମ୍ବିରା ନାଳ ଉପରେ ହାଇଲେଭ୍‌ଲସେତୁ ।
- ଉଦଳା ବ୍ଲକ୍‌ର ଉଦଳା-ଦିମାଗଡିଆ ରାସ୍ତାରେ ସୋନ ନଦୀ ଉପରେ ହାଇଲେଭ୍‌ଲସେତୁ ।
- ବଡସାହି ବ୍ଲକ୍‌ର ବର୍ତ୍ତନା-ନିଶ୍ଚିନ୍ତପୁର ରାସ୍ତାରେ ବୁଢାବଳଙ୍ଗ ନଦୀ ଉପରେ ହାଇଲେଭ୍‌ଲ ସେତୁ ।
- ଶୁଳିଆପଦା ବ୍ଲକ୍‌ର ଫଣିଆ, ମୋରଡାବ୍ଲକ୍‌ର ଜୁଆଳିଭଙ୍ଗା ଏବଂ ଶାମାଖୁଣ୍ଟା ବ୍ଲକ୍‌ର ଜ୍ୟୋତିପୁରଠାରେ ୩ଟି ପାଇପ୍ ଜଳଯୋଗାଣ ପ୍ରକଳ୍ପ ।
- ବାରିପଦା ବ୍ଲକ୍‌ର ନବନିର୍ମିତ ଜିଲ୍ଲା ପଞ୍ଚାୟତ ସମ୍ବଳ କାର୍ଯ୍ୟାଳୟ ।

### ୬ଟି ଜନହିତକାରୀ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ

- ବଡ଼ସାହି-ବାରିପଦା ବ୍ଲକ୍‌ର ବୁଢ଼ାବଳଙ୍ଗ ନଦୀ ଉପରେ ହାଇଲେଭଲ୍ ସେତୁ ।
- ବାରିପଦା-ପ୍ରତାପପୁର -ବଡ଼ସାହି-ମାଣତ୍ରୀ ରାସ୍ତାର ଉରା ନାଳ ଉପରେ ହାଇଲେଭଲ୍ ସେତୁ ।
- କପ୍ତିପଦା ବ୍ଲକ୍‌ର ବଡ଼ଗୁଡୁଗୁଡିଆ ଏବଂ ଶୁଳିଆପଦା ବ୍ଲକ୍‌ର ଧାଡିକାଠାରେ ୨ଟି ପାଇପ୍ ଜଳଯୋଗାଣ ପ୍ରକଳ୍ପ ।
- ଶାମାଖୁଣ୍ଟା ବ୍ଲକର ବାଲିଡିହ ଜଳସେଚନ ପ୍ରକଳ୍ପ ଉନ୍ନତିକରଣ କାର୍ଯ୍ୟ ।
- ରାସଗୋବିନ୍ଦପୁର ବ୍ଲକ୍‌ର ରାହିଡିହା-କୁଶଡିହା ମଧ୍ୟରେ ଜମ୍ବିରା ନଦୀର ଉଭୟ ପାର୍ଶ୍ୱ ତଟ ସୁରକ୍ଷା ବନ୍ଧ ।

### ମିଶନ ଶକ୍ତି

- ୨୦,୨୯୫ ମହିଳା ସ୍ୱୟଂସହାୟକ ଗୋଷ୍ଠୀକୁ ୧୫ ହଜାର ଟଙ୍କା ଲେଖାଏଁ ସିଡ୍ ମନି ସହାୟତା ।
- ୨୬ଟି ବ୍ଲକ୍‌ସ୍ତରୀୟ ମହାସଂଘକୁ ୨୫ ଲକ୍ଷ ଟଙ୍କା ଲେଖାଏଁ ଆର୍ଥିକ ସହାୟତା ।
- ଡିଜିଟାଲ୍ ସଶକ୍ତିକରଣ ନିମନ୍ତେ ୩୯୪୧୮ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀକୁ ୩ ହଜାର ଟଙ୍କା ଲେଖାଏଁ ସହାୟତା ରାଶି ।
- ମୟୂରଭଞ୍ଜ ଜିଲ୍ଲାରେ ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ମହାସଂଘଗୁଡ଼ିକୁ ସମୁଦାୟ ୪୯ କୋଟି ଟଙ୍କାର ସହାୟତା ରାଶି ପ୍ରଦାନ ।



15001/13/0565/1819

**ମିଶନ ଶକ୍ତି ମହାସମାବେଶରେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଯୋଗଦାନ ଏବଂ ଉଦ୍‌ବୋଧନ ।**

ଏହି କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ଯୋଗଦେବା ପାଇଁ ବିନମ୍ର ଅନୁରୋଧ ।

ସୂଚନା ଓ ଲୋକସମ୍ପର୍କ ବିଭାଗ



କଂଗ୍ରେସର 'ଗରିବୀ ହଟାଓ' ସ୍ଲୋଗାନ ପରେ ଆକାଉଣ୍ଟରେ ୧୫ ଲକ୍ଷ ଟଙ୍କା ଜମା କରିବା ପାଇଁ ଭାଜପା ପ୍ରତିଶ୍ରୁତି ଦେଇଥିଲା। ଏବେ କଂଗ୍ରେସ ଗରିବଙ୍କୁ ସର୍ବନିମ୍ନ ଆୟ ପ୍ରଦାନ ପାଇଁ ପ୍ରତିଶ୍ରୁତି ଦେବା ଏକ ନିଷ୍ଠୁର ଉପହାସ। ଦୁଇ ଦଳ ଏପରି ପ୍ରତିଶ୍ରୁତି ଦେବା ଅନୁଚିତ, ଯାହା ସେମାନେ ପୂରଣ କରିପାରିବେ ନାହିଁ। – ମାୟାବତୀ, ବିଏସ୍‌ପି ସୁପ୍ରିମୋ

## ସଂକ୍ଷେପରେ

### ୫ ମାଓବାଦୀ ନିହତ

**ରାଞ୍ଚି,୨୯।୧:** ଝାଡ଼ଖଣ୍ଡର ପଶ୍ଚିମ ସିଂହଭୂମ୍ ଓ ଖୁଣ୍ଟି ସୀମାନ୍ତ ରୋତକାଡୋଲି ଗାଁରେ ମଙ୍ଗଳବାର ସକାଳେ ସିଆର୍‌ପିଏଫ୍‌ର ୨୦୯ କୋବ୍ରା ବାଟାଲିୟନ ସହ ଗୁଳି ବିନିମୟରେ ୫ ମାଓବାଦୀ ପ୍ରାଣ ହରାଇଥିବାବେଳେ ଜଣେ ଗୁରୁତର ଆହତ ହୋଇଛନ୍ତି। ଏନ୍‌କାଉଣ୍ଟରସ୍ଥଳରୁ ଏ.କେ-୪୭, .୩୦୩ ରାଇଫଲ, ୫ ପିସ୍ତଲ ଜବତ ହୋଇଛି। ଆହତ ଓ ମୃତକଙ୍କୁ ଚିହ୍ନଟ ପ୍ରକ୍ରିୟା ଜାରି ରହିଛି। ସର୍ଚ୍ଚ ଅପରେଶନ ବେଳେ ଏହି ଏନ୍‌କାଉଣ୍ଟର ହୋଇଥିଲା।

### ପାରିକରଙ୍କୁ ଭେଟିଲେ ରାହୁଲ



**ପାନାଜୀ,୨୯।୧:** କଂଗ୍ରେସ ଅଧକ୍ଷ ରାହୁଲ ଗାନ୍ଧୀ ମଙ୍ଗଳବାର ଗୋଆ ବିଧାନସଭା ପରିସରରେ ମୁଖ୍ୟମନ୍ତ୍ରୀ ମନୋହର ପାରିକର(୬୩)ଙ୍କୁ ଭେଟିଛନ୍ତି। ସେ ଅଗ୍ନ୍ୟାଶୟ (ପାଚନଗ୍ରନ୍ଥୀ) ରୋଗରେ ଆକ୍ରାନ୍ତ ଥିବାବେଳେ ତାଙ୍କର ସ୍ୱାସ୍ଥ୍ୟଗତ ସମସ୍ୟା ପଚାରି ବୁଝିଛନ୍ତି। 'ରାଫେଲ୍ ସିକ୍ରେଟ୍ ଡିଲ୍' ଅଡିଓ ଟେପ୍ ପାରିକର ରଖିଥିବା ଓ ଏହା ତାଙ୍କୁ ପ୍ରଧାନମନ୍ତ୍ରୀଙ୍କଠାରୁ ଅଧିକ କ୍ଷମତାଶାଳୀ କରିଥିବା ରାହୁଲ ଅଭିଯୋଗ ଆଣିବାର ଗୋଟିଏ ଦିନ ପରେ ଉଭୟଙ୍କ ମଧ୍ୟରେ ଏହି ସୌଜନ୍ୟମୂଳକ ସାକ୍ଷାତକାର ରାଜନୈତିକ ହଟଚମଟ ସୃଷ୍ଟି କରିଛି। ରାହୁଲ ମଧାହ୍ନରେ ଗୋଆ ବିଧାନସଭା ପରିସରରେ ପହଞ୍ଚିଥିଲେ। ସେଠାରେ ମୁଖ୍ୟମନ୍ତ୍ରୀଙ୍କ କକ୍ଷକୁ ଯାଇ ପାରିକରଙ୍କୁ ଭେଟିଥିଲେ।

ଏମ୍‌ଜେ ଆକବର ମାନହାନି ମାମଲା

### ପ୍ରିୟା ରମାନୀଙ୍କୁ ନୋଟିସ



**ନୂଆଦିଲ୍ଲୀ,୨୯।୧:** ଯୌନ ଶୋଷଣ ଅଭିଯୋଗ ନେଇ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଏମ୍.ଜେ. ଆକବର ଦାଏର କରିଥିବା ମାନହାନି ମାମଲାରେ ଖବରଦାତା ପ୍ରିୟା ରମାନୀଙ୍କୁ ଦିଲ୍ଲୀ କୋର୍ଟ ନୋଟିସ୍ କରିଛି। ଅତିରିକ୍ତ ମୁଖ୍ୟ ମେଟ୍ରୋପଲିଟାନ୍ ମାଜିଷ୍ଟ୍ରେଟ୍ ସମର ବିଶାଲ ଫେବୃୟାରୀ ୨୫ରେ ରମାନୀଙ୍କୁ ବ୍ୟକ୍ତିଗତ ଭାବେ କୋର୍ଟରେ ହାଜର ହେବାକୁ ନିର୍ଦ୍ଦେଶ ଦେଇଛନ୍ତି। ସୋସିଆଲ୍ ମିଡିଆରେ # ମି ଟୁ ଅଭିଯାନ ଅନ୍ତର୍ଗତ ପ୍ରଥମ ମହିଳା ଖବରଦାତା ଭାବେ ରମାନୀ ଆକବରଙ୍କ ବିରୋଧରେ ଯୌନାଚାର ଅଭିଯୋଗ ଆଣିଥିଲେ। ଜଣେ ବରିଷ୍ଠ ଖବରଦାତା ଆକବର ତାଙ୍କୁ କିପରି ଯୌନ ତାଡ଼ନା ଦେଇଥିଲେ ତାହା ସେ ସୋସିଆଲ୍ ମିଡିଆରେ ଶେୟାର କରିଥିଲେ। ଏହା ରାଜନୈତିକ ମହଲରେ ଚହଳ ସୃଷ୍ଟି କରିବା ପରେ ନୈତିକତା ଦୃଷ୍ଟିକୋଣରୁ ବହିର୍ବ୍ୟାପାର ମନ୍ତ୍ରଣାଳୟ ମନ୍ତ୍ରୀ ପଦରୁ ୨୦୧୮ ଅଗଷ୍ଟ ୧୮ରେ ଆକବର ଇସ୍ତଫା ଦେଇଥିଲେ। ରମାନୀ ଆଣିଥିବା ଅଭିଯୋଗ ଭିତ୍ତିହୀନ ଦର୍ଶାଇବା ସହ ଏହା ରାଜନୈତିକ ଚକ୍ରାନ୍ତ ବୋଲି ଆକବର କହିଥିଲେ ଏବଂ ଆଇନ ପରାମର୍ଶଦାତାଙ୍କ ପରାମର୍ଶ କ୍ରମେ ତାଙ୍କ ବିରୋଧରେ ମାନହାନି ମକଦ୍ଦମା ରୁଜୁ କରିଥିଲେ।

ଇତିହାସର ଆଇନାରେ

### ଜାନୁୟାରୀ ୩୦ର ପ୍ରମୁଖ ଘଟଣା

୧୯୪୮ ଜାନୁୟାରୀ ୩୦ରେ ନାଥୁରାମ୍ ଗଡ୍‌ସେ ମହାତ୍ମା ଗାନ୍ଧୀଙ୍କୁ ଗୁଳିମାରି ହତ୍ୟା କରିଥିଲେ। ସେ ହିନ୍ଦୁ ଜାତୀୟତାବାଦୀର ଜଣେ ଦକ୍ଷିଣପନ୍ଥୀ ପ୍ରବକ୍ତା ଥିଲେ। ଦିଲ୍ଲୀର ବିରଳାଭବନରେ ଗାନ୍ଧୀ ପ୍ରାର୍ଥନା କରୁଥିବା ସମୟରେ ନାଥୁରାମ୍ ଗାନ୍ଧୀଙ୍କ ସମ୍ମୁଖକୁ ଚାଲିଆସି ତାଙ୍କ ଛାତିକୁ ୩ଥର ଗୁଳି କରିଥିଲେ।

୧୯୭୫ ଜାନୁୟାରୀ ୩୦ରେ ଆମେରିକାରେ ପ୍ରଥମ କରି ମନିଟର ନ୍ୟାଶନାଲ ମେରାଇନ୍ ସାଂକ୍‌ଚୁଆରୀ ପ୍ରତିଷ୍ଠା କରାଯାଇଥିଲା। ଏହି ସାଂକ୍‌ଚୁଆରୀରେ ସାମୁଦ୍ରିକ ଜୀବଙ୍କ ସ୍ୱତନ୍ତ୍ର ସୁରକ୍ଷା ଓ ସଂରକ୍ଷଣ କରାଯାଏ। ୭୮୩,୦୦୦ ବର୍ଗ ମାଇଲ୍ କ୍ଷେତ୍ର ପରିମିତ ଏହି ସାଂକ୍‌ଚୁଆରୀ ୧୪ଟି ସାମୁଦ୍ରିକ ଅଞ୍ଚଳକୁ ନେଇ ଗଢ଼ିଉଠିଛି।

## ଅଯୋଧ୍ୟା ଜମିକୁ ନେଇ କେନ୍ଦ୍ରର ଆବେଦନ

# ରାମମନ୍ଦିର ନିର୍ମାଣ ଆଡ଼କୁ ପାଦେ

**ନୂଆଦିଲ୍ଲୀ,୨୯।୧(ପି.ଟି.)**



ସାଧାରଣ ନିର୍ବାଚନକୁ ୩ ମାସ ବାକି ଥିବାବେଳେ ପୁଣି ମୁଣ୍ଡ ଟେକିଛି ରାମମନ୍ଦିର ନିର୍ମାଣ ପ୍ରସଙ୍ଗ। ବିବାଦୀୟ ଜମି ସଂଲଗ୍ନ ନିର୍ବିବାଦୀୟ ୬୭ ଏକର ଜମି ରାମ ଜନ୍ମଭୂମି ନ୍ୟାସ ସମେତ ମୂଳ ମାଲିକଙ୍କୁ ଫେରାଇ ଦେବା ପାଇଁ ସୁପ୍ରିମକୋର୍ଟଙ୍କ ଅନୁମତି ଲୋଡ଼ିଛନ୍ତି କେନ୍ଦ୍ର ସରକାର। ଏହାକୁ ରାମମନ୍ଦିର ନିର୍ମାଣ ପାଇଁ ସରକାରଙ୍କ ଏକ ସକାରାତ୍ମକ ପଦକ୍ଷେପ ବୋଲି ଭାଜପା ବିବେଚନା କରୁଛି। କେନ୍ଦ୍ର ସରକାର ଅଧ୍ୟାଦେଶ ଆଣି କିମ୍ବା ପାର୍ଲାମେଣ୍ଟରେ ଆଇନ ପ୍ରଣୟନ କରି ଅଯୋଧ୍ୟାରେ ରାମମନ୍ଦିର ନିର୍ମାଣ ପାଇଁ ପଥ ପରିଷ୍କାର କରନ୍ତୁ ବୋଲି ଦାବି ଜୋର୍ ଧରିଥିଲା। ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆର୍‌ଏସ୍‌ଏସ୍), ବିଶ୍ୱହିନ୍ଦୁ ପରିଷଦ (ଭିଏଚ୍‌ପି) ଏବଂ ଅନ୍ୟ ହିନ୍ଦୁତ୍ୱବାଦୀ ସଙ୍ଗଠନଗୁଡ଼ିକ ସରକାରଙ୍କ ଉପରେ ଏନେଇ ଚାପପକାଉଥିଲେ। ଏପରି କି ପ୍ରୟାଗରେ ଚାଲିଥିବା କୁମ୍ଭମେଳାରେ ସାଧୁସନ୍ଥ ରାମମନ୍ଦିର ନିର୍ମାଣ ପାଇଁ ବଡ଼ ପଦକ୍ଷେପ ନେବା ଲାଗି ଘୋଷଣା କରିଥିଲେ। ମନ୍ଦିର ରାମ ଜନ୍ମଭୂମିରେ ହିଁ ନିର୍ମାଣ କରାଯାଉ ବୋଲି ଭାଜପା ସବୁବେଳେ ଦାବି କରିଆସିଛି। ଏଥିପାଇଁ ଯାହା ଆଇନଗତ ଉପାୟ ଆପଣାଇବାକୁ ପଡ଼ିବ ଆମେ ଆପଣାଇବୁ ବୋଲି ଦଳ ପକ୍ଷରୁ କୁହାଯାଇଛି। ହେଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କୌଣସି ବିବାଦୀୟ ପଦକ୍ଷେପ ନେବା ସପକ୍ଷରେ ଥିବା ଭଳି ମନେହେଉନାହିଁ। ଏହି ମାମଲା ସୁପ୍ରିମକୋର୍ଟରେ ବିଚାରାଧୀନ ଥିବାରୁ ଆଇନାନୁସାରେ ରାସ୍ତା ବାହାରିବ। କଂଗ୍ରେସ ସବୁବେଳେ ରାମମନ୍ଦିର ନିର୍ମାଣ ରାସ୍ତାରେ ପ୍ରତିବନ୍ଧକ ସାଜିଛି ବୋଲି ପୂର୍ବରୁ ମୋଦି କହିସାରିଛନ୍ତି। ଏଭଳି ସମୟରେ ସୁପ୍ରିମକୋର୍ଟରେ କେନ୍ଦ୍ର ସରକାର ରିଟ୍ ପିଟିଶନ ଦାଏର କରିବା ପରେ ଭାଜପା ଏହି ପ୍ରସଙ୍ଗରେ ସରକାରଙ୍କୁ ସମର୍ଥନ କରିଛି। ସରକାର ବିବାଦୀୟ ଜମିକୁ ଛୁଉଁନାହାନ୍ତି ବୋଲି ଭାଜପା ପକ୍ଷରୁ କୁହାଯାଇଛି। କେନ୍ଦ୍ରମନ୍ତ୍ରୀ ପ୍ରକାଶ ଜାଭଡେକର କହିଛନ୍ତି, ଜମି ଫେରସ୍ତ ପାଇଲେ ତାକୁ ନେଇ କ'ଣ କରାଯିବ ତାହା ରାମ ଜନ୍ମଭୂମି ନ୍ୟାସ ନିଷ୍ପତ୍ତି ନେବ। ସରକାର ଏଥିରେ ହସ୍ତକ୍ଷେପ କରିବେ ନାହିଁ ବୋଲି ଏକ ଖବରଦାତା ସମ୍ମିଳନୀରେ ଜାଭଡେକର ସ୍ପଷ୍ଟ କରିଛନ୍ତି। ସେହିପରି ଭାଜପାର ପ୍ରମୁଖ ହିନ୍ଦୁତ୍ୱ ଚେହେରା ତଥା ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ମଧ୍ୟ କେନ୍ଦ୍ରର ଏହି ପଦକ୍ଷେପକୁ ପ୍ରଶଂସା କରିଛନ୍ତି। ନିର୍ବିବାଦୀୟ ଜମିରେ ନିର୍ମାଣ କାର୍ଯ୍ୟ ଆରମ୍ଭ କରିବା ପାଇଁ ସୁପ୍ରିମକୋର୍ଟ ଅନୁମତି ଦେବେ ବୋଲି ଯୋଗୀ ଆଶାବ୍ୟକ୍ତ କରିଛନ୍ତି।



ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀ ଓ ପୂର୍ବତନ ଉପପ୍ରଧାନମନ୍ତ୍ରୀ ଲାଲକୃଷ୍ଣ ଆଡଭାନୀଙ୍କ ସହ ତତ୍କାଳୀନ ପ୍ରତିରକ୍ଷାମନ୍ତ୍ରୀ ସ୍ୱର୍ଗତ ଜର୍ଜ ଫର୍ନାଣ୍ଡିଜ୍।

## ଗଙ୍ଗା ଏକ୍ସପ୍ରେସ୍‌ୱେକୁ ଯୋଗୀ କ୍ୟାବିନେଟ୍‌ର ମଞ୍ଜୁରୀ

**ଆଲ୍ଲାହାବାଦ,୨୯।୧(ପି.ଟି.)**

ଉତ୍ତରପ୍ରଦେଶର ଯୋଗୀ ଆଦିତ୍ୟନାଥ ସରକାର ମଙ୍ଗଳବାର ଏକ ଐତିହାସିକ ନିଷ୍ପତ୍ତି ନେଇଛନ୍ତି। ପ୍ରୟାଗରେ ଚାଲିଥିବା କୁମ୍ଭମେଳାରେ ପ୍ରଥମଥର ପାଇଁ କ୍ୟାବିନେଟ ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ରାଜ୍ୟର ପଶ୍ଚିମ ଜିଲାଗୁଡ଼ିକ ମଧ୍ୟରେ ଯୋଗାଯୋଗ ବ୍ୟବସ୍ଥାକୁ ସୁଦୃଢ଼ କରିବା ଲାଗି ଗଙ୍ଗା ଏକ୍ସପ୍ରେସ୍‌ୱେକୁ ମଞ୍ଜୁରୀ ପ୍ରଦାନ କରାଯାଇଛି। ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ବୈଠକରେ ଅଧ୍ୟକ୍ଷତା କରି ୬୦୦ କି.ମି. ଲମ୍ବ ବିଶିଷ୍ଟ ବିଶ୍ୱର ଏହି ଦୀର୍ଘତମ ଏକ୍ସପ୍ରେସ୍‌ୱେ ନିର୍ମାଣ ପାଇଁ ଅନୁମତି ଦେଇଛନ୍ତି। ଏଥିଲାଗି ୬,୫୫୬ ହେକ୍ଟର ଜମି ଅଧିଗ୍ରହଣ କରାଯିବ। ଏହି ପ୍ରକଳ୍ପରେ ୩୬,୦୦୦ କୋଟି ଟଙ୍କା ଖର୍ଚ୍ଚ ହେବ ବୋଲି ଆକଳନ କରାଯାଇଛି। ଏହା ପୂର୍ବରୁ ଯୋଗୀ ଆଦିତ୍ୟନାଥ ଓ ତାଙ୍କ କ୍ୟାବିନେଟ ମନ୍ତ୍ରୀମାନେ ସଙ୍ଗମରେ ପବିତ୍ର ବୁଡ଼ ପକାଇଥିଲେ।



## ସ୍ୱାଗତ କଲା ଭିଏଚ୍‌ପି

**ନୂଆଦିଲ୍ଲୀ,୨୯।୧(ପି.ଟି.):** ଅଯୋଧ୍ୟାସ୍ଥିତ ନିର୍ବିବାଦୀୟ ଜମି ମୂଳ ମାଲିକଙ୍କୁ ଫେରାଯାଉ ବୋଲି କେନ୍ଦ୍ର ସରକାର ସୁପ୍ରିମକୋର୍ଟରେ ରିଟ୍ ପିଟିଶନ ଦାଏର କରିବା ପରେ ବିଶ୍ୱହିନ୍ଦୁ ପରିଷଦ (ଭିଏଚ୍‌ପି) ପକ୍ଷରୁ ଏହାକୁ ସ୍ୱାଗତ କରାଯାଇଛି। ଭିଏଚ୍‌ପି କାର୍ଯ୍ୟକାରୀ ଅଧକ୍ଷ ଆଲୋକ କୁମାର ଏକ ବିବୃତିରେ କହିଛନ୍ତି, ରାମ ଜନ୍ମଭୂମି ନ୍ୟାସ ରାମମନ୍ଦିର ନିର୍ମାଣ ପାଇଁ ଏହି ଜମି ହାସଲ କରିଛି। ଏହି ଜମି ରାମ ଜନ୍ମଭୂମି ନ୍ୟାସର। ଏହାକୁ ନେଇ କିଛି ବିବାଦ ନାହିଁ। କେନ୍ଦ୍ର ସରକାର ଏହାକୁ ଫେରାଇବା ଲାଗି ନେଇଥିବା ପଦକ୍ଷେପ ସ୍ୱାଗତଯୋଗ୍ୟ। ସୁପ୍ରିମକୋର୍ଟ ଏମ୍. ଇସ୍‌ମାଇଲ୍ ମାମଲାରେ ଏହି ଜମି ମୂଳ ମାଲିକଙ୍କୁ ଫେରାଇବା ପାଇଁ କହିଥିଲେ। ଏବେ କେନ୍ଦ୍ରର ପିଟିଶନ ପରେ ସର୍ବୋଚ୍ଚ ଅଦାଲତ ଏଦିଗରେ ତୁରନ୍ତ ନିଷ୍ପତ୍ତି ନେବେ ବୋଲି ଆଶା।



## ପ୍ରଶ୍ନ ଉଠାଇଲା କଂଗ୍ରେସ

**ନୂଆଦିଲ୍ଲୀ,୨୯।୧(ପି.ଟି.):** ଅଯୋଧ୍ୟା ଜମି ଫେରସ୍ତ ପାଇଁ ସର୍ବୋଚ୍ଚ ଅଦାଲତରେ କେନ୍ଦ୍ରର ପିଟିଶନ ଦାଏର ସମୟକୁ ନେଇ ପ୍ରଶ୍ନ ଉଠାଇଛି କଂଗ୍ରେସ। ସାଧାରଣ ନିର୍ବାଚନର ଦୁଇମାସ ପୂର୍ବରୁ କେନ୍ଦ୍ର ଏଭଳି ପଦକ୍ଷେପ ନେଇଥିବାରୁ ଏହା ପଛର ଉଦ୍ଦେଶ୍ୟ ନେଇ ଲୋକେ ନିଷ୍ପତ୍ତି ନେବେ ବୋଲି କଂଗ୍ରେସ ପକ୍ଷରୁ କୁହାଯାଇଛି। କଂଗ୍ରେସ ମୁଖପାତ୍ର ଅଭିଷେକ ମନୁ ସିଂଘଭୀ କହିଛନ୍ତି, ବିବାଦୀୟ ଜମି ଚାରିପାର୍ଶ୍ୱରେ ଥିବା ନିର୍ବିବାଦୀୟ ଜମି ଉପରେ ସ୍ଥିତାବସ୍ଥା ବଜାୟ ରଖିବା ପାଇଁ ୨୦୦୩ର ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ସେହି ରାୟର ୧୬ ବର୍ଷ ପରେ ନିର୍ବିବାଦୀୟ ଜମି ମୂଳ ମାଲିକଙ୍କୁ ଫେରାଇ ଦେବାକୁ କେନ୍ଦ୍ର ଅନୁମତି ଲୋଡ଼ିଛି। ତାହା ଗ୍ରହଣୀୟ ହେବ କି ନାହିଁ ସୁପ୍ରିମକୋର୍ଟ ବିଚାର କରିବେ। କିନ୍ତୁ ଏଭଳି ସମୟରେ ଏହି ପଦକ୍ଷେପ କାହିଁକି ନିଆଯାଉଛି ବୋଲି ସେ ପ୍ରଶ୍ନ କରିଛନ୍ତି।



## ଫୁର୍‌ସତ

## ଇଣ୍ଡୋନେସିଆର ବିରଳ ଫଳ

**ଜାକର୍ତ୍ତା**



ଇଣ୍ଡୋନେସିଆରେ ଏକ ବିରଳ ଫଳ ୧,୦୦୦ ଆମେରିକୀୟ ଡଲାରରେ ବିକ୍ରି ହୋଇଛି। 'ଜେ-କୁଇନ୍' ପ୍ରଜାତିର ଏହି ଫଳ ପଶ୍ଚିମ ଜାଭାର ଟାସିକମାଲୟର ଏକ ଶପିଂ ସେଣ୍ଟରରେ ପ୍ରଦର୍ଶନ ପାଇଁ ରଖାଯାଇଥିଲା। ଏହି ବିରଳ ପ୍ରଜାତିର ଫଳ ସମ୍ପର୍କରେ ସୋସିଆଲ ମିଡିଆରେ ପ୍ରସାର ହୋଇଯିବା ପରେ ଏହାକୁ ଦେଖିବା ପାଇଁ ସ୍ଥାନୀୟ ଲୋକମାନେ ଭିଡ ଜମାଇବା ସହିତ ଏହାର ଫଟୋଗ୍ରାଫ୍ ମଧ୍ୟ ନେଇଥିଲେ। ଏହି ଫଳ ଦକ୍ଷିଣ-ପୂର୍ବ ଏସିଆରେ ବହୁଳ ମାତ୍ରାରେ ଫଳେ। ଇଣ୍ଡୋନେସିଆର ୩୨ବର୍ଷ ବୟସ୍କ ବ୍ୟକ୍ତି ଆକା ଏହି ନୂତନ ଏବଂ ବିରଳ ପ୍ରଜାତିର ଦୁରିୟାନ୍ ଫଳ ଫଳାଇଥିବା ଦାବି କରନ୍ତି। ସେ ଇଣ୍ଡୋନେସିଆର ପୃଥକ୍ ଅଞ୍ଚଳରୁ ଦୁଇଟି ଉନ୍ନତ କିସମର ମଞ୍ଜି ଆଣି କ୍ରସ୍‌ବ୍ରିଡିଂ ଦ୍ୱାରା ଏହାକୁ ଫଳାଇଥିବା କହିଛନ୍ତି। ଜେ-କୁଇନ୍ ବୃକ୍ଷ ପ୍ରତି ୩ବର୍ଷରେ ଥରେ ଫଳ ଧରୁଥିବା ସେ ସୂଚନା ଦେଇଛନ୍ତି।

## ପାକିସ୍ତାନର ପ୍ରଥମ ହିନ୍ଦୁ ମହିଳା ବିଚାରପତି ସୁମନ କୁମାରୀ

**ଇସଲାମାବାଦ/କରାଚୀ**



ମୁସଲମାନ ବହୁଳ ପାକିସ୍ତାନରେ ସୁମନ କୁମାରୀ ପ୍ରଥମ ହିନ୍ଦୁ ମହିଳା ବିଚାରପତି ହେବାର ସୌଭାଗ୍ୟ ଲାଭ କରିଛନ୍ତି। ସୁମନ ହେଉଛନ୍ତି ସିନ୍ଧ୍ ପ୍ରଦେଶର କମାରଶାହବାଦ୍ କୋଟ୍ ଅଞ୍ଚଳର ବାସିନ୍ଦା। ସେ ନିଜ ଜିଲାରେ ସିଭିଲ ଜଜ୍ ଭାବରେ ନିଯୁକ୍ତି ପାଇଛନ୍ତି। ସେ ହାଇଦ୍ରାବାଦ୍‌ରୁ ଏଲ୍‌ଏଲ୍‌ବି ପାଶ୍ କରିବା ସହିତ କରାଚୀର ସାବିଷ୍ଟ ୟୁନିଭର୍ସିଟିରୁ ଆଇନରେ ମାଷ୍ଟର ଡିଗ୍ରୀ ହାସଲ କରିଛନ୍ତି। ସେ ଆଇନ କ୍ଷେତ୍ରରେ ପ୍ରବେଶ କରିବାର କାରଣ ହେଉଛି ସିନ୍ଧ୍ ପ୍ରଦେଶ ଭଳି ଏକ ଅନୁନ୍ନତ ଅଞ୍ଚଳରେ ଗରିବ ଲୋକମାନେ ତାଙ୍କଠାରୁ ଆଇନଗତ ସହାୟତା ଓ ପରାମର୍ଶ ପାଇପାରିବେ। ପାକିସ୍ତାନର ସଂଖ୍ୟାଲଘୁ ହିନ୍ଦୁ ସମାଜରୁ ଜଣେ ଝିଅ ଆଇନ କ୍ଷେତ୍ରକୁ ପ୍ରବେଶ କରିବା ସହଜ ନୁହେଁ। ଏଥିପାଇଁ ତାଙ୍କ ପିତା ଓ ପରିବାର ଅଧିକ ସହାୟତା ଓ ସମର୍ଥନ ଯୋଗାଇ ଦେଇଥିବା ସୁମନ ପ୍ରକାଶ କରିଛନ୍ତି। ହିନ୍ଦୁ ସମାଜର ବିଶେଷକରି ଗରିବ ଲୋକଙ୍କୁ ତାଙ୍କ ଝିଅ ମାଗଣାରେ ଆଇନଗତ ସହାୟତା ଯୋଗାଇଦେଉ ବୋଲି ପିତା ଡକ୍ଟର ପଓ୍ୱନ କୁମାର ବୋଦାନ ଇଚ୍ଛା କରନ୍ତି। ସୁମନ ଏକ ଚ୍ୟାଲେଞ୍ଜ ସୃଷ୍ଟିକାରୀ ପଦକ୍ଷେପ ନେଇଛନ୍ତି। କଠିନ ପରିଶ୍ରମ ଓ ସାଧୁତା ଦ୍ୱାରା ଝିଅ ଲକ୍ଷ୍ୟସ୍ଥଳରେ ପହଞ୍ଚି ପାରିବ ବୋଲି ତାଙ୍କ ପିତା ମତ ଦେଇଛନ୍ତି। ପିତା ବୋଦାନ ଜଣେ ଚକ୍ଷୁ ବିଶେଷଜ୍ଞ। ସୁମନଙ୍କ ବଡଭଉଣୀ ଜଣେ ସଫ୍ଟୱେର ଇଞ୍ଜିନିୟର ଏବଂ ଅନ୍ୟ ଜଣେ ଭଉଣୀ ଚାଟାର୍ଡ ଆକାଉଣ୍ଟାଣ୍ଟ।



ମଙ୍ଗଳବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

### କେମିତି ରହିବ ଆଜିର ପାଗ

**ରାଜ୍ୟ–**ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ପାଗ ମୁଖ୍ୟତଃ ଶୁଖିଲା ରହିବା ସମ୍ଭାବନା ଅଛି।

**ସ୍ଥାନୀୟ ଅଞ୍ଚଳ–**ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ମେଘମୁକ୍ତ ରହିବ। ବୁଧବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୨୮ ଡିଗ୍ରୀ ଏବଂ ସର୍ବନିମ୍ନ ୧୩ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି।

ମଙ୍ଗଳବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୨୬.୬ | ୧୪.୫ |
| ଚାନ୍ଦବାଲି | ୨୫.୮ | ୧୫.୮ |
| କଟକ | ୨୬.୫ | ୧୪.୬ |
| ପାରାଦ୍ୱୀପ | ୨୫.୩ | ୧୭.୧ |
| ଭୁବନେଶ୍ୱର | ୨୭.୨ | ୧୪.୯ |
| ଗୋପାଳପୁର | ୨୭.୮ | ୧୬.୫ |
| ପୁରୀ | ୨୬.୬ | ୧୬.୮ |
| ଅନୁଗୋଳ | ୨୫.୭ | ୧୩.୬ |
| ବାରିପଦା | ୨୫.୦ | ୧୫.୨ |
| ଝାରସୁଗୁଡ଼ା | ୨୫.୬ | ୧୨.୦ |
| କେନ୍ଦୁଝର | ୨୨.୭ | ୧୩.୩ |
| ସମ୍ବଲପୁର | ୨୫.୫ | ୧୩.୦ |
| ସୁନ୍ଦରଗଡ଼ | --- | ୧୦.୫ |
| ହୀରାକୁଦ | ୨୫.୯ | ୧୪.୫ |
| ତାଳଚେର | --- | ୧୩.୫ |
| ଭବାନୀପାଟଣା | ୨୪.୦ | ୧୩.୦ |
| ବଲାଙ୍ଗୀର | ୨୫.୦ | ୧୩.୮ |
| କୋରାପୁଟ | --- | ୧୧.୪ |
| ଫୁଲବାଣୀ | --- | --- |
| ଟିଟିଲାଗଡ଼ | --- | ୧୨.୫ |
| ମାଲକାନଗିରି | ୨୮.୫ | ୧୧.୦ |
| ସୋନପୁର | ୨୪.୮ | ୧୨.୨ |
| ଦାରିଙ୍ଗିବାଡ଼ି | ୨୧.୫ | ୧୧.୫ |
| ଢେଙ୍କାନାଳ | --- | --- |

ଡିଗ୍ରୀ ସେଲ୍‌ସିୟସ୍

## ସେଲ୍‌ଫି ପଠାଇଲା କ୍ୟୁରିଓସିଟି

**ୱାଶିଂଟନ୍**



ନାସାର କ୍ୟୁରିଓସିଟି ରୋଭର ଶେଷଥର ଲାଗି ମଙ୍ଗଳର ପରିବେଶରେ ଉଠାଇଥିବା ସେଲ୍‌ଫି ଫଟୋ ନାସାର ହସ୍ତଗତ ହୋଇଛି। ଏହି ରୋବୋଟିକ୍ ଅନୁସନ୍ଧାନକାରୀ ସ୍ପେସ୍‌କ୍ରାଫ୍ଟ ଦୀର୍ଘ ବର୍ଷେରୁ ଅଧିକ ସମୟ ହେଲା ଉକ୍ତ ପରିବେଶରେ ରହି ଆସୁଥିବା ଆମେରିକାର ମହାକାଶ ଗବେଷଣା ସଂସ୍ଥା ପକ୍ଷରୁ କୁହାଯାଇଛି। ମଙ୍ଗଳର ଭେରା ରୁବିନ ରେଜ୍‌ରୁ କାର୍ ଆକୃତିର ଏହି ରୋଭର ନମୁନା ସଂଗ୍ରହ କରିବା ପରେ ବର୍ତ୍ତମାନ ମାଉଣ୍ଟ ଶାର୍ପର ମୃତ୍ତିକା ଥିବା ଅଞ୍ଚଳରେ ଅବତରଣ କରିବ। ଗତବର୍ଷ ଡିସେମ୍ବର ୧୫ରେ ରକ୍ ହଲ୍ କୁହାଯାଉଥିବା ସ୍ଥାନରେ କ୍ୟୁରିଓସିଟି ଡ୍ରିଲ୍ କରି ୧୯ତମ ନମୁନା ସଂଗ୍ରହ କରିଥିଲା। ଜାନୁୟାରୀ ୧୫ରେ ଉକ୍ତ ସ୍ପେସ୍‌କ୍ରାଫ୍ଟ ଏହାର ମାର୍ସ ହ୍ୟାଣ୍ଡ ଲେନ୍ସ ଇମେଜର (ଏମଏଚଏଲ୍‌ଆଇ) ବ୍ୟବହାର କରି ୫୭ଟି ଫଟୋ ଉତ୍ତୋଳନ କରିଥିଲା। ଏଗୁଡିକୁ ସମ୍ମିଳିତ କରି ଏକ ଫଟୋଚିତ୍ର ପ୍ରସ୍ତୁତ କରାଯାଇଛି। କ୍ୟୁରିଓସିଟି ୨୦୧୭ ସେପ୍ଟେମ୍ବରରୁ ମଙ୍ଗଳର ଅସମତଳ ଅଞ୍ଚଳର ଅନୁସନ୍ଧାନ କରିଆସୁଛି। ବର୍ତ୍ତମାନ ଏହା କାଦୁଅ ଓ ମାଟିଥିବା ଅଂଶରେ ଅବତରଣ କରି ଏହାର ଅନୁସନ୍ଧାନ ଜାରି ରଖିବ। ଉକ୍ତ ସ୍ପେସ୍‌କ୍ରାଫ୍ଟ ଅନୁସନ୍ଧାନ ସମୟରେ ରୋବୋଟିକ୍ ଆର୍ମ ବ୍ୟବହାର କରୁଥିବାରୁ ଏହାକୁ ରୋବୋଟିକ୍ ଏକ୍ସପ୍ଲୋରର୍ କୁହାଯାଉଛି।

ଧରିତ୍ରୀର ବିଭିନ୍ନ ଅଫିସ ଓ ପ୍ରତିନିଧିଙ୍କ ଟେଲିଫୋନ ନମ୍ବର

ଭୁବନେଶ୍ୱର–(Code.0674) 2580101(Advt.), 2549302(News), Fax No. 2549795.Dharitri, ନୂଆଦିଲ୍ଲୀ–(011)23329821, 23329822, ନୂଆଦିଲ୍ଲୀ ପ୍ରତିନିଧି–09999032822, କଟକ ଅଫିସ–(0671)2321004, 2322004, ସମ୍ବଲପୁର–(0663) 2405816, ଢେଙ୍କାନାଳ ଅଫିସ–(06762)224254, ଫୁଲବାଣୀ ଅଫିସ–(06842)253116, 9438367053, ବଲାଙ୍ଗୀର ଅଫିସ–(06652)234333, ବରଗଡ ଅଫିସ–(06646)234789, ଅନୁଗୋଳ–(06764)237556, (ତାଳଚେର–(06760)241177, ରାଉରକେଲା ଅଫିସ–(0661)2643242, ସୁନ୍ଦରଗଡ଼–9437346088, ଯାଜପୁର ଅଫିସ–8895242449, ପାରାଦୀପ–(06722)221081, ବାଲେଶ୍ୱର ଅଫିସ–(06782)240604, ବାରିପଦା ଅଫିସ–9437018073, ଭବାନୀପାଟଣା–9437153870, ରାୟଗଡା ଅଫିସ–(06856)225625, 9437090496, କୋରାପୁଟ ଅଫିସ–06852252599, ଜୟପୁର–9437182105, ନବରଙ୍ଗପୁର–9437119068, ସୋନପୁର–9438739383, ଯାଜପୁର ରୋଡ଼–(06726)265030, ଖୋର୍ଦ୍ଧା ଅଫିସ–(06755)223444, ପୁରୀ ଅଫିସ–(06752)221922, ଆସ୍କା–(06822)273440, 272144, କେନ୍ଦୁଝର–9437197395, ଜଗତ୍‌ସିଂହପୁର ଅଫିସ–(06724)224030, 8763968203, ନୟାଗଡଅଫିସ–(06753)252710, ଭଦ୍ରକଅଫିସ–(06784)242101, ନୂଆପଡ଼ାଅଫିସ–(06678)223068, ଝାରସୁଗୁଡ଼ାଅଫିସ–(06645)272799, ଦେବଗଡ–9437121562, କେନ୍ଦ୍ରାପଡ଼ାଅଫିସ–06727233825, ପାରଳାଖେମୁଣ୍ଡି–9437140002.

DHARITRI

ବ୍ରହ୍ମପୁର, ବୁଧବାର, ଜାନୁୟାରୀ ୩୦/୨୦୧୯ | Berhampur, Wednesday, January 30/ 2019 | ପୃଷ୍ଠା-୧



## ମନ୍ଧାନା ଦେଲେ ସିରିଜ ଭେଟି

ସ୍ମୃତି ମନ୍ଧାନାଙ୍କ ଅପରାଜିତ ୯୦ ରନ ବଳରେ ଭାରତୀୟ ମହିଳା କ୍ରିକେଟ ଦଳ ୨ୟ ଦିନିକିଆରେ ନ୍ୟୁଜିଲାଣ୍ଡକୁ ୮ ଉଇକେଟ୍‌ରେ ପରାସ୍ତ କରି ସିରିଜକୁ ଆଗୁଆ କବ୍‌ଜା କରିଛି। **୧୭**

**୦୬** ## 'ଏକ୍ ଲଡ୍‌କୀ କୋ...' ସେଟ୍‌ରେ ସ୍ଥିର ହୋଇଥିଲା ବିବାହ: ସୋନମ୍

ଆଗାମୀ ଫିଲ୍ମ 'ଏକ୍ ଲଡ୍‌କୀ କୋ ଦେଖା ତୋ ଐଶା ଲଗା'ର ଶୁଟିଂ ଚାଲିଥିବା ବେଳେ ଆନନ୍ଦ ଆହୁଜାଙ୍କ ସହିତ ତାଙ୍କର ବାହାଘର ସ୍ଥିର ହୋଇଥିଲା ବୋଲି ଅଭିନେତ୍ରୀ ସୋନମ୍ କପୁର ପ୍ରକାଶ କରିଛନ୍ତି।



## ଜର୍ଜ ଫର୍ଣ୍ଣାଣ୍ଡିଜ୍‌ଙ୍କ ପରଲୋକ



ନୂଆଦିଲ୍ଲୀ,୨୯।୧(ପି.ଟି.): ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ଆଜୀବନ ସମାଜବାଦୀ ନେତା ଜର୍ଜ ଫର୍ଣ୍ଣାଣ୍ଡିଜ୍ ଆଉ ନାହାନ୍ତି। ନୂଆଦିଲ୍ଲୀସ୍ଥିତ ତାଙ୍କ ବାସଭବନରେ ମଙ୍ଗଳବାର ସକାଳେ ତାଙ୍କର ପରଲୋକ ହୋଇଛି। ଫର୍ଣ୍ଣାଣ୍ଡିଜ୍‌ଙ୍କୁ ୮୮ ବର୍ଷ ହୋଇଥିଲା। ଫର୍ଣ୍ଣାଣ୍ଡିଜ୍ ଅଲ୍‌ଜାଇମର ରୋଗରେ ପୀଡ଼ିତ ହେବା ପରେ ଅନେକ ବର୍ଷ ଧରି ଜନସାଧାରଣଙ୍କ ନଜର ଆଢୁଆଳରେ ରହିଯାଇଥିଲେ। ନିକଟରେ ସେ ସ୍ୱାଇନ୍ ଫ୍ଲୁ ଭୂତାଣୁ ଦ୍ୱାରା ସଂକ୍ରମିତ ହୋଇଥିବା ଫର୍ଣ୍ଣାଣ୍ଡିଜ୍‌ଙ୍କ ଘନିଷ୍ଠ ସହଯୋଗୀ ଜୟା ଜେଟ୍‌ଲୀ ସୂଚନା ଦେଇଛନ୍ତି। ☞ପୃଷ୍ଠା-୨

ବିଜେଡି କାଉନସିଲର ହତ୍ୟା ମାମଲା

## ଗୋଲକ, ଭୃଗୁଙ୍କୁ ପୋଲିସର ନୋଟିସ



ଛତ୍ରପୁର,୨୯।୧(ଡି.ଏନ.ଏ):ଗଞ୍ଜାମ ଜିଲା ଛତ୍ରପୁର ଏନଏସି ବିଜେଡି କାଉନସିଲର ଲକ୍ଷ୍ମୀଦତ୍ତ ପ୍ରଧାନ ହତ୍ୟା ମାମଲାରେ ଭାଜପା ମୁଖପାତ୍ର ଗୋଲକ ମହାପାତ୍ର ଓ ସାଧାରଣ ସମ୍ପାଦକ ଭୃଗୁ ବକ୍ସିପାତ୍ରଙ୍କୁ ପୋଲିସ ପକ୍ଷରୁ ନୋଟିସ୍ ଜାରି କରାଯାଇଛି। ଆସନ୍ତା ୭ ତାରିଖରେ ଗୋଲକ ଓ ୯ ତାରିଖରେ ଭୃଗୁ ଛତ୍ରପୁର ଥାନାରେ ହାଜର ହେବାକୁ ନୋଟିସ୍‌ରେ କୁହାଯାଇଛି। ୨୦୧୭ ସେପ୍ଟେମ୍ବର ୧୬ ତାରିଖରେ ବିଜେଡି କାଉନସିଲର ଲକ୍ଷ୍ମୀକାନ୍ତଙ୍କୁ ତାଙ୍କ ଘର ଆଗରେ ଖଣ୍ଡାରେ ହାଣି ହତ୍ୟା କରାଯାଇଥିଲା। ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ**

ଜନବାଉଳାକାରୀ ଯୋଜନା

**ଆଜିର ମନ୍ତବ୍ୟ**

"ପିଲାମାନେ ଆମ ଅପୂରଣ ସ୍ୱପ୍ନ ସାକାର କରିବେ ବୋଲି ମା'ବାପା ଆଶା କରିବା ଅନୁଚିତ। –ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ

**କିଛି ତଥ୍ୟ**

୨୦୧୮ ଏପ୍ରିଲ-ଡିସେମ୍ବର ସମୟରେ ଦେଶର ମୋଟ ରପ୍ତାନି ୧୦.୧୮% ବୃଦ୍ଧି ଘଟି ୨୪୫.୪୪ ବିଲିୟନ ଡଲାର ଛୁଇଁଛି। –ଭାରତୀୟ ରପ୍ତାନିକାରୀ ମହାସଂଘ

SUDHAKAR
uPVC WINDOWS AND DOORS
EUROPEAN TECHNOLOGY PROFILE SYSTEMS
WE ARE LOOKING FOR uPVC WINDOWS & DOORS FABRICATORS
CONTACT US
96664 46664
sales.windows@sudhakarind.com

NECC NATIONAL EGG CO-ORDINATION COMMITTEE
29.01.2019
Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 84 | 137 | 147 |
| CTC | 86 | 140 | 150 |
| DKL | 86 | 140 | 150 |
| BDK | 88 | 142 | 152 |
| BLS | 89 | 144 | 154 |
| ANG | 86 | 140 | 150 |

*Conditions Apply
Eggs Retail Price- 51/-Dozen
Issued in the Interest of Consumers





କଟକ ଜିଲା ସାଲେପୁର ନିକଟସ୍ଥ କୁଳିଆ ପଡ଼ିଆରେ ମଙ୍ଗଳବାର ଅନୁଷ୍ଠିତ ଭାଜପାର ବୁଥସ୍ତରୀୟ କର୍ମକର୍ତ୍ତାଙ୍କ ସମ୍ମିଳନୀରେ ଦଳର ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ୍ ଶାହଙ୍କ ସମେତ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ, ରାଜ୍ୟ ଭାଜପା ସଭାପତି ବସନ୍ତ ପଣ୍ଡା।

# ୧୨୦ ନୁହେଁ ୨୧

କଟକ ଅଫିସ, ୨୯।୧

ମିଶନ ୧୨୦ ନୁହେଁ ୨୧ ଦରକାର। ୨୦୧୭ରେ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ୍ ଶାହ ରାଜ୍ୟ ନେତୃବୃନ୍ଦଙ୍କ ଆଗରେ ମିଶନ ୧୨୦ର ଟାର୍ଗେଟ ଦେଇଥିଲେ। ଅର୍ଥାତ୍ ଓଡ଼ିଶାର ମୋଟ ୧୪୭ ବିଧାନସଭା ଆସନ ମଧ୍ୟରୁ ଭାଜପା ୧୨୦ ଆସନରେ ବିଜୟୀ ହେବ ବୋଲି ସେ ଦମ୍ଭ ବାନ୍ଧିଥିଲେ। ୨୦୧୭ ପରଠାରୁ ଶାହ ଯେତେଥର ଓଡ଼ିଶା ଆସିଛନ୍ତି ମିଶନ ୧୨୦ ଟାର୍ଗେଟକୁ ଦୋହରାଇଛନ୍ତି। ଏପରିକି ରାଜ୍ୟ ଭାଜପା ପାଇଁ 'ମିଶନ ୧୨୦' ମୁଖ୍ୟ ସ୍ଲୋଗାନ ପାଲଟିଛି। ହେଲେ ଶାହ ୧୨୦ ଟାର୍ଗେଟକୁ ନିଜେ ଭୁଲି ଯାଇଛନ୍ତି। ଏବେ ୧୨୦ ବଦଳରେ ୨୧ ଆସନ ଉପରେ ସେ ଗୁରୁତ୍ୱ ଦେଇଛନ୍ତି। ଅର୍ଥାତ୍ ରାଜ୍ୟର ମୋଟ ୨୧ ଲୋକ ସଭା ଆସନ ମଧ୍ୟରୁ ଅଧିକରୁ ଅଧିକ ଆସନ ମୋଦିଙ୍କୁ ଦେବାକୁ ଶାହ ମଙ୍ଗଳବାର ସାଲେପୁରଠାରେ କର୍ମୀମାନଙ୍କୁ ଆହ୍ୱାନ ଦେଇଛନ୍ତି। ଦୁଇବର୍ଷ ତଳେ ନିଜେ ଧାର୍ଯ୍ୟ କରିଥିବା ଟାର୍ଗେଟକୁ ଶାହ ପାସୋରିଗଲେ ବୋଲି

- କର୍ମୀଙ୍କ କାନରେ ବିଜୟ ମନ୍ତ୍ର ଫୁଙ୍କିଲେ ଶାହ
- ବିଜେଡି ଓ କଂଗ୍ରେସ ଗୋଟିଏ ମୁଦ୍ରାର ଦୁଇପାର୍ଶ୍ୱ
- ରାଜ୍ୟରେ ପିପିପି ମୋଡ୍‌ରେ ସରକାର ଚାଲିଛି: ଧର୍ମେନ୍ଦ୍ର

ରାଜନୈତିକ ମହଲରେ ଚର୍ଚ୍ଚା ଜୋର ଧରିଛି।

ଭାଜପା ପକ୍ଷରୁ କଟକ, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, ଯାଜପୁର ଲୋକ ସଭା ଆସନ ଅଧୀନ ବୁଥସ୍ତରୀୟ କର୍ମକର୍ତ୍ତାଙ୍କ ସମ୍ମିଳନୀ ସାଲେପୁର ନିକଟସ୍ଥ କୁଳିଆ ପଡ଼ିଆରେ ମଙ୍ଗଳବାର ଅନୁଷ୍ଠିତ ହୋଇଥିଲା। ଏଥିରେ ଶାହ ଯୋଗଦେଇ ୨୦୧୯ରେ ନରେନ୍ଦ୍ର ମୋଦିଙ୍କୁ ପ୍ରଧାନମନ୍ତ୍ରୀ କରିବା ପାଇଁ ଓଡ଼ିଶାବାସୀଙ୍କ ସହାୟତା ଲୋଡ଼ିଥିଲେ। ଏହାସହ ଓଡ଼ିଆ କହୁଥିବା ଜଣେ ବ୍ୟକ୍ତିଙ୍କୁ ମୁଖ୍ୟମନ୍ତ୍ରୀ କରିବା ପାଇଁ ଉପସ୍ଥିତ କାର୍ଯ୍ୟକର୍ତ୍ତାଙ୍କୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ସେ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କୁ ମନେପକାଇଥିଲେ। ମଧୁବାବୁ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ପାଇଁ ଲଢ଼େଇ କରୁଥିଲେ। ଭାଜପା ନୂଆ ଓଡ଼ିଶା ଗଢ଼ିବାର ସଂକଳ୍ପ ନେଇ ଲଢ଼େଇ କରୁଛି। ତେଣୁ ଓଡ଼ିଆ ଭାଷା ସଂସ୍କୃତିକୁ ଶିଖରରେ ପହଞ୍ଚାଇବା ପାଇଁ ଭାଜପା ସରକାରକୁ ଆସିଲେ ଉଦ୍ୟମ କରିବ ବୋଲି ଶାହ କହିଥିଲେ। ସେ ଓଡ଼ିଶାକୁ କେନ୍ଦ୍ରରୁ ଆସିଥିବା ଅନୁଦାନର ହିସାବ ମଧ୍ୟ ଦେଇଥିଲେ। ଓଡ଼ିଶାରେ ଆୟୁଷ୍ମାନ୍ ଭାରତ କାର୍ଯ୍ୟକାରୀ ନ ହେବା ପଛରେ ସେ ମୁଖ୍ୟମନ୍ତ୍ରୀଙ୍କୁ ଦାୟୀ କରିଥିଲେ। ଏହାଦ୍ୱାରା ଓଡ଼ିଶାର ବହୁସଂଖ୍ୟକ ଗରିବ ଏକ କଲ୍ୟାଣକାରୀ ଯୋଜନାରୁ ବଞ୍ଚିତ ହେଉଛନ୍ତି ବୋଲି କହିଥିଲେ। ସେହିପରି ଓଡ଼ିଶା ଖଣିଜ ସମ୍ପଦରେ ଭରା, ହେଲେ ଓଡ଼ିଆ ଗରିବ। ଓଡ଼ିଶାରେ ଯୁବକ ଅଛନ୍ତି, ହେଲେ ସେମାନଙ୍କର ବିକାଶ ହେଉନି। କାରଣ ଏଠାକାର ସରକାର ବିକାଶ କରିଜାଣିନାହାନ୍ତି। ଭାଜପା ଓଡ଼ିଶାରେ କ୍ଷମତାକୁ ଆସିଲେ ☞ପୃଷ୍ଠା-୨

## ■ସୁପ୍ରିମକୋର୍ଟଙ୍କୁ କେନ୍ଦ୍ରର ଅନୁରୋଧ

# ମୂଳ ମାଲିକଙ୍କୁ ଫେରାଯାଉ ୬୭ ଏକର ନିର୍ବିବାଦୀୟ ଜମି

ନୂଆଦିଲ୍ଲୀ,୨୯।୧(ପି.ଟି.)

ଅଯୋଧ୍ୟା ମାମଲାରେ ଚାପର ସମ୍ମୁଖୀନ ହେଉଥିବା କେନ୍ଦ୍ର ସରକାର ମଙ୍ଗଳବାର ଏହି ପ୍ରସଙ୍ଗରେ ଏକ ବଡ଼ ନିଷ୍ପତ୍ତି ନେଇଛନ୍ତି। ଅଯୋଧ୍ୟାସ୍ଥିତ ନିର୍ବିବାଦୀୟ ଜମିକୁ ମୂଳ ମାଲିକଙ୍କୁ ଫେରାଇ ଦେବା ପାଇଁ ସୁପ୍ରିମକୋର୍ଟରେ କେନ୍ଦ୍ର ପକ୍ଷରୁ ଦାଏର ଏକ ପିଟିଶନରେ ଦାବି କରାଯାଇଛି। ୧୯୯୧ରୁ ୧୯୯୩ ମଧ୍ୟରେ ସରକାର ବିବାଦୀୟ ସ୍ଥଳ ଓ ଏହାର ଆଖପାଖରେ ୬୭ ଏକର ଜମି ଅଧିଗ୍ରହଣ କରିଥିଲେ। ୨୦୦୩ରେ ସୁପ୍ରିମକୋର୍ଟ ଏହା ଉପରେ ସ୍ଥିତାବସ୍ଥା ବଜାୟ ରଖିବାକୁ ନିର୍ଦ୍ଦେଶ ଦେଇଥିଲେ। ତେବେ ବିବାଦୀୟ ସ୍ଥଳ ଆଖପାଖରେ ଅଧିଗୃହୀତ ଅତିରିକ୍ତ ଭୂମିକୁ ଏକ ହିନ୍ଦୁ ଟ୍ରଷ୍ଟ ଓ ଅନ୍ୟ ମୂଳ ମାଲିକମାନଙ୍କୁ ଫେରାଇ ଦେବା ପାଇଁ କେନ୍ଦ୍ର ସରକାର ଏବେ ସର୍ବୋଚ୍ଚ ଅଦାଲତଙ୍କ ଅନୁମତି ମାଗିଛନ୍ତି। ସାଧାରଣ ନିର୍ବାଚନ ପୂର୍ବରୁ କେନ୍ଦ୍ରର ଏହି ନିଷ୍ପତ୍ତିକୁ ବିଶ୍ୱହିନ୍ଦୁ ପରିଷଦ (ଭିଏଚ୍‌ପି) ସ୍ୱାଗତ କରିଛି। ସରକାର ଏବେ ଉଚିତ ଦିଗରେ ପଦକ୍ଷେପ ନେଇଛନ୍ତି ବୋଲି ଭିଏଚ୍‌ପି ପକ୍ଷରୁ କୁହାଯାଇଛି।

ଉତ୍ତରପ୍ରଦେଶର ଅଯୋଧ୍ୟାରେ ରାମ ଜନ୍ମଭୂମି-ବାବ୍ରି ମସ୍‌ଜିଦ ବିବାଦ ୨.୭୭ ଏକର ଜମିକୁ ନେଇ ରହିଛି। ରାମଲାଲା ଏବେ ଏହି ଜମି ଉପରେ ବିରାଜମାନ ଅଛନ୍ତି। ନିର୍ବିବାଦୀୟ ୬୭ ଏକର ଜମି ହିନ୍ଦୁ ସଙ୍ଗଠନଗୁଡ଼ିକୁ ହସ୍ତାନ୍ତର ☞ପୃଷ୍ଠା-୧୪

**ଅଯୋଧ୍ୟା ବିବାଦ**



- ୧୯୯୧ରୁ ୧୯୯୩ ମଧ୍ୟରେ କେନ୍ଦ୍ର ସରକାର ୬୭ ଏକର ଜମି ଅଧିଗ୍ରହଣ କରିଥିଲେ
- ଆଲ୍ଲାହାବାଦ ହାଇକୋର୍ଟ ୨୦୧୦ରେ ୨.୭୭ ଏକର ଜମିକୁ ସମାନ ୩ ଭାଗରେ ବାଣ୍ଟିଦେଇଥିଲେ
- ହାଇକୋର୍ଟଙ୍କ ଏହି ରାୟ ବିରୋଧରେ ଦାଏର ୧୪ଟି ଆବେଦନର ଶୁଣାଣି ସୁପ୍ରିମକୋର୍ଟରେ ଚାଲିଛି
- ସରକାର କହିଲେ, ଆମେ ବିବାଦୀୟ ଜମିକୁ ଛୁଉଁନାହୁଁ

# ଅତନୁ, ଅରୁଣଙ୍କୁ ସିବିଆଇ ନୋଟିସ

ଭୁବନେଶ୍ୱର,୨୯।୧ (ବ୍ୟୁରୋ)

ସି-ଶୋର୍ ଚିଟ୍‌ଫଣ୍ଡ ଠକେଇ ମାମଲାରେ ଛନ୍ଦି ହୋଇପଡ଼ିଛନ୍ତି ବିଜେଡିର ଦୁଇ ନେତା। ପୂର୍ବତନ ମନ୍ତ୍ରୀ ତଥା ନୟାଗଡ଼ ବିଧାୟକ ଅରୁଣ ସାହୁ ଓ ମହାକାଳପଡ଼ା ବିଧାୟକ ଅତନୁ ସବ୍ୟସାଚୀ ନାୟକଙ୍କୁ ସିବିଆଇ ନୋଟିସ ଜାରି କରିଛି। ଜାନୁୟାରୀ ୨୮ ସୋମବାର ଭୁବନେଶ୍ୱରସ୍ଥିତ ସିବିଆଇ କାର୍ଯ୍ୟାଳୟରେ ହାଜର ପାଇଁ ଅରୁଣଙ୍କୁ ନୋଟିସ ହୋଇଥିଲା। ହେଲେ ସେ ହାଜର ହୋଇ ନ ଥିବା ଜଣାପଡିଛି। ☞ପୃଷ୍ଠା-୨

**ଚିଟ୍‌ଫଣ୍ଡ ଠକେଇ ଲିଙ୍କ୍**





# ୬ ଜିଲାର ୧୮ ଲକ୍ଷଙ୍କୁ ମିଳିବ ବିଶୁଦ୍ଧ ପାନୀୟ ଜଳ

ଭୁବନେଶ୍ୱର,୨୯।୧(ବ୍ୟୁରୋ)

ଗ୍ରାମାଞ୍ଚଳରେ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବା ପାଇଁ ରାଜ୍ୟ ସରକାର ବୃହତ୍ ଯୋଜନା କରିଛନ୍ତି। ୬ ଜିଲାର ୧୬ ବ୍ଲକରେ ବାସ କରୁଥିବା ପ୍ରାୟ ୧୮ ଲକ୍ଷ ଲୋକଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦିଆଯିବ। ଏଥିପାଇଁ ୩୧୮୦.୮୮ କୋଟି ଟଙ୍କା ବ୍ୟୟ କରାଯିବ। ଏଥିଲାଗି ହୋଇଥିବା ଟେଣ୍ଡର ପ୍ରକ୍ରିୟାକୁ ମଙ୍ଗଳବାର ରାଜ୍ୟ କ୍ୟାବିନେଟ ଅନୁମୋଦନ କରିଛି। ସଚିବାଳୟଠାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କ୍ୟାବିନେଟ ବୈଠକରେ ୧୬ଟି ପ୍ରସ୍ତାବକୁ ଅନୁମୋଦନ କରାଯାଇଛି।

ବୈଠକ ଶେଷରେ ଗଣମାଧ୍ୟମକୁ ସୂଚନା ଦେଇ ମୁଖ୍ୟ ଶାସନ ସଚିବ କହିଛନ୍ତି ଯେ, ରାଜ୍ୟ ସରକାର ଗ୍ରାମାଞ୍ଚଳରେ ବାସ କରୁଥିବା ଜନସାଧାରଣଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବାକୁ ଗୁରୁତ୍ୱ ଦେଉଛନ୍ତି। ଏହି କ୍ରମରେ ଭଦ୍ରକ

**କ୍ୟାବିନେଟ ନିଷ୍ପତ୍ତି**

- ବ୍ୟୟ ହେବ ୩୧୮୦ କୋଟି ଟଙ୍କା
- କାଳିଆ ଯୋଜନାରେ ୫ ଲକ୍ଷ ଭୂମିହୀନଙ୍କୁ ଚଳିତ ବର୍ଷ ମିଳିବ ସହାୟତା

ଜିଲାର ବାସୁଦେବପୁର, ତିହିଡ଼ି, ଚାନ୍ଦବାଲି ଓ ଧାମରା ଆଦି ୪ ବ୍ଲକ ଅଧୀନରେ ଥିବା ୫୨୬ ଗ୍ରାମକୁ ପାନୀୟଜଳ ଯୋଗାଇ ଦିଆଯିବ। ଏହି ପ୍ରକଳ୍ପ ପାଇଁ ୭୫୪ କୋଟି ଟଙ୍କାର ଟେଣ୍ଡରକୁ କ୍ୟାବିନେଟ ଅନୁମୋଦନ କରିଛି। ସେହିପରି ମୟୂରଭଞ୍ଜ ଜିଲାର ଖଣି ଦ୍ୱାରା ପ୍ରଭାବିତ ରାଇରଙ୍ଗପୁର ଏବଂ ଯଶିପୁର ବ୍ଲକ ଅନ୍ତର୍ଗତ ୩୩୦ ଗ୍ରାମକୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦିଆଯିବ। ଏଥିପାଇଁ ୪୩୦ କୋଟି ଟଙ୍କାର ଟେଣ୍ଡରକୁ କ୍ୟାବିନେଟ ଅନୁମୋଦନ କରିଛି। କେନ୍ଦୁଝର ଜିଲାର ଖଣି ☞ପୃଷ୍ଠା-୧୪

ସି-ଶୋର ଚିଟ୍‌ଫଣ୍ଡ ଠକେଇ ଲିଙ୍କ୍

## ଏମ୍‌ପି ରବୀନ୍ଦ୍ର ଜେନାଙ୍କୁ ଆଗୁଆ ଜାମିନ

କଟକ ଅଫିସ, ୨୯।୧

ବାଲେଶ୍ୱର ଏମ୍‌ପି ରବୀନ୍ଦ୍ର ଜେନାଙ୍କୁ ହାଇକୋର୍ଟରୁ ଆଗୁଆ ଜାମିନ ମିଳିଛି। ତେବେ ମାମଲାର ତଦନ୍ତ କରୁଥିବା ତଦନ୍ତକାରୀ ଅଧିକାରୀ ଏମ୍‌ପିଙ୍କ ଉପରେ ସର୍ତ୍ତାରୋପ କରିବେ ବୋଲି ବିଚାରପତି ସି.ଆର୍. ଦାସ ଆଦେଶ ଦେଇଛନ୍ତି।

ସି-ଶୋର ଚିଟ୍‌ଫଣ୍ଡ ଠକେଇ ଲିଙ୍କରେ ଏମ୍‌ପି ଜେନାଙ୍କ ବିରୋଧରେ ସିବିଆଇ ମାମଲା ରୁଜୁ କରିଥିଲା। ସି-ଶୋର ସହିତ ଏମ୍‌ପିଙ୍କ ଆର୍ଥିକ କାରବାର ରହିଥିବା ସିବିଆଇ ତଦନ୍ତରୁ ଜାଣିପାରିଥିଲା। ତେବେ ଏହି ମାମଲାରେ ସିବିଆଇ ଗିରଫଦାରିରୁ ବର୍ତ୍ତିବା ପାଇଁ ଏମ୍‌ପି ଜେନା ଆଗୁଆ ଜାମିନ ନିମନ୍ତେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଜାମିନ ଆବେଦନରେ ଏମ୍‌ପି ଦର୍ଶାଇଥିଲେ ଯେ, ସିବିଆଇକୁ ତଦନ୍ତରେ ସେ ସମ୍ପୂର୍ଣ୍ଣ ସହଯୋଗ କରି ଆସିଛନ୍ତି। ସିବିଆଇ ପକ୍ଷରୁ ଏମ୍‌ପିଙ୍କୁ ପଚରାଉଚରା ନିମନ୍ତେ ଦୁଇଥର ଡକାଯାଇଥିଲା। ☞ପୃଷ୍ଠା-୧୪

# ୩ ଥର ନୀତି ବିଳମ୍ବ କଲେ ସେବାରୁ ବିଦା

ପୁରୀ ଅଫିସ,୨୯।୧

କୌଣସି ପରିସ୍ଥିତିରେ ମହାପ୍ରଭୁଙ୍କ ସେବାପୂଜାରେ ବିଳମ୍ବକୁ ବରଦାସ୍ତ କରାଯିବ ନାହିଁ। ପୂର୍ବରୁ ପାଳିଆ ପୁରସ୍କାର ଉପରେ ଏହି ସଂସ୍କାର ଛାଟ ଲଗାଇଥିବା ଶ୍ରୀମନ୍ଦିର ପ୍ରଶାସନ ଏବେ ଆହୁରି କଠୋର ହୋଇଛି। ଯେଉଁ ପାଳିଆ ସେବକ ତିନିଥର ନୀତିରେ ବିଳମ୍ବ କରିବେ ତାଙ୍କୁ ସେବାରୁ ବହିଷ୍କାର କରାଯିବ। ଏପରି କି ଜାଣିଶୁଣି ଯଦି କେହି ଥରେ ବି ବିଳମ୍ବ କରୁଥିବା ଜଣାପଡିବ ତେବେ ଖାଡିବନ୍ଧା ରଦ୍ଦ ସହିତ ତାଙ୍କୁ ମଧ୍ୟ ସେବାରୁ ବିଦା କରାଯିବ। ଏଥିପାଇଁ ପରିଚାଳନା କମିଟି ମୁଖ୍ୟ ପ୍ରଶାସକଙ୍କୁ ଦାୟିତ୍ୱ ଦେଇଛି। ଶ୍ରୀମନ୍ଦିର ପ୍ରଶାସନର ଏହି କଠୋର କାର୍ଯ୍ୟାନୁଷ୍ଠାନ ଉପରେ ମୋହର ଲଗାଇଛି କମିଟି।

**କଠୋର ହେଲା ଶ୍ରୀମନ୍ଦିର ପ୍ରଶାସନ**



- ଇଚ୍ଛାକୃତ ଭାବେ ଥରେ ବିଳମ୍ବ କଲେ ବହିଷ୍କୃତ ହେବେ
- ଡିସେମ୍ବର ୨୮ ବିଶୃଙ୍ଖଳାକାରୀଙ୍କ ବିରୋଧରେ ହେବ ଦୃଢ଼ କାର୍ଯ୍ୟାନୁଷ୍ଠାନ
- ନୀତି ତ୍ୱରାନ୍ୱିତ ପାଇଁ ଧୂପ ସହିତ ଉଠିବ ଭୋଗମଣ୍ଡପ
- ନିୟମିତ ହେବ ଶ୍ରୀମନ୍ଦିର ସ୍ମାରକୀ ମୁଦ୍ରା

ଗଜପତି ମହାରାଜା ଦିବ୍ୟସିଂହ ଦେବଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ପରିଚାଳନା କମିଟି ବୈଠକ ବସିଥିଲା। ପ୍ରାୟ ୩ ଘଣ୍ଟା ଧରି ଚାଲିଥିବା ଏହି ବୈଠକ ଶେଷରେ ମୁଖ୍ୟ ପ୍ରଶାସକ ପ୍ରଦୀପ୍ତ ମହାପାତ୍ର ଗଣମାଧ୍ୟମକୁ କହିଥିଲେ, ବର୍ତ୍ତମାନ ନୀତି ପ୍ରାୟ ଶୃଙ୍ଖଳିତ ଭାବେ ଚାଲିଛି। ଏହି ପ୍ରକ୍ରିୟା ଯେମିତି ଜାରି ରହିବ ତାହା ☞ପୃଷ୍ଠା-୧୪



## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................


ଡୁଗୁଲ୍
ପରିବାରବର୍ଗ


ସଂକିର୍ତ୍ତୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।




### BRIDE WANTED

ମୋର ଭଣଜା, ଜାତି ପାଟରା ବ୍ୟବସାୟ କରୁଥିବା ନାମ- ଅମ୍ବୁଜ ଲେଙ୍କା (ବୟସ ୨୮ ଉଚ୍ଚତା ୫ଫୁଟ ୪ଇଞ୍ଚ)ଙ୍କ ପାଇଁ ଉପଯୁକ୍ତ କନ୍ୟାପାତ୍ରୀ ଆବଶ୍ୟକ। ଯୋଗାଯୋଗ: 9861378997. D-64044

### GROOM WANTED

Beautiful Khandayat girl 1995, 5'3" MBA serving Axis Bank "Sunasansar". 9937512659. D-10815

Now Matrimonial ads. only on Wednesday & Sunday Book 1 Get 1 FREE

Beautiful Kandara girl 1987 Diploma requires serviceholder ODISSI. 9439493111. D-64779

Extremely beautiful Brahmin girl 1989/5'4" MBA require Software Engineer. Barsha. 9338229705, 7749883585. D-64780

Groom wanted for Utkal Brahmin bride age 28+ height 5'6" Rasi- Mina, Debagana M.A in English BED. Sound health groom be Teacher, Lecturer, Engineer or Govt. Service. Contact: 9732563395, 8250378568. D-10798

Wanted Brahmin groom for bride 34/5'3" BSc. MBA arround Bhubaneswar. 9668334861. D-10737

Brahmin, 44 ବର୍ଷ postal assistant 38,000 ଦରମା, ଝିଅ ପାଇଁ ଯେକୌଣସି ଜାତିର ଚାକିରିଆ କିମ୍ବା ବ୍ୟବସାୟିକ ଘରଜ୍ୱାଇଁ ବରପାତ୍ର ଆବଶ୍ୟକ। 9937011734. D-10819

Invited qualified employed Bhubaneswar/ Cuttack based Brahmin groom for qualified fairely beautiful 34+ bride, required for early marriage. 8599044357. D-10802

## classified

### real estate

**SALE**

Plotting project near Patia KIIT University, Bhubaneswar 40" mainroad, 30" subroad, draingage, electrification, instant boundarywall sqft. 1150/-. 6370743007, 6370855152. D-65341

ଭୁବନେଶ୍ୱର Khordha NHରୁ 100' ଦୂରତାରେ BDA plot 400/-ରେ ମିଳୁଅଛି। 9090963952. D-65328

Investment plot in BDA commercial zone Pitapali Chaka, sqft.- 199/-, 9348048204.D-65348

ଭୁବନେଶ୍ୱର ଉତ୍ତରା/ Krupajal ପାଖରେ ଘରବାଡି ପାଚେରି ପ୍ଲଟ ପଟ୍ଟାରୁ ବିକ୍ରିହେବ। 9178660666. D-65528

Bhubaneswar AIIMS Hospital, MOBus stand ନିକଟରେ gharabari plot sale. 8480745797. D-65342

2BHK simplex 15,00,000/- finishing Hanspal, plot- Balianta- NH-203 side. 8093465134. D-65349

ପୁରୀ ବାଟମଙ୍ଗଳା ପାଖ ବାଟଗାଁ ଛକ ନିକଟରେ ସ୍ଥିତିବାନ ଘରବାଡ଼ି ପ୍ଲଟ୍ ପାଚେରି ଇଲେକ୍ଟ୍ରି ସୁବିଧାଥାଇ ଡିସିମିଲ ପ୍ରତି 2.40 ଲକ୍ଷ, ପ୍ରତି ପ୍ଲଟ୍ 2 ଡ଼ିସିମିଲ୍‌ରୁ ଅଧିକ। 8144658008, 8144634252, 9776404801. D-10813

Book flat ready to move within six months with all amenities very few remaining at Patrapada , Bhubaneswar 500 meters from National Highway. Contact: 9238326233, 9040072544. D-38543

ପ୍ଲଟ ବିକ୍ରିହେବ। ମୌଜା ବିଜୟ ଚନ୍ଦ୍ରପୁର, ପାରାଦ୍ୱୀପ ଜମି- ଏ୦- ୨୨ ୧/୨ଡି ଓ ଏ୦- ୨୫ଡି ମୋଟ ଏ୦.୪୭ ୧/୨ଅଧେ ପ୍ଲଟ ୪୭ ଖାତା ୩୭, କଛ ନଂ ୩୧ ବିକ୍ରିହେବ। ଯୋଗାଯୋଗ: 7008727988, 9437318118. D-10818

### to-let

3BHK house for family aerodrome area, Lane-6, Bhubaneswar. 9437082192, 9437119146. D-65603

Two rooms marble 1st floor 1181 Bomikhal Rs. 4500/-, 9437181633.D-10752

GF 1100 sqft. & FF 1500 sqft. space available on rent at Jayadevvihar, Bhubaneswar for commercial purpose. Contact: 9438802628.D-10816

ଭୁବନେଶ୍ୱରରେ ଆଜବେଷ୍ଟସ ଘର 3 phase line ସହ ଖୋଲା ଜାଗା ଆବଶ୍ୟକ। 8018172594.D-59529

### AFFIDAVIT

By virtue of an affidavit before The Notary, Bhubaneswar, I have changed my Name from Abhisekh Sharma to Abhishek Sharma for all future purposes. D-62154

### healthcare

Monalisa massage Club- full body massage with hiprofile smart lady therapist 750/- only. Hurry up ! 9708545108. D-10796

Roshin ayurvedic massage club fully relaxed by smart lady home service facility available. 9937637219. D-64697

### AFFIDAVIT

By virtue of affidavit on dated 22.12.2018 I known as Balodu Laxmidhar, S/o- Balodu Krushnamurty for all purposes. Balodu Laxmidhar. D-64042

By virtue of affidavit on dated 22.12.2018 I known as Balodu Tirupati, S/o- Balodu Krushnamurty for all Purposes. Balodu Tirupati. D-64043

ପାଠକଙ୍କ ପାଇଁ ସୂଚନା: କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ମନେ ପଡ଼ନ୍ତି

### ପ୍ରଥମ ଶ୍ରାଦ୍ଧ ବାର୍ଷିକୀ ଶ୍ରଦ୍ଧାଞ୍ଜଳି



ସର୍ଗତା ହେମଲତା ମହାନ୍ତି
ବାବୁଜଙ୍ଗ, କଟକ
ତିରୋଧାନ ମାଘ କୃଷ୍ଣ ଏକାଦଶୀ
୧୨-୦୧-୨୦୧୮
ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ଆମର ପ୍ରାର୍ଥନା।
ଶୋକ ସନ୍ତପ୍ତ ପୁତ୍ର ମନୋଜ ମୋହନ ମହାନ୍ତି, କୃଷ୍ଣଚନ୍ଦ୍ର ମହାନ୍ତି ଓ ପରିବାର ବର୍ଗ। ଧ-୧୦୮୧୦

### ୨୫ତମ ଶ୍ରାଦ୍ଧବାର୍ଷିକୀ



ସ୍ୱର୍ଗତ ଭାବଗ୍ରାହୀ ଦାସ
ଶ୍ରୀରାମନଗର, ଭୁବନେଶ୍ୱର
ଆବିର୍ଭାବ: ୦୫।୦୪।୧୯୨୬
ତେନ୍ତୁଳିଆ ଶାସନ, ଗଞ୍ଜାମ
ତିରୋଧାନ: ୦୫।୦୨।୧୯୯୪
ଶ୍ରୀରାମ ନଗର, ଭୁବନେଶ୍ୱର
ଚିର ସ୍ମରଣୀୟ
ଚିର ନମସ୍ୟ
ଧର୍ମପତ୍ନୀ: ଚାରୁଲତା ଦାସ, ପରିବାରବର୍ଗ ଏବଂ ବନ୍ଧୁବାନ୍ଧବ। ଧ-୫୮୦୩୪

### ୪ର୍ଥ ଜନ୍ମଦିନ ଶୁଭେଚ୍ଛା



(ଡୁଗୁଲ୍)
ଅରିଜିତ୍ ରଣସିଂହ
ଗୌଡ଼ଛେଲି, କଟକ
ଆଜି ୪ର୍ଥ ଜନ୍ମଦିନରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା ଈଶ୍ୱର ତୋତେ ଦୀର୍ଘାୟୁ କରିବା ସହ ତୋର ଭବିଷ୍ୟତ ଉଜ୍ଜ୍ୱଳ କରନ୍ତୁ। ଶୁଭେଚ୍ଛା ସହ: ବାବା, ମାମା, ବାପା, ବୋଉ, ଜେଜେ, ମା, ଅଜା, ଆଈ, ମାମୁ, ମାଇଁ, ମଉସା, ମାଉସୀ, ଦିଦି, ଭାଇ, ଦାଦା ଏବଂ ବନ୍ଧୁ ପରିବାରବର୍ଗ। ଧ-୬୫୮୦୬

### 3rd Birthday Wish



**Sanskriti Mohapatra**
At/Po- Saranda, Dist.- Bargarh
Wishing you a beautiful day with good health and happiness forever. Happy Birthday. Mohapatra Family. D-10824

### Marriage Anniversary Wish



***Aswini & Jyotshna***
IRC Village, Bhubaneswar
Wishing you another wonderful year of Marital bliss together.Best wishes from: **Gunu & Family**. D-10809

### ବିବାହ ଶୁଭେଚ୍ଛା



ଆୟୁଷ୍ମାନ ଶାନ୍ତନୁ (ପୁପୁନି)
ତୁଳସୀପୁର, ପୁରୀଙ୍କ ସହିତ
ଆୟୁଷ୍ମତୀ ମିଳିଲତା (ପୂଜା)
ରାହାସୋଇ, ଯାଜପୁରଙ୍କ
ଶୁଭବିବାହ ଆଜି
ଶୁଭେଚ୍ଛା ସହ: ସନ୍ତୋଷ ଭାଇନା, ବନ୍ଧୁ ଓ ପରିବାରବର୍ଗ। ଧ-୧୦୮୧୭


**ପ୍ରଥମ ପୃଷ୍ଠାରୁ...**

## ଅତନୁ, ଅରୁଣଙ୍କୁ...

ଅନ୍ୟପକ୍ଷରେ ୩୦ ତାରିଖ ବୁଧବାର ଅତନୁ ସିବିଆଇ କାର୍ଯ୍ୟାଳୟରେ ହାଜର ହେବାକୁ ନୋଟିସ ହୋଇଛି। ଏହି ନୋଟିସ ସଂକ୍ରାନ୍ତରେ ଖବର ସରବରାହ ସଂସ୍ଥା 'ଏଏନ୍‌ଆଇ' ପକ୍ଷରୁ ଟୁଇଟ୍ ମାଧ୍ୟମରେ ସୂଚନା ଦିଆଯାଇଛି। ଆଗକୁ ସାଧାରଣ ନିର୍ବାଚନ ରହିଥିବାବେଳେ ମଙ୍ଗଳବାର ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ଶାହ ଓଡ଼ିଶା ଗସ୍ତରେ ଆସିଥିଲେ। ଏପରିସ୍ଥଳେ ବିଜେଡି ନେତାଙ୍କୁ ହଠାତ୍ ସିବିଆଇର ନୋଟିସକୁ ନେଇ ରାଜବ୍ୟାପୀ ହଟଚମଟ ସୃଷ୍ଟି ହୋଇଛି। କେବଳ ଏହି ଦୁଇ ନେତା ନୁହନ୍ତି, ବିଜେଡିର ଅନ୍ୟ ଦୁଇ ନେତାଙ୍କୁ ମଧ୍ୟ ସିବିଆଇ ନୋଟିସ ହୋଇଥିବା ଚର୍ଚ୍ଚା ହେଉଛି।

ମିଳିଥିବା ସୂଚନାନୁସାରେ, ବିଜେଡିର ପୂର୍ବତନ ରାଜ୍ୟ ସଭା ସଦସ୍ୟ ପ୍ୟାରୀମୋହନ ମହାପାତ୍ରଙ୍କ ସମୟରେ ଅରୁଣ ଓ ଅତନୁ ସି-ଶୋର ଚିଟ୍‌ଫଣ୍ଡ୍ ସଂସ୍ଥାଦ୍ୱାରା ଲାଭବାନ ହୋଇଥିବା ସିବିଆଇ ଖୋଳତାଡ଼ ବେଳେ ଜାଣିବାକୁ ପାଇଥିଲା। ତେଣୁ ସିବିଆଇ ଦୁଇ ନେତାଙ୍କୁ ପଚରାଉଚରା କରିବା ପାଇଁ ନୋଟିସ କରିଥିବା କୁହାଯାଉଛି। ପୂର୍ବରୁ ବିଜେଡି ସମେତ ଅନ୍ୟ ଦଳର ବହୁ ନେତା ଚିଟ୍‌ଫଣ୍ଡ୍ ଠକେଇ ମାମଲାରେ ଛନ୍ଦି ହୋଇଛନ୍ତି। କଟକ ଚୌଦ୍ୱାର ବିଧାୟକ ପ୍ରଭାତ ବିଶ୍ୱାଳ ଓ ମୟୂରଭଞ୍ଜ ଏମ୍‌ପି ରାମଚନ୍ଦ୍ର ହାଁସଦା ଜେଲ୍ ଯାଇଥିବାବେଳେ ବାଲେଶ୍ୱର ଏମ୍‌ପି ରବୀନ୍ଦ୍ର ଜେନାଙ୍କ ସମ୍ପର୍କରେ ସିବିଆଇ ତଦନ୍ତ ଜାରି ରଖିଛି। ଆହୁରି କେତେଜଣ ବିଜେଡି ନେତା ସିବିଆଇର ନଜରରେ ରହିଥିବା କୁହାଯାଉଛି।

ସିବିଆଇ ନୋଟିସ ସଂକ୍ରାନ୍ତରେ ଅତନୁ ଓ ଅରୁଣଙ୍କୁ ମୋବାଇଲ୍ ଫୋନ୍‌ରେ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେମାନେ ଉଠାଇ ନ ଥିଲେ। ତେବେ ସେମାନେ କୌଣସି ନୋଟିସ ପାଇ ନ ଥିବା ବିଜେଡି ମୁଖପାତ୍ର ସସ୍ମିତ ପାତ୍ର କହିଛନ୍ତି। ସିବିଆଇ ଅଧିକାରୀମାନେ ପ୍ରଥମେ ଗଣମାଧ୍ୟମକୁ ଜଣାଇ ଦେଇଥାଇପାରନ୍ତି। ଆଗକୁ ନିର୍ବାଚନ ଥିବାରୁ ସିବିଆଇ ଏଭଳି କରୁଥିବା ଓ ଏହାଦ୍ୱାରା ସିବିଆଇର ବିଶ୍ୱସନୀୟତା ଉପରେ ପ୍ରଶ୍ନ ଉଠୁଥିବା ସେ କହିଛନ୍ତି।

## ଗୋଲକ, ଭୃଗୁଙ୍କୁ ...

ଏହି ମାମଲାରେ ଭାଜପା ନେତା କୃଷ୍ଣ ଚନ୍ଦ୍ର ନାୟକ ଓ ଏନ୍. ଦୁର୍ଯ୍ୟୋଧନ ରେଡ୍ଡୀ ଗିରଫ ହୋଇଥିଲେ। ସେମାନେ ଡେରାଡୁନ୍‌ରେ ରହିବାରେ ଗୋଲକ ସହାୟତା କରିଥିଲେ ବୋଲି ସେମାନେ ପୋଲିସ ଆଗରେ କହିଥିଲେ। ଏହାକୁ ଭିତ୍ତିକରି ଛତ୍ରପୁର ପୋଲିସ ପକ୍ଷରୁ ଗୋଲକଙ୍କୁ ପୂର୍ବରୁ ଥରେ ନୋଟିସ ଜାରି କରାଯାଇଥିଲା। ସେହି ନୋଟିସ ପାଇ ୨୦୧୭ ନଭେମ୍ବର ୧ ତାରିଖରେ ସେ ଥାନାରେ ହାଜର ହୋଇଥିଲେ । ୨ଟି ପର୍ଯ୍ୟାୟରେ ପୋଲିସର ଏକ ଟିମ୍ ୩ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ତାଙ୍କୁ ପଚରାଉଚୁରା କରିଥିଲା। ଅନ୍ୟପକ୍ଷରେ ତାଙ୍କ ବିରୋଧରେ ଆସିଥିବା ଅଭିଯୋଗ ମିଥ୍ୟା ବୋଲି ଗୋଲକ ସେ ସମୟରେ ଗଣମାଧ୍ୟମକୁ କହିଥିଲେ। ଅପରପକ୍ଷରେ ଭୃଗୁ ଅଭିଯୁକ୍ତମାନଙ୍କୁ ଫେରାର କରାଇବାରେ ସହଯୋଗ କରିଥିବାରୁ ତାଙ୍କୁ ନୋଟିସ ଜାରି କରାଯାଇଥିବା ଛତ୍ରପୁର ଏସଡିପିଓ ରମେଶ ଚନ୍ଦ୍ର ସେଠୀ କହିଛନ୍ତି। ହତ୍ୟା ମାମଲାରେ ୧୮ ଜଣଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିଲା। ସେମାନଙ୍କ ମଧ୍ୟରୁ ୨ ଜଣଙ୍କୁ ଜାମିନ ମିଳିଛି। ଅନ୍ୟ କେତେଜଣ ଅଭିଯୁକ୍ତ ଏବେ ବି ଫେରାର ଅଛନ୍ତି। ମାମଲାର ଚାର୍ଜଶିଟ୍ କୋର୍ଟରେ ଦାଖଲ ହୋଇସାରିଛି।

## ଜର୍ଜ ଫର୍ନାଣ୍ଡିଜ୍‌ଙ୍କ ...

ଫର୍ନାଣ୍ଡିଜ୍ ଗୁରୁତର ଥିବା ନେଇ ମଙ୍ଗଳବାର ଘରୋଇ ହସ୍ପିଟାଲ ମ୍ୟାକ୍ସ ହେଲ୍‌ଥକେୟାରକୁ ଫୋନ୍ ଯାଇଥିଲା। ସେଠାରୁ ଆସିଥିବା ଆମ୍ବୁଲାନ୍ସ ତାଙ୍କୁ ନେଇ ହସ୍ପିଟାଲକୁ ଯାଇଥିଲା। ହସ୍ପିଟାଲରେ ଡାକ୍ତରୀ ଦଳ ସକାଳ ୬ଟା ୪୨ରେ ମୃତ ଘୋଷଣା କରିଥିଲେ।

୧୯୩୦ ଜୁନ୍ ୩ରେ କର୍ନାଟକସ୍ଥିତ ମାଙ୍ଗାଲୋରର ଏକ ଖ୍ରୀଷ୍ଟିୟାନ ପରିବାରରେ ଜନ୍ମିତ ଫର୍ନାଣ୍ଡିଜ୍ ଜଣେ ଶ୍ରମିକ ନେତା ଥିଲେ। ପରବର୍ତ୍ତୀ ସମୟରେ ରାଜନୈତିକ ବିଚାରଧାରାର ବିରୋଧାଭାସୀ ଦୁଇଟି ସରକାରରେ ସେ କେନ୍ଦ୍ରମନ୍ତ୍ରୀ ହୋଇଥିଲେ। ୧୯୭୭ରେ ସେ କୋକା-କୋଲାକୁ ବାହାରର ରାସ୍ତା ଦେଖାଇଥିବାବେଳେ ୧୯୯୯ରେ କାର୍‌ଗିଲ ଯୁଦ୍ଧ ଦେଖିଥିଲେ। ଏହି ମହାନ୍ ଜନନାୟକଙ୍କ ପରଲୋକରେ ରାଷ୍ଟ୍ରପତି ରାମନାଥ କୋବିନ୍ଦ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସମେତ ଅନେକ ବିଶିଷ୍ଟ ନେତା ଶୋକବ୍ୟକ୍ତ କରିଛନ୍ତି।



ସାଲେପୁର ନିକଟ କୁଳିଆ ପଡ଼ିଆରେ ଅନୁଷ୍ଠିତ ଭାଜପାର ବୁଥ୍‌ସ୍ତରୀୟ କର୍ମକର୍ତ୍ତାଙ୍କ ସମ୍ମିଳନୀରେ ଯୋଗଦେଇଥିବା କର୍ମୀ ଓ ଅନ୍ୟମାନେ ।

## ୧୨୦ ନୁହେଁ ...

ରାଜ୍ୟକୁ ଏକ ନମ୍ବର କରାଯିବ ବୋଲି ଶାହ କହିଥିଲେ। ରାଜ୍ୟ ସରକାରଙ୍କୁ ଟାର୍ଗେଟ କରି ଶାହ କହିଥିଲେ ଯେ, ଏଠାକାର ସରକାର ଜଗନ୍ନାଥଙ୍କ ରତ୍ନଭଣ୍ଡାରକୁ ସୁରକ୍ଷା ଦେଇପାରିନି। ଅର୍ଥାତ୍ ଏହା ମା' ଲକ୍ଷ୍ମୀଙ୍କ ପ୍ରତି ଅପମାନ। ନବୀନ ବାବୁ ୧୯ ବର୍ଷ ହେବ ଓଡ଼ିଶାକୁ ଶାସନ କରୁଛନ୍ତି। ୨୦୧୯ରେ ନିର୍ବାଚନ ହେବ। ତେଣୁ ଏହି ସରକାରକୁ ଶେଷ କରିଦେବାକୁ ସେ ଉପସ୍ଥିତ କର୍ମୀଙ୍କୁ ଆହ୍ୱାନ ଦେଇଥିଲେ। କଂଗ୍ରେସକୁ ସମାଲୋଚନା କରି ଶାହ କହିଥିଲେ, କଂଗ୍ରେସ ନେତୃତ୍ୱରେ ଏବେ ସମସ୍ତ ବିରୋଧୀ ଏକଜୁଟ ହେଉଛନ୍ତି। ହେଲେ ସେମାନଙ୍କ ନେତା ଓ ନୀତି ଅସ୍ୱଷ୍ଟ। କଂଗ୍ରେସ ସରକାର ସମୟରେ ତ୍ରୟୋଦଶ ଅର୍ଥ କମିଶନରେ ଓଡ଼ିଶାକୁ ୭୯ହଜାର କୋଟି ଟଙ୍କା ମିଳିଥିଲା। କିନ୍ତୁ ମୋଦିଙ୍କ ସରକାର ସମୟରେ ଓଡ଼ିଶାକୁ ୨ ଲକ୍ଷ ୧୧ହଜାର ୫୧୦ କୋଟି ଟଙ୍କାର ଆର୍ଥିକ ଅନୁଦାନ ମିଳଛି। ମୋଟାମୋଟି ଭାବେ ମୋଦି ସରକାର ଓଡ଼ିଶାକୁ ୫ ଲକ୍ଷ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଦେଇଥିବା ଶାହ କହିଥିଲେ। ସେହିପରି ଜିଲା ଖଣିଜ ପାଣ୍ଠି (ଡିଏମ୍‌ଏଫ୍) ପୂର୍ବରୁ ଉଦ୍ୟୋଗପତିଙ୍କ ଆକାଉଣ୍ଟକୁ ଯାଉଥିଲା। ମାତ୍ର ମୋଦି ସରକାର ଏହି ଟଙ୍କାକୁ ଆଦିବାସୀଙ୍କ କଲ୍ୟାଣରେ ବିନିଯୋଗ କରିଛନ୍ତି। ସେ ଏପରି ଜଣେ ପ୍ରଧାନମନ୍ତ୍ରୀ, ଯିଏ କି ୭୦ ବର୍ଷ ପରେ ଦେଶର ଆଦିବାସୀଙ୍କ ଘରେ ପାଇଖାନା, ବିଜୁଳି ଓ ଗ୍ୟାସ ପହଞ୍ଚାଇବାର ବ୍ୟବସ୍ଥା କରିଛନ୍ତି ବୋଲି ଶାହ କହିଥିଲେ। ବିଜେଡି ଓ କଂଗ୍ରେସ ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ। ଦୀର୍ଘଦିନ ଧରି ଏହି ଦୁଇ ଦଳ ଓଡ଼ିଶାକୁ ଶାସନ କରିଛନ୍ତି। ମାତ୍ର ଓଡ଼ିଶାର ବିକାଶ କରିପାରି ନାହାନ୍ତି। ୫ ବର୍ଷ ପାଇଁ ମୋଦିଙ୍କୁ ସୁଯୋଗ ଦେଲେ ଓଡ଼ିଶା ଏକ ନମ୍ବର ହୋଇପାରିବ। ମୋଦି ଯେପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ଭାବେ ପୁଣି ଥରେ ଶପଥ ନେଇନାହାନ୍ତି ସେପର୍ଯ୍ୟନ୍ତ ଭାଜପା କାର୍ଯ୍ୟକର୍ତ୍ତାମାନେ ଅକ୍ଳାନ୍ତ ପରିଶ୍ରମ ଜାରି ରଖିବାକୁ ସେ କହିଥିଲେ।

ଆରମ୍ଭରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ରାଜ୍ୟ ସରକାରଙ୍କୁ କଟୁ ସମାଲୋଚନା କରିଥିଲେ। ନିକଟରେ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ଓଡ଼ିଶା ଗସ୍ତରେ ଆସି କହିଥିଲେ ଯେ, ଏଠାକାର ସରକାରଙ୍କ ରିମୋଟ୍ ମୋଦିଙ୍କ ହାତରେ ରହିଛି। ମାତ୍ର ତାହା ଭୁଲ। ଏଠାକାର ସରକାରଙ୍କ ରିମୋଟ୍ ଖଣି ମାଫିଆମାନଙ୍କ ହାତରେ ଥିବା ଧର୍ମେନ୍ଦ୍ର କହିଥିଲେ। ଏଠାରେ ପିପିପି ମୋଡ୍‌ରେ ସରକାର ଚାଲିଥିବା ଧର୍ମେନ୍ଦ୍ର କଟାକ୍ଷ କରିଥିଲେ। ଶିକ୍ଷକଙ୍କୁ ଦରମା ଦେବାକୁ ସରକାରଙ୍କ ପାଖରେ ଟଙ୍କା ନ ଥିବାବେଳେ ସଲମାନ ଖାନ୍ ଓ ଶାହରୁଖ ଖାନ୍‌ଙ୍କୁ ଆଣି ନଚାଇବାକୁ ପଇସା ଥିବା କହିଥିଲେ। ଏବେ ରାଜ୍ୟ ସରକାରଙ୍କୁ ହିସାବ ଦେବା ସମୟ ଆସିଥିବା ଧର୍ମେନ୍ଦ୍ର କହିଥିଲେ।

କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ, ଭାଜପା ରାଜ୍ୟ ସଭାପତି ବସନ୍ତ ପଣ୍ଡାଙ୍କ ସମେତ ଦଳର ବହୁ ବରିଷ୍ଠ ନେତା ଉପସ୍ଥିତ ଥିଲେ। ଏହି ସମ୍ମିଳନୀରେ ୮ହଜାର ବୁଥ୍‌ସ୍ତରୀୟ କାର୍ଯ୍ୟକର୍ତ୍ତା ଯୋଗଦେଇଥିଲେ।

# ବଙ୍ଗଳା ଫିଲ୍ମ ନିର୍ମାତା ଶ୍ରୀକାନ୍ତଙ୍କ ଜାମିନ ଖାରଜ

### ରୋଜ୍‌ଭ୍ୟାଲି ଚିଟଫଣ୍ଡ୍ ଠକେଇ ମାମଲା

ଭୁବନେଶ୍ୱର,୨୯।୧ (ବ୍ୟୁରୋ)

ରୋଜ୍‌ଭ୍ୟାଲି ଚିଟଫଣ୍ଡ୍ ଠକେଇ ମାମଲାରେ ଗିରଫ ହୋଇଥିବା ବଙ୍ଗଳା ଫିଲ୍ମ ନିର୍ମାତା ଶ୍ରୀକାନ୍ତ ମାହାତୋଙ୍କ ଜାମିନ ଆବେଦନ ଖାରଜ ହୋଇଯାଇଛି। ଜାମିନ ପାଇଁ ସେ ସ୍ୱତନ୍ତ୍ର ସିବିଆଇ କୋର୍ଟରେ ଆବେଦନ କରିଥିଲେ। ମଙ୍ଗଳବାର ଶ୍ରୀକାନ୍ତ କୋର୍ଟରେ ହାଜର ହୋଇଥିଲେ। ମାମଲାର ଶୁଣାଣି କରି କୋର୍ଟ ତାଙ୍କ ଜାମିନ ଆବେଦନକୁ ଖାରଜ କରି ଦେଇଛନ୍ତି। ଫଳରେ ଶ୍ରୀକାନ୍ତଙ୍କୁ ପୁଣି ଝାରପଡ଼ା ଜେଲ୍‌କୁ ଯିବାକୁ ପଡିଛି। ପୂର୍ବରୁ କୋର୍ଟ ତାଙ୍କୁ ୧୪ ଦିନ ପାଇଁ ବିଚାରବିଭାଗୀୟ ହାଜକୁ ପଠାଇ ଦେଇଥିଲେ। ତେବେ ତଳ କୋର୍ଟଙ୍କ ଏହି ରାୟ ବିରୋଧରେ ଶ୍ରୀକାନ୍ତ ଉପର କୋର୍ଟକୁ ଯିବେ ବୋଲି ତାଙ୍କ ଓକିଲ କହିଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**
ଆଜି ସପ୍ତମ କେନ୍ଦ୍ରରେ ଗୁରୁଚାନ୍ଦ୍ରୀ ଯୋଗ ଆପଣଙ୍କ ଯାତ୍ରା, ବାଣିଜ୍ୟ, ବ୍ୟବସାୟ, ପାରିବାରିକ ସୁଖ, ସମୃଦ୍ଧିକୁ ଋଦ୍ଧିମନ୍ତ କରିବ। ଏପରି କି ଏକାଧାରରେ ଅର୍ଥ, ସମ୍ମାନ, ସ୍ୱାଗତ,ସମ୍ବର୍ଦ୍ଧନା ପାଇବାର ଯୋଗ ରହିଛି। ଯଦିଓ ପାରିବାରିକ ସମସ୍ୟାରେ ମନ ଭାରାକ୍ରାନ୍ତ ରହିପାରେ ତାହା ସାମୟିକ କହିଲେ ଅତ୍ୟୁକ୍ତି ହେବ ନାହିଁ।

**ବୃଷ**
କର୍ମାଧିପତି ସହ ରାଶ୍ୟାଧିପତି ଦୁଃସ୍ଥାନସ୍ଥ ହେତୁ ଚେଷ୍ଟାକଲେ ମଧ୍ୟ ଆପଣଙ୍କ କାର୍ଯ୍ୟହାସଲରେ ସୁଫଳ ଦେଇ ନ ପାରନ୍ତି। ତଥାପି ବୃହସ୍ପତିଙ୍କ ପ୍ରଭାବରେ ବିଶିଷ୍ଟ ବ୍ୟକ୍ତିମାନଙ୍କ ସଂସ୍ପର୍ଶରେ ଆସି କେତେକାଂଶରେ ଉପକୃତ ହେବାର ଆଶା କରାଯାଇ ପାରେ। ମାଲିମକଦ୍ଦମାରେ ବିଜୟ ପ୍ରାପ୍ତି ହୋଇପାରେ।

**ମିଥୁନ**
ସପ୍ତମାଧିପତି ତୃତୀୟାଧିପତି ସହ ଷଷ୍ଠଭାବସ୍ଥ ହେତୁ ସମ୍ପର୍କୀୟଙ୍କ କାନକୁହା କଥାରେ ପାରିବାରିକ ଅସ୍ଥିରତାର ସୂଚନା ରହିଛି। ସକାଳୁ ସକାଳୁ କୌଣସି ବନ୍ଧୁଙ୍କ ଡାକରା ଆପଣଙ୍କୁ ଚଳଚଞ୍ଚଳ କରାଇପାରେ। କର୍ମକ୍ଷେତ୍ରରେ ଆପଣଙ୍କ ଭୁଲ୍ ନିଷ୍ପତ୍ତି ଏକ ତରଫା ହୋଇଯାଇ ପାରେ ଯାହାକୁ ନେଇ ସମାଲୋଚିତ ହେବାକୁ ପଡିବାର ଆଶଙ୍କା ରହିଛି।

**କର୍କଟ**
କୌଣସି ନୂଆ କାମଟିଏ ଆରମ୍ଭ କରିବାକୁ ଯାଇ ବ୍ୟୟବରାଦ କରିପାରନ୍ତି। ସାମାଜିକ ସ୍ତରରେ ପ୍ରଗତି ମାନସିକ ସ୍ଥିତିକୁ ବହୁ ପରିମାଣରେ ବୃଦ୍ଧି କରିବ। ଗୃହ, ଯାନବାହନ, ଶିଳ୍ପ, ବାଣିଜ୍ୟ, ପରିବହନ ବାଧାପ୍ରାପ୍ତ ହେବ ନାହିଁ। ତଥାପି ସାମୟିକ ଭାବରେ ଅତୀତ କଥା ଓ ଉପସ୍ଥିତ ସମସ୍ୟା ସମ୍ପର୍କିତ ଚିନ୍ତାରେ ମନ ଉଦ୍‌ବିଗ୍ନ ରହିପାରେ।

**ସିଂହ**
ଚତୁର୍ଥଭାବରେ ବୃହସ୍ପତି ଓ ଚନ୍ଦ୍ର ସାମାଜିକ ପ୍ରତିଷ୍ଠାସହ ଲକ୍ଷ୍ୟପୂରଣରେ ସହାୟକ ହୋଇପାରିବ। କଳା,ସାହିତ୍ୟ,ସାମ୍ବାଦିକତା ଓ ସଭାସମିତିରେ ପ୍ରଶଂସିତ ହେବେ । ଏହା ସାଙ୍ଗକୁ କର୍ମକ୍ଷେତ୍ରରେ ଇଚ୍ଛା ବିରୋଧରେ କୌଣସି କାମ କରି ଅନୁତାପ କରିବାକୁ ପଡ଼ିପାରେ। ଆନୁଷ୍ଠାନିକ କାର୍ଯ୍ୟ, ଜମିଜମା, ମାଲିମକଦ୍ଦମା ସମ୍ପର୍କିତ ଦୁଶ୍ଚିନ୍ତା ମଧ୍ୟ ରହିବ।

**କନ୍ୟା**
ଭାଗ୍ୟସ୍ଥାନକୁ ଶୁଭଗ୍ରହର ଦୃଷ୍ଟି ଆପଣଙ୍କ କାର୍ଯ୍ୟସିଦ୍ଧି,ଅର୍ଥଗୌରବ,ବନ୍ଧୁଙ୍କ ଆଦର ପ୍ରାପ୍ତି କରାଇପାରେ। କିନ୍ତୁ କର୍ମକ୍ଷେତ୍ରରେ ଭାବପ୍ରବଣତା ଯୋଗୁ ସାମୟିକ ଆନମନା ରହିପାରନ୍ତି। ଆଗାମୀ ଆନୁଷ୍ଠାନିକ ଉତ୍ସବ ନିମନ୍ତେ ପ୍ରସ୍ତୁତି ଆରମ୍ଭ କରିବେ। ବୃତ୍ତି, ବାଣିଜ୍ୟ, କ୍ରୟବିକ୍ରୟ, ଯାତ୍ରା, ବିବାଦ କ୍ଷେତ୍ରରେ ସଫଳତା ହାସଲ କରିବେ।

**ତୁଳା**
ରାଶ୍ୟାଧିପତି ଉଭୟଚରୀ ଯୋଗଯୁକ୍ତ କାରଣରୁ ଅନ୍ୟଦ୍ୱାରା ପ୍ରଭାବିତ ହୋଇ କୌଣସି କର୍ମାରମ୍ଭ କଲେ ଭୁଲ୍ କରିବେ। ନିର୍ମାଣାଧୀନ କାମ, ବିବାଦୀୟ ଘଟଣା ଓ ଜମିଜମା କିଣାବିକା କ୍ଷେତ୍ରରେ ସତର୍କତା ଅବଲମ୍ବନ କରିବା ଭଲ। ସଭାସମିତି,ବକ୍ତୃତା କ୍ଷେତ୍ରରୁ ପ୍ରଶଂସିତ ହେବେ। ଆଜିର ଯାତ୍ରା ଓ ସରକାରୀ ସ୍ତରରେ ଦେଖାସାକ୍ଷାତରୁ ଉପକୃତ ହୋଇପାରନ୍ତି।

**ବିଛା**
ଦିନଟିରେ କିଛି କାମରେ ସନ୍ତୋଷ ପାଇବା ସାଙ୍ଗକୁ କିଛି ବିରକ୍ତିକର ପରିସ୍ଥିତି ମଧ୍ୟ ସାମନାକୁ ଆସିବ। ଅବଶ୍ୟ ଅଫିସ୍ କାମରେ, ପ୍ରଶାସନିକ ସ୍ତରରେ, ରାଜନୈତିକ କ୍ଷେତ୍ରରେ ମଧ୍ୟାହ୍ନରେ ଟେନସନ୍ ଦୂର ହୋଇପାରେ। ନୂତନ ବସ୍ତ୍ରଭୂଷଣ,ସମ୍ମାନ ପ୍ରାପ୍ତି ଯୋଗ ମଧ୍ୟ ରହିଛି। ପାରିବାରିକ ସମସ୍ୟା ସଜାଡିବାରେ ଯତ୍ନବାନ ହେବେ।

**ଧନୁ**
ଶନିଙ୍କ ପ୍ରଭାବ ଆପଣଙ୍କୁ ଅଧିକାଂଶ କ୍ଷେତ୍ରରେ ନକାରାତ୍ମକ ଚିନ୍ତାଧାରାରେ ବିଷାଦିତ କରିପାରେ। କିନ୍ତୁ ପୂର୍ବାଷାଢ଼ା ନକ୍ଷତ୍ର ସକାଶେ ବିରକ୍ତିଭାବ ଦୂରେଇଯିବ, ଧୈର୍ଯ୍ୟ ବୃଦ୍ଧିପାଇବ ଯାହାକି ଆଜି ପାଇଁ ତାହାର ଆବଶ୍ୟକତା ରହିଛି। ପାରିବାରିକ କ୍ଷେତ୍ରରେ ସମସ୍ୟା ସମାଧାନ ହେବାରେ ମିତ୍ର, ବନ୍ଧୁମାନଙ୍କ ପରାମର୍ଶ ମାନିବା ଭଲ।

**ମକର**
ବିବାଦୀୟ ଚିନ୍ତାଧାରା ସାଙ୍ଗକୁ ଦୁର୍ଭାବନା ମାନସିକ ଅସ୍ଥିରତାର କାରଣ ସାଜିପାରେ। ବ୍ୟବସାୟିକ ଦିଗଟି ଭଲ ରହିଲେ ମଧ୍ୟ ପାରିବାରିକ ସ୍ଥିତି ଭଲ ରହିବ ନାହିଁ। ଯାନ ବାହନ, ଯାନ୍ତ୍ରିକ ଜିନିଷ, ଧାତୁ ଅଳଙ୍କାରାଦି କ୍ରୟ କରିପାରନ୍ତି। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ସାମିଲ୍ କରିପାରନ୍ତି କିନ୍ତୁ ଶେଷ ପର୍ଯ୍ୟାୟରେ ବନ୍ଧୁ ସମ୍ପର୍କ ହାନିର ଆଶଙ୍କା ଦେଖାଦେଇପାରେ।

**କୁମ୍ଭ**
କର୍ମକ୍ଷେତ୍ରରେ କୌଣସି ବ୍ୟକ୍ତିଙ୍କ ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି। ପଡୋଶୀଙ୍କ ଅଭ୍ୟନ୍ତରୀଣ ବ୍ୟାପାରରେ ମୁଣ୍ଡ ପୂରାନ୍ତୁ ନାହିଁ। ଆଜିର ଯାତ୍ରାରେ ସାମାନ୍ୟ ବ୍ୟସ୍ତତା ଅନୁଭବ କରିବେ। ଅର୍ଥନୈତିକ ସ୍ଥିତି ସାମାଜିକ ପ୍ରଗତି କ୍ଷେତ୍ରରେ ବହୁ ମାତ୍ରାରେ ସହାୟକ ହୋଇପାରିବ। ଯାତ୍ରା ସମୟରେ ସତର୍କତା ଅବଲମ୍ବନ କରିବା ଭଲ।

**ମୀନ**
କର୍ମକ୍ଷେତ୍ର ଓ ପାରିବାରିକ ସ୍ଥିତି ପୂର୍ବପରି ରହିବ। ପାଖ ପଡୋଶୀଙ୍କ କଥାରେ ଚିହ୍ନା ପଡି କୌଣସି କାମ କରିବା ଠିକ୍ ହେବ ନାହିଁ। ଗବେଷଣା, ଅନୁସନ୍ଧାନ, କଳା, ସାହିତ୍ୟରେ ସମସ୍ୟା ସମାଧାନ ହୋଇଯିବ । ଭ୍ରମଣ ରାଜନୀତି, ପ୍ରଶାସନ, ସାଂସ୍କୃତିକ କାର୍ଯ୍ୟକ୍ରମ ଓ ମନୋରଞ୍ଜନ ପାଇଁ ଦିନଟି ବହୁତ ଭଲ। ନୂତନ ବନ୍ଧୁତ୍ୱ ସ୍ଥାପନ ସକାଶେ ମନ ବଳାଇପାରନ୍ତି।

ଆଜି ମାଘ କୃଷ୍ଣ ଦଶମୀ ଯୁକ୍ତ ଏକାଦଶୀ ବୁଧବାର, ଜାନୁୟାରୀ ୩୦ ତାରିଖ, ଜାତିରପିତା ମହାମାନବ ମହାତ୍ମା ଗାନ୍ଧୀଙ୍କ ତିରୋଧାନ ଦିବସ, ଶହୀଦ ଦିବସ,ସର୍ବୋଦୟ ଦିବସ, ରାଶିନକ୍ଷତ୍ର-ଅନୁରାଧା/ବିଛା, କର୍କଟ ରାଶିର ଘାତବାର, ଦଶମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ୭।୫୨ମି. ଗତେ, ଘ୯।୧୫ମି. ମଧ୍ୟେ ଘ୨।୫୦ମି. ଗତେ, ଘ୪।୧୩ମି. ମଧ୍ୟେ ଅମୃତବେଳା। ସକାଳ ଘ୭।୫୨ମି. ମଧ୍ୟେ ଘ୧୦।୩୮ମି. ଗତେ, ଘ୧୨।୦୨ମି. ମଧ୍ୟେ ଘ୪।୧୩ମି. ଗତେ, ଘ୫।୩୬ମି. ମଧ୍ୟେ ମାହେନ୍ଦ୍ରବେଳା।

## ସଂକ୍ଷେପରେ

### ଓଡ଼ିଶା ହସ୍ତଶିଳ୍ପ ନୀତି ୨୦୧୯କୁ କ୍ୟାବିନେଟ୍ ମୋହର

ଏଏସବିଏମକୁ ବିଶ୍ୱବିଦ୍ୟାଳୟ ମାନ୍ୟତା

**ଭୁବନେଶ୍ୱର,୨୯।୧(ବ୍ୟୁରୋ):** ରାଜ୍ୟରେ ହସ୍ତଶିଳ୍ପକୁ ପ୍ରୋତ୍ସାହନ ଦେବା ଲାଗି ରାଜ୍ୟ ସରକାର ଓଡିଶା ହସ୍ତଶିଳ୍ପ ନୀତି-୨୦୧୯ ପ୍ରସ୍ତୁତ କରିଛନ୍ତି। ଏହାକୁ ମଙ୍ଗଳବାର ସଚିବାଳୟଠାରେ ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ ଅନୁମୋଦନ କରିଛି। ପ୍ରଥମ ଥର ଲାଗି ହୋଇଥିବା ଏହି ନୂତନ ହସ୍ତଶିଳ୍ପ ନୀତିରେ ଓଡିଶାର ହସ୍ତଶିଳ୍ପୀ କାରିଗରମାନଙ୍କୁ ଶକ୍ତିଶାଳୀ ଓ ବିକାଶର ମୁଖ୍ୟ ଅଂଶୀଦାର କରିବା ସହ ସେମାନଙ୍କର ବିକାଶ ଉପରେ ଗୁରତ୍ୱ ଦିଆଯାଇଛି। ଏହି ନୀତିରେ କାରିଗରମାନଙ୍କର ଆୟ ବୃଦ୍ଧି ସୁଯୋଗକୁ ବୃଦ୍ଧି କରିବା ସହ କଞ୍ଚାମାଲ ଯୋଗାଇବା, ବଜାର ସୁବିଧା ସୃଷ୍ଟି କରିବା, ଲୁପ୍ତ ପ୍ରାୟ ହସ୍ତଶିଳ୍ପ ଗୁଡିକର ପୁନରୁଦ୍ଧା, ହସ୍ତକଳା ଐତିହ୍ୟର ସଂରକ୍ଷଣ, କାରିଗରଙ୍କୁ ତାଲିମ, ବ୍ୟାଙ୍କ ଋଣ ପ୍ରଦାନ, ନୂତନ ଡିଜାଇନ ଉପଲବ୍ଧ କରାଇବା ଆଦି ଦିଗରେ ସହାୟତା ଯୋଗାଇ ଦିଆଯିବ। କାରିଗରମାନଙ୍କୁ ବିଭିନ୍ନ ସାମାଜିକ ଓ କଲ୍ୟାଣ ଯୋଜନାରେ ଅନ୍ତର୍ଭୁକ୍ତ କରାଇବା ଏହି ନୂତନ ନୀତିର ମୂଳ ଲକ୍ଷ୍ୟ। ଭୁବନେଶ୍ୱର ସ୍ଥିତ ଏସିଆନ ସ୍କୁଲ ଅଫ ବିଜିନେସ ମ୍ୟାନେଜମେଣ୍ଟ (ଏଏସବିଏମ)କୁ ଏକକ ବେସରକାରୀ ବିଶ୍ୱବିଦ୍ୟାଳୟ ମାନ୍ୟତା ପ୍ରଦାନ କରାଯାଇଛି। ରାଜ୍ୟ କ୍ୟାବିନେଟ ଏ ସମ୍ପର୍କିତ ପ୍ରସ୍ତାବକୁ ଅନୁମୋଦନ କରିଛି। ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ହେବା ଦ୍ୱାରା ରାଜ୍ୟରେ ଶିକ୍ଷାର ପରିସୀମା ବୃଦ୍ଧି ପାଇବା ସହ ଗବେଷଣା, ଶିଳ୍ପ ତଥା ନିଯୁକ୍ତି ଭିତ୍ତିକ ଶିକ୍ଷାର ବାତାବରଣ ସୃଷ୍ଟି ହୋଇ ପାରିବ।

### ଜାମୁଝାଡି-ବାସୁଦେବପୁର-ଧାମରା ରାସ୍ତା ଦୋହରୀକରଣ ହେବ

**ଭୁବନେଶ୍ୱର,୨୯।୧(ବ୍ୟୁରୋ):** ଭଦ୍ରକ ଜିଲାର ଜାମୁଝାଡି-ବାସୁଦେବପୁର-ଧାମରା ୬୦ କି.ମି ରାସ୍ତାର ପ୍ରଶସ୍ତିକରଣ ଏବଂ ଉନ୍ନତୀକରଣ କରାଯିବ। ଏହାକୁ ଦୁଇ ଲେନ ବିଶିଷ୍ଟ ରାସ୍ତାରେ ପରିଣତ କରାଯିବ। ଏଥିପାଇଁ ୨୧୦କୋଟି ୮୫ ଲକ୍ଷ ୭୯ ହଜାର ୩୫୨ ଟଙ୍କାର ସର୍ବନିମ୍ନ ଟେଣ୍ଡରକୁ ମଙ୍ଗଳବାର ରାଜ୍ୟ କ୍ୟାବିନେଟ ମଞ୍ଜୁର କରିଛି। ଏହି ରାସ୍ତା ଦ୍ୱାରା ଅବଦୁଲ କାଲାମ ଦ୍ବୀପରେ ପ୍ରତିରକ୍ଷା ବିଭାଗ ଦ୍ୱାରା ହେଉଥିବା ବିଭିନ୍ନ ପରୀକ୍ଷା ପାଇଁ ସାମଗ୍ରୀ ନେବାରେ ସହଜ ହେବା ସହ ଧାମରା ବନ୍ଦରକୁ ପଣ୍ୟ ପରିବହନରେ ମଧ୍ୟ ସହଜ ହେବ। ଏଥିଯୋଗୁ ରାସ୍ତାରେ ହେଉଥିବା ଭିଡ ମଧ୍ୟ ହ୍ରାସ ପାଇବ। ଏହି ରାସ୍ତାର ନିର୍ମାଣ କାର୍ଯ୍ୟ ଓଡିଶା ସରକାର ଧାମରା ବନ୍ଦର କର୍ତ୍ତୃପକ୍ଷ ଏବଂ ପ୍ରତିରକ୍ଷା ଗବେଷଣା ଓ ବିକାଶ ସଂଗଠନର ମିଳିତ ସହଯୋଗରେ ନିର୍ମାଣ ହେବ। ୩୦ ମାସ ମଧ୍ୟରେ ଏହି ପ୍ରକଳ୍ପ କାର୍ଯ୍ୟ ଶେଷ ହେବ।

### କୁଡୁମୀ ଉନ୍ନୟନ ପରିଷଦ ଗଠନ କଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୨୯।୧(ବ୍ୟୁରୋ):** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଙ୍ଗଳବାର କୁଡୁମୀ ଉନ୍ନୟନ ପରିଷଦ ଗଠନ କରିଛନ୍ତି। କୁଡୁମୀମାନଙ୍କର ସାମାଜିକ-ଅର୍ଥନୈତିକ ବିକାଶ ପାଇଁ ଏହି ପରିଷଦ କାର୍ଯ୍ୟ କରିବ। ଏଥିସହିତ ସେମାନଙ୍କ ସଂସ୍କୃତି ଏବଂ ଦୀର୍ଘଦିନରୁ ଚଳିଆସୁଥିବା ପରମ୍ପରାକୁ ବଞ୍ଚାଇ ରଖିବାରେ ସହାୟକ ହେବ। ପରିଷଦ ଗଠନ ନେଇ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ(ସିଏମ୍‌ଓ) ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ରାଜ୍ୟରେ ମୟୂରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ, ସମ୍ବଲପୁର ଏବଂ ଏହାର ଆଖପାଖ ଜିଲାରେ କୁଡୁମୀ ଅଧିବାସୀ ଦେଖିବାକୁ ମିଳିଥାନ୍ତି।




### ଡେପୁଟେଶନରେ ଯିବେ ଚନ୍ଦ୍ରଶେଖର

କ୍ରିଷନ୍ କୁମାରଙ୍କୁ ପଣ୍ୟାଗାର ଅତିରିକ୍ତ ଦାୟିତ୍ୱ

**ଭୁବନେଶ୍ୱର,୨୯।୧(ବ୍ୟୁରୋ)**

ରାଜ୍ୟ ପ୍ରଶାସନରେ କାର୍ଯ୍ୟରତ ବରିଷ୍ଠ ଆଇଏଏସ୍ ଅଧିକାରୀ ଡକ୍ଟର ଚନ୍ଦ୍ରଶେଖର କୁମାର ୫ ବର୍ଷ ପାଇଁ କେନ୍ଦ୍ରୀୟ ଡେପୁଟେଶନରେ ଯିବେ। ଚନ୍ଦ୍ରଶେଖର ନୂଆଦିଲ୍ଲୀରେ କେନ୍ଦ୍ରୀୟ ସଚିବାଳୟରେ ଡିପାର୍ଟମେଣ୍ଟ ଅଫ୍ ପର୍ସୋନେଲ ଏଣ୍ଡ ଟ୍ରେନିଂରେ ଯୁଗ୍ମ ସଚିବ ଭାବେ କାର୍ଯ୍ୟ କରିବେ। ଓଡ଼ିଶାରେ ସେ କିଛିମାସ ଧରି ରାଜ୍ୟ ପଣ୍ୟାଗାର ନିଗମର ଅଧ୍ୟକ୍ଷ ଭାବେ କାର୍ଯ୍ୟ କରିଆସୁଥିଲେ। ସେହିପରି ସମବାୟ ସଚିବ ଭାବେ କାର୍ଯ୍ୟରତ କ୍ରିଷନ୍ କୁମାରଙ୍କୁ ରାଜ୍ୟ ପଣ୍ୟାଗାର ନିଗମର ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଛି। ପୂର୍ବରୁ କ୍ରିଷନ୍ କୁମାର ବିଡିଏ ଉପାଧ୍ୟକ୍ଷ ଏବଂ ବିଏମ୍‌ସିର ପ୍ରଶାସକ ଭାବେ ମଧ୍ୟ ଦାୟିତ୍ୱ ତୁଲାଉଛନ୍ତି।




# ଝୁଲି ରହିଲା ମହାପ୍ରସାଦ ଦର

**ପୁରୀ ଅଫିସ,୨୯।୧**

### ଆଲୋଚନା ହେଲା, ସହମତି ମିଳିଲାନି

- ଧାର୍ଯ୍ୟ ଦର ତାଲିକାକୁ ପୁଣି ତର୍ଜମା କରିବ ସୁଆର ମହାସୁଆର ନିଯୋଗ
- ମନ୍ଦିର ପ୍ରଶାସନକୁ ଜଣାଇବା ପରେ ହେବ ଚୂଡ଼ାନ୍ତ
- ଶେଡ୍ ନିର୍ମାଣ ଶୈଳୀରେ ପରିବର୍ତ୍ତନ ଦାବି କଲେ ସୁଆର ସେବକ



ନିର୍ଦ୍ଧାରଣ ହୋଇପାରୁନି ମହାପ୍ରସାଦ ଦର। ଏଥିପାଇଁ ଏକାଧିକଥର ବୈଠକ ବସୁଛି, ହେଲେ ସହମତି ପ୍ରକାଶ ପାଉନି। ଫଳରେ ଆନନ୍ଦ ବଜାରରେ ଲଗାଯିବାକୁ ଥିବା ମହାପ୍ରସାଦ ଦର ତାଲିକା ବିଳମ୍ବ ହେବାରେ ଲାଗିଛି। ମଙ୍ଗଳବାର ପୂର୍ବାହ୍ନରେ ମହାପ୍ରସାଦ ଦର ନିର୍ଦ୍ଧାରଣ ନେଇ ସୁଆର ସେବକ ଏବଂ ଶ୍ରୀମନ୍ଦିର ପ୍ରଶାସନ ମଧ୍ୟରେ ଆଲୋଚନା ହୋଇଥିଲା। ଏଥିରେ କୌଣସି ନିର୍ଯାସ ବାହାରି ପାରିନାହିଁ। ପ୍ରଶାସନ ପକ୍ଷରୁ ଧାର୍ଯ୍ୟ କରାଯାଇଥିବା ଦରକୁ ନେଇ ସୁଆର ସେବକ ସହମତି ହୋଇପାରୁ ନାହାନ୍ତି। ତେଣୁ ସୁଆର ମହାସୁଆର ନିଯୋଗ ବୈଠକରେ ଧାର୍ଯ୍ୟ ଦରକୁ ନେଇ ପୁଣିଥରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯିବ। ଏହି ଦର ଠିକ୍ ଅଛି କିମ୍ବା ଏଥିରେ କିଛି ପରିବର୍ତ୍ତନ ଦରକାର ସେ ନେଇ ନିଯୋଗ ଖୁବଶୀଘ୍ର ଶ୍ରୀମନ୍ଦିର ପ୍ରଶାସନକୁ ଅବଗତ କରାଇବ। ପରିଚାଳନା କମିଟି ବୈଠକରେ ଏ ନେଇ ଆଲୋଚନା ପରେ ମହାପ୍ରସାଦ ଦର ଚୂଡ଼ାନ୍ତ ହେବ ବୋଲି ଜଣାପଡିଛି।

ଅନ୍ୟପକ୍ଷରେ ଏହି ବୈଠକରେ ଆନନ୍ଦ ବଜାରରେ ଶୃଙ୍ଖଳା ରକ୍ଷା କରିବା ଲାଗି ମଧ୍ୟ ଆଲୋଚନା କରାଯାଇଥିଲା। ମହାପ୍ରସାଦ ବିକ୍ରୟ ପାଇଁ ଶ୍ରୀମନ୍ଦିର ପ୍ରଶାସନ ପ୍ରାଥମିକ ପର୍ଯ୍ୟାୟରେ ୪୫ଟି ଶେଡ୍ ତିଆରି କରୁଛି। କିନ୍ତୁ ଏହି ଶେଡ୍ ଠିକ୍ ଭାବେ ହେଉ ନାହିଁ ଏବଂ ମହାପ୍ରସାଦ ବିକ୍ରି କରିବା ସମୟରେ ସେମାନେ ଅସୁବିଧାରେ ପଡିବେ ବୋଲି ସୁଆର ସେବକମାନେ ଅଭିଯୋଗ କରିଥିଲେ। ତେଣୁ ଏହାର ନିର୍ମାଣ ଶୈଳୀରେ କିଛିଟା ପରିବର୍ତ୍ତନ ଆଣିବା ପାଇଁ ମୁଖ୍ୟ ପ୍ରଶାସକ ପ୍ରଦୀପ୍ତ ମହାପାତ୍ରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ମୁଖ୍ୟ ପ୍ରଶାସକ ଏଥିରେ ସହମତି ପ୍ରକାଶ କରିଥିଲେ। ସେବକଙ୍କ ସହ ଶ୍ରୀମନ୍ଦିର ଉନ୍ନୟନ ପ୍ରଶାସକ ଏବଂ ଯନ୍ତ୍ରୀଙ୍କୁ ଘଟଣାସ୍ଥଳକୁ ପଠାଇ ଏହାର ଅନୁଧ୍ୟାନ କରିଛନ୍ତି।

ମହାପ୍ରସାଦ ଦର ନିର୍ଦ୍ଧାରଣ ସମ୍ପର୍କରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ପ୍ରଦୀପ୍ତ ମହାପାତ୍ର କହିଛନ୍ତି, ଯେଉଁ ଦର ତାଲିକା ହୋଇଛି ତାହା ସୁଆର ମହାସୁଆର ନିଯୋଗକୁ ପ୍ରଦାନ କରାଯାଇଛି। ଅଳ୍ପଦିନ ମଧ୍ୟରେ ସେମାନେ ତାଙ୍କ ମତାମତ ଜଣାଇବେ। ଏହାପରେ ପରିଚାଳନା କମିଟି ବୈଠକରେ ଆଲୋଚନା ହୋଇ ନିଷ୍ପତ୍ତି ନିଆଯିବ। ସୁଆର ମହାସୁଆର ନିଯୋଗ ସମ୍ପାଦକ କୃଷ୍ଣଚନ୍ଦ୍ର ସାମନ୍ତରା କହିଛନ୍ତି, ମହାପ୍ରସାଦ ଦର ନିର୍ଦ୍ଧାରଣ ନେଇ ଅଧିକ ସମୟ ଲାଗିବ। କିନ୍ତୁ ଯାହା ହେବ ଆଲୋଚନା ମାଧ୍ୟମରେ ହେବ। ବିଭିନ୍ନ ସମୟରେ ବଜାର ଦର ବୃଦ୍ଧି ପାଉଛି। ଏ ନେଇ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଛୁ। ଏହା ଉପରେ ତର୍ଜମା କରାଯାଇ ନିଷ୍ପତ୍ତି ନିଆଯିବ। ଏଥିପାଇଁ ଦର ନିର୍ଦ୍ଧାରଣରେ ବିଳମ୍ବ ହେଉଛି ବୋଲି କହିଥିଲେ।

ସୂଚନାଥାଉ କି, ଦର ନିର୍ଦ୍ଧାରଣ ଲାଗି ଗତ ଡିସେମ୍ବର ୪ରେ ସ୍ୱତନ୍ତ୍ର ଭାବେ ବରାଦି ଭୋଗରେ ରୋଷେଇ ହୋଇଥିଲା ମହାପ୍ରସାଦ। ମନ୍ଦିର ପ୍ରଶାସନ ଆବଶ୍ୟକ ଡାଲି, ଚାଉଳ, ପରିବା, କୁଡୁଆ ପ୍ରଭୃତି ସାମଗ୍ରୀ ଯୋଗାଇ ଦେଇଥିଲା। ମନ୍ଦିର ପ୍ରଶାସନର ଅଧିକାରୀ ଓ ସୁଆର ମହାସୁଆର ନିଯୋଗ କର୍ମକର୍ତ୍ତାଙ୍କ ତତ୍ତ୍ୱାବଧାନରେ ରୋଷେଇ ହୋଇଥିଲା। ଗତ ମାସ ୨୬ ତାରିଖରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ କହିଥିଲେ, ନୂଆବର୍ଷରେ ମହାପ୍ରସାଦ ଦର ତାଲିକା ଲଗାଯିବ। ହେଲେ ଇତିମଧ୍ୟରେ ଦର ନିର୍ଦ୍ଧାରଣ ହୋଇପାରି ନ ଥିବା ବେଳେ ତାଲିକା କେବେ ଲାଗିବ ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

## ଆରପାରିରେ ସର୍ବୋଦୟ ନେତ୍ରୀ ବୈଦେହୀ ପଣ୍ଡା

**ଭୁବନେଶ୍ୱର, (ବ୍ୟୁରୋ)/ ଧାମନଗର, (ଡି.ଏନ୍.ଏ.) ୨୯।୧**



ବିଶିଷ୍ଟ ସର୍ବୋଦୟ ନେତ୍ରୀ ତଥା ସଂଗ୍ରାମୀ ବୈଦେହୀ ପଣ୍ଡାଙ୍କ ମଙ୍ଗଳବାର ସକାଳ ସାଢେ ୬ଟାରେ ଭୁବନେଶ୍ୱରର ଏକ ଘରୋଇ ଚିକିତ୍ସାଳୟରେ ପରଲୋକ ଘଟିଛି। ତାଙ୍କୁ ୮୭ ବର୍ଷ ବୟସ ହୋଇଥିଲା । ସେ ଗତ କିଛିଦିନ ହେବ ଅସୁସ୍ଥ ଥିଲେ ।

ସକାଳ ପ୍ରାୟ ୯ ବେଳେ ଆମ୍ବୁଲାନ୍ସ ଯୋଗେ ତାଙ୍କ ପାର୍ଥିବ ଶରୀରକୁ କଟକ ଜଗତପୁରସ୍ଥିତ ପ୍ରଜ୍ଞାନାନନ୍ଦ ଆଶ୍ରମକୁ ନିଆଯାଇଥିଲା । ପ୍ରଜ୍ଞାନାନନ୍ଦ ଆଶ୍ରମର ପରମହଂସ ପ୍ରଜ୍ଞାନାନନ୍ଦ, ସାଧୁ, ସନ୍ନ୍ୟାସୀ ଓ ଶୋଭନୀୟ ଆନ୍ଦୋଳନର ଲୋକ ସମ୍ପର୍କ ସମ୍ପାଦିକା ଡ: ଅରୁନ୍ଧତୀ ଦେବୀ, ସମ୍ପର୍କୀୟ ବନ୍ଦନା ପଣ୍ଡା, ରବୀନ୍ଦ୍ର ପଣ୍ଡା ପ୍ରମୁଖ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଏହାପରେ ବୈଦେହୀଙ୍କ ଶେଷ ଇଚ୍ଛା ଅନୁସାରେ ତାଙ୍କ ମରଶରୀରକୁ ଶ୍ରୀରାମ ଚନ୍ଦ୍ର ଭଞ୍ଜ ମେଡିକାଲ କଲେଜକୁ ପ୍ରଦାନ କରାଯାଇଥିଲା । ଶରୀର, ଅଙ୍ଗଦାନ ସମିତି ଅଧ୍ୟକ୍ଷ ଡ. ପ୍ରଭାସ ଆଚାର୍ଯ୍ୟ ବୈଦେହୀଙ୍କ ମରଶରୀରକୁ ଗ୍ରହଣ କରି ମେଡିକାଲ କଲେଜ କର୍ତ୍ତୃପକ୍ଷଙ୍କୁ ହସ୍ତାନ୍ତର କରିଥିଲେ ।

୧୯୩୨ ମସିହାରେ ଭଦ୍ରକ ଜିଲା ଧାମନଗର ବ୍ଲକ୍ ଲୁଣିଆ କଟସାହି ଗାଁରେ ବୈଦେହୀଙ୍କ ଜନ୍ମ। ବାପା ପ୍ରାଣବନ୍ଧୁ ପଣ୍ଡା ଓ ମା' ହାରାମଣି ଦେବୀଙ୍କ ସ୍ନେହ ଆଦରରେ ସେ ବଢ଼ିଥିଲେ । ସେତେବେଳେ ବାଲ୍ୟ ବିବାହ ପ୍ରଥା ଅନୁସାରେ ତାଙ୍କୁ ବିବାହ କରିବାକୁ ପଡିଥିଲା । ହେଲେ ମାତ୍ର ୯ ବର୍ଷ ବୟସରେ ଯେତେବେଳେ ସେ ୩ୟ ଶ୍ରେଣୀରେ ପଢୁଥିଲେ ତାଙ୍କୁ ବୈଧବ୍ୟର ଶିକାର ହେବାକୁ ପଡିଥିଲା । ବହୁ ଘାତ ପ୍ରତିଘାତ ଭିତରେ ତାଙ୍କ ବାକି ଜୀବନ କଟିଥିଲା । ବଡ ଭାଇ ସ୍ୱାଧୀନତା ସଂଗ୍ରାମୀ ମୁରଲୀଧର ପଣ୍ଡାଙ୍କ ସଂସ୍ପର୍ଶରେ ଆସି ରମା ଦେବୀ, ଗୋପବନ୍ଧୁ ଚୌଧୁରୀ, ଜୟପ୍ରକାଶ ନାରାୟଣ, ଜବାହରଲାଲ ନେହେରୁ, ଭୂଦାନ ଆନ୍ଦୋଳନର ପୁରୋଧା ବିନୋବା ଭାବେଙ୍କ ପରି ମହାନ୍ ମନିଷୀମାନଙ୍କ ସହ ତାଙ୍କର ପରିଚିତ ହୋଇଥିଲା । ଶେଷରେ ସେ ସ୍ୱାଧୀନତା ସଂଗ୍ରାମର ଆନ୍ଦୋଳନରେ ଯୋଗଦେଇଥିଲେ । ଏକଦା ସେ ଜଣେ ନର୍ସ ମଧ୍ୟ ଥିଲେ । ଭୁବନେଶ୍ୱର ଉପକଣ୍ଠ ମେଣ୍ଢାଶାଳର ଏକ ଆରୋଗ୍ୟ କେନ୍ଦ୍ରରେ କାମ କରିଥିଲେ । ମଧ୍ୟପ୍ରଦେଶର ଚମ୍ବଲରେ ଦୀର୍ଘ ୧୮ ବର୍ଷ କାଳ ରହି ସେଠାକାର ଡାକୁମାନଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବାକୁ ମଧ୍ୟ ବୈଦେହୀଙ୍କ ଯଥେଷ୍ଟ ଉଦ୍ୟମ ରହିଥିଲା । ଶେଷ ସମୟରେ ସେ କେନ୍ଦ୍ରାପଡ଼ା କଦଳୀବଣସ୍ଥିତ ହରିହରାନନ୍ଦ ଗୁରୁକୁଳମ, କଟକ ଜଗତପୁର ପ୍ରଜ୍ଞାନାନନ୍ଦ ଆଶ୍ରମ ଓ ଶୋଭନୀୟ ଆନ୍ଦୋଳନର ଅନ୍ତେବାସୀଙ୍କ ସହ ସମୟ କାଟୁଥିଲେ । କିଛି ଦିନ ହେଲା ଅସୁସ୍ଥ ଥିଲେ । ତାଙ୍କୁ ହରିହରାନନ୍ଦ ଗୁରୁକୁଳମ ଓ ପ୍ରଜ୍ଞାନାନନ୍ଦ ଆଶ୍ରମ ପକ୍ଷରୁ ଭୁବନେଶ୍ୱରର ଏକ ଘରୋଇ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା ।

ତାଙ୍କ ପରଲୋକରେ ଶୋଭନୀୟ ଆନ୍ଦୋଳନର ନିୟନ୍ତ୍ରିକା ରୁକ୍ମିଣୀ ଦେବୀ, ସମ୍ପାଦିକା ସତ୍ୟଭାମା ଦେବୀ, ପୂର୍ବତନ ମନ୍ତ୍ରୀ ସେକ୍ ମତଲୁବ ଅଲୀ, କବି ଓ ରାଜନେତା ଶଙ୍କର୍ଷଣ ପରିଡା, ପୂର୍ବତନ ବିଧାୟକ ବିଷ୍ଣୁଚରଣ ସେଠୀ, ଅଶୋକ ପୁହାଣ, ବୈକୁଣ୍ଠନାଥ ସାହୁଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଗଭୀର ଶୋକ ପ୍ରକାଶ କରିଛନ୍ତି।




## ପୃଥକ୍ ବାଇକ ଦୁର୍ଘଟଣା: ୪ ମୃତ

- ନାଳକୁ ଖସିଲେ ୨, ପଥରରେ ଧକ୍କା ହେଲେ ୨

**ବୁଗୁଡ଼ା/ତୁମୁଡ଼ିବନ୍ଧ,୨୯।୧(ଡି.ଏନ.ଏ.)**

ଗଞ୍ଜାମ ଓ କନ୍ଧମାଳ ଜିଲାରେ ସୋମବାର ରାତିରେ ଦୁଇଟି ବାଇକ୍ ଦୁର୍ଘଟଣାରେ ୪ ଜଣଙ୍କ ମୃତ୍ୟୁ ଘଟିଛି। ଗଞ୍ଜାମ ଜିଲା ବୁଗୁଡ଼ା ଥାନା ଅଞ୍ଚଳରେ ନାଳକୁ ବାଇକ୍ ଖସି ୨ ଆରୋହୀଙ୍କ ମୃତ୍ୟୁ ଘଟିଥିବା ବେଳେ କନ୍ଧମାଳ ଜିଲା ତୁମୁଡ଼ିବନ୍ଧ ଥାନା ଅଞ୍ଚଳରେ ପଥରେ ବାଇକ୍ ଧକ୍କା ହେବାରୁ ୨ ଜଣଙ୍କ ଜୀବନ ଚାଲିଯାଇଛି।

ବୁଗୁଡ଼ା ଥାନା ଅନ୍ତର୍ଗତ ଢ଼େଙ୍କୁକା ଗ୍ରାମର ଏକ ଭୋଜିରେ ଯୋଗଦେଇ ପୋଲସରା ଥାନା ଅନ୍ତର୍ଗତ ଓସ୍ତାପଡ଼ା ଗ୍ରାମର ଉଦ୍ଧବ ସ୍ୱାଇଁ (୨୧) ଓ ସଂଗ୍ରାମ ସ୍ୱାଇଁ (୨୨) ବାଇକ୍ ଯୋଗେ ଫେରୁଥିଲେ। ସେମାନଙ୍କ ସମ୍ପର୍କୀୟ ଏକ ଅଟୋ ଯୋଗେ ପଛେ ପଛେ ଆସୁଥିଲେ। ରାତି ପ୍ରାୟ ୧୨ଟାରେ ବାଲିପଦର -କଳମ୍ବ ରାସ୍ତା ମଝିରେ ନିର୍ମାଣାଧୀନ ନଈବର ନାଳ ଶଙ୍ଖରେ ବାଇକଟି ଭାରସାମ୍ୟ ହରାଇ ତଳକୁ ଖସିପଡ଼ିବାରୁ ଘଟଣାସ୍ଥଳରେ ଉଦ୍ଧବଙ୍କର ମୃତ୍ୟୁ ଘଟିଥିଲା। ଅଟୋରେ ଆସୁଥିବା ସମ୍ପର୍କୀୟମାନେ ସଂଗ୍ରାମଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ବ୍ରହ୍ମପୁର ବଡ ମେଡିକାଲକୁ ନେଉଥିବା ବେଳେ କୁକୁଡ଼ାଖଣ୍ଡିଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ଏନେଇ ବୁଗୁଡ଼ା ଥାନାରେ ନଂ. ୨୩/୧୯ରେ ଏକ ମାମଲା ରୁଜୁ ହୋଇଛି।

ସେହିପରି କନ୍ଧମାଳ ଜିଲା ତୁମୁଡିବନ୍ଧ ଥାନା ଅଧୀନ ୫୯ ନମ୍ବର ଜାତୀୟ ରାଜପଥର ବୁଦ୍ଧୁଲିପଦର ଘାଟିବୁଲାଣିରେ ବାଇକ୍ ଭାରସାମ୍ୟ ହରାଇ ପଥରରେ ଧକ୍କା ହେବାରୁ ଭାଲିଆପାଣିର ରମାକାନ୍ତ ମଲିକ (୪୨) ଓ କୋଟଗଡ଼ ଥାନା ପାରିଗଡ ଗ୍ରାମର କର୍ଣ୍ଣେଲ ପ୍ରଧାନ (୨୩)ଙ୍କ ମୃତ୍ୟୁ ଘଟିଛି। ସୋମବାର ରାତି ପ୍ରାୟ ୮ଟାରେ ଉଭୟେ ପାରିଗଡ଼ ଗ୍ରାମରୁ ଆସୁଥିବା ବେଳେ ବାଇକ୍ ଦୁର୍ଘଟଣାଗ୍ରସ୍ତ ହେବାରୁ ଘଟଣାସ୍ଥଳରେ ରମାକାନ୍ତଙ୍କ ମୃତ୍ୟୁ ଘଟିଥିଲା। ସ୍ଥାନୀୟ ଲୋକଙ୍କ ସହାୟତାରେ ଗୁରୁତର ଆହତ କର୍ଣ୍ଣେଲଙ୍କୁ ତୁମୁଡିବନ୍ଧ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଅଣାଯାଇଥିଲା । ସେଠାରୁ ଅଧିକ ଚିକିତ୍ସା ପାଇଁ ବାଲିଗୁଡ଼ା ଉପଖଣ୍ଡ ଡାକ୍ତରଖାନାକୁ ପଠାଯାଇଥିଲେ ମଧ୍ୟ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଏ ନେଇ ତୁମୁଡିବନ୍ଧ ଥାନାରେ ନଂ. ୮/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

> ୟୁରୋପୀୟ ସମାଜର ସୁନ୍ଦର ବାହ୍ୟ ସଭ୍ୟତା ତଳେ, ଏକ ଗଭୀର ନୈତିକ ରୋଗ ତା'ର ପ୍ରାଣକୁ ଗ୍ରାସ କରୁଛି – ଯାହାର ସହସ୍ର ସହସ୍ର ଲକ୍ଷଣ ଆମ ଆଖିରେ ପଡୁଛି। ଭାରତ ଯଦି ତା'ର ରାଜନୈତିକ ଆଦର୍ଶ, ସାମାଜିକ ପ୍ରଣାଳୀ ଓ ଆର୍ଥିକ ନିୟମକୁ ଗ୍ରହଣ କରେ– ତେବେ ସେ ମଧ ସେ ସବୁ ରୋଗ ଦ୍ୱାରା ଆକ୍ରାନ୍ତ ହେବ।
> –ଶ୍ରୀଅରବିନ୍ଦ



# ଜନବାଉଳାକାରୀ ଯୋଜନା

କଂଗ୍ରେସ ଅଧକ୍ଷ ରାହୁଲ ଗାନ୍ଧୀ ୨୦୧୯ ଜାନୁୟାରୀ ୨୮ରେ ଛତିଶଗଡ଼ ରାଜଧାନୀ ରାୟପୁରଠାରେ ଏକ କୃଷକ ସମାବେଶରେ ଯୋଗଦେବା ଅବସରରେ କହିଛନ୍ତି ଯେ, ତାଙ୍କ ଦଳ କ୍ଷମତାକୁ ଆସିଲେ ଗରିବଙ୍କ ପାଇଁ ସର୍ବନିମ୍ନ ଆୟ ଯୋଗାଇ ଦେବ। ଏହି ଯୋଜନାରେ ଗରିବ ଲୋକଙ୍କ ବ୍ୟାଙ୍କ ଆକାଉଣ୍ଟକୁ ସର୍ବନିମ୍ନ ଆୟ ଅର୍ଥ ସିଧାସଳଖ ପହଞ୍ଚିଯିବ। ରାଜସ୍ଥାନ, ମଧ୍ୟପ୍ରଦେଶ ଓ ଛତିଶଗଡ଼ ବିଧାନସଭା ନିର୍ବାଚନରେ କଂଗ୍ରେସ ବିଜୟ ଲାଭ କରିବା ପରେ କୃଷି ଋଣ ଛାଡ଼ କରାଯିବ ବୋଲି ରାହୁଲ ନିକଟରେ ଘୋଷଣା କରିଥିଲେ। ଏବେ ଗରିବଙ୍କ ପାଇଁ ସର୍ବନିମ୍ନ ଆୟ ଯୋଗାଇ ଦେବା ଭଳି ପ୍ରତିଶ୍ରୁତି ସାଧାରଣ ନିର୍ବାଚନ ପୂର୍ବରୁ ଭାଜପାକୁ ରୋକୋ ଦେବା ଲାଗି ଅନ୍ୟତମ ମାଷ୍ଟରଷ୍ଟ୍ରୋକ୍ ବୋଲି କୁହାଯାଉଛି। ତେବେ ଏତେବଡ଼ ଜନସଂଖ୍ୟାବହୁଳ ଦେଶରେ ଗରିବଙ୍କୁ ଚିହ୍ନି ସେମାନଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଅର୍ଥ ଦେବା ଏବଂ ସେଥିପାଇଁ ଆବଶ୍ୟକ ପାଣ୍ଠି ଯୋଗାଡ଼ କରିବା ବାସ୍ତବତା ଉପରେ ଆଧାରିତ ବୋଲି ମନେହେଉ ନାହିଁ। ଏହି ପରିପ୍ରେକ୍ଷୀରେ ମନେପଡ଼େ ଅନ୍ୟତମ ଜାତୀୟ ଦଳ ଭାଜପାର ନିର୍ବାଚନ ପ୍ରତିଶ୍ରୁତି। ୨୦୧୪ ସାଧାରଣ ନିର୍ବାଚନ ପୂର୍ବରୁ ଭାଜପା ନେତା ନରେନ୍ଦ୍ର ମୋଦି କହିଥିଲେ ଯେ କ୍ଷମତାକୁ ଆସିଲେ ବିଦେଶରେ ଥିବା କଳାଧନ ଫେରାଇ ଅଣାଯାଇ ପ୍ରତ୍ୟେକ ନାଗରିକଙ୍କ ବ୍ୟାଙ୍କ ଆକାଉଣ୍ଟରେ ୧୫ ଲକ୍ଷ ଟଙ୍କା ଭରି ଦିଆଯିବ। କ୍ଷମତା ଉପଭୋଗର ୫ ବର୍ଷ ପୂରିବାକୁ ବସିଥିବା ବେଳେ ସେହି ପ୍ରତିଶ୍ରୁତି ପାଣିରଗାର ଭଳି ପ୍ରତୀୟମାନ ହୋଇଛି। କେବଳ ସେତିକି ନୁହେଁ, ବର୍ଷକୁ ୨ କୋଟି ଯୁବତୀଯୁବକଙ୍କୁ ଚାକିରି ଦିଆଯିବାଠାରୁ ଆରମ୍ଭ କରି କୃଷି ସମସ୍ୟା ଦୂର, ଦରଦାମ ନିୟନ୍ତ୍ରଣ, ଲୋକପାଳ ନିଯୁକ୍ତି ଏପରିକି ଅଯୋଧାରେ ରାମ ମନ୍ଦିର ନିର୍ମାଣ ହେଉ ବା ୩୭୦ ଧାରା ଉଚ୍ଛେଦ ଭଳି ବିବାଦୀୟ ପ୍ରସଙ୍ଗ ଉପରେ କୌଣସି ସମାଧାନ ଅଣାଯାଇପାରି ନାହିଁ। ତା' ସହିତ ନୂତନ ଭାବେ ଯୋଡ଼ି ଦିଆଗଲା 'ଉଜ୍ଜ୍ୱଳା' ଭଳି ଅନେକ ଯୋଜନା। ୫ କୋଟି ମହିଳାଙ୍କୁ ପ୍ରଥମ ଥର ପାଇଁ ରନ୍ଧନ ଗ୍ୟାସ୍‌ଭର୍ତ୍ତି ସିଲିଣ୍ଡର ଦିଆଯାଇଛି ବୋଲି ସରକାର ଦାବି କରିଛନ୍ତି। ଏହି ତଥ୍ୟର ସତ୍ୟାସତ୍ୟ ଜାଣିବା ଅସମ୍ଭବ। ତାହା ଯଦି ସତ୍ୟ ହୋଇଥାଏ, ତେବେ ଦ୍ୱିତୀୟ ସିଲିଣ୍ଡର ପାଇଁ ସେହି ଗରିବ ପରିବାରକୁ ବଜାର ଦରରେ ରନ୍ଧନ ଗ୍ୟାସ୍ କିଣିବାକୁ ପଡୁଛି। ଏଠାରେ ଉଲ୍ଲେଖଯୋଗ୍ୟ, ରନ୍ଧନ ଗ୍ୟାସ୍ ଏକ ଯୁଗ ଉପଯୋଗୀ ଇନ୍ଧନ ନୁହେଁ। ଏହା ପରିବେଶର କ୍ଷତି କରିବା ସହିତ ଯେହେତୁ ପେଟ୍ରୋଲିୟମ୍ ପଦାର୍ଥରୁ ପ୍ରସ୍ତୁତ କରାଯାଇଥାଏ, ସେଥିପାଇଁ ତାହା ବିଦେଶରୁ ଅଣାଯାଉଛି। ମାଗଣା ସିଲିଣ୍ଡର ଯୋଗାଇ ଦେବା ଭଳି ଯୋଜନା ଚାଲୁ ରହିଲେ ଏହି ଗ୍ୟାସ୍ କିଣୁଥିବା ବ୍ୟକ୍ତିଙ୍କ ଉପରେ ଆର୍ଥିକ ବୋଝ ଲଦିବାକୁ ସରକାର ବାଧ ହେବେ। ସେହିଭଳି ଓଡ଼ିଶା ସରକାରଙ୍କ ଦ୍ୱାରା ଲାଗି ରହିଥିବା ଯୋଜନା ପରେ ଯୋଜନା ଘୋଷଣା ଗୋଟିଏ କଥା ପ୍ରମାଣ କରୁଛି। କରଦାତାଙ୍କ ଅର୍ଥକୁ ବଦ୍ ଉପଯୋଗ କରି କ୍ଷମତା ହାସଲ ପାଇଁ ସବୁ ରାଜନୈତିକ ଦଳ ତତ୍ପର ହୋଇପଡ଼ିଛନ୍ତି। ଯିଏ କ୍ଷମତାରେ ଅଛି ସିଏ ଯୋଜନା ଘୋଷଣା କରୁଛି, ଯିଏ ନାହିଁ ସେ ବଦ୍ ଉପଯୋଗ କରିବ ବୋଲି ପ୍ରତିଶ୍ରୁତି ଦେଉଛି।

**ତଥାଗତ ସତପଥୀ**

ବର୍ତ୍ତମାନ ଦେଶର ପରିସ୍ଥିତି ଦେଖିଲେ କୃଷି ସମ୍ବନ୍ଧୀୟ ଦୁରବସ୍ଥା ଓ ବେରୋଜଗାରଙ୍କ ପାଇଁ କର୍ମନିଯୁକ୍ତିର ଅଭାବ ସବୁ କ୍ଷେତ୍ରରେ ଅଶାନ୍ତି ସୃଷ୍ଟି କରୁଛି। ଏଭଳିସ୍ଥଳେ ରାଜନୈତିକ ଦଳ ଓ ରାଜନେତାମାନେ ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ନାଗରିକଙ୍କ ପାଇଁ ବିଭିନ୍ନ ପ୍ରକାର ଲୋଭନୀୟ ଯୋଜନା ଘୋଷଣା କରିବାରେ ବ୍ୟସ୍ତ। ବ୍ୟାଙ୍କ ଆକାଉଣ୍ଟରେ ସିଧାସଳଖ ଟଙ୍କା ଭର୍ତ୍ତି ହେବା, କୃଷି ଋଣ ଛାଡ଼, ସୁଧରେ ରିହାତି, ଛାତ୍ରୀଛାତ୍ରଙ୍କ ପାଇଁ ପ୍ରୋତ୍ସାହନ, ମାଗଣାରେ ଖାଦ୍ୟସାମଗ୍ରୀ ଯୋଗାଣ ପରି ଲୋକଙ୍କୁ ଭୁଆଁ ବୁଲାଇବା ଭଳି କାର୍ଯ୍ୟକ୍ରମ ନେଇ ସୁନୀଳ ଚିତ୍ର ଦେଖାଇ ଦିଆଯାଉଛି। ଭାରତୀୟମାନେ ମଧ ବିନା କର୍ମରେ ଅର୍ଥ ହାସଲ ପାଇଁ ଯଥେଷ୍ଟ ପରିମାଣରେ ହାଇଁପାଇଁ ହେଉଛନ୍ତି। ଏହା ଜାତୀୟ ଚରିତ୍ରକୁ ଶକ୍ତ ଧକ୍କା ଦେଉଛି। ପ୍ରତ୍ୟେକ ନାଗରିକ ଯଦି ହାତ ବାନ୍ଧି ବସିବ ଏବଂ ସରକାରଙ୍କଠାରୁ ଅର୍ଥ ଆଶା ରଖିବ, ତେବେ ଖୁବ୍ ଶୀଘ୍ର, ଦେଶର ଅର୍ଥନୀତି ତଳିତଳାନ୍ତ ହୋଇଯିବ। ଭାରତ ଏକ ଆଧୁନିକ ଅର୍ଥନୀତିରେ ଶକ୍ତିଶାଳୀ ରାଷ୍ଟ୍ର ହୋଇ ଗଢ଼ି ଉଠିବ ବୋଲି ଯେଉଁ ସ୍ୱପ୍ନ ଦର୍ଶାଯାଉଛି, ତାହା ଏବେଠାରୁ ଅସତ୍ୟ ବୋଲି ଜଣାପଡୁଛି। କେନ୍ଦ୍ର ଓ ରାଜ୍ୟ ସରକାରଗୁଡ଼ିକ ଅକର୍ମଣ୍ୟ ସୃଷ୍ଟି କରିବାରେ ଇଚ୍ଛୁକ ଥିଲା ଭଳି ବୁଝାପଡୁଛି। ଏହି ଦୌଡ଼ରୁ କୌଣସି ରାଜନୈତିକ ଦଳ ଭିନ୍ନ ହେବାକୁ ଚାହୁଁ ନାହିଁ। କାରଣ ଲୋକଙ୍କୁ ଖୁସି କଲେ ଭୋଟ ମିଳିବ। ଏସବୁ ଦେଖି ନାଗରିକମାନେ କିଏ ଅଧିକ ସୁବିଧା ଓ ସୁଯୋଗ ଦେଇପାରିବେ ତାହା ତଉଲିବାରେ ଲାଗିଲେଣି। କିନ୍ତୁ ଭୋଟରମାନେ ବିବେକକୁ ପ୍ରଶ୍ନ କରିବା ଦରକାର ଯେ ଦିଆଯାଉଥିବା ସବୁ ପ୍ରତିଶ୍ରୁତି ବାସ୍ତବତା ଉପରେ ଆଧାରିତ ଅଛି କି ନାହିଁ। ଦେଶର ଅର୍ଥନୀତି ସୁଦୃଢ଼ ନ ଥିବା ବେଳେ ଜନସଂଖ୍ୟାବହୁଳ ଭାରତବର୍ଷର ଲୋକଙ୍କୁ ଖୁସି କରିବା ଲାଗି ପାଣ୍ଠି କେଉଁଠାରୁ ଆସିବ, ତାହା ହେବା କଥା ମୂଳ ପ୍ରଶ୍ନ। ଅର୍ଥନୈତିକ ଦୃଷ୍ଟିକୋଣରୁ ଦେଖିଲେ ଲୋକବାଉଳାକାରୀ ଯୋଜନାଗୁଡ଼ିକ ରାଷ୍ଟ୍ରର ପାଣ୍ଠି ପାଇଁ ନିଅଣ୍ଟିଆ ପରିସ୍ଥିତି ସୃଷ୍ଟି କରିଥାଏ। ଭୋଟ ପାଇବା ସକାଶେ ଯୋଜନା ଘୋଷଣା କରିବା ସହଜ। କିନ୍ତୁ ଏହାର ରୂପାୟନ ଆର୍ଥିକ ସ୍ଥିତି ଉପରେ ନିର୍ଭର କରେ। ଅତୀତରେ ଦେଖାଯାଇଛି, କେତେକ ଶାସକ ଦେଶର ଆବଶ୍ୟକତାକୁ ମେଣ୍ଟାଇବା ପାଇଁ ବିଭିନ୍ନ ସ୍ତରରୁ ଋଣ କରି ଦେଶକୁ ଦେବାଳିଆ ସ୍ତରକୁ ନେଇଯାଇଥିଲେ। ସେତେବେଳର ସ୍ଥିତିଠାରୁ ଆଜିର ବିଶ୍ୱ ଅର୍ଥନୀତିକୁ ଦେଖିଲେ ଆକାଶପାତାଳ ଫରକ ରହିଛି। ଅର୍ଥନୈତିକ ସ୍ଥିରତା ବଜାୟ ରଖିବା ଲାଗି ଦେଶ–ଦେଶ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ଲାଗି ରହିଛି। ତେଣୁ ଏବେ ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ଦେଶବାସୀଙ୍କୁ ଯେଉଁ ଗୋଲାପୀ ସ୍ୱପ୍ନ ଦେଖାଇ ଦିଆଯାଉଛି, ତାହା ଦ୍ୱାରା ଭାରତର ମୋଟ ଘରୋଇ ଉତ୍ପାଦ (ଜିଡିପି)କୁ ଧ୍ୱଂସ କରିଦେବ। କାରଣ ଜିଡିପି ଏଭଳି ଏକ ଆର୍ଥିକ ଶକ୍ତି, ଯାହାକୁ ଦୃଢ଼ୀଭୂତ କରିବାକୁ ହେଲେ ପ୍ରତ୍ୟେକ ନାଗରିକକୁ କାର୍ଯ୍ୟ କରି କିଛି ଉତ୍ପାଦନ କରିବାକୁ ପଡ଼ିଥାଏ। ଏଠାରେ କେବଳ ରାଜନେତାମାନଙ୍କୁ ଦୋଷ ଦେଇ ବସିପଡ଼ିଲେ ହେବ ନାହିଁ। କର୍ମକୋଢ଼ି ହେବା ପାଇଁ ଆମେ ସମସ୍ତେ ଆଗଭର ହେଉଛେ। ଏହାର ସୁଯୋଗ ରାଜନେତାମାନେ ନେଉଛନ୍ତି।

# ବିଜ୍ଞାନ ଗବେଷଣାରେ ବୃତ୍ତି ଓ ଯୋଜନା



**ସୁଶାନ୍ତ କୁମାର ସାହୁ**

ଷଡ୍‌ବିଂଶ ଜାତୀୟ ଶିଶୁ ବିଜ୍ଞାନ କଂଗ୍ରେସ ଉଦ୍‌ଘାଟନ କରିବା ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପିଲାମାନଙ୍କୁ ଗବେଷଣା ପାଇଁ ଆହ୍ୱାନ ଦେବା ସହିତ ରାଜ୍ୟସରକାର କିପରି ଓଡିଶାର ଛାତ୍ର ତଥା ଯୁବପିଢି ମଧ୍ୟରେ ବୈଜ୍ଞାନିକ ଗବେଷଣା ପ୍ରତି ଆଗ୍ରହ ସୃଷ୍ଟି ପାଇଁ ଯୋଜନା କରୁଛନ୍ତି ତାହା ସୂଚାଇଛନ୍ତି। ସେହିପରି ରାଜ୍ୟରେ ଗୁଣାତ୍ମକ ଉଚ୍ଚଶିକ୍ଷା, ଉଚ୍ଚତର ଗବେଷଣା ଓ ଜାତୀୟ ସ୍ତରରେ ପ୍ରତିଯୋଗିତାମୂଳକ ପରୀକ୍ଷାରେ ସଫଳତା ପାଇଁ ୯ଟି ବିଶ୍ୱବିଦ୍ୟାଳୟରେ ପ୍ରସ୍ତାବିତ ଏକକ ପାଠ୍ୟକ୍ରମ ପ୍ରଚଳନ ତଥା ଏକକ ପ୍ରବେଶିକା ପରୀକ୍ଷା ଏକ ଯୁଗାନ୍ତକାରୀ ପଦକ୍ଷେପ। କିନ୍ତୁ ବାସ୍ତବରେ ବିଦ୍ୟାଳୟ, ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟସ୍ତରୀୟ ଶିକ୍ଷା ବ୍ୟବସ୍ଥା ଏବଂ ଯୋଜନାଗୁଡିକର ସମୟାନୁଯାୟୀ ସଫଳ ପ୍ରୟୋଗରେ ଆମେ ବହୁତ ପଛରେ ପଡିଯାଇଛେ, ଯାହାକି ଉତ୍କଳ ବିଶ୍ୱବିଦ୍ୟାଳୟ ପରି ଏକ ଖ୍ୟାତିସମ୍ପନ୍ନ ବିଶ୍ୱବିଦ୍ୟାଳୟକୁ ଦେଶର ଶ୍ରେଷ୍ଠ ୧୦୦ ବିଶ୍ୱବିଦ୍ୟାଳୟ (ଏନ୍‌ଆଇଆର୍ ଅଫ୍ ର୍ୟାଙ୍କିଙ୍ଗ୍) ମଧ୍ୟରେ ସ୍ଥାନ ପାଇବାରୁ ବଞ୍ଚିତ କରିଛି।

ନିକଟରେ ହୋଇଥିବା ମେକ୍ ଇନ୍ ଓଡିଶା କନ୍‌କ୍ଲେଭରେ ମଧ ବିଶ୍ୱବିଦ୍ୟାଳୟସ୍ତରୀୟ ଗବେଷଣାକୁ ପ୍ରୋତ୍ସାହନ ଦେବା ଉଦ୍ଦେଶ୍ୟରେ ଆମର ଉଚ୍ଚଶିକ୍ଷାମନ୍ତ୍ରୀ ଓଡିଶା ୟୁନିଭର୍ସିଟି ଇନୋଭେଶନ ଆଣ୍ଡ ଇନ୍‌ସେଣ୍ଟିଭାଇଜେଶନ ପଲିସି (ଓୟୁଆର୍‌ଆଇଆଇପି)ରେ ନୂତନ ନୀତି ଓ ନିୟମସମୂହ ଉନ୍ମୋଚନ କରିଛନ୍ତି। ଏହି ଯୋଜନା ମାଧ୍ୟମରେ ରାଜ୍ୟ ସରକାର ଜେଆର୍‌ଏଫ୍‌ରେ କୃତକାର୍ଯ୍ୟ ହୋଇ ନ ଥିବେ। କିନ୍ତୁ ନେଟରେ ଶୀର୍ଷ ସ୍ଥାନ ହାସଲ କରିଥିବା ଛାତ୍ରୀଛାତ୍ରମାନଙ୍କୁ ବୃତ୍ତି ଦେବାର ବ୍ୟବସ୍ଥା କରିଛନ୍ତି, ଯାହାକି ସ୍ୱାଗତ ଯୋଗ୍ୟ। ଏହି ନିୟମ ଅନୁଯାୟୀ, ବଛା ହୋଇଥିବା ପ୍ରାର୍ଥୀମାନଙ୍କୁ ମାସିକ ୧୫୦୦୦ ଟଙ୍କା ବୃତ୍ତି ଓ ବାର୍ଷିକ୨୫୦୦୦ ଟଙ୍କା ଗବେଷଣା ଖର୍ଚ୍ଚ ଦେବାର ବ୍ୟବସ୍ଥା ରହିଛି। ଏହି ପଦକ୍ଷେପକୁ ଅନେକ ବୁଦ୍ଧିଜୀବୀ, ବୈଜ୍ଞାନିକ ଓ ଛାତ୍ରୀଛାତ୍ର ସ୍ୱାଗତ କରିଛନ୍ତି।

ତେବେ ବୃଦ୍ଧି ପାଉଥିବା ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟାର ଆମ ଜୀବନଶୈଳୀ ଉପରେ ପ୍ରଭାବକୁ ଆଖି ଆଗରେ ରଖି ଏହି ଯୋଜନାଗୁଡ଼ିକର ପ୍ରୟୋଗର ବିଚାର କଲେ ସେପରି ଖୁସି ଓ ଉନ୍ମାଦନାର ବିଶେଷ କାରଣ ଅନୁଭବ ହେଉନାହିଁ। ଏହାର ଗୋଟିଏ କାରଣ ହେଲା ଏହି ବୃତ୍ତିର ସଂଖ୍ୟା ଓ ପରିମାଣ ସେତେଟା ଉତ୍ସାହଜନକ ନୁହେଁ ଯାହାକି ଗବେଷଣା ପାଇଁ ବହୁ ଆଗ୍ରହୀ ମେଧାବୀ ଛାତ୍ରୀଛାତ୍ରଙ୍କୁ ଆକର୍ଷିତ କରିପାରିବ। ଅଧୁନା ଭାରତର ଅଗ୍ରଣୀ ଅନୁଷ୍ଠାନଗୁଡିକ ଯଥା ଆଇଆଇଏସ୍‌ସି, ଆଇଆଇଟି, ଆଇଜର, ନାଇଜର ଇତ୍ୟାଦିରେ ଗବେଷଣା କରୁଥିବା ପିଏଚ୍‌ଡି ଛାତ୍ରୀଛାତ୍ର ଓ ଯୁବ ଗବେଷକମାନେ ମାସିକ ବୃତ୍ତି ୨୫ହଜାରରୁ ୫୦ହଜାର ଟଙ୍କାକୁ ବୃଦ୍ଧି ଦାବିରେ ତୀବ୍ର ଆନ୍ଦୋଳନ କରୁଥିବା ବେଳେ ଓଡିଶାର ଏହି ନୂତନ ଯୋଜନା କେତେଦୂର ପ୍ରଭାବଶାଳୀ ହୋଇପାରିବ ଏବଂ ଯୁବପିଢିଙ୍କୁ ଆକର୍ଷିତ କରିପାରିବ ତାହା ଏକ ପ୍ରଶ୍ନବାଚୀ ସୃଷ୍ଟି କରେ। ପୁଣି ଏହି ଯୋଜନା ଅନୁଯାୟୀ ପ୍ରତି ବିଷୟରେ ମାତ୍ର ୫ଜଣ ପ୍ରାର୍ଥୀଙ୍କୁ ଏହି ସୁବିଧା ଯୋଗାଇ ଦିଆଯିବ, ଯେଉଁଥିରେ ଦୁଇଟି ଆସନ ମହିଳାମାନଙ୍କ ପାଇଁ ସଂରକ୍ଷିତ। ଯଦି ଆମେ ସିଏସ୍‌ଆଇଆର୍–ୟୁଜିସି ନେଟ୍ (ଏନ୍‌ଇଟି–ଜାତୀୟ ଯୋଗ୍ୟତା ପରୀକ୍ଷା) ଜୁନ ୨୦୧୮ ଫଳାଫଳକୁ ଅନୁଧ୍ୟାନ କରିବା, ତେବେ ଜାଣିବାକୁ ପାଇବା ଯେ, ସମଗ୍ର ଭାରତରେ ୩୭୫୬ ପାର୍ଥୀ ଲେକ୍ଚରରସିପ ନେଟ୍‌ରେ କୃତକାର୍ଯ୍ୟ ହୋଇପାରିଛନ୍ତି ଓ ସେହିପରି ୟୁଜିସି ନେଟ୍‌ରେ ବାର୍ଷିକ ପ୍ରାୟ ୬ ପ୍ରତିଶତ ପ୍ରାର୍ଥୀ ସଫଳ ହୋଇପାରିଛନ୍ତି। ଏହି ନେଟ୍ ପରୀକ୍ଷାଗୁଡିକରେ ଓଡିଶାରୁ ସଫଳତା ପାଇଥିବା ପ୍ରାର୍ଥୀ ଢେର କମ୍ ହୋଇଥିବା ଯୋଗୁ ଓୟୁଆର୍‌ଆଇଆଇପି ଯୋଜନାରେ ସମସ୍ତ ନେଟ୍ କୃତକାର୍ଯ୍ୟ ପ୍ରାର୍ଥୀଙ୍କୁ ଅନ୍ତର୍ଭୁକ୍ତ କରିବା ବିଚାରଯୋଗ୍ୟ।

ସେହିପରି ନେଟ୍‌ରେ ସଫଳତା ପାଇ ନ ଥିବା କିନ୍ତୁ ଗବେଷଣା ପାଇଁ ଆଗ୍ରହୀ ମେଧାବୀ ଛାତ୍ରୀଛାତ୍ରଙ୍କ ପାଇଁ ଏକ ରାଜ୍ୟସ୍ତରୀୟ ପରୀକ୍ଷା ମାଧ୍ୟମରେ ଫେଲୋଶିପ ଦେବାରେ ନୂତନ ଯୋଜନାଗୁଡିକର ଆବଶ୍ୟକତା ରହିଛି। କିଛି ଲୋକ ମତ ଦିଅନ୍ତି ଯେ ଏହି ଓୟୁଆର୍‌ଆଇଆଇପି ଯୋଜନା ଆଣିବାରେ ଓଡିଶା ପ୍ରଥମ ରାଜ୍ୟ, କିନ୍ତୁ ବାସ୍ତବରେ ଅନେକ ରାଜ୍ୟ ଏହିପରି ଯୋଜନାକୁ ବହୁବର୍ଷ ଧରି ସଫଳ କରାଇ ଗବେଷଣା ଓ ଅଭିନବୀକରଣରେ ନିଜକୁ ଅଗ୍ରଣୀ ରାଜ୍ୟ ଭାବରେ ପ୍ରତିଷ୍ଠା କରାଇ ପାରିଛନ୍ତି। ଉଦାହରଣ ସ୍ୱରୂପ କେରଳ ପରି ରାଜ୍ୟ ୨୦୦୨ରୁ ରାଜ୍ୟର ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ବିଭାଗ ଦ୍ୱାରା ପ୍ରାୟୋଜିତ ଯୋଜନା ମାଧ୍ୟମରେ ବିଶ୍ୱବିଦ୍ୟାଳୟରୁ ଏମ୍‌ଏସ୍‌ସି ଓ ଏମ୍‌ଟେକ୍ ଡିଗ୍ରୀଧାରୀମାନଙ୍କୁ ଗବେଷଣା କରିବାକୁ ପ୍ରୋତ୍ସାହନ ଯୋଗାଇଦେଇ ଆସିଛନ୍ତି। ଏହି ନନ୍–ନେଟ୍ ଫେଲୋଶିପ୍‌ଗୁଡିକରେ ସମସ୍ତ ବିଷୟରେ ମାସିକ ବୃତ୍ତି ୨୨ହଜାର ଟଙ୍କା, ୧୦ ପ୍ରତିଶତ ଏଚ୍‌ଆର୍‌ଏ ଏବଂ ବାର୍ଷିକ ଗବେଷଣା ଖର୍ଚ୍ଚ ୨୦ହଜାର ଟଙ୍କା ଦିଆଯିବାର ବ୍ୟବସ୍ଥା ରହିଛି, ଯେଉଁଥିରେ ଏକ ରାଜ୍ୟସ୍ତରୀୟ ପରୀକ୍ଷା ମାଧ୍ୟମରେ ପ୍ରାର୍ଥୀ ଚୟନ କରାଯାଇ ଗବେଷଣା ପାଇଁ ନିୟୋଜିତ କରାଯାଏ। ସେହିପରି ପିଏଚ୍‌ଡି ଡିଗ୍ରୀଧାରୀମାନଙ୍କୁ ଗବେଷଣା ପାଇଁ ଏବଂ ବୈଜ୍ଞାନିକ ହେବାର ପ୍ରାଥମିକ ଅଭିଜ୍ଞତା ହାସଲ ପାଇଁ ରାଜ୍ୟ ସରକାର ବୃତ୍ତି ସହଯୋଗ ଦେଇ ଆସୁଛନ୍ତି। ପ୍ରତ୍ୟେକ ପୋଷ୍ଟଡୋକ ଫେଲୋଙ୍କୁ ମାସିକ ୩୨ହଜାର ଟଙ୍କା ବୃତ୍ତି, ୧୦ ପ୍ରତିଶତ ଏଚ୍‌ଆର୍‌ଏ ଏବଂ ବାର୍ଷିକ ୫୦ହଜାର ଟଙ୍କା ଗବେଷଣା ଖର୍ଚ୍ଚ ରାଜ୍ୟ ସରକାର ପରିବହନ କରିଥାନ୍ତି। ସେହିପରି ସ୍କୁଲ ଓ କଲେଜ ସ୍ତରର ଛାତ୍ରୀଛାତ୍ରମାନଙ୍କର ଭୌତିକ ବିକାଶ ଓ ଅଭିନବୀକରଣ ପାଇଁ କେରଳ ସରକାର ଅନେକ ଯୋଜନା ପ୍ରଣୟନ କରିଛନ୍ତି। ସୁତରାଂ ଓଡିଶାର ବିଜ୍ଞାନ ଓ ପ୍ରଯୁକ୍ତି ବିଭାଗ ବିଦ୍ୟାଳୟ ଓ ମହାବିଦ୍ୟାଳୟଗୁଡ଼ିକରେ ବିଭିନ୍ନ ଆକର୍ଷଣୀୟ ଏବଂ ପ୍ରେରଣାଭିତ୍ତିକ ଗବେଷଣା ଯୋଜନା ପ୍ରଣୟନ କରିବା ଉଚିତ ଓ ଯୁବ ଗବେଷକମାନଙ୍କୁ ଗବେଷଣା ପାଇଁ ପ୍ରୋତ୍ସାହନ ଦେବା ଆବଶ୍ୟକ। ସ୍କୁଲଗୁଡ଼ିକ ପାଠ୍ୟକ୍ରମରେ ବିଜ୍ଞାନଭିତ୍ତିକ ପରୀକ୍ଷା ପ୍ରଦର୍ଶନ, ବିଜ୍ଞାନଭିତ୍ତିକ ପତ୍ରିକାର ଆଲୋଚନା, ରାଜ୍ୟସ୍ତରୀୟ ଓ ଜାତୀୟସ୍ତରୀୟ ଗବେଷଣା ଅନୁଷ୍ଠାନଗୁଡିକ ଭ୍ରମଣ ଏବଂ ବିଜ୍ଞାନ ଶିକ୍ଷକମାନଙ୍କୁ ଗବେଷଣାଭିତ୍ତିକ ପ୍ରଶିକ୍ଷଣ ଦେବାର ପ୍ରୟୋଜନୀୟତା ରହିଛି। ଅତୀତରେ ସ୍ନାତକ ଓ ସ୍ନାତକୋତ୍ତର ଡିଗ୍ରୀ କୋର୍ସଗୁଡ଼ିକରେ ଗବେଷଣାଭିତ୍ତିକ ପ୍ରୋଜେକ୍ଟ ସିଲାବସ ନ ରହିବା ନିଶ୍ଚିତ ଭାବରେ ଏକ ଦୁର୍ଭାଗ୍ୟଜନକ ବିଷୟ।

୨୦୧୬–୧୭ ଶିକ୍ଷା ବର୍ଷଠାରୁ ସ୍ନାତକ ଛାତ୍ରୀଛାତ୍ରଙ୍କ ପାଇଁ ରାଜ୍ୟ ସରକାର ସିବିସିଏସ୍ ସିଷ୍ଟମ୍ ଲାଗୁକରିଛନ୍ତି, ଯେଉଁଥିରେ ଏକ ପ୍ରୋଜେକ୍ଟ ସମ୍ପୃକ୍ତ। କିନ୍ତୁ କେତେଦୂର ଏହା ଗବେଷଣାଭିତ୍ତିକ ଏବଂ ମହାବିଦ୍ୟାଳୟଗୁଡ଼ିକରେ ସଫଳରୂପେ ସମ୍ପାଦନ କରାଯାଉଛି ତାହା ବିଶ୍ଳେଷଣଯୋଗ୍ୟ ଏବଂ ଏଥିପାଇଁ ଗବେଷଣା ଅଭିଜ୍ଞତା ଥିବା ଅଧ୍ୟାପକଙ୍କୁ ନିଯୋଜିତ କରିବାର ଆବଶ୍ୟକତା ରହିଛି। ସେହିପରି ରାଜ୍ୟସ୍ତରୀୟ ଆସେସ୍‌ମେଣ୍ଟ ଓ ଆକ୍ରିଡିଏଶନ କାଉନ୍‌ସିଲ ଗଠନ କରି ଓଡିଶାର ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟଗୁଡ଼ିକୁ ନିୟମିତ ଭାବରେ ପରିଚାଳନା କଲେ ଉତ୍କଳ ବିଶ୍ୱବିଦ୍ୟାଳୟ ପରି (ରାଷ୍ଟ୍ରୀୟ ଉଚ୍ଚତର ଶିକ୍ଷା ଅଭିଯାନ ଦ୍ୱାରା ୧୦୦ କୋଟି ଅନୁଦାନ ପ୍ରାପ୍ତ) ଅନ୍ୟ ବିଶ୍ୱବିଦ୍ୟାଳୟଗୁଡିକୁ ମଧ କେନ୍ଦ୍ରୀୟ ଅନୁଦାନ ମିଳିପାରିବ, ଯାହାକି ଗବେଷଣା ଓ ଅନ୍ୟାନ୍ୟ ଭିତ୍ତିଭୂମି ଗଠନରେ ସାହାଯ୍ୟ କରିବ। ଓଡିଶାର ଗୌରବମୟ ଇତିହାସକୁ ମନେପକାଇଲେ ଜଣାପଡେ, ଓଡିଶା ଅତୀତରେ ବହୁ ପ୍ରଖ୍ୟାତ ବୈଜ୍ଞାନିକ ଯଥା ଡ. ପ୍ରାଣକୃଷ୍ଣ ପରିଜା, ଗୋକୁଳାନନ୍ଦ ମହାପାତ୍ର, ଯୋଗେଶ ଚନ୍ଦ୍ର ପତି ଆଦିଙ୍କୁ ସୃଷ୍ଟି କରିପାରିଛି। ବିଦ୍ୟାଳୟ, ମହାବିଦ୍ୟାଳୟ, ବିଶ୍ୱବିଦ୍ୟାଳୟଗୁଡ଼ିକରେ ଆବଶ୍ୟକ ପୃଷ୍ଠଭୂମି ଗଠନ ଓ ଗବେଷଣାଭିତ୍ତିକ ଯୋଜନାଗୁଡିକର ବହୁମାତ୍ରାରେ ପ୍ରୟୋଗ, ଫେଲୋଶିପ୍ ବୃଦ୍ଧି ଓ ଗବେଷଣାରେ ଦକ୍ଷ ଶିକ୍ଷକମାନଙ୍କୁ ନିଯୁକ୍ତି ମାଧ୍ୟମରେ ଓଡିଶା ନିଜକୁ ଗବେଷଣାରେ ଏକ ଅଗ୍ରଣୀ ରାଜ୍ୟ ଭାବରେ ପ୍ରତିଷ୍ଠିତ କରାଇ ପାରିବ। ଏହା ସୁଚାରୁରୂପେ ସମ୍ପାଦନ କଲେ ଓଡ଼ିଶାର ବିଶ୍ୱବିଦ୍ୟାଳୟଗୁଡିକ ଏମ୍‌ଏଚ୍‌ଆର୍‌ଡି ଦ୍ୱାରା ପରିଚାଳିତ ଏନ୍‌ଆଇଆର ଅଫ୍ ର୍ୟାଙ୍କିଙ୍ଗ୍‌ରେ ଉନ୍ନତି ଆଣିପାରିବେ ତଥା ବିଶ୍ୱପ୍ରସିଦ୍ଧ ବୈଜ୍ଞାନିକ ସୃଷ୍ଟିକରି ସୁନାମ ଅର୍ଜନ କରିପାରିବେ ବୋଲି ଆଶା ଓ ବିଶ୍ୱାସ।

ଆଇତିପୁର, ଆଶ୍ରମ ବାଲିକୁଦା, କେନ୍ଦ୍ରାପଡ଼ା,
ମୋ–୯୮୫୩୩୨୩୬୫୩

# ହିଂସାର ଶିକାର ଅହିଂସାର ପୂଜାରୀ



**ଗିରିଜାଶଙ୍କର ତରାସିଆ**

ଭାରତବର୍ଷ ସ୍ୱାଧୀନତା ଲାଭ କରିବାର ମାତ୍ର ୫ ମାସ ୧୫ ଦିନ ପରେ ଅର୍ଥାତ୍ ୧୯୪୮ ମସିହା ଜାନୁୟାରୀ ୩୦ ତାରିଖ ଶୁକ୍ରବାର ଅପରାହ୍ଣ ୫ଟା ୧୭ ମିନିଟ୍ ସମୟରେ ନୂଆଦିଲ୍ଲୀସ୍ଥିତ ବିରଳା ଭବନରେ ଅନୁଷ୍ଠିତ ପ୍ରାର୍ଥନାସଭାରେ ଆତତାୟୀ ଗୁଳିର ଶିକାର ହୋଇ ଜାତିର ଜନକ ଗାନ୍ଧିଜୀଙ୍କର ପ୍ରାଣବାୟୁ ଉଡ଼ିଗଲା। ମହାତ୍ମାଙ୍କ ମହାପ୍ରୟାଣ ଖବର ବିଜୁଳି ବେଗରେ ବ୍ୟାପିଗଲା। ଏହି ମର୍ମନ୍ତୁଦ ଖବର ପାଇ ପଣ୍ଡିତ ନେହେରୁ, ସର୍ଦ୍ଦାର ପଟେଲ, ଗାନ୍ଧିଜୀଙ୍କ ପୁତ୍ର ଦେବଦାସ ଗାନ୍ଧୀ ସହସା ବିରଳା ଭବନକୁ ଛୁଟି ଆସିଲେ। ବଡ଼ଲାଟ ଲର୍ଡ ମାଉଣ୍ଟବାଟେନ ସସ୍ତ୍ରୀକ ପହଞ୍ଚି ଗାନ୍ଧିଜୀଙ୍କୁ ଶେଷ ସମ୍ମାନ ଜଣାଇ ଦୁଃଖାଭିଭୂତ ହୋଇ କହିଉଠିଲେ, 'ଆଜି କେବଳ ଭାରତର ନୁହେଁ, ସମଗ୍ର ବିଶ୍ୱ ନିମନ୍ତେ ଶୋକ ଦିବସ।' ପ୍ରଧାନମନ୍ତ୍ରୀ ନେହେରୁ ବେତାର ବାର୍ତ୍ତାରେ କହିଲେ, ''ଭାରତର ଆଲୋକ ଲିଭିଗଲା। ଆମର ଶ୍ରଦ୍ଧେୟ ବାପୁଜୀ ଆଉ ଇହଜଗତରେ ନାହାନ୍ତି। ତାଙ୍କର ଶିକ୍ଷା ଆମକୁ ହଜାର ବର୍ଷ ଧରି ଅନୁପ୍ରାଣିତ କରିବ।''

ଗାନ୍ଧୀଙ୍କ ମହାପ୍ରୟାଣର ହୃଦୟବିଦାରକ ବିବରଣୀ ତତ୍କାଳୀନ ବିଭିନ୍ନ ଦୈନିକ କାଗଜରେ ପ୍ରକାଶ ପାଇଲା। ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ପ୍ରତିଷ୍ଠିତ ଖବରକାଗଜ ସମାଜ ଏହାର ୧୯୪୮ ମସିହା ଫେବୃୟାରୀ ୪ ତାରିଖ ସଂସ୍କରଣରେ ମହାତ୍ମାଙ୍କ ମୃତ୍ୟୁର ବିବରଣୀ ପ୍ରକାଶ କରି ସମଗ୍ର ଓଡ଼ିଶାରେ ଚାଞ୍ଚଲ୍ୟ ଖେଳାଇ ଦେଇଥିଲା। ମହାତ୍ମା ୭୮ ବର୍ଷ ୩ ମାସ ୨୮ ଦିନ ପାର୍ଥିବ ଜଗତରେ ଲୀଳାଖେଳା କରି ଇହଧାମରୁ ବିଦାୟନେବା ପୂର୍ବରୁ ନିଜ ହାତରେ ଲେଖିଥିବା ଏକ ପ୍ରବନ୍ଧରେ ନିମ୍ନମତେ ଉଲ୍ଲେଖ କରିଥିଲେ, ''ଲୋକଙ୍କର ଯେ ପ୍ରକୃତ ସେବକ ହେବ ସେ ବରାବର ଖଦି ପିନ୍ଧିବ, ନିଶା ବ୍ୟବହାର କରିବ ନାହିଁ ବା ଧୂମପାନ କରିବ ନାହିଁ। ସବୁ ଧର୍ମ ସମାନ ଓ ପବିତ୍ର ବୋଲି ମନେକରିବ, ଜାତିବର୍ଣ୍ଣ ଇତ୍ୟାଦି ଭେଦଭାବ ରଖିବ ନାହିଁ, ଗ୍ରାମବାସୀଙ୍କ ପାଇଁ କାର୍ଯ୍ୟ କରିବ, ଗ୍ରାମର ଲୋକଙ୍କ ମଧ୍ୟରେ ସାକ୍ଷରତାର ପ୍ରସାର ଏବଂ ସେମାନଙ୍କର ସ୍ୱାସ୍ଥ୍ୟୋନ୍ନତି ଓ ଗ୍ରାମର ପରିଷ୍କାର ପରିଚ୍ଛନ୍ନତା ନେଇ କାମ କରିବ।''

ଗାନ୍ଧିଜୀ ବିଦେଶରୁ ପ୍ରତ୍ୟାବର୍ତ୍ତନ କରି ୧୯୧୫ ଜାନୁୟାରୀ ୯ ତାରିଖରେ ବମ୍ବେର ଆପୋଲୋ ବନ୍ଦରରେ ପଦାର୍ପଣ କଲେ। ନିଜ ଦେଶବାସୀଙ୍କ ସେବା କରିବାର ସଂକଳ୍ପ ନେଇ ସେ ୧୯୧୫ ମେ ୨୫ ତାରିଖରେ ଏକ ଆଶ୍ରମ ନିର୍ମାଣ କଲେ। ଗାନ୍ଧିଜୀ ଶାନ୍ତିନିକେତନ ଗସ୍ତରେ ଥିବାବେଳେ ସେ ତାଙ୍କର ରାଜନୈତିକ ଗୁରୁ ଗୋଖଲେଙ୍କ ଅକାଳ ବିୟୋଗ ସମ୍ପର୍କୀୟ ଏକ ଟେଲିଗ୍ରାମ୍ ପୁଣେରୁ ପାଇ ଅତ୍ୟନ୍ତ ବ୍ୟଥିତ ହୋଇପଡ଼ିଲେ। ସେ ତାଙ୍କର ଗୁରୁଙ୍କୁ ସମ୍ମାନ ପ୍ରଦର୍ଶନ ନିମନ୍ତେ ଏକ ବର୍ଷ ପର୍ଯ୍ୟନ୍ତ ଖାଲି ପାଦରେ ବିଚରଣ କଲେ।

## ଗାନ୍ଧିଜୀଙ୍କ ମହାପ୍ରୟାଣ ଦିବସ ଉପଲକ୍ଷେ

ପଣ୍ଡିତ ମଦନ ମୋହନ ମାଲବ୍ୟଙ୍କ ନିମନ୍ତ୍ରଣ କ୍ରମେ ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟର ଶିଳାନ୍ୟାସ ଉତ୍ସବରେ ୧୯୧୬ ଫେବୃୟାରୀ ୪ ତାରିଖ ଦିନ ଯୋଗଦାନ କରି ଗାନ୍ଧିଜୀ ଛାତ୍ରମାନଙ୍କୁ ଗୀତାର ଉପଯୋଗିତା ସମ୍ପର୍କରେ ସାରଗର୍ଭକ ଭାଷଣ ଦେଇଥିଲେ। ଗାନ୍ଧିଜୀ ଗୀତାକୁ ତାଙ୍କର ମାଆ ଭାବେ ଜ୍ଞାନ କରୁଥିଲେ। ଗାନ୍ଧିଜୀ କହୁଥିଲେ ''ମୋତେ ପାର୍ଥିବ ଶରୀରଧାରୀ ମା' ଜନ୍ମଦେଇ ମୃତ୍ୟୁବରଣ କରିଛି। କିନ୍ତୁ ଗୀତା ମୋ ମା'ର ସ୍ଥାନ ପୂରଣ କରି, ମୋ ସହିତ ସବୁବେଳେ ରହି ମୋତେ ବିପଦ ଆପଦରେ ସହାୟତା କରି ସତ୍ ଉପଦେଶ ପ୍ରଦାନ କରୁଛି।'' ପ୍ରତ୍ୟହ ପ୍ରାତଃକାଳରୁ ଗୀତା ଆବୃତ୍ତି କରି ନିଜର ଦୈନନ୍ଦିନ ଜୀବନଚର୍ଯ୍ୟା ଆରମ୍ଭ କରିବା ପାଇଁ ସେ ଛାତ୍ରମାନଙ୍କୁ ଉପଦେଶ ପ୍ରଦାନ କରିଥିଲେ।

ଗାନ୍ଧିଜୀ ତାଙ୍କ ରାଜନୈତିକ ଜୀବନରେ ସତ୍ୟାଗ୍ରହକୁ ଗୁରୁତ୍ୱ ଦେଉଥିଲେ। ସେ ୧୯୧୮ ମସିହାରେ ଅହମଦାବାଦ ଶ୍ରମିକ ଧର୍ମଘଟର ନେତୃତ୍ୱ ନେଇ ପ୍ରଥମେ ୩ ଦିନ ପର୍ଯ୍ୟନ୍ତ ଅନଶନ କରି ଶ୍ରମିକମାନଙ୍କର ଦାବି ହାସଲ କରିଥିଲେ। ସେ ମୁକ୍ତି ସଂଗ୍ରାମର ପ୍ରଧାନ ସେନାପତି ସାଜି ଇଂରେଜମାନଙ୍କ ବିରୋଧରେ ଅହିଂସା ଯୁଦ୍ଧ ପରିଚାଳନା କରିଥିଲେ। ଗାନ୍ଧିଜୀଙ୍କ ଜୀବନର ଗତିପଥ ପରିବର୍ତ୍ତନରେ ରସକିନ୍‌ଙ୍କର 'ଅନ୍ ଟୁ ଦି ଲାଷ୍ଟ' ପୁସ୍ତକ ସହିତ ଟଲଷ୍ଟୟଙ୍କ ଲେଖା ପ୍ରମୁଖ ଭୂମିକା ତୁଲାଇଥିଲା। ଏ କଥା ଗାନ୍ଧୀ ସ୍ୱୀକାର କରିଯାଇଛନ୍ତି। ତଥାକଥିତ ରାଜନୈତିକ ନେତାଙ୍କଠାରୁ ସେ ଥିଲେ ଭିନ୍ନ। ତାଙ୍କୁ ଋଷିପ୍ରାଣ ରାଜନୀତିଜ୍ଞ କୁହାଯାଏ। ସେ କୌଣସି ନୂତନ ଦର୍ଶନର ପ୍ରବର୍ତ୍ତକ ନୁହନ୍ତି। ଭାରତୀୟ ସମନ୍ୱୟ ପ୍ରକ୍ରିୟାର ସେ ହେଉଛନ୍ତି ଜଣେ ବଳିଷ୍ଠ ପ୍ରତିନିଧି। ସେ ତାଙ୍କ ଆତ୍ମଜୀବନୀରେ ଦର୍ଶାଇଛନ୍ତି ଯେ ସତ୍ୟ ପ୍ରତି ରହିଥିବା ଅଙ୍ଗୀକାରବଦ୍ଧତାରୁ ହିଁ ସେ ରାଜନୀତିକୁ ଆସିଛନ୍ତି। ଶାନ୍ତି ପାଇଁ ବିଭିନ୍ନ ସମୟରେ ନୋବେଲ ପୁରସ୍କାର ପାଇଥିବା ଆମେରିକାର ମାର୍ଟିନ ଲୁଥର କିଙ୍ଗ୍ (ଜୁନିୟର), ତିବ୍ବତର ଦଲାଇଲାମା, ମ୍ୟାନ୍‌ମାରର ଅଙ୍ଗ୍‌ସାନ୍ ସୁ'କି, ଦକ୍ଷିଣ ଆଫ୍ରିକାର ନେଲସନ୍ ମଣ୍ଡେଲା ଏବଂ ଆର୍ଜେଣ୍ଟିନାର ଆଡ଼ୋଲଫୋ ପ୍ରେଜ ଏସ୍ କ୍ୟୁଇଭେଲ ପ୍ରମୁଖ ମୁକ୍ତକଣ୍ଠରେ ସ୍ୱୀକାର କରିଛନ୍ତି ଯେ, ସେମାନେ ସମସ୍ତେ ଗାନ୍ଧିଜୀଙ୍କ ଆଦର୍ଶ ଓ ଦର୍ଶନରେ ପ୍ରଭାବିତ ହୋଇଥିଲେ ।

ନିଜ ମୃତ୍ୟୁର ଦୁଇଦିନ ପୂର୍ବରୁ ଗାନ୍ଧିଜୀ ଉଲ୍ଲେଖ କରିଥିଲେ– ''If I am to die by the bullet of a mad man, I must do so smiling. God must be in my heart and on my lips. And if anything happens, you are not to shed a single tear.'' ମହାତ୍ମାଙ୍କର ଏହି ଭାବନା ସତ୍ୟରେ ପରିଣତ ହେଲା। ସତ୍ୟ ଓ ଅହିଂସାର ପୂଜାରୀ ଗାନ୍ଧିଜୀ ହିଂସାର ଶିକାର ହେଲେ। ମରଶରୀରରୁ ପ୍ରାଣପକ୍ଷୀ ଉଡ଼ିଯିବା ବେଳେ ମହାତ୍ମାଙ୍କ ଓଠରୁ ଝରିପଡ଼ିଲା ତାଙ୍କ ହୃଦୟର ଭାଷା 'ହେ ରାମ'।

ଖଣ୍ଡପଡ଼ା, ନୟାଗଡ଼, ମୋ: ୯୯୩୭୩୩୪୮୦୦

## ଏଇ ଭାରତରେ

ଦେଶରେ ସାମ୍ପ୍ରଦାୟିକ ଭେଦଭାବ ଜାରି ରହିଥିବା ବେଳେ ଉତ୍ତରପ୍ରଦେଶର ଗାଜିଆବାଦ୍ ଅନ୍ତର୍ଗତ ବାଗପତ୍‌ରେ ଜଣେ ମୁସଲମାନ କନ୍ୟାଙ୍କ ବିବାହ କରାଇଛନ୍ତି ହିନ୍ଦୁ ସମ୍ପ୍ରଦାୟର ଲୋକେ। ଉକ୍ତ ବାହାଘର ଆଡମ୍ବର ସହକାରେ ଅନୁଷ୍ଠିତ ହୋଇଥିଲା। କନ୍ୟାଦାନ କରିଥିଲେ ଏକ ବ୍ରାହ୍ମଣ ଦମ୍ପତି। କନ୍ୟା ଗୁଲ୍‌ଫସାଙ୍କ ବାପା ୨୮ବର୍ଷ ହେଲା ନିଖୋଜ। ବିବାହ ବୟସ ହେବାରୁ ଉକ୍ତ କନ୍ୟାର ବାହାଘର ପ୍ରସ୍ତାବ ଅବଦୁଲ୍ଲାପୁରା ଗ୍ରାମର ବାବୁ ଖାଁଙ୍କ ସହିତ ପଡିଥିଲା। ତେବେ ଏଥିପାଇଁ ଅର୍ଥ ଆସିବ କେଉଁଠୁ? ଏହି ଚିନ୍ତାରେ କନ୍ୟା ଓ ତାଙ୍କ ପରିବାର ସଦସ୍ୟଙ୍କ ମୁଣ୍ଡ ଘୂରିଯାଇଥିଲା। ପରିବାରର ଦୁଃସ୍ଥିତି ଜାଣିବା ପରେ ସହାୟତାର ହାତ ବଢ଼ାଇଥିଲେ ଗାଁର ହିନ୍ଦୁ ସମାଜ। ହିନ୍ଦୁ ଲୋକଙ୍କ ଉଦ୍ୟମରେ ଲକ୍ଷାଧିକ ଟଙ୍କା ସଂଗ୍ରହ କରାଯାଇ ବିବାହ ଆଡମ୍ବର ସହକାରେ ସମ୍ପନ୍ନ କରାଯାଇଥିଲା। ବାହାଘର ବେଳେ କନ୍ୟାଦାନ କରିଥିଲେ ବ୍ରାହ୍ମଣ ଦମ୍ପତି କାନ୍ତା ଦେବୀ ଏବଂ ଗଙ୍ଗେଶ୍ୱର ଶର୍ମା। ଆମ ଦେଶରେ ବିଭିନ୍ନ ଧର୍ମ ଓ ଜାତିକୁ ନେଇ ବେଳେବେଳେ ଅସହିଷ୍ଣୁ ଭାବ ମୁଣ୍ଡ ଟେକି ଅଶାନ୍ତି ଓ ଅସ୍ଥିରତା ସୃଷ୍ଟି ହେଉଥିବା ବେଳେ ଏଭଳି ଏକ ନିଆରା ବାହାଘର ସମସ୍ତଙ୍କ ପାଇଁ ଆଦର୍ଶ ନିଶ୍ଚୟ।

## ଚିରନ୍ତନୀ

ହେ ଦେବତା ! ଏ ଜୀବନେ
ପଡ଼େ ଯେତେ ବେଦନାର ଦାଗ,
କିଏଁ ବରି ଅକାତରେ
ମଣି ତାହା ତବ ଅନୁରାଗ।

(ଆସ୍ତିକର ଆକୁତି)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ୨୫ ବର୍ଷ ତଳର ଧରିତ୍ରୀ

**୩୦ ଜାନୁୟାରୀ ୧୯୯୪**

- ଇଣ୍ଡିଆନ ଏୟାରଲାଇନ୍ସ ଓ ଏୟାର ଇଣ୍ଡିଆକୁ ପବ୍ଲିକ ଲିମିଟେଡ କମ୍ପାନୀରେ ପରିଣତ କରିବାକୁ ରାଷ୍ଟ୍ରପତି ଶଙ୍କରଦୟାଲ ଶର୍ମା ଏକ ଅଧାଦେଶ ଜାରି କରିଛନ୍ତି।
- ବିଶ୍ୱର ଏକ ନମ୍ବର ମାନ୍ୟତାପ୍ରାପ୍ତ ଜର୍ମାନୀ ତାରକା ଷ୍ଟେଫି ଗ୍ରାଫ ଚତୁର୍ଥଥର ପାଇଁ ଅଷ୍ଟ୍ରେଲିଆ ଓପନ ଟେନିସ ଚାମ୍ପିୟନ।

## su|do|ku ସୁ–ଡୋ–କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| A | | 4 | 9 | | | | | D | | | | | | 5 |
| | | 3 | | | | | | | | | 1 | | 8 | |
| D | | 9 | | | | 5 | | | | | 6 | | | 3 |
| | B | | 0 | 7 | | 9 | | | | 5 | | | | |
| | | | 8 | | E | 7 | 3 | | | | B | | D | A |
| 1 | 3 | | | | B | 0 | | | | C | | | | 6 |
| | | | 2 | | 4 | | | | 0 | | | | | |
| 5 | A | | 1 | 0 | | 3 | | | | 6 | 7 | | | 4 |
| | | | | | 6 | D | | | | 8 | | | 2 | C |
| 6 | | | | | | 4 | | | | E | | 5 | A | 7 |
| | 0 | | | | | | B | | 6 | | | 1 | | |
| | 1 | 2 | A | 8 | | | | | | | 5 | | E | |
| | | | | | | | | | | B | | | 3 | 9 |
| | 9 | 5 | B | D | 3 | | | 8 | | | 0 | | | |
| C | | 7 | | 9 | 1 | 2 | | | | A | | D | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 8 | A | 6 | 5 | 2 | B | D | 0 | 7 | E | C | 4 | 3 | 9 | 1 |
| 1 | 9 | 5 | D | 7 | 0 | 2 | 8 | E | B | 3 | 6 | C | 4 | A |
| 4 | 7 | 0 | 8 | 1 | 6 | 9 | C | 3 | A | 5 | D | B | 2 | E |
| 3 | D | 2 | C | A | E | 4 | 1 | B | 8 | 9 | 0 | 5 | 7 | 6 |
| C | E | B | 3 | 4 | 9 | 5 | A | 6 | 7 | 2 | 1 | 8 | D | 0 |
| 7 | 2 | 9 | 6 | B | 4 | A | 3 | C | D | 1 | 8 | 0 | E | 5 |
| 0 | 8 | D | 7 | C | A | E | 9 | 5 | 4 | B | 2 | 6 | 1 | 3 |
| A | 4 | C | 9 | 3 | 1 | 6 | 7 | 8 | 5 | 0 | E | 2 | B | D |
| 5 | 1 | 3 | E | 8 | 2 | B | D | 0 | 6 | A | 9 | 7 | C | 4 |
| B | 6 | E | 0 | D | 5 | 1 | 2 | 4 | 3 | 7 | C | 9 | A | 8 |
| 6 | 5 | A | 2 | 9 | D | C | E | 1 | 0 | 8 | 7 | 4 | 3 | B |
| 2 | B | 8 | 1 | E | 7 | 3 | 4 | A | 9 | 6 | 5 | D | 0 | C |
| D | 3 | 7 | 4 | 0 | C | 8 | 5 | 2 | 1 | E | B | A | 6 | 9 |
| E | C | 4 | B | 5 | 3 | 0 | 6 | 9 | 2 | D | A | 1 | 8 | 7 |
| 9 | 0 | 1 | A | 6 | 8 | 7 | B | D | C | 4 | 3 | E | 5 | 2 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ନାରୀ ସୁରକ୍ଷା ଆଇନ କଠୋର ହେଉ

ମହାଶୟ,

ପ୍ରାୟ ପ୍ରତିଦିନ ନାରୀ ନିର୍ଯାତନା ଖବର ଗଣମାଧ୍ୟମରେ ଦେଖିବାକୁ ଓ ପଢ଼ିବାକୁ ମିଳୁଛି। ମାତ୍ର ସରକାର କୌଣସି ଦୃଷ୍ଟାନ୍ତମୂଳକ ପଦକ୍ଷେପ ନେବା ଦେଖିବାକୁ ମିଳୁନାହିଁ। ନାରୀ ନିର୍ଯାତନା ଦୂର କରିବା ପାଇଁ ବିଭିନ୍ନ ନାରାବାଜି କରି ନିର୍ବାଚନ ପୂର୍ବରୁ ରଣହୁଙ୍କାର ଦେଉଥିବା ରାଜନୈତିକ ଦଳ ନିର୍ବାଚିତ ହୋଇସାରିବା ପରେ 'ଯଥା ପୂର୍ବଂ ତଥା ପରମ୍' ନୀତିରେ ଶାସନ ଭାର ତୁଲାଇ ଆସୁଛନ୍ତି। ବଳାତ୍କାରୀମାନଙ୍କ ପାଇଁ କୌଣସି କଠୋର ଆଇନ ପ୍ରଣୟନ ହୋଇପାରୁ ନାହିଁ। ଫଳସ୍ୱରୂପ ନାରୀ ପୂର୍ବବତ୍ ନିର୍ଯାତିତା ତଥା ଅବହେଳିତା ହୋଇ ଶେଷରେ ଆତ୍ମହତ୍ୟା କରିବା ପାଇଁ ବାଧ ହେଉଛି। ମୋ ମତରେ ବଳାତ୍କାରୀକୁ ପୀଡ଼ିତାଙ୍କ କ୍ଷତିପୂରଣ ପାଇଁ ପର୍ଯ୍ୟାପ୍ତ ଅର୍ଥଦଣ୍ଡ, ଅଭାବରେ ଜେଲଦଣ୍ଡରେ ଦଣ୍ଡିତ କରାଯିବା ସହ ଭବିଷ୍ୟତରେ ସେ ଏପରି କାମ ଯେପରି କରି ନ ପାରିବେ, ସେଥିପାଇଁ ନପୁଂସକୀକରଣ କରାଯିବା ଉଚିତ।

ଯୁଧିଷ୍ଠିର ନାୟକ, ସିଂହବ୍ରହ୍ମପୁର, ଜଟଣୀ, ଖୋର୍ଦ୍ଧା

### ଭଲ ମଣିଷ ହେବାର ଶିକ୍ଷା

ଲୋକେ ମାତୃଭୂମି ଓ ମାତୃଭାଷା ପ୍ରତି କର୍ତ୍ତବ୍ୟ ଓ ଦାୟିତ୍ୱକୁ ଭୁଲିଯାଉଛନ୍ତି। ଭବିଷ୍ୟତରେ ବଡ଼ ମଣିଷ ହେବା ସହ ଭଲ ମଣିଷ ହେବାକୁ ଛାତ୍ରୀଛାତ୍ରମାନେ ପ୍ରୟାସ କରିବା ଉଚିତ। ଏବେ ପ୍ରଚଳିତ ପାଠ୍ୟପୁସ୍ତକରେ ସମୟର ଆବଶ୍ୟକତାକୁ ଆଧାର କରି ବିଷୟବସ୍ତୁ ସ୍ଥାନ ପାଇବା ଦରକାର। ଏଣୁ ଛାତ୍ରୀଛାତ୍ରଙ୍କ ପାଠ୍ୟପୁସ୍ତକରେ ନିମ୍ନୋକ୍ତ ବିଷୟବସ୍ତୁ ସାମିଲ ହେଲେ ସେମାନେ ଭବିଷ୍ୟତରେ ସୁନାଗରିକ ହେବାରେ ଯଥେଷ୍ଟ ସହାୟକ ହୋଇପାରିବ, ଯଥା– ସଡ଼କ ସୁରକ୍ଷା, ପ୍ରାକୃତିକ ବିପର୍ଯ୍ୟୟ ପ୍ରଶମନ, ମହାପୁରୁଷଙ୍କ ଜୀବନୀ ଓ ବାଣୀ, ପରିବେଶ ସୁରକ୍ଷା, ଯୋଗ, ଆଧ୍ୟାତ୍ମିକ, ସ୍ୱାସ୍ଥ୍ୟ ଓ ସଦାଚାର ଶିକ୍ଷା, ଜୈବିକ ଚାଷ, ଜଳ ଓ ଶକ୍ତି ସଂରକ୍ଷଣ ଇତ୍ୟାଦି।

ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡ଼ି, ଜଗତ୍‌ସିଂହପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ସ୍ଥପତି କୁଞ୍ଜବିହାରୀ ମହାପାତ୍ରଙ୍କ ପରଲୋକ



**କଟକ ଅଫିସ,୨୯।୧:** ଓଡ଼ିଶାର ସୁନାମଧନ୍ୟ ସ୍ଥପତି କୁଞ୍ଜବିହାରୀ ମହାପାତ୍ରଙ୍କର ମଙ୍ଗଳବାର ଭୋର ସମୟରେ କଟକ ବାଦାମବାଡ଼ିସ୍ଥିତ ତାଙ୍କ ବାସଭବନରେ ହୃଦ୍‌ଘାତରେ ପରଲୋକ ଘଟିଛି। ରାଜ୍ୟରେ ସ୍ଥପତି ପାଠ୍ୟକ୍ରମ କ୍ଷେତ୍ରରେ କୁଞ୍ଜବିହାରୀଙ୍କୁ ଭୀଷ୍ମ ପିତାମହ ବୋଲି ବିଚାର କରାଯାଏ। ଏବିଆଇଟି ପିଏମ୍‌ସିଏ ଗ୍ରୁପ ଅଫ ଇନଷ୍ଟିଚ୍ୟୁଟର ପ୍ରତିଷ୍ଠାତା ନିର୍ଦ୍ଦେଶକ ସହ ନୂଆଦିଲ୍ଲୀସ୍ଥିତ କାଉନସିଲ ଅଫ ଆର୍କିଟେକ୍‌ଚର କେନ୍ଦ୍ରର ସଭାପତି ଭଳି ମର୍ଯ୍ୟାଦାଜନକ ପଦବୀରେ ସେ ଅଧିଷ୍ଠିତ ଥିଲେ। ଏପରି କି ଓଡ଼ିଶା ଚାମ୍ବର ଅଫ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରିଜର ଆଜୀବନ ସଦସ୍ୟ ମଧ ଥିଲେ। ସାଧାରଣ ଜୀବନରେ ସେ ଜଣେ ଅମାୟିକ ବ୍ୟକ୍ତିଭାବେ ଲୋକଙ୍କ ନିକଟରେ ପରିଚିତ ଥିଲେ। ୧୯୪୦ ଜୁଲାଇ ୨୪ ତାରିଖରେ କେନ୍ଦ୍ରାପଡ଼ାର ଗୋପୀନାଥପୁର ଶାସନରେ ଜନ୍ମିତ କୁଞ୍ଜବିହାରୀ କଟକରେ ରହୁଥିଲେ। ମୃତ୍ୟୁଶଯ୍ୟା ନିକଟରେ ତାଙ୍କ ଝିଅ ପ୍ରିୟା ଓ ପାୟଲ, ଜ୍ୱାଇଁ ଇଂ. ସତ୍ୟଦର୍ଶୀ ମିଶ୍ରଙ୍କ ସମେତ ନାତୁଣୀ, ନାତି ଓ ପରିବାରବର୍ଗ ଉପସ୍ଥିତ ଥିଲେ। ମୃତ୍ୟୁ ଖବର ପାଇ ଓଡ଼ିଶା ବେସରକାରୀ ଇଞ୍ଜିନିୟରିଂ କଲେଜ ଆସୋସିଏଶନ ସମ୍ପାଦକ ବିନୋଦ ଦାସ, ଆଇନଜୀବୀ ବୁଦ୍ଧଦେବ ରାଉତରାୟ, ବିଜନ ରାୟ, ଶିକ୍ଷାବିତ୍ ପ୍ରଭାତ ମିଶ୍ରଙ୍କ ସମେତ ଅନେକ ପ୍ରତିଷ୍ଠିତ ଇଞ୍ଜିନିୟରିଂ କଲେଜର ବରିଷ୍ଠ ସଦସ୍ୟମାନେ ତାଙ୍କ ବାସଭବନରେ ପହଞ୍ଚି ଶୋକସନ୍ତପ୍ତ ପରିବାରକୁ ସାନ୍ତ୍ୱନା ଜଣାଇଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ଶେଷକୃତ୍ୟ ସମ୍ପନ୍ନ ହୋଇଛି।

■ ଚିନ୍ତା ବଢ଼ାଇଲା ହାତୀମୃତ୍ୟୁ

# ହାତୀ କରିଡରରେ ବିଦ୍ୟୁତ୍ ଭିତ୍ତିଭୂମିର ବିକାଶ ହେବ

**ଭୁବନେଶ୍ୱର, ୨୯।୧(ବ୍ୟୁରୋ)**

ହାତୀ କରିଡ଼ର ଦେଇ ଯାଇଛି ବିଦ୍ୟୁତ୍ ତାର। କମ୍ ଉଚ୍ଚତା, ପୁରୁଣା ତାର ଓ ଖୋଲାରେ ରହିଥିବା ବିଦ୍ୟୁତ୍ କଣ୍ଡକ୍ଟର ହାତୀଙ୍କ ପାଇଁ ବିପଦ ସାଜିଛି। ଅନେକ ସମୟରେ ବିଦ୍ୟୁତ୍ ଆଘାତରେ ହାତୀମାନଙ୍କର ମୃତ୍ୟୁ ଘଟୁଥିବାରୁ ଏହା ସରକାରଙ୍କ ପାଇଁ ଚିନ୍ତା ବଢ଼ାଇ ଦେଇଛି। ନିକଟ ଅତୀତରେ ଘଟିଥିବା ଏକାଧିକ ହାତୀମୃତ୍ୟୁ ଘଟଣା ସରକାରଙ୍କୁ ଅଡୁଆରେ ପକାଇବା ପରେ ଚେତାପଶିଛି। ହାତୀ କରିଡ଼ର ଓ ହାତୀ ଚଳାଚଳ କରୁଥିବା ଅଞ୍ଚଳରେ ବିଦ୍ୟୁତ୍ ଭିତ୍ତିଭୂମିର ବିକାଶ ପାଇଁ ସରକାର ନିଷ୍ପତ୍ତି ନେଇଛନ୍ତି। ଏଥିପାଇଁ ରାଜ୍ୟ ସରକାର ୧୯୦୦ କୋଟି ଟଙ୍କାରୁ ଅଧିକ ଅର୍ଥ ବ୍ୟୟଲାଗି ଏକ ମାଷ୍ଟରପ୍ଲାନ ପ୍ରସ୍ତୁତ କରିଛନ୍ତି। ଶକ୍ତି ବିଭାଗ ପକ୍ଷରୁ ଏ ସଂକ୍ରାନ୍ତ ଏକ ରିପୋର୍ଟ ପଞ୍ଚଦଶ ଅର୍ଥ କମିଶନଙ୍କୁ ପ୍ରଦାନ କରିଛନ୍ତି।

ମିଳିଥିବା ସୂଚନାନୁସାରେ, ରାଜ୍ୟର ବିଭିନ୍ନ ହାତୀ କରିଡ଼ର ଅଞ୍ଚଳରେ ପ୍ରାୟ ସମସ୍ତ ବିଦ୍ୟୁତ୍ ବଣ୍ଟନକାରୀ ସଂସ୍ଥା ସେବା ପ୍ରଦାନ କରି ଆସୁଛନ୍ତି। ତେଣୁ ହାତୀ ମୃତ୍ୟୁ ଏଡାଇବାକୁ ବିଦ୍ୟୁତ୍ କ୍ଷେତ୍ରର ଭିତ୍ତିଭୂମି ବିକାଶ ପାଇଁ ସେସୁ, ନେସ୍କୋ, ଓ୍ୱେସ୍କୋ ଓ ସାଉଥ୍‌କୋ ପକ୍ଷରୁ ବିସ୍ତୃତ ରିପୋର୍ଟ ପ୍ରସ୍ତୁତ କରାଯାଇ ସରକାରଙ୍କୁ ପ୍ରଦାନ କରାଯାଇଥିଲା। ନିକଟରେ ପଞ୍ଚଦଶ ଅର୍ଥ କମିଶନ ଓଡ଼ିଶା ଗସ୍ତରେ ଆସିଥିବାବେଳେ ଶକ୍ତିବିଭାଗ ଏ ସଂକ୍ରାନ୍ତରେ କେତେକ ପ୍ରସ୍ତାବ ରଖିବା ସହ କମିଶନଙ୍କୁ ଉକ୍ତ ରିପୋର୍ଟ ପ୍ରଦାନ କରିଥିଲା। ଉକ୍ତ ରିପୋର୍ଟରେ ମୋଟ ୧୯୦୫ କୋଟି ଟଙ୍କାର ବ୍ୟବବରାଦ ପ୍ରସ୍ତାବ ରହିଛି। ଏଥିରେ ହାତୀ କରିଡ଼ରରେ ଖୋଲାରେ ରହିଥିବା ବିଦ୍ୟୁତ୍ କଣ୍ଡକ୍ଟର ବଦଳରେ କଭର ଥିବା କଣ୍ଡକ୍ଟର ଲଗାଯିବ। କୌଣସି ସମୟରେ ବିଦ୍ୟୁତ୍‌ଜନିତ ଦୁର୍ଘଟଣା ଘଟିଲେ ଯେପରି ତୁରନ୍ତ ସରବରାହ ବିଚ୍ଛିନ୍ନ ହେବ ତାହାର ବ୍ୟବସ୍ଥା କରାଯିବ। ବର୍ତ୍ତମାନ ଥିବା ସମସ୍ତ ଲାଇନ୍‌କୁ ୩୩ କେ.ଭି.ରେ ପରିଣତ କରାଯିବା ସହିତ ତାରକୁ ସୁଉଚ୍ଚ ବିଦ୍ୟୁତ୍ ଖୁଣ୍ଟରେ ଟଣାଯିବ। କଳଙ୍କି ନ ଲାଗିବା ପାଇଁ ଇସ୍ପାତ ବିଦ୍ୟୁତ୍ ଖୁଣ୍ଟ ବ୍ୟବହାର କରାଯିବାକୁ ପ୍ରସ୍ତାବ ଦିଆଯାଇଛି। ଏସବୁ ପଦକ୍ଷେପ ପରେ ହାତୀ ଓ ଅନ୍ୟ ବନ୍ୟପ୍ରାଣୀଙ୍କ ଚଳାଚଳ ସୁରକ୍ଷିତ ହୋଇପାରିବ ବୋଲି ହାତୀ କରିଡରରେ କାର୍ଯ୍ୟରତ ଯନ୍ତ୍ରୀମାନେ ମତପ୍ରକାଶ କରିଛନ୍ତି। ଏହି ପ୍ରସ୍ତବ ଉପରେ ପଞ୍ଚଦଶ ଅର୍ଥ କମିଶନ ସକାରାତ୍ମକ ଆଭିମୁଖ୍ୟ ପୋଷଣ କରିଥିବା ସେମାନେ କହିଛନ୍ତି।

ଅନ୍ୟପକ୍ଷରେ ପୂର୍ବରୁ ଉପକୂଳ ଓଡିଶାରେ ବାତ୍ୟା ସହନଶୀଳ ବିଦ୍ୟୁତ୍ ଭିତ୍ତିଭୂମି ପ୍ରତିଷ୍ଠା ଲାଗି ପଞ୍ଚଦଶ ଅର୍ଥ କମିଶନଙ୍କୁ ୭୭୩୬ କୋଟି ଟଙ୍କାର ଏକ ପ୍ରସ୍ତାବ ଦିଆଯାଇଛି। ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ଦୀର୍ଘ ୪୮୫ କିଲୋମିଟର ଓଡ଼ିଶା ଉପକୂଳରେ ବିଦ୍ୟୁତ୍ ଭିତ୍ତିଭୂମି ଦୃଢ଼ ହୋଇପାରିବ। ସମୁଦ୍ର କୂଳଠାରୁ ସ୍ଥଳଭାଗର ୫୦ କିମି ମଧ୍ୟରେ ରହିଥିବା ବିଦ୍ୟୁତ୍ କ୍ଷେତ୍ରର ବିକାଶ ହେବ। ଉଭୟ ବାତ୍ୟା ସହନଶୀଳ ଓ ହାତୀ କରିଡର ବିଦ୍ୟୁତ୍ ଭିତ୍ତିଭୂମିର ବିକାଶ ପାଇଁ ମୋଟ୍ ୯୬୪୧ କୋଟି ଟଙ୍କାର ପ୍ରସ୍ତାବ ଦିଆଯାଇଥିବା ସୂଚନା ମିଳିଛି।

■ ପଞ୍ଚଦଶ ଅର୍ଥ କମିଶନଙ୍କୁ ରିପୋର୍ଟ ପ୍ରଦାନ
■ ୧୯୦୦ କୋଟିର ପ୍ରସ୍ତାବ ରଖିଲା ଶକ୍ତି ବିଭାଗ
■ ଉପକୂଳ ବିଦ୍ୟୁତ୍ କ୍ଷେତ୍ର ପାଇଁ ୭୭୩୬ କୋଟିର ପ୍ରସ୍ତାବ



# ବସ୍ ପୋଡ଼ିଲେ, ଡ୍ରାଇଭରଙ୍କୁ ନିସ୍ତୁକ ପିଟିଲେ

**ମାଥିଲି/ମାଲକାନଗିରି,୨୯।୧(ସ୍ୱ.ପ୍ର./ଡି.ଏନ୍.ଏ.)**

ମାଓବାଦୀଙ୍କ ପ୍ରତିବାଦ ସପ୍ତାହ ଚାଲିଥିବା ବେଳେ ମାଲକାନଗିରି ଜିଲା ମାଥିଲି ଥାନା ଅଞ୍ଚଳରେ ହିଂସା ଘଟାଇଛନ୍ତି ମାଓବାଦୀ। କମାରପାଲି ପଞ୍ଚାୟତ ଅଧୀନ ମୁଣ୍ଡାଗୁଡ଼ାରେ ସୋମବାର ବିଳମ୍ବିତ ରାତିରେ ସେମାନେ ଏକ ବସ୍ ପୋଡ଼ିବା ସହ ଡ୍ରାଇଭରଙ୍କୁ ନିସ୍ତୁକ ମାଡ଼ ମାରିଛନ୍ତ। ସେହିପରି ସୀମାନ୍ତ ଛତିଶଗଡ଼ରେ ମଧ ରେଳଧାରଣାରେ ବିସ୍ଫୋରଣ କରିଛନ୍ତି।

ପ୍ରକାଶ ଯେ, ଜାନୟାରୀ ୨୫ ରୁ ୩୧ ଯାଏ ମାଓବାଦୀମାନେ ପ୍ରତିବାଦ ସପ୍ତାହ ପାଳନ କରୁଛନ୍ତି। ମାଥିଲିରୁ କମାରପାଲି ଯାଉଥିବା ଏକ ଘରୋଇ ବସ୍ (ସିଜି-୨୧ଏଚ୍-୦୯୧୭) ମୁଣ୍ଡାଗୁଡ଼ା ଗାଁ ଦାଣ୍ଡରେ ରହିଥିଲା। ସୋମବାର ବିଳମ୍ବିତ ରାତିରେ ମାଓବାଦୀମାନେ ବସ୍ ଭିତରେ ଶୋଇଥିବା ଡ୍ରାଇଭରଙ୍କୁ ଉଠାଇ ବାହାରକୁ ଆଣିବା ପରେ 'ବନ୍ଦ ଡାକରା ସତ୍ତ୍ୱେ କାହିଁକି ବସ୍ ଚଳାଉଛ' କହି ତାଙ୍କୁ ନିସ୍ତୁକ ପିଟିଥିଲେ। ଏହା ଦେଖି ଅନ୍ୟ ବସ କର୍ମଚାରୀ ସେଠାରୁ ଚମ୍ପଟ ମାରିଥିଲେ। ପରେ ମାଓବାଦୀମାନେ ଡିଜେଲ ପକାଇ ବସ୍‌ଟିକୁ ପୋଡ଼ି ଦେଇଥିଲେ। ବସ୍ ମାଲିକ ଏନେଇ କୌଣସି ଅଭିଯୋଗ କରିନାହାନ୍ତି। ତେବେ ଏନେଇ ଏକ ମାମଲା ରୁଜୁ କରାଯିବ ବୋଲି ମାଥିଲି ଥାନା ଭାରପ୍ରାପ୍ତ ନିରୀକ୍ଷକ ଜନ୍ କୁଜୁର କହିଛନ୍ତି। ଘଟଣା ପରେ ବିଏସ୍‌ଏଫ୍ କୋମ୍ବିଂ ଜୋରଦାର କରିଛି। ସେହିପରି ସୀମାନ୍ତ ଛତିଶଗଡ଼ର ଦାନ୍ତେଓ୍ୱାଡ଼ା ଜିଲା ଭାସି ଷ୍ଟେଶନ ନିକଟରେ ସୋମବାର ଏମ୍.ଜି.ପି.ଭି. ୧୩/୧ ଡାଉନ୍ ମାଲଗାଡ଼ି ପହଞ୍ଚିବା ପରେ ମାଓବାଦୀମାନେ ତାହାକୁ ଅଟକାଇ ଥିଲେ। ପରେ ଗାର୍ଡଙ୍କ ହାତଗୋଡ଼ ବାନ୍ଧି ତାଙ୍କଠାରୁ ୱାକିଟକି ଲୁଟିନେଇ ଟ୍ରେନରେ ବ୍ୟାନର ଓ ପୋଷ୍ଟର ପକାଇଥିଲେ। କେନ୍ଦ୍ର ସରକାରଙ୍କ ଅପରେଶନ ସମାଧାନକୁ ବନ୍ଦ କରିବା ପାଇଁ ସେହି ବ୍ୟାନରରେ ଦର୍ଶାଯାଇଛି।

### ମୁଣ୍ଡାଗୁଡ଼ାରେ ମାତିଲେ ମାଓବାଦୀ



ପୋଡ଼ି ଦିଆଯାଇଥିବା ବସ୍।

■ ପ୍ରତିବାଦ ସପ୍ତାହବେଳେ ହିଂସା
■ ସୀମାନ୍ତ ରେଳଧାରଣାରେ ବିସ୍ଫୋରଣ

■ ଅପରେଶନ ସମାଧାନକୁ ବିରୋଧ

# ବିଜୁ ଗାଁ ଗାଡ଼ିରେ ପୋଷ୍ଟର ଲଗାଇଲେ ମାଓବାଦୀ



ବିଜୁ ଗାଁ ଗାଡ଼ି ଏକ୍ସପ୍ରେସ ବସ୍‌ରେ ଲଗାଯାଇଥିବା ମାଓବାଦୀ ବ୍ୟାନର।

**ନୂଆପଡା ଅଫିସ,୨୯।୧**

ନିରୀହ ଜନସାଧାରଣ ଏବଂ କ୍ରାନ୍ତିକାରୀ ଆନ୍ଦୋଳନ ବିରୋଧରେ ରାଜ୍ୟ ଏବଂ କେନ୍ଦ୍ର ସରକାର ଆରମ୍ଭ କରିଥିବା ଅପରେଶନ ସମାଧାନକୁ ମାଓବାଦୀ ସଙ୍ଗଠନ ତୀବ୍ର ବିରୋଧ କରୁଛି । ଏହାକୁ ସମର୍ଥନ କରିବା ସହ ଆସନ୍ତା ୩୧ ତାରିଖ ଭାରତ ବନ୍ଦରେ ସାମିଲ ହେବାକୁ ପୋଷ୍ଟର ମାଧମରେ ମାଓବାଦୀ ଓଡିଶା ରାଜ୍ୟ କମିଟି ଆହ୍ୱାନ କରିଛି । ମଙ୍ଗଳବାର ନୂଆପଡ଼ା ଜିଲା ବୋଡେନ ବ୍ଲକ ଭଇଁଷାଦାନୀ ଗ୍ରାମପଞ୍ଚାୟତରୁ ଚାଲୁଥିବା ବିଜୁ ଗାଁ ଗାଡି ଏକ୍ସପ୍ରେସ ବସରେ ମାଓବାଦୀମାନେ ପୋଷ୍ଟର ମାରି ଏହି ବାର୍ତ୍ତା ଦେଇଛନ୍ତି ।

ସୂଚନାଯୋଗ୍ୟ, ବୋଡେନ ବ୍ଲକ ଭଇଁଷାଦାନୀଠାରୁ ଖରିଆରରୋଡକୁ ଚାଲୁଥିବା ବିଜୁ ଗାଁ ଗାଡି ଏକ୍ସପ୍ରେସ ବସ ଭଇଁଷାଦାନୀ ଗାଁ ସ୍କୁଲ ନିକଟରେ ରାତିରେ ରହିଥାଏ । ସବୁଦିନଭଳି ସୋମବାର ରାତିରେ ବସ ପହଞ୍ଚିବା ପରେ ହେଲପର ଓ ଡ୍ରାଇଭର ଗାଡି ସେଠାରୁ ରଖି ବସ୍ତିକୁ ଚାଲିଯାଇଥିଲେ । ରାତି ୯ରୁ ୧୦ଟା ମଧ୍ୟରେ ୭ରୁ ୮ଜଣ ସଶସ୍ତ୍ର ମାଓବାଦୀ ଆସି ଗାଡିରେ ପୋଷ୍ଟର ମାରିଥିଲେ । ବସର ଚତୁଃପାର୍ଶ୍ୱରେ ବିଭିନ୍ନ ରଙ୍ଗର କାଳିରେ ଲେଖିଥିଲେ। ଏଥିରେ ଅପରେଶନ ସମାଧାନକୁ ବିରୋଧ, ଫାସିବାଦ, ସହରୀ ମାଓବାଦୀ ଆରୋପକୁ ବିରୋଧ କରିବା ସହ ୩୧ ଜାନୁୟାରୀ ଭାରତ ବନ୍ଦକୁ ସମର୍ଥନ କରିବାକୁ ଉକ୍ତ ପୋଷ୍ଟରେ ଉଲ୍ଲେଖ ରହିଛି । ଏସବୁକୁ ପୋଷ୍ଟରକୁ ନ ଖୋଲିବାକୁ ମାଓବାଦୀମାନେ ବସ କର୍ମଚାରୀଙ୍କୁ ତାଗିଦ କରିଥିଲେ । ବସ ସେଠାରୁ ବାହାରି ବୋଡେନରେ ପହଞ୍ଚିଥିଲା । ସେଠାରେ ଥାନା ତରଫରୁ ବସ୍ ଅଟକାଇ ପୋଷ୍ଟର ସବୁ କାଢିଦେବା ସହ ସ୍ଲୋଗାନଗୁଡିକୁ ଲିଭାଇ ଦିଆଯାଇଥିଲା। ଏହି ଖବର ପ୍ରଚାରିତ ହେବା ପରେ ଅଞ୍ଚଳରେ ଆଲୋଡନ ସୃଷ୍ଟି ହୋଇଛି । ସୂଚନାଯୋଗ୍ୟ, ଆଜକୁ ୩ ବର୍ଷ ହେବ ମାଓବାଦୀ ପ୍ରବଣ ଅଞ୍ଚଳକୁ ଜିଲା ମୁଖ୍ୟାଳୟ ସହ ସଂଯୋଗ କରିବାକୁ ସରକାର ବିଜୁ ଗାଁ ଗାଡି ଯୋଜନାରେ ଏକ୍ସପ୍ରେସ ବସ ସେବା ଆରମ୍ଭ କରିଥିଲେ । ଏହି ବସ ସକାଳ ସାଢେ ୬ଟାରୁ ଭଇଁଷାଦାନୀରୁ ବାହାରି ପୂର୍ବାହ୍ନ ୧୧ଟା ୧୫ ମିନିଟରେ ଖରିଆରରୋଡରେ ପହଞ୍ଚିଥାଏ । ସେହିଭଳି ଜିଲାର ବିଭିନ୍ନ ଦୁର୍ଗମ ଅପହଞ୍ଚ ଇଲାକାକୁ ମୋଟ ୬ଟି ବସ ଚାଲିଥାଏ ।

### ଜାନୁୟାରୀ ୩୧ ଭାରତ ବନ୍ଦ ଡାକରା






# ‘ବ୍ରହ୍ମପୁରର ବିକାଶରେ ଜନ ଭାଗୀଦାରିତା’ ଆଲୋଚନାଚକ୍ର

ବ୍ରହ୍ମପୁର ଅଫିସ୍,୨୯।୧



ଆଲୋଚନାଚକ୍ରରେ ଭାଗନେଇଛନ୍ତି (ବାମରୁ) ସୁଧୀର ରାଉତ, ସୁବାସ ଚନ୍ଦ୍ର ମହାରଣା, ଭି.ଭି.ରାମ ନରସିଂହ ରାଓ, ଡ. ପ୍ରଦୀପ ପାଣିଗ୍ରାହୀ, ଚକ୍ରବର୍ତ୍ତୀ ସିଂ ରାଠୋର ଏବଂ ସନ୍ତୋଷ ସାହୁ ।

ଗଞ୍ଜାମ ଚାମ୍ବର ଅଫ୍ କମର୍ସ ଏବଂ ଫୋରମ୍ ଫର ଗଞ୍ଜାମ ତରଫରୁ ସ୍ଥାନୀୟ କମଲାବାଲା ସାହିରେ ଥିବା କାର୍ଯ୍ୟାଳୟରେ ‘ବ୍ରହ୍ମପୁରର ବିକାଶରେ ଜନ ଭାଗୀଦାରିତା’ ଶୀର୍ଷକ ଆଲୋଚନାଚକ୍ର ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ସଂଗଠନ ସଭାପତି ଭି.ଭି. ରାମ ନରସିଂହ ରାଓ ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ ସହରର ବିଭିନ୍ନ ସମସ୍ୟା ଏବଂ ଏହାର ସମାଧାନ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏଥିରେ ବୁଦ୍ଧିଜୀବୀମାନେ ସାମିଲ ହୋଇ ସେମାନଙ୍କ ମତ ରଖିଥିଲେ ।

ବ୍ରହ୍ମପୁର ମହାନଗର ନିଗମର କମିଶନର ଚକ୍ରବର୍ତ୍ତୀ ସିଂ ରାଠୋର ଉପସ୍ଥିତ ରହି ସହରର ବିକାଶ ପାଇଁ ଆଗାମୀ ଦିନରେ କାର୍ଯ୍ୟକାରୀ ହେବାକୁ ଥିବା କେତେକ ଯୋଜନା ଉପରେ ଆଲୋକପାତ କରିଥିଲେ । ସହରରେ ଟ୍ରାଫିକ ସମସ୍ୟା ଦିନକୁ ଦିନ ବଢିବାରେ ଲାଗିଛି । ଦିନ ତମାମ ବିଭିନ୍ନ ସ୍ଥାନରେ ଟ୍ରାଫିକ ଜାମ୍ ରହୁଛି। ଏହାର ମୁକାବିଲା ପାଇଁ ଯୋଜନା ପ୍ରସ୍ତୁତ ହୋଇଛି। ପ୍ରମୁଖ ଛକ ଓ ରାସ୍ତା କଡ଼ରୁ ଉଠାଦୋକାନୀ ଏବଂ ଠେଲାଗାଡ଼ିକୁ ଉଠାଇ ଦିଆଯିବ । ବିଭିନ୍ନ ସ୍ଥାନରେ ମୁକ୍ତ ଭେଣ୍ଡିଂ ଜୋନ୍ ନିର୍ମାଣ କରାଯାଇ ସେଠାରେ ଥଇଥାନ କରାଯିବ। ଅନ୍ୟପଟେ ଟ୍ରାଫିକ ନିୟମ ଉଲ୍ଲଂଘନ କରୁଥିବା ଚାଳକଙ୍କ ବିରୋଧରେ ମଧ୍ୟ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ। ସହରର ପ୍ରମୁଖ ଛକଗୁଡ଼ିକରେ ସେନ୍ସର୍ କ୍ୟାମେରା ଲାଗିବ। ଟ୍ରାଫିକ ନିୟମ ଉଲ୍ଲଂଘନ କଲେ କିମ୍ବା ଦ୍ରୁତ ଗତିରେ ଗାଡ଼ି ଚଳାଇଲେ, ସେନ୍ସର୍ କ୍ୟାମେରାରେ ତା’ର ଫଟୋ ଉତ୍ତୋଳନ ହେବ। ଗାଡ଼ି ନମ୍ବରକୁ ଦେଖି ସମ୍ପୃକ୍ତ ଚାଳକଙ୍କ ଘରକୁ ଜରିମାନା ଚିଠା ପଠାଯିବ । ସେହିଭଳି ସହରର ଅନ୍ୟ କେତେକ ସ୍ଥାନରେ ମଧ୍ୟ ଶହେଟି ସିସିଟିଭି କ୍ୟାମେରା ଖଞ୍ଜାଯିବ। ଏହା ଦ୍ୱାରା ରାସ୍ତାରେ ଘଟୁଥିବା ଅନେକ ପ୍ରକାର ବେଆଇନ୍ କାର୍ଯ୍ୟ ଉପରେ ନଜର ରଖାଯାଇପାରିବ। ମେ’ ସୁଦ୍ଧା ସମସ୍ତ କାର୍ଯ୍ୟ ଶେଷ ହେବ । ସହରବ୍ୟାପୀ ଟ୍ରାଫି ଲାଇଟ୍‌ଗୁଡ଼ିକ ମଧ୍ୟ ସଜଡ଼ାଯିବ । ଟେଣ୍ଡର ପ୍ରକ୍ରିୟା ଚାଲିଛି। ପୋଲିସ ବିଭାଗ ସହଯୋଗରେ ଟ୍ରାଫିକ ସମସ୍ୟାର ସମାଧାନ କରାଯିବ ବୋଲି କମିଶନର ରାଠୋର ପ୍ରକାଶ କରିଛନ୍ତି। ସହରରେ ବୁଲୁଥିବା ଗୋରୁଗୁଡ଼ିକ ଅନେକ ସମୟରେ ଟ୍ରାଫିକ ସମସ୍ୟା ସୃଷ୍ଟି କରୁଛନ୍ତି। ଗୋରୁଗୁଡ଼ିକୁ ବିଏମ୍‌ସି ପକ୍ଷରୁ ଧରାଯାଉଥିଲେ ମଧ୍ୟ ତା’ର ମାଲିକଙ୍କ ସମ୍ପର୍କରେ କୌଣସି ସୂଚନା ମିଳିପାରୁ ନାହିଁ। ଏଣୁ ଆଧାର ନମ୍ବର ଭଳି ଗୋରୁ ଏବଂ ମାଲିକଙ୍କ ସମ୍ପର୍କରେ ସମ୍ପୂର୍ଣ୍ଣ ତଥ୍ୟ ସଂଗ୍ରହ କରି ଗୋରୁଗୁଡିକୁ ଟ୍ୟାଗିଂ କରାଯିବ। ସମସ୍ତ ଗୋରୁଙ୍କ ଏକ ନିର୍ଦ୍ଦିଷ୍ଟ ପରିଚୟ ନମ୍ବର ରହିବ। ଫଳରେ ଗୋରୁଗୁଡ଼ିକ ଧରିବା ପରେ ସେମାନଙ୍କ ମାଲିକଙ୍କ ସମ୍ପର୍କରେ ସୂଚନା ମିଳିପାରିବ। ଜରିମାନା ଆଦାୟ କରାଯିବ । ୫ଲକ୍ଷ ଟଙ୍କାରେ ଏକ ଘରୋଇ ସଂସ୍ଥାକୁ ଏହି ଦାୟିତ୍ୱ ଦିଆଯିବ । ଫେବୃୟାରୀ ଶେଷ ସୁଦ୍ଧା ଏହି କାର୍ଯ୍ୟ ଶେଷ ହେବ ବୋଲି କମିଶନର ରାଠୋର ପ୍ରକାଶ କରିଛନ୍ତି ।

ଅନ୍ୟପଟେ ସହରର ସୌନ୍ଦର୍ଯ୍ୟକରଣ ଦିଗରେ ପଦକ୍ଷେପ ନିଆଯାଉଛି। ରାସ୍ତା କଡ଼ କାନ୍ଥଗୁଡ଼ିକରେ ରଙ୍ଗ ଦିଆଯାଇ ବିଭିନ୍ନ ପ୍ରକାର ଚିତ୍ର ଅଙ୍କା ଯାଉଛି । ଖୁବ୍ ଶୀଘ୍ର ୪ ଫାଉଣ୍ଟେନ୍ ନିର୍ମାଣ କରାଯିବ ବୋଲି ସେ କହିଥିଲେ। ଏତଦ୍‌ବ୍ୟତୀତ ସହରର ରାସ୍ତାର ଉନ୍ନତୀକରଣ, ଡ୍ରେନ୍ ନିର୍ମାଣ ଏବଂ ପରିମଳ ବ୍ୟବସ୍ଥା ଉପରେ କମିଶନର ରାଠୋର ବିଭିନ୍ନ ଯୋଜନା ଉପରେ ଆଲୋକପାତ କରିଥିଲେ। ଏହି ଆଲୋଚନାଚକ୍ରରେ ଗୋପାଳପୁର ବିଧାୟକ ଡ. ପ୍ରଦୀପ କୁମାର ପାଣିଗ୍ରାହୀ ଏବଂ ବିଡ଼ିଏ ଅଧ୍ୟକ୍ଷ ସୁବାସ ମହାରଣା ଯୋଗଦେଇ ସହରର ଉନ୍ନତୀକରଣ ପାଇଁ ସରକାରଙ୍କ ତରଫରୁ କାର୍ଯ୍ୟକାରୀ ହୋଇଥିବା ବିଭିନ୍ନ ଯୋଜନା ସମ୍ପର୍କରେ କହିଥିଲେ। ଚାମ୍ବର ଅଫ୍ କମର୍ସ ସମ୍ପାଦକ ସନ୍ତୋଷ ସାହୁ, ପରିବେଶବିତ୍ ସୁଧୀର ରାଉତ, ଶିକ୍ଷାବିତ ଇ.ଟି. ରାଓ, ଶିବ ପ୍ରସାଦ ସୁବୁଦ୍ଧି, ସନ୍ତୋଷ କୁମାର, ମନୋଜ ପାଢୀ, ଜାମୁଲା ସୁରେଶଙ୍କ ସମେତ ଚାମ୍ବର ଅଫ୍ କମର୍ସର ବହୁ ସଦସ୍ୟ ଏବଂ ବୁଦ୍ଧିଜୀବୀ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ ।

- ପ୍ରମୁଖ ଛକରେ ଲାଗିବ ସେନ୍‌ସର୍ କ୍ୟାମେରା
- ଟ୍ରାଫିକ୍ ନିୟମ ଭାଙ୍ଗିଲେ ଘରକୁ ଯିବ ଜରିମାନା ଚିଠା
- ବୁଲା ଗୋରୁ ହେବେ ଟ୍ୟାଗିଂ
- ରହିବ ସ୍ୱତନ୍ତ୍ର ପରିଚୟ ନମ୍ବର

## ରତ୍ନ ମଞ୍ଜରୀଙ୍କ ବିୟୋଗରେ ବିଭିନ୍ନ ମହଲରୁ ଶୋକ

ବ୍ରହ୍ମପୁର ଅଫିସ,୨୯।୧

ବ୍ରହ୍ମପୁରର ପୂର୍ବତନ ବିଧାୟିକା ତଥା ମହୁରୀ ରାଜମାତା ରତ୍ନ ମଞ୍ଜରୀ ଦେବୀଙ୍କ ବିୟୋଗରେ ବିଭିନ୍ନ ମହଲରୁ ଗଭୀର ଶୋକ ପ୍ରକାଶ କରାଯାଇଛି। ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ବିଜେଡି ରାଜ୍ୟ ଉପସଭାପତି ଚନ୍ଦ୍ରଶେଖର ସାହୁ, ବ୍ରହ୍ମପୁର ବିଧାୟକ ତଥା ଗଞ୍ଜାମ ଜିଲା ଯୋଜନା କମିଟି ଅଧ୍ୟକ୍ଷ ଡ଼ା. ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ, ପୂର୍ବତନ ବିଧାୟକ ଶିବ ଶଙ୍କର ସାହାଣୀ, ବିସିସି ବ୍ୟାଙ୍କ ସଭାପତି ଅଲେଖ ଚୌଧୁରୀ, ବ୍ରହ୍ମପୁର ପୂର୍ବ ପୌର ପରିଷଦ ଉପନଗରପାଳ ଜାମୁଲା ଶଙ୍କର ନାରାୟଣ ଓ ଭଗବାନ ଗନ୍ତାୟତଙ୍କ ସମେତ ଅନ୍ୟମାନେ ଶୋକ ପ୍ରକାଶ ସହ ରତ୍ନ ମଞ୍ଜରୀଙ୍କ ସଦ୍‌ଗତି କାମନା କରିଛନ୍ତି । ଶୋକ ସନ୍ତପ୍ତ ପରିବାରର ମୁଖ୍ୟ ମହୁରୀ ରାଜା ଅଶୋକ କୁମାର ନରେନ୍ଦ୍ର ଦେବଙ୍କୁ ସମବେଦନା ଜଣାଇଛନ୍ତି । ରତ୍ନ ମଞ୍ଜରୀଙ୍କ ସ୍ୱାମୀ ସ୍ୱର୍ଗତ ଶିଶିର କୁମାର ନରେନ୍ଦ୍ର ଦେବ ମଧ୍ୟ ୧୯୬୧ ନିର୍ବାଚନରେ ସ୍ୱାଧୀନ ପ୍ରାର୍ଥୀ ଭାବେ ପ୍ରତିଦ୍ୱନ୍ଦ୍ୱିତା କରି ବ୍ରହ୍ମପୁର ବିଧାୟକ ହୋଇଥିଲେ। ସୂଚନାଯୋଗ୍ୟ, ମହୁରୀ ରାଜ ପରିବାରର ଦେଶ ପ୍ରେମ ଇତିହାସ ରହିଛି । ଅତୀତରେ ବ୍ରିଟିଶ ସରକାର ବିରୋଧରେ ତତ୍କାଳୀନ ରାଜା ଅହରହ ସଂଗ୍ରାମ କରିଥିଲେ ।

## ସଂକ୍ଷେପରେ

### ମିଶନ ଶକ୍ତି ଦ୍ୱାରା ପୁରସ୍କୃତ



ହାତୀଓଟ,୨୯।୧: ପୋଲସରା ବ୍ଲକସ୍ଥିତ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଗୃହରେ ପୋଲସରା ବିଡିଓ ଶମ୍ଭୁନାଥ ନନ୍ଦି ଓ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ କୁନ୍ତଳା କୁମାରୀ ନାଇକଙ୍କ ଦ୍ୱାରା ମିଶନ ଶକ୍ତି ପ୍ରଚାର ଗାଡ଼ିକୁ ସାଧାରଣତନ୍ତ୍ର ଦିବସ ଅବସରରେ ଶୁଭାରମ୍ଭ ହୋଇଥିଲା। ପରେ ୧୮ନଂ. ମିଶନ ଶକ୍ତି ପ୍ରଚାର ଗାଡ଼ି ହାତୀଓଟ ସେକ୍ଟର ଅଭିମୁଖେ ବାହାରି ପ୍ରାଣଦେଈପୁରରେ ଥିବା ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ କାର୍ଯ୍ୟାଳୟ ଦେଇ ଯାଇଥିଲା। ସେଠାରେ ଅଙ୍ଗନୱାଡ଼ି କର୍ମୀ ଜ୍ୟୋତ୍ସ୍ନାରାଣୀ ମିଶ୍ର ଓ ୫ଟି ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନେ ଉକ୍ତ ଗାଡ଼ିକୁ ବନ୍ଦାପନା କରି କାର୍ଯ୍ୟାଳୟ ଅଭିମୁଖେ ପାଛୋଟି ନେଇଥିଲେ। ଏହି ଅବସରରେ ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟାମାନଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା ହୋଇଥିଲା। କୃତୀ ପ୍ରତିଯୋଗୀଙ୍କୁ ପ୍ରାଣଦେଈପୁର ଗ୍ରାମର ବାସନ୍ତି ଡ଼ାକୁଆ, ସୁକାନ୍ତି ମିଶ୍ର, ସନ୍ତୋଷିନୀ ପ୍ରଧାନ, ଜେମାଦେଈପୁର ଗ୍ରାମର ଖେଳା ନାହାକ ପ୍ରମୁଖ ପୁରସ୍କୃତ କରିଥିଲେ।

### ପଞ୍ଚାୟତସ୍ତରୀୟ ୱାର୍ଡ କମିଟି ବୈଠକ



ଆସିକା,୨୯।୧(ଡି.ଏନ୍.ଏ.): ଆସିକା ବ୍ଲକ ବିଜେଡି ପକ୍ଷରୁ ମଙ୍ଗଳବାରଦିନ ଭେଟନଇ ଓ ସାନଖୋଲିଠାରେ ପୃଥକ ପୃଥକ ପଞ୍ଚାୟତସ୍ତରୀୟ ୱାର୍ଡକମିଟି ବୈଠକ ଅନୁଷ୍ଠିତ ହୋଇଥିଲା। ବ୍ଲକ ବିଜେଡି ସଭାପତି ବିଦ୍ୟାନ୍ତ କୁମାର ଚର୍ଚ୍ଚିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଆସିକା ବିଧାୟକ ଦେବରାଜ ମହାନ୍ତି, ଜିଲା ପରିଷଦ ସଦସ୍ୟ ଶିବଶଙ୍କର ମହାନ୍ତି, କୋକରାମ ଜେନା, ବ୍ଲକ ଯୁବ ବିଜେଡି ସଭାପତି ଅନିଲ କୁମାର ନାୟକ, ମନୋରଞ୍ଜନ ପଣ୍ଡା, ସନ୍ତୋଷ ପୋଲାଇ ପ୍ରମୁଖ ଯୋଗ ଦେଇଥିଲେ। ବୈଠକରେ ବିଜେଡି ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନା ସମ୍ପର୍କରେ ଆଲୋଚନା କରାଯିବା ସହ ଦଳୀୟ ସଙ୍ଗଠନକୁ ଅଧିକ ସୁଦୃଢ଼ କରିବା ନିମନ୍ତେ କର୍ମୀମାନେ ସଂକଳ୍ପ ବଦ୍ଧ ହେବାଲାଗି ଆହ୍ୱାନ କରାଯାଇଥିଲା। ଭେଟନଇଠାରେ ସମିତିସଭ୍ୟା ପଦ୍ମାବତୀ ଆମ୍ପା, ପୂର୍ବତନ ସରପଞ୍ଚ ନମିତା ଜେନା, ଟୁଲୁ ଜେନା ଏବଂ ସାନଖୋଲିଠାରେ ପୂର୍ବତନ ସରପଞ୍ଚ ବିଜୟ ନାୟକ ଓ ପୂର୍ବତନ ସମିତି ସଭ୍ୟ ଦିଲୀପ ସ୍ୱାଇଁ ମଧ ଉଦ୍‌ବୋଧନ ଦେଇଥିଲେ।

### ଚକ୍ଷୁ ଚିକିତ୍ସା ଶିବିର




ପୋଲସରା,୨୯।୧(ଡି.ଏନ୍.ଏ.): ପୋଲସରା ସହରସ୍ଥିତ ଦିବ୍ୟ ଜୀବନ ସଂଘ କାର୍ଯ୍ୟାଳୟ ପରିସରରେ ଶଙ୍କର ନେତ୍ର ଚିକିତ୍ସାଳୟ ସହଯୋଗରେ ମଙ୍ଗଳବାର ମାଗଣା ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି । ଏଥିରେ ପୋଲସରା ଅଞ୍ଚଳର ମୋଟ ୯୭ ଜଣ ଚକ୍ଷୁ ରୋଗୀଙ୍କ ଚକ୍ଷୁ ପରୀକ୍ଷା କରାଯାଇ ୮ ଜଣଙ୍କୁ ଚଷମା ପ୍ରଦାନ କରାଯାଇଥିବା ବେଳେ ୩୬ ଜଣଙ୍କୁ ପରଳର ଚିକିତ୍ସା ପାଇଁ ଶଙ୍କର ଚିକିତ୍ସାଳୟକୁ ପଠାଯାଇଥିଲା। କାର୍ଯ୍ୟକ୍ରମରେ ଦିବ୍ୟଜୀବନ ସଂଘ ପୋଲସରା ଶାଖାର ଯୁଗ୍ମ ସମ୍ପାଦକ ସୁବ୍ରତ କୁମାର ତ୍ରିପାଠୀ, ସୁବାସ ଚନ୍ଦ୍ର ମହାରଣା, କରୁଣାକର ଦିକ୍ଷିତ, ସୀମାଞ୍ଚଳ ରାଉତ, ଉମା ଶଙ୍କର ଦାସଙ୍କ ସମେତ ବହୁ ସଭ୍ୟ ସହଯୋଗ କରିଥିଲେ। ନଳିନୀକାନ୍ତ ରାଉତ, ରାଜେଶ ରୋଶନ ବେହେରା, କୁମାରୀ ଗିରିଜା ପ୍ରମୁଖ ଚକ୍ଷୁ ପରୀକ୍ଷା କରିଥିଲେ ।

### ବିଦ୍ୟାଳୟର ବାର୍ଷିକ ଉତ୍ସବ

ଆସିକା,୨୯।୧(ଡି.ଏନ୍.ଏ.): ଆସିକା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ୬୧ତମ ବାର୍ଷିକ ମଙ୍ଗଳବାର ଅପରାହ୍ନରେ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଥିଲା। ପ୍ରଧାନଶିକ୍ଷୟିତ୍ରୀ ଜଲି ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ଆସିକା ବିଧାୟକ ଦେବରାଜ ମହାନ୍ତି ମୁଖ୍ୟଅତିଥି, ଜିଲା ପରିଷଦ ଉପାଧ୍ୟକ୍ଷା ସ୍ନେହଲତା ପଣ୍ଡା ମୁଖ୍ୟବକ୍ତା ଓ ସମ୍ମାନିତ ଅତିଥି ଭାବେ ଆସିକା ଏନ୍‌ଏସିର ପୂର୍ବତନ ଅଧ୍ୟକ୍ଷା ମଧୁସ୍ମିତା ପୋଲାଇ ଅନୀଲ ପାଣିଗ୍ରାହୀ, କ୍ଷୀରୋଦ ବେହେରା ଓ ମୋହନ ରାଓଦୋରା ଯୋଗ ଦେଇଥିଲେ।

ଜୟବର୍ଦ୍ଧନ ସ୍ମାରକୀ ବ୍ୟାଡମିଣ୍ଟନ୍ ଟୁର୍ଣ୍ଣାମେଣ୍ଟ

# ସଚ୍ଚିନ-ଜ୍ଞାନେନ୍ଦ୍ର ଯୁଗଳ, ଭିକି ଏକକ ଚାମ୍ପିୟନ

ବ୍ରହ୍ମପୁର ଅଫିସ୍,୨୯।୧


ଅତିଥିଙ୍କ ଗହଣରେ ପ୍ରତିଯୋଗିତାରେ ଭାଗନେଇଥିବା ଖବରଦାତାମାନେ ।

ଖଲ୍ଲିକୋଟ କଲେଜ ଇନ୍‌ଡୋର୍ ହଲ୍‌ରେ ଦ୍ୱିତୀୟ ଜୟବର୍ଦ୍ଧନ ଦାସ ସ୍ମାରକୀ ବ୍ୟାଡମିଣ୍ଟନ୍ ଟୁର୍ଣ୍ଣାମେଣ୍ଟ ସାଧାରଣତନ୍ତ୍ର ଦିବସ ଅବସରରେ ଅନୁଷ୍ଠିତ ହୋଇଥିଲା। ଏଥିରେ ବ୍ରହ୍ମପୁର ଏବଂ ଆଖାପାଖ ଅଞ୍ଚଳର ଖବରଦାତାମାନେ ଭାଗ ନେଇଥିଲେ। ଯୁଗଳ ଏବଂ ଏକକ ଇଭେଣ୍ଟରେ ମ୍ୟାଚ୍‌ଗୁଡ଼ିକ ନକ୍‌ଆଉଟ୍‌ରେ ଖେଳାଯାଇଥିଲା । ଯୁଗଳ ଇଭେଣ୍ଟର ଫାଇନାଲ୍‌ରେ ସଚ୍ଚିନ-ଜ୍ଞାନେନ୍ଦ୍ର ଏବଂ ମାନସ-ରବିଙ୍କ ଯୋଡ଼ି ପହଞ୍ଚିଥିଲା। ସଚ୍ଚିନ-ଜ୍ଞାନେନ୍ଦ୍ରଙ୍କ ଯୋଡ଼ି ୨୧-୧୧ ପଏଣ୍ଟରେ ମାନସ-ରବିଙ୍କ ଯୋଡ଼ିକୁ ପରାସ୍ତ କରି ଚାମ୍ପିୟନ୍ ହୋଇଛନ୍ତି। ଗୋପାଳ ଏବଂ ଚିରଞ୍ଜିତଙ୍କ ଯୋଡ଼ି ତୃତୀୟ ସ୍ଥାନରେ ରହିଥିଲେ। ସେହିଭଳି ଭିକି ଏକକ ଇଭେଣ୍ଟରେ ଚାମ୍ପିୟନ୍ ହୋଇଛନ୍ତି। ଶକ୍ତିଧର ରନର୍ସଅପ୍ ଏବଂ ଗୋପାଳ ତୃତୀୟ ସ୍ଥାନରେ ରହିଥିଲେ। ରେଫରି ଭାବେ ଦୀପକ ଟିବ୍ରେୱାଲା ଏବଂ ଶିବ ପ୍ରସାଦ ପାଢୀ ପରିଚାଳନା କରିଥିଲେ ।

ମଙ୍ଗଳବାର ଏହି ପ୍ରତିଯୋଗିତାର ପୁରସ୍କାର ବିତରଣୀ ଉତ୍ସବ ସ୍ଥାନୀୟ ଟାଉନ୍‌ହଲ୍‌ରେ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ଦକ୍ଷିଣାଞ୍ଚଳ ଡିଆଇଜି ଆଶିଷ ସିଂ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ବ୍ରହ୍ମପୁର ଏସ୍‌ପି ପିନାକ ମିଶ୍ର, ବ୍ରହ୍ମପୁର ଉପଜିଲାପାଳ ଦିଗନ୍ତ ରାଉତରାୟ, ବ୍ରହ୍ମପୁର ମହାନଗର ନିଗମର କମିଶନର୍ ଚକ୍ରବର୍ତ୍ତୀ ସିଂ ରାଠୋର୍ ଏବଂ ସ୍ୱର୍ଗତ ଜୟବର୍ଦ୍ଧନଙ୍କ ସ୍ତ୍ରୀ ମିନତୀ ତ୍ରିପାଠୀ ଯୋଗ ଦେଇଥିଲେ। ଚାମ୍ପିୟନ୍ ଏବଂ ରନର୍ସ ଅପ୍ ଦଳ ଏବଂ ଖେଳାଳିଙ୍କୁ ଅତିଥିମାନେ ଟ୍ରଫି ଏବଂ ମାନପତ୍ର ପ୍ରଦାନ କରିଥିଲେ। ସେହିଭଳି ଏହି ପ୍ରତିଯୋଗିତାରେ ଭାଗ ନେଇଥିବା ସମସ୍ତ ଖେଳାଳିଙ୍କୁ ପଦକ ଏବଂ ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା। ବରିଷ୍ଠ ଖବରଦାତା ଜଗନମୋହନ ମହାପାତ୍ର ଏଥିରେ ଅଧ୍ୟକ୍ଷତା କରିଥିବା ବେଳେ ଶିବରାମ ଚୌଧୁରୀ ଏହାକୁ ସଂଯୋଜନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଟାଉନ୍‌ଥାନା ଆଇଆଇସି ନୀହାର ରଞ୍ଜନ ପ୍ରଧାନ, ବିଏନ୍‌ପୁର ଆଇଆଇସି ଜୟକୃଷ୍ଣ ପଟ୍ଟନାୟକ, ବଡ଼ବଜାର ଆଇଆଇସି ସୁରେଶ ତ୍ରିପାଠୀ, ଗୋସାଇଁନୂଆଗାଁ ଥାନା ଆଇଆଇସି କୁଳମଣି ସେଠୀ, ଗୋପାଳପୁର ଆଇଆଇସି ସୁଶାନ୍ତ କୁମାର ସାହୁଙ୍କ ସମେତ ବହୁ ବରିଷ୍ଠ ପୋଲିସ ଅଧିକାରୀ ଏବଂ ଖବରଦାତାମାନେ ଉପସ୍ଥିତ ଥିଲେ ।

## ଲୋକସେବା ଅଧିକାର ସଚେତନତା ଶିବିର



ମଞ୍ଚାସୀନ ଅତିଥି ।

ଗଞ୍ଜାମ,୨୯।୧(ଡି.ଏନ.ଏ.)

ଗଞ୍ଜାମ ବ୍ଲକ ସଭାଗୃହରେ ତହସିଲ ପକ୍ଷରୁ ଲୋକସେବା ଅଧିକାର ଅଧିନିୟମ ସମ୍ବନ୍ଧୀୟ ସଚେତନତା ଶିବିର ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ତହସିଲଦାର ଅବନୀ କୁମାର ସାହୁ, ପ୍ରୋଗ୍ରାମ ଅଫିସର ରାଜ କିଶୋର ପଟ୍ଟନାୟକ, ଅତିରିକ୍ତ ତହସିଲଦାର ସନାତନ ମହାଲିକ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ କାର୍ଯ୍ୟକ୍ରମ ସଂଯୋଜକ ମଞ୍ଜୁଳା ଆଚାର୍ଯ୍ୟ ଉପସ୍ଥିତ ପଞ୍ଚାୟତ ଜନପ୍ରତିନିଧି ଏବଂ ବିଭାଗୀୟ ଅଧିକାରୀଙ୍କୁ ଅବଗତ କରାଇଥିଲେ । ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ଲୋକମାନଙ୍କ ପାଖରେ ପହଞ୍ଚି ପାରୁ ନ ଥିବା ବେଳେ ହରିଶ୍ଚନ୍ଦ୍ର ଯୋଜନା ଏହି ବ୍ଲକରେ ଫେଲ ମାରିଥିବା ସନ୍ତୋଷପୁର ସରପଞ୍ଚ ନିରଞ୍ଜନ ରେଡ୍ଡୀ ଅଭିଯୋଗ କରିଥିଲେ। ଆରଟିଆଇ ଜରିଆରେ ଆମ ଅଧିକାର ବିଷୟରେ ଜାଣିବା ପାଇଁ ୨୦୦୫ରେ ନିୟମ ଅଛି। କିନ୍ତୁ ଆବେଦନ କଲେ ମଧ୍ୟ ତାହା କାର୍ଯ୍ୟକାରୀ ହେଉ ନ ଥିବା ପଞ୍ଚାୟତ ପ୍ରତିନିଧିମାନେ ଅଭିଯୋଗ କରିଥିଲେ। ଏଥିସହ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ଲୋକମାନଙ୍କୁ ବ୍ଲକ ପକ୍ଷରୁ ୧୦୦ ଦିନର କାମ ଯୋଗାଉଥିଲେ ମଧ୍ୟ ଲୋକମାନେ ତାହା ନ କରି ବାହାର ରାଜ୍ୟକୁ କାମ କରିବାକୁ ଯାଉଥିବା ନେଇ ଅଧିକାରୀମାନେ କ୍ଷୋଭ ପ୍ରକାଶ କରିଥିଲେ।

# ତାତିଲେ ଗୋଲ୍‌ଡେନ ଲ୍ୟାଣ୍ଡ୍ ଚିଟ୍‌ଫଣ୍ଡ୍ କ୍ଷତିଗ୍ରସ୍ତ ଜମାକାରୀ

ବ୍ରହ୍ମପୁର ଅଫିସ୍,୨୯।୧



ଗୋଲ୍‌ଡେନ ଲ୍ୟାଣ୍ଡ୍ ଓ ଜିଏଲପି ଚିଟ୍ ଫଣ୍ଡ୍ କମ୍ପାନୀର କ୍ଷତିଗ୍ରସ୍ତ ଜମାକାରୀ ମିଳିତ ମଞ୍ଚର ପ୍ରତିବାଦ ଶୋଭାଯାତ୍ରା ।

ଗୋଲଡେନ୍ ଲ୍ୟାଣ୍ଡ୍ ଓ ଜି.ଏଲ.ପି. ଚିଟ୍ ଫଣ୍ଡ୍ କମ୍ପାନୀର କ୍ଷତିଗ୍ରସ୍ତ ଜମାକାରୀ ମିଳିତ ମଞ୍ଚ ପକ୍ଷରୁ ମଙ୍ଗଳବାର ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନରଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । ଏହି ମର୍ମରେ ଏକ ପ୍ରତିନିଧିତ୍ୱ ଦଳ ଆର୍‌ଡିସି ଟି.ଆଓଙ୍କୁ ଭେଟି ଏକ ଦସ୍ତଖତ ସମ୍ବଳିତ ସ୍ମାରକପତ୍ର ପ୍ରଦାନ କରିଛନ୍ତି । ଆର୍‌ଡିସି ଏହି ସମସ୍ୟାର ସମାଧାନ ଦିଗରେ ପଦକ୍ଷେପ ଗ୍ରହଣ କରିବାର ପ୍ରତିଶ୍ରୁତି ଦେଇଥିଲେ । ପୂର୍ବରୁ ଗଞ୍ଜାମ, ଗଜପତି ଓ କନ୍ଧମାଳ ଜିଲାର ବିଭିନ୍ନ ଅଞ୍ଚଳରୁ ଆସିଥିବା ଶତାଧିକ ଜମାକାରୀ ଓ ଏଜେଣ୍ଟମାନେ ରେଡ୍ଡୀ ଗ୍ୟାରେଜ୍ ଛକରେ ଏକତ୍ରିତ ହୋଇଥିଲେ। ସେଠାରୁ ଏକ ପ୍ରତିବାଦ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରି ଆର୍‌ଡିସିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲେ । ପ୍ଲାକାର୍ଡ ଧରି ବିଭିନ୍ନ ପ୍ରକାର ନାରାବାଜି ଦେଇଥିଲେ।

ପ୍ରକାଶଯେ, ଚିଟ୍‌ଫଣ୍ଡ ସଂସ୍ଥା ଗୋଲଡେନ୍ ଲ୍ୟାଣ୍ଡ୍ କମ୍ପାନୀ ଜମାକାରୀଙ୍କ ଟଙ୍କା ଫେରସ୍ତ କରିବା ପାଇଁ ୨୦୧୫ ଡିସେମ୍ବର ୨୩ରେ ସ୍ୱତନ୍ତ୍ର ଚିଟ୍‌ଫଣ୍ଡ କୋର୍ଟ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ । ପରେ ୨୦୧୭ ଜୁଲାଇ ୨୮ରେ କମ୍ପାନୀ ଜମାକାରୀଙ୍କ ଚିହ୍ନଟ କମିଶନଙ୍କ ମାଧ୍ୟମରେ କରାଇ ଟଙ୍କା ଫେରାଇବା ପାଇଁ ହାଇକୋର୍ଟ କେସ ନଂ. ସିଆର୍‌ଏଲ୍‌ଏମ୍‌ପି ୧୨୫୨/୧୬ ରାଜ୍ୟ ସରକାର କଟକ ଏଡିଏମ୍‌ଓଙ୍କୁ ଓ କମ୍ପାନୀ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଥିଲେ । କମ୍ପାନୀର ୮୭ କୋଟି ଓ ୫୩ ଏକର ଜମି ଇଓଡବ୍ଲ୍ୟୁ (ଅର୍ଥନୈତିକ ଅପରାଧିକ ଶାଖା)ଜବତ କରିଥିଲା । ହେଲେ କମ୍ପାନୀ ନିକଟରେ ଥିବା ୧୭ଶହ ଏକର ଜମି ସ୍ଥାବର ଅସ୍ଥାବର ସମ୍ପତ୍ତିକୁ ଆଜି ସୁଦ୍ଧା ସିବିଆଇ ଜବତ କରିନାହାନ୍ତି। ଅନ୍ୟପକ୍ଷରେ କମ୍ପାନୀ କର୍ତ୍ତୃପକ୍ଷ, ପ୍ରଶାସନ ଓ ସରକାର ମିଳିମିଶି ସମ୍ପତ୍ତିକୁ ବିକ୍ରି କରି ଦେଉଛନ୍ତି ବୋଲି ଅଭିଯୋଗ ହୋଇଛି । କମ୍ପାନୀର ଜବତ ହୋଇ ନ ଥିବା ସମ୍ପତ୍ତି, ଘର, ଜମି ଓ ପାଣି ପ୍ରକଳ୍ପକୁ କମ୍ପାନୀ କର୍ତ୍ତୃପକ୍ଷ ମୁଷ୍ଟିମେୟ ବ୍ୟକ୍ତି ବିଶେଷଙ୍କ ହାତକୁ ଟେକି ଦେଉଥିବା ବେଳେ ଜମାକାରୀଙ୍କୁ ଧରାଛୁଆଁ ଦେଉନାହାନ୍ତି । ଯାହାକୁ ନେଇ ଜମାକାରୀ ଓ ଏଜେଣ୍ଟମାନଙ୍କ ମହଲରେ ବିଭିନ୍ନ ସମୟରେ ଅସନ୍ତୋଷ ଦେଖା ଦେଇଥିବା ବେଳେ ତହସିଲ ପ୍ରଶାସନଠାରୁ ଆରମ୍ଭ କରି ରାଜ୍ୟପାଳଙ୍କ ନିକଟରେ ଅଭିଯୋଗ କରାଯାଇଥିଲେ ହେଁ କୌଣସି ପ୍ରକାର ପଦକ୍ଷେପ ଗ୍ରହଣ କରାଯାଇ ନ ଥିବା ଅଭିଯୋଗ ହୋଇଛି। ଫଳରେ ହତାଶ ଜମାକାରୀ ଏବଂ ଜମାକାରୀଙ୍କ ଆକ୍ରୋଷରେ ଶୀକାର ହେଉଥିବା ଏଜେଣ୍ଟମାନେ କମ୍ପାନୀ ଆର୍‌ଏମ୍ ଓ ବିଏମ୍‌ଙ୍କ ଘର ସମ୍ମୁଖରେ ଆସି ଧାରଣା ଆନ୍ଦୋଳନ କରିଥିଲେ। କୌଣସି ସୁଫଳ ମଳି ନ ଥିବା ବେଳେ ଆର୍‌ଏମ୍‌ଙ୍କ ଦ୍ୱାରା ବଡବଜାର ଥାନାରେ ଏତଲା ହୋଇ ମାମଲା ରୁଜୁ ହୋଇଥିଲା । ଜମାକାରୀଙ୍କ ପାଇଁ ସ୍ୱର ଉତ୍ତୋଳନ କରୁଥିବା ଜଣେ ଏଜେଣ୍ଟଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିଲା । ଫଳରେ ଅସନ୍ତୋଷ ଜମାକାରୀ ମାନେ ମେଳି ବାନ୍ଧି ବୁଧବାର ବ୍ରହ୍ମପୁର ସହରରେ ବିଶାଳ ସମାବେଶ କରିଥିଲେ । ୩ ଜିଲାର ବିଭିନ୍ନ ଅଞ୍ଚଳରୁ ପ୍ରାୟ ୨ ହଜାରରୁ ଉର୍ଦ୍ଧ୍ୱ କ୍ଷତିଗ୍ରସ୍ତ ଜମାକାରୀ ଓ ଏଜେଣ୍ଟ ଆନ୍ଦୋଳନରେ ସାମିଲ ହୋଇଥିଲେ । ଆନ୍ଦୋଳନକୁ ଭାଜପା ନେତା ଶ୍ରୀକାନ୍ତ ପାଢୀ, ଉତ୍ତମ ପାଣିଗ୍ରାହୀ, ବାମପନ୍ଥୀ ନେତା ଲଳିତ ମୋହନ ଦାସ ପ୍ରମୁଖ ସମର୍ଥନ ଜଣାଇ ସାମିଲ ହୋଇଥିଲେ। କ୍ଷତିଗ୍ରସ୍ତ ଜମାକାରୀଙ୍କୁ ଟଙ୍କା ଫେରାଇବାରେ ସରକାରଙ୍କ ଉଦାସୀନତା ସମ୍ପର୍କରେ ତୀବ୍ର ସମାଲୋଚନା କରିଥିଲେ। ପରେ ଏକ ପ୍ରତିନିଧିତ୍ୱ ଦଳ ଆର୍‌ଡିସିଙ୍କ କକ୍ଷକୁ ଯାଇଥିଲେ । ସେଠାରେ କ୍ଷତିଗ୍ରସ୍ତ ଜମାକାରୀ ଏବଂ ଏଜେଣ୍ଟମାନଙ୍କ ସାମାଜିକ ସୁରକ୍ଷା, ଦୈନିକ ଚଳଣୀ ଏବଂ ରୋଜଗାର ସମ୍ପର୍କରେ ଗୁହାରୀ କରିବା ସହ କମ୍ପାନୀର ଜବତ ହୋଇ ନ ଥିବା ସମ୍ପତ୍ତିକୁ କିଭଳି କମ୍ପାନୀ କର୍ତ୍ତୃପକ୍ଷ ଚଳୁ କରୁଛନ୍ତି ସେନେଇ ଅଭିଯୋଗ କରିଥିଲେ। କମ୍ପାନୀ ନାମରେ ଥିବା ସମସ୍ତ ସ୍ଥାବର ଅସ୍ଥାବର ସମ୍ପତ୍ତିକୁ ଚିହ୍ନଟ କରାଯାଇ, ଜମାକାରୀଙ୍କ ଟଙ୍କା ଫେରସ୍ତ ଦିଗରେ ସହାୟକ ହେବେ ବୋଲି ଆର୍‌ଡିସି ପ୍ରତଶ୍ରୁତି ଦେଇଥିଲେ । ସେହିପରି ଜନତାଙ୍କ ଆକ୍ରୋଷରୁ କିଭଳି ଏଜେଣ୍ଟମାନେ ବର୍ତ୍ତିବେ ସେନେଇ ମଧ୍ୟ ପଦକ୍ଷେପ ଗ୍ରହଣ କରିବେ ବୋଲି କହିଥିଲେ। ଅନ୍ୟପକ୍ଷରେ ଟଙ୍କା ଫେରସ୍ତ ନ ହେବା ଯାଏ ବୁଧବାରରୁ ବ୍ରହ୍ମପୁରସ୍ଥିତ ଗୋଲଡେନ୍ ଲ୍ୟାଣ୍ଡ୍‌ର ନିଜସ୍ୱ ଅଫିସ୍ ସମ୍ମୁଖରେ ଅନିର୍ଦ୍ଦିଷ୍ଟ କାଳ ଯାଏ ଗଣଧାରଣା ଦେବେ ବୋଲି ମଞ୍ଚ ପକ୍ଷରୁ ଗଞ୍ଜାମ, ଗଜପତି ଏବଂ କନ୍ଧମାଳ ବାଳକ୍ରିଷ୍ଣା ପ୍ରଧାନ, ଏସ୍.ସଦାନନ୍ଦ ଦୋରା ଓ ବିକ୍ରମ ବେହେରା ପ୍ରମୁଖ ଚେତାବନୀ ଦେଇଛନ୍ତି । ଆଇନଶୃଙ୍ଖଳା ଦୃଷ୍ଟିରୁ ସଦର ଏସ୍‌ଡିପିଓ ବିଷ୍ଣୁପ୍ରସାଦ ପତି, ବୈଦ୍ୟନାଥପୁର ଆଇଆଇସି ଜୟକୃଷ୍ଣ ପଟ୍ଟନାୟକଙ୍କ ସମେତ ଏକ ପ୍ଲାଟୁନ୍ ପୋଲିସ ଫୋର୍ସ ମୁତୟନ ରହିଥିଲା ।

- ଆର୍‌ଡିସି ଅଫିସ୍ ସମ୍ମୁଖରେ ବିକ୍ଷୋଭ
- ୩ କି.ମି. ଚାଲିଲେ
- ୩୦ ରୁ ଅନିର୍ଦ୍ଦିଷ୍ଟ କାଳଯାଏ ଗଣଧାରଣା

### ଆନ୍ଦୋଳନରତ ଜମାକାରୀ, ଏଜେଣ୍ଟଙ୍କ ମୁହଁରୁ



“ଦିନ ମଜୁରି କରି ପରିବାର ଭରଣ ପୋଷଣ କରୁଛି । ପରିଣତି ବୟସରେ କେହି ପାଖରେ ନ ଥିବା ବେଳେ ଭବିଷ୍ୟତ ପାଇଁ ଗୋଲଡେନ୍ ଲ୍ୟାଣ୍ଡ୍‌ରେ ୨୦ ହଜାର ଟଙ୍କାର ଆର୍‌ଡି କରିଥିଲି । ୨୦୧୭ ଫେବୃୟାରୀ ୧୦ରୁ ମିଳିବ ମିଳିବ କହି ଆଜି ଯାଏ ଦେଉନାହାନ୍ତି । ବୟସ ଗଡି ଯାଇଥିଲେ ହେଁ କାଳେ ଟଙ୍କା ମିଳିଯିବ ବୋଲି ଧାଇଁ ଆସିଛି। ଏପଟେ ଧାରଣା ଦେଲେ ସେପଟେ ପରିବାର ଗୁଜାରଣ ମେଣ୍ଟାଇବା କାଠିକର ହୋଇଯାଉଛି । ତଥାପି କିଛି ପାଇବାର ଆଶା ରଖି ଆସିଛି ।

- ସତ୍ୟା ନାଇକ, ମାର୍ଥାପଲ୍ଲୀ



“ଏଜେଣ୍ଟ ଭାବେ କାର୍ଯ୍ୟ କରି ଆସୁଥିଲି । ପ୍ରାୟ ୧୩୨୦ ପଲିସି କରିଥିବା ବେଳେ ଜମାକାରୀଙ୍କର ୧ କୋଟିରୁ ଉର୍ଦ୍ଧ୍ୱ ଟଙ୍କା କମ୍ପାନୀରେ ଜମା କରିଛି। କମ୍ପାନୀ ସିଲ୍ ହୋଇଯିବା ପରେ ଉକ୍ତ ଟଙ୍କା ଫେରସ୍ତ ପାଇଁ ଜମାକାରୀମାନେ ସବୁ ଦିନେ ହଇରାଣ ହରକତ କରୁଛନ୍ତି । ସେମାନଙ୍କ ଆକ୍ରୋଷର ଶୀକାର ହୋଇ ଦିନକୁ ଦିନ ମାନସିକ ସ୍ଥିତି ଠିକ୍ ରହୁନାହିଁ । ବହୁ ଏଜେଣ୍ଟ ମାନସିକ ଚାପରେ ଆତ୍ମହତ୍ୟା ମଧ୍ୟ କରିସାରିଛନ୍ତି ।

- ଭାବଗ୍ରାହୀ ବେହେରା, ଅଡବା,ଗଜପତି



“କମ୍ପାନୀ ବନ୍ଦ ହେବା ପରେ ଜମା ଟଙ୍କା ସହିତ ରୋଜଗାର ମଧ୍ୟ ହରାଇଲୁ। ନିଜର ୫ଲକ୍ଷ ଟଙ୍କା ଜମା କରିଥିବା ବେଳେ ମ୍ୟାଚ୍ୟୁରିଟି ସମୟରେ ହିଁ କମ୍ପାନୀ ବନ୍ଦ ହୋଇଗଲା । ବର୍ତ୍ତମାନ ପରିବାର ଭରଣ ପୋଷଣ, ପିଲାମାନଙ୍କ ପାଠପଢା ଖର୍ଚ୍ଚ ବହନ କରିବା କଷ୍ଟକର ହୋଇଯାଉଛି । ଜମାକାରୀଙ୍କ ସ୍ୱାର୍ଥ ଓ ସୁରକ୍ଷା ପାଇଁ ଆଦୌ ଦୃଷ୍ଟି ଦିଆଯାଉନାହିଁ ।

- ପୀତବାସ ତ୍ରିପାଠୀ, ମୌଳାଭଞ୍ଜା, ସାନଖେମୁଣ୍ଡି

### ରାଲିରେ ଅଚେତ ହୋଇଗଲେ ୨ମହିଳା

ତିନିଗୋଟି ଜିଲାର ବିଭିନ୍ନ ଅଞ୍ଚଳରୁ ବହୁ କ୍ଷତିଗ୍ରସ୍ତ ଏଜେଣ୍ଟ ଓ ଜମାକାରୀ ମଙ୍ଗଳବାର ବ୍ରହ୍ମପୁରରେ ପହଞ୍ଚିଥିଲେ। ରେଡ୍ଡୀ ଗ୍ୟାରେଜ୍ ଛକରେ ଶତାଧିକ ପୁରୁଷ ଓ ମହିଳା ପ୍ଲାକାର୍ଡ ଧରି ନାରାବାଜି ଦେଇ ବିଶାଳ ଶୋଭାଯାତ୍ରାରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପ୍ରାୟ ୩ କି.ମି. ଚାଲିଚାଲି ରାଲିରେ ଯାଉଥିବା ବେଳେ ସୌଦାମିନୀ ଦଳବେହେରା ଏବଂ ସୁକୁମାରୀ ରେଡ୍ଡୀ ନାମକ ଦୁଇ ମହିଳା ଅଚେତ ହୋଇ ପଡିଯାଇଥିଲେ। ସେମାନଙ୍କୁ ପ୍ରାଥମିକ ଚିକିତ୍ସା କରାଯିବା ପରେ ସୁସ୍ଥ ହୋଇଥିଲେ ।

## ସଂକ୍ଷେପରେ

### ମା'ପୁଅଙ୍କ ଆତ୍ମହତ୍ୟା ଉଦ୍ୟମ ଉଦ୍ଧାର କଲା ପୋଲିସ

**ଛତ୍ରପୁର,୨୯।୧(ଡି.ଏନ.ଏ):** ଛତ୍ରପୁର ଦେବୀନଗର ନିକଟ ରେଳଧାରଣାରେ ମଙ୍ଗଳବାର ସନ୍ଧ୍ୟାରେ ଆତ୍ମହତ୍ୟା ଉଦ୍ୟମ କରୁଥିବା ମା' ପୁଅଙ୍କୁ ସ୍ଥାନୀୟ ପୋଲିସ ଉଦ୍ଧାର କରି ଥାନାକୁ ଆଣିଥିଲା। ସେମାନଙ୍କ ଘର ଗଞ୍ଜାମ ଥାନା ଅଞ୍ଚଳରେ । ସମ୍ପୃକ୍ତ ମହିଳାଙ୍କ ସ୍ୱାମୀ ବାହାର ରାଜ୍ୟରେ ରହି କାମ କରୁଛନ୍ତି। ସୂଚନା ଅନୁସାରେ, ମହିଳା ଜଣଙ୍କ ବିଭିନ୍ନ ଯୋଜନାରୁ ବଞ୍ଚିତ ଥିବା ଓ କୌଣସି ସହାୟତା ପାଇ ନ ଥିବା ଦର୍ଶାଇ ପୁଅଙ୍କୁ ନେଇ ଆତ୍ମହତ୍ୟା ଉଦ୍ୟମ କରୁଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଅଟକାଇଥିଲେ । ଖବର ପାଇ ଛତ୍ରପୁର ପୋଲିସ ପହଞ୍ଚି ସେମାନଙ୍କୁ ବୁଝାଶୁଝା କରି ଥାନାକୁ ଆଣିଥିଲା। ଗଞ୍ଜାମ ତହସିଲଦାର ଅବନୀ ସାହୁ ଓ ଛତ୍ରପୁର ଥାନା ଆଇଆଇସି ପ୍ରିୟଶ ରଞ୍ଜନ ଛୋଟରାୟ ମା'ଓ ପୁଅଙ୍କୁ କାଉନସେଲିଂ କରିଥିଲେ । ସୂଚନାଯୋଗ୍ୟ, ମହିଳାଙ୍କୁ ପୂର୍ବରୁ ଆବାସ ଯୋଜନାରେ ସାମିଲ କରାଯାଇଥିବା ବେଳେ ରାଶନ କାର୍ଡରେ ସେ ଚାଉଳ ନେଉଛନ୍ତି। ତେବେ ସେମାନଙ୍କ ଅନ୍ୟ ସମସ୍ୟାର ସମାଧାନ କରିବା ପାଇଁ ପଦକ୍ଷେପ ନିଆଯିବ ବୋଲି ଗଞ୍ଜାମ ତହସିଲଦାର କହିଥିଲେ ।

### ମହୁଲି ଜବତ, ଦୁଇ ଗିରଫ

**ଫିରିଙ୍ଗିଆ, ୨୯।୧:** ଗୋଚ୍ଛାପଡା ଥାନା ପୋଲିସ ଗୋଚ୍ଛାପଡା ଅଞ୍ଚଳରେ ଚଢ଼ାଉ କରି ମହୁଲି ମଦ ଏବଂ ପୋଚ ଜବତ କରିଛି । ଏହି ଘଟଣାରେ ୨ ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ଗୋଚ୍ଛାପଡା ପଣସମୁଣ୍ଡାର ଗୁପ୍ତେଶ୍ୱର ଦିଗାଲ ଓ ନୟାଗଡର ଲାଲୁ ଓରଫ ସୋମନାଥ ସାହୁ । ଗୁପ୍ତେଶ୍ୱରଙ୍କ ଘରେ ମହୁଲି ପ୍ରସ୍ତୁତି ହେବା ନେଇ ପୋଲିସ ବିଶେଷ ସୂତ୍ରରୁ ଖବର ପାଇ ଚଢ଼ାଉ କରିଥିଲା । ସେଠାରେ ମହୁଲି ପ୍ରସ୍ତୁତି ସାମଗ୍ରୀ, ୩୦ ଲିଟର ରନ୍ଧା ମହୁଲି ଏବଂ ୮୦ କେଜି ପୋଚ ଜବତ କରାଯାଇଛି । ଏ ଥାନାରେ ନଂ.୭/୧୯ରେ ଏକ ମାମଲା ରୁଜୁ ହୋଇଥିବା ଥାନାଧିକାରୀ ମୃତ୍ୟୁଞ୍ଜୟ ପ୍ରଧାନ କହିଛନ୍ତି।

# ଅପରାଧ ସମୀକ୍ଷା କଲେ ଗଞ୍ଜାମ ଏସ୍‌ପି

ଛତ୍ରପୁର,୨୯।୧(ଡି.ଏନ.ଏ)



ବୈଠକରେ ଉପସ୍ଥିତ ଏସ୍‌ପି ଓ ଅନ୍ୟମାନେ।

ଗଞ୍ଜାମ ପୋଲିସ ଜିଲା ସ୍ତରୀୟ ଅପରାଧ ସମୀକ୍ଷା ବୈଠକ ମଙ୍ଗଳବାର ଛତ୍ରପୁରସ୍ଥିତ ଏସପିଙ୍କ ସମ୍ମିଳନୀ ଗୃହରେ ଅନୁଷ୍ଠିତ ହୋଇଛି। ଏଥିରେ ଏସ୍‌ପି ବ୍ରିଜେଶ କୁମାର ରଏ ଅଧ୍ୟକ୍ଷତା କରି ଗଞ୍ଜାମ ପୋଲିସ ଜିଲାର ସମସ୍ତ ଉପଖଣ୍ଡ ଅଧୀନ ଥାନା ଗୁଡ଼ିକରେ ହୋଇଥିବା ବିଭିନ୍ନ ମାମଲା ବିସ୍ତୃତ ଭାବେ ସମୀକ୍ଷା କରିଥିଲେ। ଅସାମାଜିକ ଓ ପୁରୁଣା ଅପରାଧୀମାନଙ୍କୁ ଚିହ୍ନଟ କରି ସେମାନଙ୍କ ଉପରେ ବରାବର ନଜର ରଖିବାକୁ ଏସପି ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ନିୟମିତ ପାଟ୍ରୋଲିଂ, ହେଲମେଟ ଯାଞ୍ଚ ଓ ଆଇନ ଶୃଙ୍ଖଳା ବଜାୟ ରଖିବାକୁ କୁହାଯାଇଛି । ଚଳିତବର୍ଷ ହେବାକୁ ଥିବା ସାଧାରଣ ନିର୍ବାଚନ ପରିପ୍ରେକ୍ଷୀରେ ପୁରୁଣା ଅପରାଧୀ ଓ ଗାଁଗୁଡିକରେ ଗଣ୍ଡଗୋଳ ସୃଷ୍ଟିକାରୀଙ୍କ ଉପରେ ୧୧୦ ଓ ୧୦୭ ଦଫା ଲଗାଇବାକୁ କୁହାଯାଇଛି। ସମସ୍ତ ଥାନାରେ ପଡ଼ି ରହିଥିବା ମାମଲା ଗୁଡିକର ତୁରନ୍ତ ତଦନ୍ତ ସାରିବାକୁ ଏସପି ନିର୍ଦ୍ଦେଶ ଦେଇଛନ୍ତି। ଚିଟ୍ ଫଣ୍ଡ ମାମଲା , ମହିଳା ଓ ଶିଶୁ ଡେସ୍କ , ସ୍ୱୟଂସିଦ୍ଧା ଓ ଆମ ପୋଲିସ କାର୍ଯ୍ୟକ୍ରମ, ଗାଁ ଗୁଡିକରେ ଥିବା ବିବାଦ, ମଡେଲ ଥାନା, ସିନିୟର ସିଟିଜେନ ସେଲ, ସଡକ ସୁରକ୍ଷା, ଜାଲ ଜାତିଗତ ପ୍ରମାଣପତ୍ର ଧରପଗଡ ଆଦି ଉପରେ ଆଲୋଚନା ହୋଇଛି। ବୈଠକରେ ଅତିରିକ୍ତ ଏସପି ପତିତପାବନ ଚୌଧୁରୀ ଓ ଅମରେଶ ପଣ୍ଡା, ଦିଲୀପ ଦାଶ, କେଶବ ଚନ୍ଦ୍ର ବେହେରା, ଡିଏସପି ସାମୁଏଲ ପ୍ରଧାନ, ଆସିକା ଏସଡିପିଓ ସୂର୍ଯ୍ୟମଣି ପ୍ରଧାନ, ପୁରୁଷୋତ୍ତମପୁର ଏସଡିପିଓ ସିଲଭରିଅସ ଟୋପୋ, ଭଞ୍ଜନଗର ଏସଡିପିଓ ଉତ୍କଳ କେଶରୀ ଦାଶ, ଛତ୍ରପୁର ଏସଡିପିଓ ରମେଶ ଚନ୍ଦ୍ର ସେଠୀଙ୍କ ସମେତ ସମସ୍ତ ଥାନା ଆଇଆଇସି ମାନେ ଉପସ୍ଥିତ ଥିଲେ।

# ଦ୍ୱିତୀୟ କୋଣାର୍କ ଏକ୍ସପ୍ରେସ ଟ୍ରେନ ଚଳାଚଳ ହେଉ

ବ୍ରହ୍ମପୁର ଅଫିସ,୨୯।୧

- ଦକ୍ଷିଣ ଓଡ଼ିଶା ରେଳଯାତ୍ରୀଙ୍କ ଦାବି
- ବ୍ରହ୍ମପୁର ରେଳଷ୍ଟେଶନର ସମ୍ପ୍ରସାରଣକୁ ଗୁରୁତ୍ୱ

ଭୁବନେଶ୍ୱର-ବମ୍ବେ ଦ୍ୱିତୀୟ କୋଣାର୍କ ସୁପରଫାଷ୍ଟ ଏକ୍ସପ୍ରେସ ଚଳାଚଳ ପାଇଁ ଗୁରୁତ୍ୱ ଦିଆଯାଇଛି। ଏହାଦ୍ୱାରା ଗଞ୍ଜାମ ସମେତ ଦକ୍ଷିଣାଞ୍ଚଳ ଜିଲାର ଯାତ୍ରୀମାନଙ୍କ ସୁବିଧା ହେବ।

ସୂଚନାଯୋଗ୍ୟ, ୧୯୭୮ ଅଗଷ୍ଟ ୧୬ରେ କୋଣାର୍କ ଏକ୍ସପ୍ରେସ ଚଳାଚଳ ଆରମ୍ଭ ହୋଇଥିଲା। ସେତେବେଳେ ତତ୍କାଳୀନ ଜନତା ପାର୍ଟି ସରକାରଙ୍କ ପ୍ରଧାନମନ୍ତ୍ରୀ ଥିଲେ ମୋରାରଜୀ ଦେଶାଇ ଏବଂ ମଧୁ ଦଣ୍ଡବତେ ରେଳ ମନ୍ତ୍ରୀ ହୋଇଥିଲେ। ୪୦ ବର୍ଷ ତଳର ଏହି ରେଳ ଚଳାଚଳ ଯୋଗୁ ମୁଖ୍ୟତଃ ବ୍ରହ୍ମପୁରରୁ ଭୁବନେଶ୍ୱର ନିୟମିତ ଯାତାୟାତ କରୁଥିବା ଯାତ୍ରୀମାନେ ବିଶେଷ ଉପକୃତ ହୋଇପାରୁଥିଲେ। ଅପରପକ୍ଷେ ଏହି ସୁପରଫାଷ୍ଟ ଏକ୍ସପ୍ରେସର ଚାହିଦା ଦିନକୁଦିନ ବଢ଼ୁଛି ଏବଂ ବମ୍ବେରୁ ପ୍ରତିଦିନ ଆସୁଥିବା କୋଣାର୍କ ଏକ୍ସପ୍ରେସ ରାତ୍ର ୧ ଘଣ୍ଟା ୪୦ ମିନିଟରେ ବ୍ରହ୍ମପୁର ଓ ବଡ଼ି ଭୋର ୪ଟା ୩୫ମିନିଟରେ ଭୁବନେଶ୍ୱରରେ ପହଞ୍ଚୁଛି। ପରଦିନ ଅପରାହ୍ନ ୩ଟା ୨୫ ମିନିଟରେ ଭୁବନେଶ୍ୱର ଛାଡ଼ି ଅପରାହ୍ନ ୫ଟା ୫୦ ମିନିଟରେ ବ୍ରହ୍ମପୁର ରେଳ ଷ୍ଟେଶନକୁ ଆସୁଛି।

କୋଣାର୍କ ଏକ୍ସପ୍ରେସ ଆରାମଦାୟକ ରେଳ ହୋଇଥିବାରୁ ଏହା ଉପରେ ଯାତ୍ରୀମାନେ ନିର୍ଭର କରୁଛନ୍ତି। ଦକ୍ଷିଣ ଭାରତର ବିଭିନ୍ନ ସ୍ଥାନ ସମେତ ମହାରାଷ୍ଟ୍ରର ବମ୍ବେ ଓ ଅନ୍ୟ ସ୍ଥାନକୁ ଯାଉଥିବା କନ୍ଧମାଳ ଓ ଗଞ୍ଜାମ ଜିଲାର ଯାତ୍ରୀମାନେ ବ୍ରହ୍ମପୁର ଷ୍ଟେଶନରୁ ଯାତ୍ରା କରୁଛନ୍ତି। ସେହିପରି ଗଜପତି ଓ ରାୟଗଡ଼ା ଜିଲାର ଯାତ୍ରୀମାନେ ଆନ୍ଧ୍ରପ୍ରଦେଶର ପଲାସା ଷ୍ଟେଶନରୁ ଚଢ଼ନ୍ତି। କୋରାପୁଟ, ମାଲକାନଗିରି ଓ ନବରଙ୍ଗପୁର ଜିଲାର ଯାତ୍ରୀମାନେ ବିଜୟନଗରମ ଓ ବିଶାଖାପାଟଣାମ ରେଳ ଷ୍ଟେଶନରେ ଅପେକ୍ଷା କରିଥାନ୍ତି। ଏହି ଟ୍ରେନରେ ସର୍ବଦା ପ୍ରବଳ ଭିଡ଼ ହେଉଥିବାରୁ ଦ୍ୱିତୀୟ କୋଣାର୍କ ଏକ୍ସପ୍ରେସ ଚଳାଚଳ ହେବା ଜରୁରୀ ହୋଇପଡ଼ିଛି।

ସୂଚନାଯୋଗ୍ୟ, ୧୯୭୮ରେ ଏହି ଟ୍ରେନ ଚଳାଚଳ ଆରମ୍ଭରୁ ଭୁବନେଶ୍ୱରରୁ ଆନ୍ଧ୍ରପ୍ରଦେଶ ତଥା ବର୍ତ୍ତମାନର ତେଲେଙ୍ଗାନା ରାଜ୍ୟର ସିକନ୍ଦରାବାଦ ପର୍ଯ୍ୟନ୍ତ ଯାଉଥିଲା। ସେଠାରୁ ଆଉ ଏକ ମିନାର ଟ୍ରେନ ବଦଳାଇ ଯାତ୍ରୀମାନେ ବମ୍ବେ ଯାଉଥିଲେ। ଗତ କିଛିବର୍ଷ ହେବ ଭୁବନେଶ୍ୱର-ବମ୍ବେ ସିଧା ଟ୍ରେନ ଚଳାଚଳ ହେଉଛି। ପ୍ରତିଦିନ ସକାଳୁ ଓ ଅପରାହ୍ନରେ ଚଳାଚଳ ନିମନ୍ତେ ଦ୍ୱିତୀୟ କୋଣାର୍କ ଏକ୍ସପ୍ରେସ ପାଇଁ ଦାବି ହୋଇଛି। ବମ୍ବେ ବ୍ୟବସାୟ ବାଣିଜ୍ୟର ପେଣ୍ଠ ହୋଇଥିବାରୁ ବ୍ରହ୍ମପୁର ଓ ଦକ୍ଷିଣ ଓଡ଼ିଶାର ବ୍ୟବସାୟୀମାନେ ନିୟମିତ ଯାତାୟାତ କରୁଛନ୍ତି। ଦ୍ୱିତୀୟ ଟ୍ରେନ ଚାଲିଲେ ସୁବିଧା ଉପଲବ୍ଧ ହେବ ବୋଲି କୁହାଯାଇଛି। ଅନ୍ୟପକ୍ଷରେ ବ୍ରହ୍ମପୁର ଷ୍ଟେଶନର ସମ୍ପ୍ରସାରଣ ଏବଂ ସମସ୍ତ ସୁବିଧା ଯାତ୍ରୀଙ୍କୁ ଯୋଗାଇବାକୁ ରେଳ କର୍ତ୍ତୃପକ୍ଷ ତ୍ୱରିତ ପଦକ୍ଷେପ ନେବାକୁ ମଧ ଦାବି ହୋଇଛି। ଫେବୃୟାରୀ ପ୍ରାରମ୍ଭରେ କେନ୍ଦ୍ରର କାମଚଳା ବଜେଟ ଅଧିବେଶନ ଆରମ୍ଭ ହେବ। ଏହି ବଜେଟରେ ଦ୍ୱିତୀୟ କୋଣାର୍କ ଏକ୍ସପ୍ରେସ ଟ୍ରେନ ବରାଦ କରାଯିବା ଉପରେ ଗୁରୁତ୍ୱ ଦିଆଯାଇଛି।

# ସ୍ତ୍ରୀ ମୃତଦେହ ପୋଡ଼ିବା ଅଭିଯୋଗ,ସ୍ୱାମୀ ଅଟକ

ଭଞ୍ଜନଗର,୨୯।୧(ଡି.ଏନ.ଏ)

- ବାପା ଆଣିଲେ ହତ୍ୟା ଅଭିଯୋଗ
- ଶ୍ମଶାନରୁ ହାଡ଼ ପାଉଁଶ ଜବତ

ଭଞ୍ଜନଗର ଥାନା ବଡ଼କୋଦଣ୍ଡାର ରୀନା ବେହେରା (୩୦)ଙ୍କର ସୋମବାର ରାତିରେ ମୃତ୍ୟୁ ଘଟିଥିଲା। ମଙ୍ଗଳବାର ସକାଳେ ସ୍ୱାମୀ ଅସୁଲୁ ବେହେରା ଓ ତାଙ୍କ ପରିବାର ଲୋକେ ମିଶି ମୃତଦେହ ପୋଡ଼ିଦେଇଥିଲେ। ରୀନାଙ୍କ ବାପା ବଡ଼ଗଡ଼ ଥାନା ଗମ୍ଭାରୀଗୁଟାର ବିପ୍ର ଡ଼ାକୁଆ ଝିଅର ମୃତ୍ୟୁ ଖବର ଜାଣିବା ପରେ ଭଞ୍ଜନଗର ଥାନାରେ ମଙ୍ଗଳବାର ଅପରାହ୍ନରେ ଅଭିଯୋଗ କରିଛନ୍ତି। ଅଭିଯୋଗ ପତ୍ରରେ ଦର୍ଶାଇଛନ୍ତି ଯେ, ମୋ ଝିଅଙ୍କୁ ଯୋଜନାବଦ୍ଧ ଭାବେ ହତ୍ୟା କରି ପୋଡି ଦିଆଯାଇଛି। ପୋଲିସ ନଂ.୩୨/୧୯ରେ ଏକ ହତ୍ୟା ମାମଲା ରୁଜୁ କରିଛି। ଏଥିସହ ଶ୍ମଶାନ ଘାଟରୁ ପୋଲିସ ହାଡ଼ ପାଉଁଶ ଜବତ କରିବା ସହ ରୀନାଙ୍କ ସ୍ୱାମୀଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି।

ପ୍ରକାଶ ଯେ, ସୋମବାର ବିଳମ୍ବିତ ରାତିରେ ରୀନାଙ୍କର ମୃତ୍ୟୁ ଘଟିଥିଲା। ମଙ୍ଗଳବାର ସକାଳୁ ଅସୁଲୁ ପୋଲିସ ଏବଂ ରୀନାଙ୍କ ବାପାଙ୍କୁ ଘଟଣା ସମ୍ପର୍କରେ ନଜଣାଇ ମୃତଦେହ ପୋଡ଼ି ଦେଇଥିଲେ। କୌଣସି କାରଣକୁ ରୀନା ଆତ୍ମହତ୍ୟା କରିଥିବା ପୋଲିସ ସନ୍ଦେହ କରୁଛି। ଫରେନସିକ୍ ରିପୋର୍ଟ ଆସିବା ପରେ ମୃତ୍ୟୁର ସଠିକ୍ କାରଣ ଜଣାପଡ଼ିବ ବୋଲି ପୋଲିସ କହିଛି।

# ସାଇ ଗୁରୁକୁଳ ସ୍କୁଲର ବାର୍ଷିକୋତ୍ସବ



ମଞ୍ଚାସିନ ଅତିଥି।

ଭଞ୍ଜନଗର,୨୯।୧(ଡି.ଏନ.ଏ.)

ଭଞ୍ଜନଗର ସାଇ ଗୁରୁକୁଳ ଆବାସିକ ବିଦ୍ୟାଳୟର ୭ମ ବାର୍ଷିକୋତ୍ସବ ସୋମବାର ରାତିରେ ପାଳିତ ହୋଇଯାଇଛି। ବିଶିଷ୍ଟ କଳାକାର ଜର୍ଜ ତିଆଡ଼ି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଗୁରୁଶିଷ୍ୟ ସମ୍ପର୍କ ଉପରେ କହିଥିଲେ । ଓଡ଼ିଶା ସଙ୍ଗୀତ ନାଟକ ଏକାଡ଼େମୀର ପୂର୍ବତନ ସମ୍ପାଦକ ମନ୍ମଥ କୁମାର ଶତପଥୀ ମୁଖ୍ୟବକ୍ତା ଭାବେ ଯୋଗଦେଇ ଘୁମୁସରର ଐତିହ୍ୟ, କଳା ଓ ସଂସ୍କୃତି ଉପରେ କହିଥିଲେ। ଏହି ଅବସରରେ ଅଞ୍ଚଳର କେତେଜଣ କଳାକାରଙ୍କୁ ସମ୍ମାନିତ କରାଯାଇଥିଲା। ବିଦ୍ୟାଳୟ ଅଧ୍ୟକ୍ଷ ଅଜିତ କୁମାର ଶତପଥୀ ବାର୍ଷିକ ବିବରଣୀ ପାଠ କରିଥିଲେ। ନିର୍ଦ୍ଦେଶକ ଶାନ୍ତନୁ କୁମାର ତ୍ରିପାଠୀ, ଗୌର ଚନ୍ଦ୍ର ରାଉତ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ପ୍ରଧାନ ଶିକ୍ଷକ ମନୋରଞ୍ଜନ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

DADLS-260



ରାଜ୍ୟସ୍ତରୀୟ ଶହୀଦ ଦିବସ
୩୦ ଜାନୁଆରୀ ୨୦୧୯

ସମୟ – ପୂର୍ବାହ୍ନ ଘ.୧୦.୪୩ ମି.
ସ୍ଥାନ : ବିଧାନସଭା ପ୍ରାଙ୍ଗଣ, ଭୁବନେଶ୍ୱର

ପ୍ରାର୍ଥନା ସଭା

ପ୍ରଫେସର ଗଣେଶୀ ଲାଲ, ମାନ୍ୟବର ରାଜ୍ୟପାଳ
ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ, ମାନ୍ୟବର ମୁଖ୍ୟମନ୍ତ୍ରୀ
ଶ୍ରୀଯୁକ୍ତ ପ୍ରଦିପ କୁମାର ଅମାତ, ମାନ୍ୟବର ବାଚସ୍ପତି, ଓଡ଼ିଶା ବିଧାନସଭା
ଶ୍ରୀଯୁକ୍ତ ପ୍ରତାପ ଜେନା, ମାନ୍ୟବର ମନ୍ତ୍ରୀ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ଆଇନ, ସୂଚନା ଓ ଲୋକସମ୍ପର୍କ
ଏବଂ
ମନ୍ତ୍ରିମଣ୍ଡଳର ମାନ୍ୟବର ସଦସ୍ୟବୃନ୍ଦ, ମାନ୍ୟବର ସାଂସଦ ଓ ମାନ୍ୟବର ବିଧାୟକଗଣ ଏବଂ ସ୍ୱାଧୀନତା ସଂଗ୍ରାମୀ ତଥା ମାନ୍ୟଗଣ୍ୟ ବ୍ୟକ୍ତିମାନେ ଯୋଗଦେବେ ।
ଶାଶ୍ୱତୀ ସାମାଜିକ ସାଂସ୍କୃତିକ କେନ୍ଦ୍ର, ଭୁବନେଶ୍ୱର ତରଫରୁ ଆଶ୍ରମ ଭଜନ ପରିବେଷଣ କରାଯିବ ।

ଉପରୋକ୍ତ କାର୍ଯ୍ୟକ୍ରମରେ ଭୁବନେଶ୍ୱରର ସମସ୍ତ ବୁଦ୍ଧିଜୀବୀ, ବରିଷ୍ଠ ନାଗରିକ ଏବଂ ଜନସାଧାରଣ ଯୋଗଦେବାକୁ ଅନୁରୋଧ ।

ଅତିରିକ୍ତ ନିର୍ଦ୍ଦେଶକ
ସୂଚନା ଓ ଲୋକସମ୍ପର୍କ ବିଭାଗ

15001/13/0563/1819

DADLS-261



ରାଜ୍ୟସ୍ତରୀୟ ଶହୀଦ ଦିବସ
୩୦ ଜାନୁଆରୀ ୨୦୧୯

ସମୟ – ପୂର୍ବାହ୍ନ ୧୧ ଘଟିକା
ସ୍ଥାନ : ଜୟଦେବ ଭବନ, ଭୁବନେଶ୍ୱର

ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ କବିତା ଆସର, ଓଡ଼ିଶା ଲଳିତ କଳା ଏକାଡେମୀ ପକ୍ଷରୁ ଶିଳ୍ପୀ ଶିବିର ଏବଂ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ ଦେଶାତ୍ମବୋଧକ ସଙ୍ଗୀତ ପ୍ରତିଯୋଗିତା

ସାଧାରଣ ସଭା

ସମୟ – ସଂଧ୍ୟା ୬ ଘଟିକା | ସ୍ଥାନ – ଜୟଦେବ ଭବନ

ମୁଖ୍ୟଅତିଥି – ଶ୍ରୀଯୁକ୍ତ ଅଶୋକ ଚନ୍ଦ୍ର ପଣ୍ଡା, ମାନ୍ୟବର ମନ୍ତ୍ରୀ, ପର୍ଯ୍ୟଟନ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ
ସମ୍ମାନିତ ଅତିଥି – ଶ୍ରୀଯୁକ୍ତ ମନୋରଞ୍ଜନ ପାଣିଗ୍ରାହୀ, ପ୍ରମୁଖ ଶାସନ ସଚିବ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ
ମୁଖ୍ୟବକ୍ତା – ଡକ୍ଟର ପାବକ କାନୁନ୍‌ଗୋ, ବିଶିଷ୍ଟ ସାହିତ୍ୟିକ
ସଭାପତି – ଶ୍ରୀଯୁକ୍ତ ବିଜୟ କୁମାର ନାୟକ, ନିର୍ଦ୍ଦେଶକ ତଥା ଅତିରିକ୍ତ ଶାସନ ସଚିବ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ

ସୁର ଭାଇବ୍ରେସନ ମ୍ୟୁଜିକାଲ୍ ଗ୍ରୁପ ପକ୍ଷରୁ ବିଶିଷ୍ଟ କଣ୍ଠଶିଳ୍ପୀ ଡଃ ଜୟଶ୍ରୀ ଧଳ, ମମତାମୟୀ ବିଶ୍ୱାଳ, ବିଶ୍ୱ ଇରାନିଆନ୍ ମହାନ୍ତି, ଆକାଶ ନାୟକ, ହୃଦାନନ୍ଦ ପ୍ରଧାନ ଓ ସୋମା କର୍ମାକରଙ୍କ ଦ୍ୱାରା ଭଜନ ଓ ଦେଶାତ୍ମବୋଧକ ସଙ୍ଗୀତ ପରିବେଷଣ କରାଯିବ ।

ଉପରୋକ୍ତ କାର୍ଯ୍ୟକ୍ରମରେ ଭୁବନେଶ୍ୱରର ସମସ୍ତ ବୁଦ୍ଧିଜୀବୀ, ବରିଷ୍ଠ ନାଗରିକ ଏବଂ ଜନସାଧାରଣ ଯୋଗଦେବାକୁ ଅନୁରୋଧ ।

ସୂଚନା ଓ ଲୋକସମ୍ପର୍କ ବିଭାଗ
ଏବଂ
ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ

15001/13/0564/1819

## ସଂକ୍ଷେପରେ

### ଭଗବତ ପ୍ରବଚନ ସପ୍ତାହ

ହିଞ୍ଜିଳିକାଟୁ,୨୯।୧(ଡି.ଏନ୍.ଏ.)- ହିଞ୍ଜିଳିକାଟୁ ପୌରପରିଷଦ ପାଟଣାସାହି ଲକ୍ଷ୍ମୀନୃସିଂହ ମନ୍ଦିର ପ୍ରାଙ୍ଗଣରେ ଭଗବତ କଥା ବିତରଣ ପରିଷଦ ହିଞ୍ଜିଳିକାଟୁ ପକ୍ଷରୁ ଭଗବତ ପ୍ରବଚନ ସପ୍ତାହ ରବିବାର ଠାରୁ ଅନୁଷ୍ଠିତ ହେଉଛି। ଭଗବତ କଥାମୃତ ପ୍ରବଚିକା ଭକ୍ତିଶ୍ୱରୀ ଦେବୀ ଯୋଗଦେଇ ପ୍ରତ୍ୟେହ ସନ୍ଧ୍ୟାରେ ପ୍ରବଚନ ଦେଉଛନ୍ତି। ସହର ସମେତ ଆଖପାଖ ଅଞ୍ଚଳର ବହୁ ଭଗବତପ୍ରେମୀଙ୍କ ସମାଗମ ହେଉଛି। ଶନିବାର ପ୍ରବଚନ କାର୍ଯ୍ୟକ୍ରମ ସମାପ୍ତି ହେବ ବୋଲି ପରିଷଦର ସଭାପତି ଦେବାନନ୍ଦ ମହାପାତ୍ର କହିଛନ୍ତି। କାର୍ଯ୍ୟକ୍ରମକୁ ପରିଷଦର ସମ୍ପାଦକ ପ୍ରିୟଦର୍ଶୀ ପଟ୍ଟନାୟକ, ମନୋଜ କୁମାର ସାହୁ, ଉପସଭାପତି ଲକ୍ଷ୍ମୀନାରାୟଣ ପଣ୍ଡା, ଜଗବନ୍ଧୁ ବଡ଼ତ୍ୟା, ସଭ୍ୟ ଏ. ଶଙ୍କର ଅଚାରୀ ପ୍ରମୁଖ ପରିଚାଳନାରେ ସହଯୋଗ କରୁଛନ୍ତି।

### ଆମ ପୋଲିସ ସମିତିର ସଚେତନତା କାର୍ଯ୍ୟକ୍ରମ

ସୋରଡା,୨୯।୧(ଡି.ଏନ୍.ଏ.)- ସୋରଡା ଆମ ପୋଲିସ ସମିତିର ସଚେତନତା ଶିବିର ଲାଠିପଡା ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଥାନା ଅଧିକାରୀ ପ୍ରଭାତ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ସମିତିର ପ୍ରମୋଦ ପଟ୍ଟନାୟକ, ଶିବ ସୁଆର, ବାପି ବେହେରା, ଇବ୍ରାହିମ୍ ଖାନ୍, ସଞ୍ଜୀବ ଅଧିକାରୀ, ସୀତାରାମ ପାତ୍ର ପ୍ରମୁଖ ଯୋଗଦେଇ ଆମ ପୋଲିସ ସମିତିର କାର୍ଯ୍ୟାବଳୀ, ଲୋକଙ୍କ ସହ ସମ୍ପର୍କ, ଅସାମାଜିକ କାର୍ଯ୍ୟରୁ ଦୂରେଇ ରହିବା ସହ ଅନ୍ୟମାନଙ୍କୁ ସଚେତନତା କରିବା ଉପରେ ଗୁରୁତ୍ୱ ଦେଇଥିଲେ। ବିନା ଲାଇସେନ୍ସରେ ଗାଡି ନ ଚଲାଇବା, ବାଲ୍ୟ ବିବାହ ରୋକିବା ଉପରେ ଶିବ ସୁଆର ସଚେତନ କରିଥିଲେ। ଗ୍ରାମର ଯୁବ ସମାଜସେବୀ ସୂର୍ଯ୍ୟ ଜେନାଙ୍କ ସହଯୋଗରେ ବହୁ ବୁଦ୍ଧିଜୀବୀ ଯୋଗ ଦେଇଥିଲେ। ଗ୍ରାମର ଯୁବ ସମାଜସେବୀ ସୂର୍ଯ୍ୟ ଜେନାଙ୍କ ସହଯୋଗରେ ବହୁ ବୁଦ୍ଧିଜୀବୀ ଯୋଗ ଦେଇଥିଲେ। ମାର୍ଚ୍ଚ ତୃତୀୟ ସପ୍ତାହରେ ଏଠାରେ ଏକ ମେଗା ଶିବିର ଅନୁଷ୍ଠିତ ହେବ। ଛାତ୍ରୀଛାତ୍ର, ମହିଳା ଓ ଯୁବଗୋଷ୍ଠୀଙ୍କୁ ନେଇ ନୃତ୍ୟ, ସଙ୍ଗୀତ ଓ ସଚେତନତା କାର୍ଯ୍ୟକ୍ରମ କରିବାକୁ ନିଷ୍ପତ୍ତି ହୋଇଛି।

### ପିପୁଲ୍ସ ହାଇସ୍କୁଲର ବାର୍ଷିକ କ୍ରୀଡ଼ା ଉଦ୍‌ଘାଟିତ

ବୁଗୁଡା,୨୯।୧(ଡି.ଏନ.ଏ.)-ବୁଗୁଡା ପିପୁଲସ୍ ହାଇସ୍କୁଲର ବାର୍ଷିକ କ୍ରୀଡା ପ୍ରତିଯୋଗିତା ମଙ୍ଗଳବାର ସମ୍ପୃକ୍ତ ହାଇସ୍କୁଲର ମିନି ଷ୍ଟାଡିୟମରେ ଅନୁଷ୍ଠିତ ହୋଇଯାଇଛି। ପ୍ରତିଯୋଗୀମାନେ ବଳଦେବ ମନ୍ଦିରରୁ କ୍ରୀଡା ଜ୍ୟୋତି ଷ୍ଟାଡିୟମକୁ ଆଣିବା ପରେ ପ୍ରଧାନ ଶିକ୍ଷକ କାଳୀ ଚରଣ ବେହେରା ପତାକା ଉତ୍ତୋଳନ କରି ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ଛାତ୍ରମାନଙ୍କ ମଧ୍ୟରେ ବିଭିନ୍ନ ଦୌଡ ପ୍ରତିଯୋଗିତା ସାଙ୍ଗକୁ ଉଚ୍ଚାଡିଆଁ, ଲମ୍ଫାଡିଆଁ, ସଟପୁଟ ଥ୍ରୋ, ଡିସକସ୍ ଥ୍ରୋ ଆଦି ବିଭିନ୍ନ ପ୍ରତିଯୋଗିତାରେ ଅନୁଷ୍ଠିତ ହୋଇଥିଲା। ବିଶ୍ୱେଶ୍ୱର ଗିରି, ଅମର ସାହୁ, ବି. ଗୋପାଳ ଚନ୍ଦ୍ର ପାତ୍ର, ଅମୀୟରଞ୍ଜନ ଭୂୟାଁ ପ୍ରମୁଖ କ୍ରୀଡା ଶିକ୍ଷକ ଖେଳ ପରିଚାଳନା କରିଥିଲେ। ଏଥିରେ ବିଦ୍ୟାଳୟର ସରୋଜ କୁମାର ନନ୍ଦ, ପ୍ରଶାନ୍ତ କୁମାର ଗୌଡ, ମନୋଜ କୁମାର ନନ୍ଦଙ୍କ ସମେତ ଅନ୍ୟ ଶିକ୍ଷୟିତ୍ରୀ ଓ ଶିକ୍ଷକମାନେ ସହଯୋଗ କରିଥିଲେ।

### ମିଶନ ଶକ୍ତି ରଥକୁ ସ୍ୱାଗତ

କୋଦଳା,୨୯।୧-କୋଦଳା ତହସିଲ ପଡ଼ିଆଠାରେ ଗୁରୁବାର ଶତାଧିକ ମହିଳା ଏକାଠି ହୋଇ ମିଶନ ଶକ୍ତି ରଥକୁ ସ୍ୱାଗତ କରିଛନ୍ତି। ରାଜ୍ୟ ସରକାର ମହିଳାମାନଙ୍କୁ ସଶକ୍ତୀକରଣ କରିବାକୁ ଆରମ୍ଭ କରିଥିବା ବିଭିନ୍ନ ଯୋଜନା ସମ୍ପର୍କରେ ସଚେତନ କରିବା ଲକ୍ଷ୍ୟ ନେଇ ଏହି ଏହି ରଥ ପରିକ୍ରମା କରୁଛି। ବେଗୁନିଆପଡ଼ା ବ୍ଲକ ଅଞ୍ଚଳର ସମସ୍ତ ସ୍ୱୟଂ ସହାୟିକା ଗୋଷ୍ଠୀ ସଭ୍ୟା, ଅଙ୍ଗନୱାଡି କର୍ମୀ ଓ ସହାୟିକାମାନଙ୍କ ଦ୍ୱାରା ସରକାରଙ୍କ ଯୋଜନା ସମ୍ପର୍କରେ ସମସ୍ତ ବର୍ଗର ମହିଳାମାନଙ୍କୁ ଅଗବତ କରାଯିବା ସହ ସେମାନଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା କରିବେ। ତହସିଲ ପଡିଆରେ ଏକ ସଚେତନ ସଭା କରାଯାଇଥିଲା। ଅଙ୍ଗନୱାଡି ସୁପର ଭାଇଜର ମିନତୀ ବେହେରା ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ।

## ଜିଲା ଟାସ୍କଫୋର୍ସ କମିଟି ବୈଠକ
# ବାଲ୍ୟ ବିବାହ ଆୟୋଜନକାରୀଙ୍କ ନାଁରେ ଏତଲା ନିର୍ଦ୍ଦେଶ

ଛତ୍ରପୁର,୨୯।୧(ଡି.ଏନ.ଏ.)

ଗଞ୍ଜାମ ଜିଲା ଶିଶୁ ସୁରକ୍ଷା ସମ୍ବନ୍ଧୀୟ ଟାସ୍କଫୋର୍ସ କମିଟି ବୈଠକ ମଙ୍ଗଳବାର ଛତ୍ରପୁରସ୍ଥିତ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏଥିସହ ଜିଲାରେ ଚାଲିଥିବା ବିଜୁ କନ୍ୟାରତ୍ନ ଯୋଜନାର ଅଗ୍ରଗତି ଏହି ବୈଠକରେ ସମୀକ୍ଷା ହୋଇଥିଲା । ଏଥିରେ ଅତିରିକ୍ତ ଜିଲାପାଳ କବୀନ୍ଦ୍ର କୁମାର ସାହୁ ଅଧ୍ୟକ୍ଷତା କରିଥିଲେ।

ବାଲ୍ୟ ବିବାହ କରାଗଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ। ଯେଉଁ ସ୍ଥାନରେ ଏହା ହେଉଥିବ ତାହା ବନ୍ଦ କରିବା ସହ ଆୟୋଜନକାରୀଙ୍କ ନା'ରେ ସ୍ଥାନୀୟ ଥାନାରେ ଏତଲା ଦେବାକୁ ବୈଠକରେ ଉପସ୍ଥିତ ସିଡିପିଓମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଜିଲାରେ ଶିଶୁ କନ୍ୟା ଜନ୍ମହାର କମ୍ ରହୁଥିବା ସମୀକ୍ଷାରୁ ଜଣାପଡିଛି। ଏକ ହଜାର ଶିଶୁ ପୁତ୍ର ଜନ୍ମ ହେଉଥିବା ବେଳେ କନ୍ୟା ସଂଖ୍ୟା ଜିଲାରେ ୯୦୦


ବୈଠକରେ ଉପସ୍ଥିତ ଅତିରିକ୍ତ ଜିଲାପାଳ ଏବଂ ଅନ୍ୟମାନେ।

ରହିଛି। ଯେଉଁ ଅଙ୍ଗନୱାଡି କେନ୍ଦ୍ର ଅଞ୍ଚଳରେ ଏପରି ଶିଶୁକନ୍ୟାଙ୍କ ସଂଖ୍ୟା ରହିଛି, ଜିଲା ଅଧିକାରୀମାନେ ଉକ୍ତ ଅଞ୍ଚଳକୁ ନିୟମିତ ଯାଇ ଅନୁଧ୍ୟାନ କରିବା ସହ ତଥ୍ୟ ସଂଗ୍ରହ କରିବାକୁ କୁହାଯାଇଛି। ନିୟମ ଅନୁଯାୟୀ ଚାଲୁ ନ ଥିବା ଜିଲାର ୨୮ ଅଲଟ୍ରାସାଉଣ୍ଡ କ୍ଲିନିକକୁ ପ୍ରଶାସନ ବନ୍ଦ କରିଥିଲା। ଏଗୁଡିକ ବନ୍ଦ ରହିଛି ନା ଚାଲିଛି ପୁନଃଯାଞ୍ଚ କରି ରିପୋର୍ଟ ଦେବାକୁ ସିଡିଏମଓଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ବିଡିଓମାନେ ମଧ୍ୟ ବିଜୁ କନ୍ୟା ରତ୍ନ ଯୋଜନା ଉପରେ ନିୟମିତ ସମୀକ୍ଷା କରିବା ସହ ଏହି ଯୋଜନାର ସଫଳ ରୂପାୟନ ଉପରେ ଅତିରିକ୍ତ ଜିଲାପାଳ ଗୁରୁତ୍ୱାରୋପ କରିଥିଲେ। ବିଜୁ କନ୍ୟା ରତ୍ନ ଯୋଜନାରେ ସଂଶ୍ଲିଷ୍ଟ ବିଭାଗୀୟ ଅଧିକାରୀମାନଙ୍କୁ ନେଇ ହ୍ୱାଟସ ଅପ ଗ୍ରୁପ ଗଠନ କରିବାକୁ ଅତିରିକ୍ତ ଜିଲାପାଳ କହିଥିଲେ । ସ୍କୁଲଗୁଡିକରେ ବାଳିକାମାନଙ୍କ ପାଇଁ ପାଇଖାନା ନିର୍ମାଣ ସମ୍ପର୍କରେ ଆଲୋଚନା କରାଯାଇ ଏହା ତ୍ୱରାନ୍ୱିତ କରିବାକୁ କୁହାଯାଇଛି। ପୂର୍ବରୁ ଏହି ଯୋଜନା ସମ୍ପର୍କରେ ସ୍ୱାସ୍ଥ୍ୟ , ଶିକ୍ଷା ଏବଂ ବିଭାଗୀୟ ଅଧିକାରୀମାନଙ୍କୁ ସଚେତନତା ସମ୍ବନ୍ଧୀୟ ତାଲିମ ଦିଆଯାଇଥିବା ସୂଚନା ମିଳିଛି । ବୈଠକରେ ଓଡିଶା ଜୀବୀକା ମିଶନର ଜିଲା ପ୍ରକଳ୍ପ ମ୍ୟାନେଜର ନଳିନୀ କୁମାର ସେନାପତି, ବ୍ରହ୍ମପୁର ଡିଏସପି ବଟକୃଷ୍ଣ ମିଶ୍ର, ଜିଲା ଶିଶୁ ସୁରକ୍ଷା ଅଧିକାରୀ ସୁବୋଧ ଷଡଙ୍ଗୀ, ଚାଇଲ୍ଡ ଲାଇନ ନିର୍ଦ୍ଦେଶକ ସୁଧୀର ସାବତ, ମହିଳା ସୁରକ୍ଷା ଅଧିକାରୀ ଆର. ଜ୍ଞାନ ସୁନ୍ଦରୀ, ଲିଗାଲ ଅଫିସର ସୁଦାମ ପାଣିଗ୍ରାହୀ, ଜିଲା ସଂଯୋଜକ ଶିବ ପ୍ରସାଦ ରଥ, ଅଣଆନୁଷ୍ଠାନିକ ଅଧିକାରୀ ସୁଶାନ୍ତ କୁମାର ସାହୁଙ୍କ ସମେତ ଜିଲାର ସମସ୍ତ ସିଡିପିଓମାନେ ଉପସ୍ଥିତ ଥିଲେ।

# ଗଞ୍ଜାମ ସ୍ୱାସ୍ଥ୍ୟକେନ୍ଦ୍ର: ୧୦୮ ସେବା ବନ୍ଦ

ଗଞ୍ଜାମ,୨୯।୧(ଡି.ଏନ.ଏ.)

ଗଞ୍ଜାମରେ ରହିଥିବା ବହୁ ପୁରାତନ ସ୍ୱାସ୍ଥ୍ୟକେନ୍ଦ୍ରରେ କିଛିଦିନ ହେଲା ୧୦୮ ଆମ୍ବୁଲାନ୍ସ ସେବା ବନ୍ଦ ହୋଇଯାଇଛି। ଫଳରେ ଗରିବ ଜନସାଧାରଣ ବେସରକାରୀ ଗାଡ଼ି ନେଇ ବ୍ରହ୍ମପୁର, ଛତ୍ରପୁର ଯାଇ ଖର୍ଚ୍ଚାନ୍ତ ହେଉଛନ୍ତି। ଗତ ୧୯ରେ ୧୦୮ ରୋଗୀ ନେଇ ବ୍ରହ୍ମପୁର ଅଭିମୁଖେ ଯାଉଥିବା ବେଳେ ଏକ କାର ପଛରେ ପିଟି ହୋଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ସେହିଦିନ ଠାରୁ ସେବା ବନ୍ଦ ହୋଇଯାଇଛି। ସମ୍ପୃକ୍ତ ସଂସ୍ଥା ବିକଳ୍ପ ବ୍ୟବସ୍ଥା କରି ନ ଥିବାରୁ ସ୍ଥାନୀୟ ଅଞ୍ଚଳବାସୀ ଅସୁବିଧା ଭୋଗୁଛନ୍ତି। ଦୀର୍ଘଦିନ ଧରି ୧୦୮ ଆମ୍ବୁଲାନ୍ସ ଚାଲିଥିଲେ ମଧ୍ୟ ତାର ମରାମତି କରାଯାଉନଥିବା ଯୋଗୁ ଗାଡ଼ି ଚଳାଇବା ପାଇଁ ମୁହଁ ଫେରାଉଛନ୍ତି ଚାଳକ। ଏହାର



ଗଞ୍ଜାମ ସ୍ୱାସ୍ଥ୍ୟକେନ୍ଦ୍ର ।

ପ୍ରତିବାଦ କଲେ ଦରମା ବନ୍ଦ କରି ଦିଆଯିବ ବୋଲି ସଂସ୍ଥା ପକ୍ଷରୁ ଧମକ ମିଳୁଥିବା ନେଇ ଖବର ମିଳିଛି। ପୂର୍ବରୁ ଉକ୍ତ ଗାଡ଼ି ଷ୍ଟାର୍ଟ ହେଉନଥିବା ଏବଂ ପଛରୁ ଠେଲିଲେ ଷ୍ଟାର୍ଟ ହେଉଛି ୧୦୮ ଆମ୍ବୁଲାନ୍ସ ଶୀର୍ଷକ ଧରିତ୍ରୀରେ ଖବର ପ୍ରକାଶିତ ହେବା ପରେ ଉକ୍ତ ସଂସ୍ଥା ପକ୍ଷରୁ ତତ୍ପରତା ପ୍ରକାଶ ପାଇବା ସହ ଗାଡ଼ି ମରାମତି ହୋଇଥିଲା। ଏ ସମ୍ପର୍କରେ ୧୦୮ର ପାର୍ଟ୍ସ ମିଳୁନଥିବାରୁ ସମସ୍ୟା ସୃଷ୍ଟି ହେଉଛି ବୋଲି ଚାଳକ କହିଛନ୍ତି।

### ୩ ପ୍ରକଳ୍ପର ଭୂମିପୂଜନ କଲେ ବିଧାୟକ

ପୋଲସରା,୨୯।୧(ଡି.ଏନ.ଏ.)

ପୋଲସରା ବ୍ଲକର ଚିରିକିପଡ଼ା ଶାସନ, ସୋଡ଼କ ଓ କେନ୍ଦୁବାଡ଼ି ପଞ୍ଚାୟତରେ ମଙ୍ଗଳବାର ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ନିର୍ମିତ ହେବାକୁ ଥିବା ୩ଟି ପ୍ରକଳ୍ପର ଭିତ୍ତିପ୍ରସ୍ତର ସହ ଭୂମିପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ପୋଲସରା ବିଧାୟକ ଶ୍ରୀକାନ୍ତ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଭିତ୍ତିପ୍ରସ୍ତର ସହ ଭୂମିପୂଜନ କରିଛନ୍ତି। ଗ୍ରାମ୍ୟ ଉନ୍ନୟନ ବିଭାଗର ସ୍ୱତନ୍ତ୍ର ମରାମତି ଅନୁଦାନ ରାଶିରେ ବୁଗୁଡ଼ା ପୋଲସରା ପୂର୍ତ୍ତ ରାସ୍ତା ଠାରୁ ଚିରିକିପଡ଼ା ଶାସନ-ସିଂହାସନୀ ପୀଠର ଉନ୍ନତିକରଣ, କେନ୍ଦୁବାଡ଼ି-ବୋରିଘାଇ-ଶରଧାପୁର ରାସ୍ତାର ଉନ୍ନତିକରଣ ଏବଂ ସୋଡ଼କ-ଝୁଙ୍କାପଡ଼ା ରାସ୍ତାରୁ ଶରଧାପୁର ରାସ୍ତାର ଉନ୍ନତିକରଣ ଆଦି କାର୍ଯ୍ୟର ଶୁଭାରମ୍ଭ ହୋଇଛି। ବହୁ ସଂଖ୍ୟାରେ ବିଜେଡି କର୍ମୀ ଓ ବିଧାୟକ ସାହୁ ପୋଲସରାରୁ ବାଇକ ରାଲିରେ ବାହାରିଥିଲେ। କାର୍ଯ୍ୟକ୍ରମରେ ଗ୍ରାମ୍ୟ ଉନ୍ନୟନ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀ ରମେଶ ଚନ୍ଦ୍ର ନାୟକ, କନିଷ୍ଠ ଯନ୍ତ୍ରୀ ପ୍ରମୋଦ କୁମାର ବେହେରା, ବ୍ଲକ ବିଜେଡି ସମ୍ପାଦକ ଅଶୋକ ବିଶୋୟୀ, ବ୍ଲକ ଅଧ୍ୟକ୍ଷ ବଳରାମ ସେଠୀ, ଉପାଧ୍ୟକ୍ଷା ସଂଯୁକ୍ତା ବାଡ଼ତ୍ୟାଙ୍କ ସମେତ ବହୁ ସରପଞ୍ଚ, ସମିତିସଭ୍ୟ ଓ ବହୁ ସଂଖ୍ୟକ ବିଜେଡି କର୍ମୀ ଯୋଗ ଦେଇଥିଲେ।

# ମିଶନ ଶକ୍ତି ସଚେତନତା ରଥର ଶୁଭାରମ୍ଭ

ବୁଗୁଡ଼ା,୨୯।୧(ଡି.ଏନ.ଏ.)

ବୁଗୁଡ଼ା ସମନ୍ୱିତ ଶିଶୁ ବିକାଶ ଯୋଜନା କାର୍ଯ୍ୟାଳୟ ତରଫରୁ ମଙ୍ଗଳବାର ବୁଗୁଡ଼ାରେ ମିଶନ ଶକ୍ତି ସଚେତନତା ରଥର ଶୁଭାରମ୍ଭ ହୋଇଯାଇଛି । ଉକ୍ତ ସଚେତନତା ରଥ ବୁଗୁଡ଼ାରେ ପହଞ୍ଚିବା ପରେ ସମ୍ପୃକ୍ତ ବିଭାଗୀୟ କାର୍ଯ୍ୟାଳୟରେ ଅଞ୍ଚଳ ପରିଦର୍ଶିକା, ଅଙ୍ଗନୱାଡି କର୍ମୀ ଏବଂ ଆମ୍ ସହାୟିକା ଗୋଷ୍ଠୀର ସଭ୍ୟାମାନଙ୍କ ପକ୍ଷରୁ ସ୍ୱାଗତ କରାଯାଇଥିଲା । ପରେ ମିଶନ ଶକ୍ତି ରଥକୁ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ପତାକା ଦେଖାଇ ବ୍ଲକ ଅଧ୍ୟକ୍ଷା ମାମି ସେନାପତି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। କାର୍ଯ୍ୟକ୍ରମରେ ବୁଗୁଡ଼ାରେ ୯ଟି ମିଶନ ଶକ୍ତି ରଥ ପହଞ୍ଚି ବ୍ଲକର ୨୧ଟି ପଞ୍ଚାୟତରେ ଏବଂ ବୁଗୁଡ଼ା ଏନଏସିର ବ୍ଲକ କଲୋନୀ ଓ ବଡ଼ଦାଣ୍ଡ ଠାରେ ପରିକ୍ରମା କରି


କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଉଛି ।

ପହଞ୍ଚିଥିଲା । ଏହି ଅବସରରେ ବିଭିନ୍ନ ଆମ୍ ସହାୟିକା ଗୋଷ୍ଠୀମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ହୋଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମକୁ ଅଞ୍ଚଳ ପରିଦର୍ଶିକା ମମତା ପଣ୍ଡା, ରେଣୁକା ପଟ୍ଟନାୟକ, ନଳିନୀ ମହାରଣା ପ୍ରମୁଖ ପରିଚାଳନା କରିଥିଲେ ।

ଆସନ୍ତୁ ଓଡ଼ିଶାକୁ ପ୍ଲାଷ୍ଟିକ୍ ମୁକ୍ତ କରିବା
ଏହିଭଳି ଆଙ୍ଗୁଳି ମୁଦ୍ରାରେ ନିଜର ଫଟୋ/ ସେଲ୍‌ଫି ଉଠାଇ bmpselfie@gmail.com ରେ ଆମର ସେଲ୍‌ଫି କର୍ନରକୁ ପଠାନ୍ତୁ। ଏଥିସହ ଫଟୋକୁ ହ୍ୟାସ୍‌ଟ୍ୟାଗ୍ #PlasticFreeOdisha ଲଗାଇ @DharitriNews କୁ ଟ୍ୟାଗ୍ କରି ଆପଣଙ୍କର ସୋସିଆଲ ମିଡିଆ ପ୍ରୋଫାଇଲରେ ଶେୟାର କରନ୍ତୁ। ଆମ ଫେସ୍‌ବୁକ ପେଜ Dharitriକୁ ଲାଇକ୍ କରି ଏହି ବିପ୍ଳବରେ ସାମିଲ ହୁଅନ୍ତୁ।



## ସେଲ୍‌ଫି କର୍ନର


ବିଶ୍ୱପକ୍ଷ


ମାନସ

ସେଲ୍‌ଫି ଉଠାନ୍ତୁ ଆମପାଖକୁ ପଠାନ୍ତୁ
bmpselfie@gmail.com
(ନିର୍ବାଚିତ ସେଲ୍‌ଫି ପ୍ରକାଶ ପାଇବ)

# ବାଇକ୍ ଧକ୍କାରେ ବୃଦ୍ଧ ମୃତ

ଦିଗପହଣ୍ଡି/ ପାଟପୁର, ୨୯।୧ (ଡି.ଏନ.ଏ.)-ଦିଗପହଣ୍ଡି-ଆସିକା ମୁଖ୍ୟରାସ୍ତାର ସାହାସପୁର ହାଟପଦା ନିକଟରେ ବାଇକ୍ ଧକ୍କାରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ସେ ହେଲେ ବଡ଼ଗଡ଼ ଥାନା ବାଦପୁର ଗାଁର ଅଭି ନାଇକ। ମଙ୍ଗଳବାର ପୂର୍ବାହ୍ନ ପ୍ରାୟ ୧୧ଟାରେ ଅଭି ତାଙ୍କ ଝିଅ ଘର ଚିନ୍ତାଖାଳି ଗାଁରୁ ଚାଲି ଚାଲି ହାଟପଦା ଛକକୁ ଯାଉଥିଲେ। ପାଟପୁର ଥାନା ପଳାସପୁର ଗ୍ରାମର ରଜନୀକାନ୍ତ ମହାରଣା ଦିଗପହଣ୍ଡି ଯାଉଥିବା ବେଳେ ତାଙ୍କ ବାଇକ୍ ଅଭିଙ୍କୁ ଧକ୍କା ଦେଇଥିଲା। ଗୁରୁତର ଅବସ୍ଥାରେ ଉଭୟ ଅଭି ଓ ବାଇକ୍ ଚାଳକଙ୍କୁ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଅଭିଙ୍କ ମୃତ୍ୟୁ ଘଟିଛି। ପୋଲିସ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ବଡ଼ ମେଡିକାଲକୁ ପଠାଇଛି।

# ରାମ ନାରାୟଣ ମହାବିଦ୍ୟାଳୟର ବାର୍ଷିକୋତ୍ସବ



ଦୃଷ୍ଟିବାଧିତ ଛାତ୍ରୀଙ୍କୁ ବିଧାୟକ ସମ୍ବର୍ଦ୍ଧିତ କରୁଛନ୍ତି।

ଗୋପାଳପୁର,୨୯।୧

ରଙ୍ଗେଇଲୁଣ୍ଡା ବ୍ଲକ ଡୁରାସ୍ଥିତ ରାମ ନାରାୟଣ ମହାବିଦ୍ୟାଳୟର ୩୬ତମ ବାର୍ଷିକ ଉତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟଅତିଥି ଭାବେ ଗୋପାଳପୁର ବିଧାୟକ ଡ. ପ୍ରଦୀପ କୁମାର ପାଣିଗ୍ରାହୀ, ମୁଖ୍ୟବକ୍ତା ଭାବେ ଜିଲା ପରିଷଦ ଅଧ୍ୟକ୍ଷ ସୁବାସ ବେହେରା, ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ଅଧ୍ୟକ୍ଷ ଏସ. ରାମାରାଓ, କ୍ଷେତ୍ର ମୋହନ ମହାବିଦ୍ୟାଳୟର ଅଧ୍ୟକ୍ଷ ସୁଶାନ୍ତ ମିଶ୍ର, ବନମାଳୀ ପାଣିଗ୍ରାହୀ ମଞ୍ଚାସୀନ ଥିଲେ। ମୁଖ୍ୟଅତିଥି ଡ. ପାଣିଗ୍ରାହୀ ମହାବିଦ୍ୟାଳୟର ସମସ୍ୟା ନେଇ ଛାତ୍ରୀଛାତ୍ରଙ୍କୁ ପଚାରି ବୁଝିଥିଲେ। ଆସନ୍ତା ୧୫ ଦିନ ମଧ୍ୟରେ କ୍ୟାମ୍ପସରେ ୱାଇ-ଫାଇ, ଲ୍ୟାବର ସୁବିଧା ଓ ପାଠାଗାର ପାଇଁ ପୁସ୍ତକ ବ୍ୟବସ୍ଥା କରାଯିବା ସହ ଅନ୍ୟାନ୍ୟ ସମସ୍ୟାଗୁଡ଼ିକର ଖୁବଶୀଘ୍ର ସମାଧାନ କରାଯିବ ବୋଲି କହିଥିଲେ। ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ଓଡ଼ିଆ ନେଟ ଓ ଜେଆର୍‌ଏଫ୍ ସର୍ବଭାରତୀୟ ସ୍ତରରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଦୃଷ୍ଟିବାଧିତ ଛାତ୍ରୀ ଇପ୍‌ସିତା ରାଣୀ ସାହୁଙ୍କୁ ବିଧାୟକ ସମ୍ବର୍ଦ୍ଧିତ କରିଥିଲେ।

# ରେଡ୍‌କ୍ରସ୍ ପକ୍ଷରୁ ରାଲି, ସଚେତନତା କାର୍ଯ୍ୟକ୍ରମ

ବାଲିପଦର,୨୯।୧

ବାଲିପଦର ଆଞ୍ଚଳିକ ବିଜ୍ଞାନ ମହାବିଦ୍ୟାଳୟରେ ଯୁକ୍ତ ୨ କଳା ଓ ବିଜ୍ଞାନ ଛାତ୍ରୀଛାତ୍ରଙ୍କ ଦ୍ୱାରା ରେଡକ୍ରସ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ ଡ. ଦିଲୀପ କୁମାର ପ୍ରଧାନଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଯାଇଛି। ଏହାକୁ ବ୍ରହ୍ମପୁର ଶିରିଡି ସାଇ ଯୁବକ ସଂଘ ପକ୍ଷରୁ ସଂଯୋଜନା କରାଯାଇଥିଲା। ଛାତ୍ରୀଛାତ୍ରମାନେ ଡାକବାଜି ଯନ୍ତ୍ର ସାହାଯ୍ୟରେ ଲାଲା ଲାଜପତି ରାୟଙ୍କ ଜୟନ୍ତୀରେ ରକ୍ତଦାନ ମହାପୁଣ୍ୟ ସ୍ଲୋଗାନ ଦେଇ ପ୍ଲାକାର୍ଡ ଧରି ଓ ପ୍ରଚାର ପତ୍ର ବଣ୍ଟନ କରି ବାଲିପଦର ପରିକ୍ରମା କରିଥିଲେ। ଏହି ଅବସରରେ ପ୍ରାୟ ୫ ଶହ ଛାତ୍ରୀଛାତ୍ରଙ୍କୁ ନେଇ ମହାବିଦ୍ୟାଳୟ ପରିସରରେ ଅଧ୍ୟକ୍ଷ ଡ. ବି. ପ୍ରକାଶ ଚନ୍ଦ୍ର ପାତ୍ରଙ୍କ ଅଧ୍ୟକ୍ଷତାରେ ସଚେତନତା



ସଚେତନତା ଶୋଭାଯାତ୍ରା ।

ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଅତିଥି ଭାବେ ବ୍ରହ୍ମପୁରରୁ ଯୋଗଗୁରୁ ଦୁର୍ଗା କୁମାର ନାୟକ, ସୂର୍ଯ୍ୟ ପରିଡ଼ା, ସନ୍ତୋଷ କୁମାର ପାତ୍ର, ସ୍ଥାନୀୟ ସରପଞ୍ଚ ପୂର୍ଣ୍ଣଚନ୍ଦ୍ର ଜେନା, ସମିତିସଭ୍ୟ ମହେନ୍ଦ୍ର ପ୍ରସାଦ ପଣ୍ଡା, ପରିଚାଳନା ପରିଷଦର ସଦସ୍ୟ ଜି. ରାଜେଶ୍ୱର ପାତ୍ର ପ୍ରମୁଖ ଯୋଗଦେଇ ରେଡକ୍ରସର ମହତ୍ତ୍ୱ ସମ୍ପର୍କରେ ସଚେତନ କରାଇଥିଲେ। ଅଧ୍ୟାପକ ସରୋଜ କାନ୍ତ ଦାସ ଛାତ୍ରୀଛାତ୍ରଙ୍କୁ ଶପଥପାଠ କରାଇଥିଲେ।

### ଟୋଲ୍ ଗେଟ୍ ଉଚ୍ଛେଦ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଲେ ଅଞ୍ଚଳବାସୀ

ଶେରଗଡ,୨୯।୧(ଡି.ଏନ୍.ଏ.)

ଶେରଗଡ ବ୍ଲକ କାର୍ଯ୍ୟାଳୟ ସମ୍ମୁଖ ଏନ୍‌ଏଚ୍-୩୨୬ରେ ଥିବା ଏକ ଟୋଲ୍‌ଗେଟ୍‌କୁ ଉଚ୍ଛେଦ କରାଯାଇଛି। ଏନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ଚିଠି ନଂ.୭୮୫/୧୬.୧.୧୯ରେ ନିର୍ଦ୍ଦେଶ ଆସିଛି। ବାରମ୍ବାର ଏହି ଟୋଲ୍‌ଗେଟ୍ ଉଚ୍ଛେଦ କରିବାକୁ ଅଞ୍ଚଳବାସୀ ଦାବି କରୁଥିଲେ। ଉଚ୍ଛେଦ ପରେ ହୃଷିକେଶ ପାଢୀ, ଦୁର୍ଗାମାଧବ ବିଷୋୟୀ, ଚିନ୍ମୟ ପାତ୍ର ଓ ସୁଦୀପ କୁମାର ମହାପାତ୍ର ପ୍ରମୁଖ ଅଞ୍ଚଳବାସୀଙ୍କ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଛନ୍ତି। ପ୍ରକାଶ ଯେ, ୮ବର୍ଷ ତଳେ ରାଜ୍ୟ ସରକାରଙ୍କ ପକ୍ଷରୁ ନିକଟସ୍ଥ ନନ୍ଦିନୀ ନଦୀ ଉପରେ ଏକ ପୋଲ ନିର୍ମାଣ ପରେ ଏଠାରେ ଟୋଲ୍ ଗେଟ୍ ବସିଥିଲା। ଏହି ଟୋଲ୍‌ଗେଟ ଦ୍ୱାରା ଶେରଗଡ ଆଖପାଖ ଅଞ୍ଚଳର ଲୋକେ ବିଶେଷ ଭାବେ ପ୍ରଭାବିତ ହେଉଥିଲେ। ନିକଟରେ ଥିବା ଟାଙ୍କିକୁ ତେଲ ପକାଇବାକୁ ଗଲେ ମଧ୍ୟ ଦେୟ ଦେବାକୁ ପଡୁଥିଲା।

## ସଂକ୍ଷେପରେ

### ରକ୍ତଦେଇ ଜୀବନ ବଞ୍ଚାଇଲେ ଉଦୟନାଥ

**ରାଇସୁଆଁ, ୨୯।୧(ଡି.ଏନ.ଏ.):** କେନ୍ଦୁଝର ଜିଲା ବାଂଶପାଳ ବ୍ଲକ କଂସ ଗ୍ରାମର ଠାକୁର ଦାସ ଜୁଆଙ୍କଙ୍କ ସ୍ତ୍ରୀ ନିରମଣୀଙ୍କୁ ଜଣେ ସ୍ୱାସ୍ଥ୍ୟକର୍ମୀ ରକ୍ତ ଦେଇ ଜୀବନ ବଞ୍ଚାଇଛନ୍ତି। ନିରମଣୀଙ୍କ ପ୍ରସବ ବେଦନା ହେବାରୁ କେନ୍ଦୁଝର ଜିଲା ମୁଖ୍ୟଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ନିରମଣୀଙ୍କୁ ରକ୍ତ ଆବଶ୍ୟକ ବୋଲି ଡାକ୍ତର କହିଥିଲେ। ସେ ଗରିବ ହୋଇ ଥିବାରୁ ରକ୍ତ ଯୋଗାଡ କରିବାକୁ ଅକ୍ଷମ ହୋଇଥିଲେ। ସେହି ସମୟରେ କୁଣ୍ଡେଇ ଉପସ୍ୱାସ୍ଥ୍ୟ କର୍ମୀ ଉଦୟନାଥ ରାୟ ଆସି ରକ୍ତଦାନ କରି ମହିଳାଙ୍କୁ ଜୀବନ ବଞ୍ଚାଇ ଥିଲେ। ଉଭୟ ମା' ଏବଂ ନବଜାତ ଶିଶୁ ସୁସ୍ଥ ଥିବା ଜଣାଯାଇଛି। ସ୍ଥାନୀୟ ଜନସାଧାରଣ ଏବଂ ମହିଳାଙ୍କ ପରିବାର ତରଫରୁ ଉଦୟନାଥଙ୍କୁ ଧନ୍ୟବାଦ ଦିଆଯାଇଛି।

### ମହିଳାଙ୍କୁ ମାଡ଼ମାରି ଜଣେ ଗିରଫ

**ପାଟଣା, ୨୯।୧(ସ୍ୱ.ପ୍ର.):** ପାଟଣା ଥାନା ଦମାହୁଦା ପଞ୍ଚାୟତ ଉଚଟାଙ୍ଗର ଗ୍ରାମର ଜଣେ ବ୍ୟକ୍ତିଙ୍କୁ ମଙ୍ଗଳବାର ସାହାରପଡା ଫାଣ୍ଡି ଅଧିକାରୀ ଅଶୋକ କୁମାର ପୋହି ଗିରଫ କରିଛନ୍ତି। ଗିରଫ ବ୍ୟକ୍ତି ହେଉଛନ୍ତି ଉକ୍ତ ଗ୍ରାମର ନଟବର ନାଏକଙ୍କ ପୁଅ ଶୁକଦେ। ବିବାହର ୯ବର୍ଷ ପରେ ଶନିବାର ରାତିରେ ବାପ ଘର ଝାରଖଣ୍ଡରୁ ଜଣେ ମହିଳା ଉଚଟାଙ୍ଗରର ନିଜ ସ୍ୱାମୀଙ୍କ ପାଖକୁ ଆସିଥିଲେ। ଏ ନେଇ ଘରେ ଝଗଡ଼ା ହୋଇଥିଲା। ମହିଳାଙ୍କୁ ଶୁକଦେ ଆକ୍ରମଣ କରିଥିଲେ ବୋଲି ଅଭିଯୋଗ ହୋଇଛି। ପାଟଣା ଥାନାରେ ଏକ ମାମଲା(ନଂ.୧୩/୧୯) ରୁଜୁ ହୋଇଛି।

### ବିଦେଶୀ ମଦ ଜବତ, ଜଣେ ଗିରଫ

**ଯୋଡ଼ା, ୨୯।୧(ଡି.ଏନ.ଏ.):** ବାମେବାରୀ ଥାନା ଅନ୍ତର୍ଗତ ବିପ୍ଲଟ ଗ୍ରାମରେ ବିଦେଶୀ ମଦ କାରବାର ଅଭିଯୋଗରେ ଜଣେ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ବାମେବାରୀ ଥାନା ଅଧିକାରୀ ପରେଶ କୁମାର ମହାନ୍ତିଙ୍କ ସୂଚନାନୁଯାୟୀ, ମଙ୍ଗଳବାର ପୋଲିସ ଚଢ଼ାଉ କରି ଉକ୍ତ ଗ୍ରାମର ସୂର୍ଯ୍ୟ ଠାକୁରଠାରୁ ୨୫ ବୋତଲ ବିଦେଶୀ ମଦ ଜବତ କରି ତାଙ୍କୁ ଗିରଫ କରିଥିଲା। ଉକ୍ତ ଗ୍ରାମରେ ମହୁଲି ମଦ କାରବାର ନେଇ ଅଭିଯୋଗ ହୋଇଥିଲା। ଏ ନେଇ ଗ୍ରାମରେ ଚଢାଉ କରାଯାଇଥିଲା ବୋଲି ଥାନା ଅଧିକାରୀ ପରେଶ କୁମାର ମହାନ୍ତି କହିଛନ୍ତି।

### ବିଦ୍ୟାଳୟର କର୍ମଚାରୀଙ୍କ ଆନ୍ଦୋଳନ

**ରାଇସୁଆଁ, ୨୯।୧(ଡି.ଏନ.ଏ.)** କେନ୍ଦୁଝର ଜିଲା ସଦର ବ୍ଲକ ଅନ୍ତର୍ଗତ ପଦ୍ମପୁର କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟର କର୍ମଚାରୀ ଆନ୍ଦୋଳନ ଡାକରା ଦେଇଛନ୍ତି। ନିଖିଳ ଉତ୍କଳ କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟ ସଂଘର ଡାକରା କ୍ରମେ ଏହି ଆନ୍ଦୋଳନ ଆରମ୍ଭ ହୋଇଥିବା ଜଣାଯାଇଛି। ୧୪ ବର୍ଷରୁ ଊର୍ଦ୍ଧ୍ୱ ବର୍ଷଧରି ବିଦ୍ୟାଳୟରେ କାମ କରି ମଧ କର୍ମଚାରୀଙ୍କୁ ଅବହେଳ କରାଯାଉଛି। ସ୍କୁଲ ପରିତ୍ୟାଗ କରିଥିବା, ଦିବ୍ୟାଙ୍ଗ, ମାତାପିତା ନ ଥିବା ଛାତ୍ରୀଙ୍କୁ ବିଦ୍ୟାଳୟକୁ ଆଣି ସମାଜର ମୁଖ୍ୟ ସ୍ରୋତରେ ସାମିଲ କରାଯାଉଛି। ସରକାର କର୍ମଚାରୀଙ୍କୁ ସ୍ଥାୟୀ ନିଯୁକ୍ତି ଦେଉ ନାହାନ୍ତି ବୋଲି କେତେକ କର୍ମଚାରୀ କହିଛନ୍ତି।

### ଚୋରି ବାଇକ୍ ଉଦ୍ଧାର, ଅଭିଯୁକ୍ତ ଗିରଫ



**ବଡ଼ବିଲ, ୨୯।୧(ସ୍ୱ.ପ୍ର.):** ବଡ଼ବିଲ ପୋଲିସ ସୋମବାର ଏକ ଚୋରି ବାଇକ୍ ଉଦ୍ଧାର କରିବା ସହ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ଜଣଙ୍କ ହେଲେ ସୟାବାଲି ଗ୍ରାମର ଲାଓ ମୁଣ୍ଡା। ଗତ ୨୦୧୮ ଡିସେମ୍ବର ୪ରେ ୨ ବାଇକ୍ ଚୋରି ଘଟଣାରେ ବଡ଼ବିଲ ଥାନାରେ ଏକ ମାମଲା (ନଂ ୧୮୩/୨୦୧୮) ରୁଜୁ ହୋଇଥିଲା। ପୋଲିସ ଗୋଟିଏ ଚୋରି ବାଇକ୍ ଉଦ୍ଧାର କରିଛି। ଅନ୍ୟ ଚୋରି ବାଇକ୍‌ର ସନ୍ଧାନ ମିଳିପାରି ନ ଥିବା ବେଳେ ପୋଲିସ ତଦନ୍ତ ଚଳାଇଛି।

■ ୧୬.୮୫ଲକ୍ଷ ଗାଏବ ଘଟଣା

# ସରପଞ୍ଚଙ୍କ ଟେରପାଉନି ପୋଲିସ

**ପୁରୁଷୋତ୍ତମପୁର,୨୯।୧(ଡି.ଏନ.ଏ.)**

ପୁରୁଷୋତ୍ତମପୁର ବ୍ଲକ ହାଣ୍ଡିଘର ପଞ୍ଚାୟତର ସରକାରୀ ଅର୍ଥ ଚତୁର୍ଦ୍ଦଶ ଅର୍ଥକମିଶନର ଅନୁଦାନ ୧୬ଲକ୍ଷ ୮୫ହଜାର ୧୨୦ଟଙ୍କା ବ୍ୟାଙ୍କ ଆକାଉଣ୍ଟରୁ ଗାଏବ କରିଥିବା ନେଇ ସରପଞ୍ଚ ସୂର୍ଯ୍ୟନାରାୟଣ ଗୌଡ଼ଙ୍କ ନାଁରେ ନିର୍ବାହୀ ଅଧିକାରୀ ଦେବରାଜ ମହନ୍ତି ଥାନାରେ ଅଭିଯୋଗ କରିଥିଲେ। ଏ ନେଇ ନଂ. ୧୭/୧୯ ରେ ମାମଲା ରୁଜୁ ହୋଇଥିଲା। କିନ୍ତୁ ୮ ଦିନ ହେଲା ପୋଲିସ ସରପଞ୍ଚଙ୍କୁ ଗିରଫ୍ କରିବାରେ ସକ୍ଷମ ହୋଇ ନାହିଁ।

ସରପଞ୍ଚ ଶାସକ ଦଳର ସମର୍ଥକ ହୋଇଥିବାରୁ ଘଟଣାକୁ ଚପାଇ ଦେବା ଲାଗି ଉଦ୍ୟମ ଚାଲିଥିବା ବିରୋଧୀ ଦଳ ପକ୍ଷରୁ ଅଭିଯୋଗ ହୋଇଛି। ଏ ନେଇ ପୋଲିସ ଏସ୍‌ଆଇ ସୁନିଲ କୁମାର ପ୍ରଧାନଙ୍କ ସହ ଯୋଗାଯୋଗ କରିବାରୁ ସେ କହିଛନ୍ତି, ସରପଞ୍ଚଙ୍କୁ ଗିରଫ ଲାଗି ଚଢ଼ାଉ ଜାରି ରହିଛି। ସେ ଯେଉଁ ଦଳର ହୁଅନ୍ତୁ ନା କାହିଁକି ଆଇନ ଆଗରେ ସମସ୍ତେ ସମାନ। ତେଣୁ ତାଙ୍କୁ ଶୀଘ୍ର ଗିରଫ କରାଯିବ। ଯେଉଁମାନେ ସନ୍ଦେହ ଘେରକୁ ଆସିଛନ୍ତି ସେମାନଙ୍କୁ ପଚରାଉଚରା କରାଯାଇଛି। ପ୍ରକାଶ ଯେ, ହାଣ୍ଡିଘର ଗ୍ରାମ ପଞ୍ଚାୟତ ପକ୍ଷରୁ ପୁରୁଷୋତ୍ତମପୁର ମେନ୍ ବ୍ରାଞ୍ଚ ଷ୍ଟେଟ୍‌ବ୍ୟାଙ୍କରେ ସରପଞ୍ଚ ସୂର୍ଯ୍ୟନାରାୟଣ ଗୌଡ଼ ଓ ପଞ୍ଚାୟତ ନିର୍ବାହୀ ଅଧିକାରୀ ଦେବରାଜ ମହାନ୍ତିଙ୍କ ନାଁରେ ଜଏଣ୍ଟ ଆକାଉଣ୍ଟ ରହିଛି। ଏଥିରୁ ଗତ ମାସ ୨୪ରେ ୯ଲକ୍ଷ ୨୦ ହଜାର ୬୦୫ ଟଙ୍କା ପ୍ରତାପୁର ଗ୍ରାମର ବୀରେନ୍ଦ୍ର ବେହେରା ଓ ହାଣ୍ଡିଘର ଗ୍ରାମର ସୁଦର୍ଶନ ବେହେରାଙ୍କ ଆକାଉଣ୍ଟକୁ ୭ ଲକ୍ଷ ୬୪ ହଜାର ୫୧୫ ଟଙ୍କା ଆର୍‌ଟିଜିଏସ୍ ମାଧ୍ୟମରେ ପଠାଯାଇଥିବା ଗତ ୨୧ରେ ନିର୍ବାହୀ ଅଧିକାରୀ ଜାଣି ସରପଞ୍ଚଙ୍କ ବିରୋଧରେ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ୧୭/୧୯ରେ ମାମଲା ରୁଜୁ କରି ବିରେନ୍ଦ୍ର ବେହେରା ଏବଂ ସୁଦର୍ଶନ ବେହେରାଙ୍କୁ ଥାନାକୁ ଆଣି ପଚରାଉଚୁରା କରଥିଲା। ବିରେନ୍ଦ୍ରଙ୍କ ପାଖକୁ ଆସି ସରପଞ୍ଚ ୨ ପର୍ଯ୍ୟାୟରେ ୭ଲକ୍ଷ ୨୦ହଜାର ଟଙ୍କା ମୂଳ କୁମାରି ଗ୍ରାମରେ ଚାଲିଥିବା କଲ୍ୟାଣ ମଣ୍ଡପ କାର୍ଯ୍ୟ ଲାଗି ନେଇଥିବା ବେଳେ ବଳକା ୨ଲକ୍ଷ ଟଙ୍କା ହାଣ୍ଡିଘର ଗ୍ରାମ ବିଜୁ ଯୁବବାହିନୀ ସଭାପତି ସମିର ବେହେରାଙ୍କ ଆକାଉଣ୍ଟକୁ ପଠାଇବାକୁ କହିବାରୁ ଟଙ୍କା ପଠାଇଥିବାର ବିରେନ୍ଦ୍ର କହିଥିଲେ। ସେହିପରି ସୁଦର୍ଶନଙ୍କ ନିକଟରୁ ମଧ କଲ୍ୟାଣ ମଣ୍ଡପ ଗୃହ ନିର୍ମାଣ ଟଙ୍କା କହି ସରପଞ୍ଚ ନେଇଥିଲେ। ଏହାସହ ବିରେନ୍ଦ୍ର ବିଜୁ ଯୁବବାହିନୀ ସଭାପତି ସମିରଙ୍କ ପାଖକୁ ଛାଡ଼ିଥିବା ଟଙ୍କା ସମିରଙ୍କ ଠାରୁ ସରପଞ୍ଚ ମନିପୁରମ୍ ଗୋଲ୍ଡ ଲୋନ୍‌ରେ ବନ୍ଧକ ଥିବା ସୁନା ମୁକୁଳାଇବା ଲାଗି ନେଇଥିବାର ସମିର କହିଛନ୍ତି।

# ସିସିଟିଭି ଫୁଟେଜ୍‌ରୁ ଦୁର୍ବୃତ୍ତ ଚିହ୍ନଟ

**ବାଇକ ଚୋରି ଘଟଣା**

**ଛତ୍ରପୁର,୨୯।୧(ଡି.ଏନ.ଏ)**

ଛତ୍ରପୁରସ୍ଥିତ ଷ୍ଟେଟ ବ୍ୟାଙ୍କ ମୁଖ୍ୟ ଶାଖା ସମ୍ମୁଖରୁ ୨୪ ତାରିଖରେ ପ୍ରଦୀପ ସେଠୀଙ୍କ ବାଇକ ଚୋରି ହୋଇଥିଲା । ଏହି ଘଟଣାରେ ଅଭିଯୁକ୍ତଙ୍କୁ ପୋଲିସ ଧରିବାରେ ସକ୍ଷମ ନ ହେବାରୁ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କୁ ବାଇକ ଚୋରି ସମୟର ସିସିଟିଭି ଫୁଟେଜ ଦେବାକୁ କହିଥିଲା। ତେବେ ବ୍ୟାଙ୍କ ପକ୍ଷରୁ ମିଳିଥିବା ସିସିଟିଭି ଫୁଟେଜ୍‌ରୁ ଅଭିଯୁକ୍ତଙ୍କୁ ପୋଲିସ ଚିହ୍ନଟ କରିଛି। ଉକ୍ତ ଫୁଟେଜ୍‌ରେ ଦୁର୍ବୃତ୍ତ ଜଣଙ୍କ ପ୍ରଥମେ ବ୍ୟାଙ୍କ ଭିତରେ ବୁଲୁଥିବା ଏବଂ ପରେ ବ୍ୟାଙ୍କ ବାହାରୁ ସେ ବାଇକ ଚୋରି କରିନେଉଥିବା ଦୃଶ୍ୟ ରହିଛି । ତାଙ୍କୁ ଧରିବା ପାଇଁ ପୋଲିସର ଉଦ୍ୟମ ଜାରି ରହିଛି । ଛତ୍ରପୁର ଥାନା କରାତଳି ଗାଁର ପ୍ରଦୀପ ୨୪ ତାରିଖରେ ଏସବିଆଇରୁ ୬ ହଜାର ଟଙ୍କା ଉଠାଇଥିଲେ। ସେ ଉକ୍ତ ଟଙ୍କାକୁ ଆଣି ବ୍ୟାଙ୍କ ବାହାରେ ଥିବା ନିଜ ବାଇକ (ଓଆର୍ ୦୭ ଜେଡ୍ ୨୦୫୮) ଡିକିରେ ରଖିଥିଲେ। ପରେ ପ୍ରଦୀପ ପାସବୁକ୍ ଅପଡେଟ୍ କରିବାକୁ ବ୍ୟାଙ୍କକୁ ଯାଇ ଫେରିବା ପରେ ବାଇକଟି ନ ଥିବା ଦେଖିଥିଲେ। ବହୁ ଖୋଜାଖୋଜି ପରେ ବାଇକ ନମିଳିବାରୁ ପ୍ରଦୀପ ଛତ୍ରପୁର ଥାନାରେ ଏତଲା ଦେଇଥିଲେ ।

# ମୋ ସ୍କୁଲ ଅଭିଯାନ କମିଟିର ବୈଠକ



ମଞ୍ଚାସୀନ ଅତିଥିବୃନ୍ଦ।

**ଜି.ଉଦୟଗିରି,୨୯।୧(ଡି.ଏନ.ଏ.)**

ଜି.ଉଦୟଗିରିର ହବାକ୍ ହାଇସ୍କୁଲରେ ମୋ ସ୍କୁଲ ଅଭିଯାନ କମିଟି ତରଫରୁ ମଙ୍ଗଳବାର ଦ୍ୱିତୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ମୋ ସ୍କୁଲ ଅଭିଯାନ କମିଟିର ସଭାପତି କେ. ରାମାରାଓ ପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ସ୍କୁଲର ବିଭିନ୍ନ ଉନ୍ନୟନମୂଳକ କାମ କରିବାକୁ ସ୍ଥିର କରାଯାଇଛି। ସେଗୁଡ଼ିକ ମଧ୍ୟରେ ବିଦ୍ୟାଳୟ ସମ୍ମୁଖ ଗେଟକୁ ଆକର୍ଷଣୀୟ କରିବା, ବିଦ୍ୟାଳୟ ପରିସର ସବୁଜ ସୁନ୍ଦର କରିବା, ଖେଳ ପଡ଼ିଆର ଉନ୍ନତିକରଣ ଆଦି ପଦକ୍ଷେପ ନେବା ସହ ସମସ୍ତ କାର୍ଯ୍ୟକୁ ତଦାରଖ କରିବାକୁ ୧୧ ଜଣିଆ କମିଟି ଗଠନ କରାଯାଇଛି। ଏଥିରେ ପି. ସଞ୍ଜିବ କୁମାର ପାତ୍ର, ସମୀର କୁମାର ପାଢ଼ୀ, ଦେବନାଥ ଦଳ ବେହେରା, ପତିତପାବନ ସାହୁ, ଏନ. ରାଜା ରାଓ, ଜାଲିନା ପ୍ରିୟଦର୍ଶନୀ, ବିଜୟ କୁମାର ମିଶ୍ର ପ୍ରମୁଖଙ୍କୁ ଦାୟିତ୍ୱ ଦେବା ପାଇଁ ସ୍ଥିର କରାଯାଇଛି। ଶେଷରେ ଶିକ୍ଷାନୁଷ୍ଠାନର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଗିରିଜା ଶଙ୍କର ପଣ୍ଡା ଧନ୍ୟବାଦ ଦେଇଥିଲେ।

## ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

**ଝୁମ୍ପୁରା, ୨୯।୧(ଡି.ଏନ.ଏ.)**

ଝୁମ୍ପୁରା ବ୍ଲକ କାର୍ଯ୍ୟାଳୟ ପରିସରରେ ମଙ୍ଗଳବାର ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ସମାଜିକ ସୁରକ୍ଷା ଓ ଭିନ୍ନକ୍ଷକ ସଶକ୍ତିକରଣ ବିଭାଗ ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମକୁ ଝୁମ୍ପୁରା ବିଡିଓ ଜୟଶ୍ରୀ ବେଉର ଉଦ୍‌ଘାଟନ କରିଥିଲେ। ଦିବ୍ୟାଙ୍ଗଙ୍କ ପୁରୁଣା ସାର୍ଟିଫିକେଟ ବଦଳା ଯାଇଥିଲା। ବସ୍ ପାଶ, ଡିଆରଆଇ ଲୋନ ପାଇଁ ଆବେଦନ ସହ ଦକ୍ଷତା ବିକାଶ ତାଲିମ ପାଇଁ ମଧ ପ୍ରାର୍ଥୀ ଚୟନ ପ୍ରକ୍ରିୟା କରାଯାଇଥିଲା। ୮ ଷ୍ଟଲ ଖୋଲା ଯାଇଥିଲା। ଭିନ୍ନକ୍ଷମଙ୍କ ଖାଦ୍ୟ ଗ୍ରହଣ ସମୟରେ ପାଣି ନ ଥିବାରୁ ଅବ୍ୟବସ୍ଥା ଦେଖାଯାଇଥିଲା। ଏଥିରେ ବିଏସଏସଓ ପଦ୍ମଲୋଚନ ବେହେରା, ସଙ୍ଗିତା ସାହୁ, ସସ୍ମିତ ବାରିକଙ୍କ ସହ ୧୬ନଂ ଜିଲା ପରିଷଦ ସଦସ୍ୟ ସୋମନାଥ ମୁଣ୍ଡା, ୧୭ନଂ ଜିଲାପରିଷଦ ସଦସ୍ୟ ଅନୁବ୍ରତ ବେହେରା, ଅର୍ଶଳା ସରପଞ୍ଚ ପ୍ରସନ ନାଏକ, ଖେଣ୍ଡରା ସରପଞ୍ଚ ଦର୍ଶନ ମୁଣ୍ଡାଙ୍କ ସହ ଉଖୁଣ୍ଡା, ବାରିଆ, ବଡନେଉଳୀ, ଖୁଣ୍ଟାପଡା, ମଲଦା, କୁରୁଗାଁ ପଞ୍ଚାୟତର ପଞ୍ଚାୟତ ପ୍ରତିନିଧି ଉପସ୍ଥିତ ଥିଲେ।

# ଉଜ୍ଜ୍ୱଳା ସ୍ୱାଭିମାନ ଉତ୍ସବ



ମଞ୍ଚାସୀନ ଅତିଥିବୃନ୍ଦ।

**ଆର.ଉଦୟଗିରି,୨୯।୧(ଡି.ଏନ.ଏ.)**

ଆର.ଉଦୟଗିରି ବ୍ଲକ ମହେନ୍ଦ୍ରଗଡ଼ ତିବ୍ବତୀୟ କଲୋନୀରେ କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରଣାଳୟ ପକ୍ଷରୁ ଆୟୋଜିତ ଉଜ୍ଜ୍ୱଳା ସ୍ୱାଭିମାନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଜିଲା ପରିଷଦ ଅଧ୍ୟକ୍ଷା ଅନିତାରାଣୀ ବେହେରା ଏହାକୁ ଉଦ୍‌ଘାଟନ କରିଥିଲେ। ସଂଯୋଜକ ସୁବ୍ରତ ଖାଁ ଏଲ୍‌ପିଜି ଗ୍ୟାସର ବ୍ୟବହାର ଓ ଏହାର ସୁରକ୍ଷା ଉପରେ ଉପସ୍ଥିତ ମହିଳାଙ୍କୁ ବୁଝାଇଥିଲେ। ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ ଶିଶୁ ବିକାଶ ମନ୍ତ୍ରୀ ମେନେକା ଗାନ୍ଧୀ ଏଲ୍‌ପିଜି ଗ୍ୟାସ ସରକାରଙ୍କ ବିଭିନ୍ନ ସହାୟତା ଉପରେ କହିଥିଲେ। ମହିଳାମାନେ କେନ୍ଦ୍ର ସରକାରଙ୍କ ଏହୁ ଯୋଜନାକୁ ପ୍ରଶଂସା କରିବା ସହ ପ୍ରଧାନମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଥିଲେ। କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ଭରତ ପାଇକ, ବ୍ଲକ ଅଧକ୍ଷ ନବୀନ ରଇତ, ଜିଲା ପରିଷଦ ସଭ୍ୟା ସୁପ୍ରଭା ମଣ୍ଡଳ, ସରପଞ୍ଚ ସଂଯୁକ୍ତା ପୂଜାରୀ, ବୀର ଭାସ୍କର ପାଇକ ଏବଂ ଆର.ଉଦୟଗିରି ଓ ମୋହନା ବ୍ଲକର ବହୁ ମହିଳା ଯୋଗ ଦେଇଥିଲେ।

# ବିଡିଓଙ୍କ ପ୍ରତିଶ୍ରୁତିରେ ଉଠିଲା ଧାନ

**ପୁରୁଷୋତ୍ତମପୁର, ୨୯।୧(ଡି.ଏନ୍.ଏ.)**



ପ୍ରଶାସନ ଚାଷୀଙ୍କ ଅମଳ ଧାନକୁ ଓଜନ କରୁଛନ୍ତି।

ପୁରୁଷୋତ୍ତମପୁର ବ୍ଲକର ବିଭିନ୍ନ ଗ୍ରାମରେ ଚାଷୀଙ୍କୁ ପ୍ରଶାସନ ଅଣଦେଖା କରି ଅମଳ ଧାନକୁ ମଣ୍ଡିମାଧ୍ୟମରେ କିଣୁ ନ ଥିବା ହେତୁ ୨ ମାସ ହେଲା ଧାନ ଖଳାରେ ପଡ଼ିରହି ନଷ୍ଟ ହେଉଥିବା ନେଇ ରଷିକୂଲ୍ୟା ରୟତ ମହାସଭା ଓ ଚାଷୀମାନେ ଆନ୍ଦୋଳନର ଡାକରା ଦେଇ ସୋମବାର ବିଡିଓ ସତ୍ୟ ସୁନ୍ଦର ରାଉତଙ୍କ ସମେତ ତହସିଲଦାର ଅରୁଣ କୁମାର ନାୟକ ପୋଲିସକୁ ସ୍ମାରକପତ୍ର ଦେଇଥିଲେ। ଏ ନେଇ ତହସିଲଦାର କୋଳାସିଙ୍ଗି ଗ୍ରାମକୁ ଯାଇ ଚାଷୀଙ୍କ ସମସ୍ୟା ବୁଝି ସମାଧାନର ପ୍ରତିଶୃତି ଦେଇଥିଲେ। ସନ୍ଧ୍ୟାରେ ବିଡିଓ ରଷିକୁଲ୍ୟା ରୟତ ମହାସଭାର ଉପଖଣ୍ଡ ସଂଯୋଜକ ସୀତାରାମ ପାଣିଗ୍ରାହୀଙ୍କ ସମେତ କର୍ମକର୍ତ୍ତା ଓ ଚାଷୀମାନଙ୍କୁ ବ୍ଲକ ଡକାଇ ବୁଝାଶୁଝା କରି ଆନ୍ଦୋଳନ ନ କରିବାକୁ ପରାମର୍ଶ ଦେଇ ୪ ଦିନ ମଧ୍ୟରେ ସମସ୍ତ ଧାନ କିଣିବା ପାଇଁ ପ୍ରତିଶୃତି ଦେଇଥିଲେ।

ମଙ୍ଗଳବାର ସକାଳେ କୋଳାସିଙ୍ଗି ଗ୍ରାମରେ ଯୋଗାଣ ନିରୀକ୍ଷକ ସ୍ନେହାସିନି ବେହେରା, ଭୂତସରସିଙ୍ଗ ସମବାୟ ସମିତିର ସମ୍ପାଦକ ଶିଶିର କୁମାର ଦଳେଇ, ସମବାୟ ସମ୍ପ୍ରସାରଣ ଅଧିକାରୀ ସୂର୍ଯ୍ୟନାରାୟଣ ପାଢ଼ୀ, ହିଞ୍ଜିଳିକାଟୁ ନିୟନ୍ତ୍ରିତ ବଜାର କମିଟିର ପବିତ୍ର କୁମାର ସାହୁ ଓ ଅମିୟ କୁମାର ପଟ୍ଟନାୟକ ଏବଂ ମିଲର ଅମିତ କୁମାର ନାୟକ ପହଞ୍ଚି ପ୍ରଥମ ଦିନରେ ୧୨ଜଣ ଚାଷୀଙ୍କ ଧାନକୁ ଗ୍ରେଡିଂ କରିଥିବା ବେଳେ ସେଥିମଧ୍ୟରୁ ୩ଜଣ ଚାଷୀଙ୍କ ୨୪୦ ବସ୍ତା ଧାନକୁ ଓଜନ କରି ନେଇଛନ୍ତି। ଆହୁରି ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ଚାଷୀଙ୍କ ୨୫ଶହରୁ ଊର୍ଦ୍ଧ୍ୱ ଧାନବସ୍ତା ଖଳାରେ ପଡ଼ିରହିଛି। ଏହି ସମସ୍ତ ଧାନକୁ ଗ୍ରେଡିଂ ସହ ଓଜନ କରି ନିଆଯିବ ବୋଲି ଅଧିକାରୀମାନେ କହିଛନ୍ତି। ଧାନ କିଣା ବେଳେ ରଷିକୂଲ୍ୟା ରୟତ ମହାସଭାର ସଂଯୋଜକ ସୀତାରାମ ପାଣିଗ୍ରାହୀ, ଭୀମପୁର ସରପଞ୍ଚ ନାରାୟଣ ପାଣିଗ୍ରାହୀଙ୍କ ସମେତ କର୍ମକର୍ତ୍ତା ଓ ଚାଷୀମାନେ ଉପସ୍ଥିତ ଥିଲେ।

## ଆନ୍ଦୋଳନ ଚେତାବନୀ

**ପାଟଣା, ୨୯।୧(ସ୍ୱ.ପ୍ର.)**

ପାଟଣା ଥାନା ସାହାରପଡ଼ା ବ୍ଲକ ଖୁଣ୍ଟାପଡ଼ା ପଞ୍ଚାୟତକୁ ଚତୁର୍ଦ୍ଦଶ ଅର୍ଥ ଆୟୋଗର ଆର୍ଥିକ ବର୍ଷ ୧୫-୧୬ ଓ ୧୬- ୧୭ର ଅନୁଦାନ ଯୋଗାଇ ଦେବାକୁ ବିଡ଼ିଓ ଭାଗୀରଥି ମାଲିକଙ୍କ ନିକଟରେ ପଞ୍ଚାୟତବାସୀ ଦାବି କରିଛନ୍ତି। ସାତ ଦିନ ମଧ୍ୟରେ ଅନୁଦାନ ନ ଦେଲେ ଲୋକେ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି। ଏ ନେଇ ଖୁଣ୍ଟାପଡା ସରପଞ୍ଚ ବିରେନ ମୁଣ୍ଡାଙ୍କ ସହ ଲାଲମୋହନ ନାଏକ, ସହଦେବ ମହାନ୍ତ, ପୂର୍ବତନ ସାହାରପଡା ବ୍ଲକ ଅଧ୍ୟକ୍ଷ ଗୌତମ ନାଏକ, ପ୍ରମୋଦ ମହାନ୍ତ, କନ୍ଦା ଲୋହାର ଓ ପୂର୍ଣ୍ଣଚନ୍ଦ୍ର ମହାନ୍ତ ପ୍ରମୁଖ ବିକ୍ଷୋଭ କରିଥିଲେ ବୋଲି ଜଣାଯାଇଛି। ଏ ନେଇ ବିଡ଼ିଓ ଭାଗୀରଥି ମଲିକଙ୍କୁ ପିଚାଚାରିବାରୁ ପୂର୍ବତନ ବିଡ଼ିଓଙ୍କ ଅମଳରେ ଉକ୍ତ ଅର୍ଥ ଭୁଲବଶତଃ ଜଣେ ଲୋକଙ୍କ ଜମାଖାତାରେ ପୈଠ ହୋଇଯାଇଥିଲା। ସେଥିରୁ ୩୦ ଲକ୍ଷ ଟଙ୍କା ଅଦାୟ ହୋଇଥିଲା। ୧୧ ଲକ୍ଷ ଟଙ୍କା ଆଦାୟ ହୋଇପାରି ନ ଥିବା ସେ କହିଛନ୍ତି।

# ସାହାଯ୍ୟ ପାଇଁ ପୁରସ୍କୃତ ହେଲେ ସଞ୍ଜୟ

**ରାଇସୁଆଁ, ୨୯।୧(ଡି.ଏନ.ଏ.)**

କେନ୍ଦୁଝର ଜିଲା ସଦର ଥାନା ଅନ୍ତର୍ଗତ ମହାଦେଇଯୋଡ଼ା ପଞ୍ଚାୟତ ମହାଦେଇଯୋଡ଼ା ଗ୍ରାମର ସଞ୍ଜୟ ସାହୁଙ୍କୁ ଜିଲା ପ୍ରଶାସନ ପକ୍ଷରୁ ମାନପତ୍ର ଦେଇ ପୁରସ୍କୃତ କରାଯାଇଛି। ଦୁର୍ଘଟଣାରେ ଆହତଙ୍କୁ ଉଦ୍ଧାର କରି ଜୀବନ ବଞ୍ଚାଇ ଥିବାରୁ ସଞ୍ଜୟଙ୍କୁ ଆରକ୍ଷୀ ଅଧୀକ୍ଷକ ପୁରସ୍କୃତ କରିଛନ୍ତି। ସ୍ଥାନୀୟ ଅଞ୍ଚଳ ଜନସାଧାରଣ ଆରକ୍ଷୀ ଅଧୀକ୍ଷକଙ୍କୁ ଧନ୍ୟବାଦ ଦେଇଛନ୍ତି। ଏ ନେଇ ସଞ୍ଜୟଙ୍କୁ ପଚାରିବାରୁ ମାନବ ସେବା ହିଁ ମାଧବ ସେବା। ଏହା ସମସ୍ତେ ଚିନ୍ତା କରି ବିପଦରେ ପଡିଥିବା ଅସହାୟଙ୍କୁ ସହାୟତାର ହାତ ବଢେଇବା ହିଁ ପ୍ରକୃତ ମାନବିକତା ବୋଲି ସେ କହିଛନ୍ତି।



ଆରକ୍ଷୀ ଅଧୀକ୍ଷକଙ୍କଠାରୁ ସଞ୍ଜୟ ପୁରସ୍କାର ଗ୍ରହଣ କରୁଛନ୍ତି।

# ଛାତ୍ରୀଙ୍କୁ ଆତ୍ମରକ୍ଷା ତାଲିମ

**କେନ୍ଦୁଝର, ୨୯।୧(ସ୍ୱ.ପ୍ର.)**

ହରିଚନ୍ଦନପୁର ବ୍ଲକ ଅନ୍ତର୍ଗତ ଜଙ୍ଘିରାସ୍ଥିତ ମହାପାଟ ମହାବିଦ୍ୟାଳୟର ଛାତ୍ରୀଙ୍କ ଆତ୍ମରକ୍ଷା ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଅଧକ୍ଷ ବ୍ରହ୍ମାନନ୍ଦ ନାୟକଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ପରିଚାଳନା ସମିତି ସଭ୍ୟ ରମେଶ ଚନ୍ଦ୍ର ମିଶ୍ର, ମୁଖ୍ୟବକ୍ତା ଭାବେ ଭୀମସେନ ସେଠୀ ଯୋଗଦେଇ ଆତ୍ମରକ୍ଷା କୌଶଳ ଶିଖିବା ଆବଶ୍ୟକ ବୋଲି କହିଥିଲେ।

ଅନ୍ୟମାନଙ୍କ ମଧ୍ୟରେ ଯୁକ୍ତ ୨ ଉଚ୍ଚବିଦ୍ୟାଳୟର ଅଧକ୍ଷ ଶରତ ଚନ୍ଦ୍ର ମହାପାତ୍ର, ଅଧ୍ୟାପକ ଅକ୍ଷୟ ସିଂହ, ସିଦ୍ଧେଶ୍ୱର ନାୟକ ଯୋଗଦେଇ ଆତ୍ମରକ୍ଷା ପ୍ରଶିକ୍ଷଣର ଆବଶ୍ୟକତା ଓ ଗୁରୁତ୍ୱ ବିଷୟରେ ଛାତ୍ରୀଙ୍କୁ କହିଥିଲେ। ପ୍ରୋଗ୍ରାମ ଅଫିସର ମିନାକ୍ଷୀ ରାଣୀ ପ୍ରଧାନ ଧନ୍ୟବାଦ ଦେଇଥିଲେ। ମିତା ବାରିକ ଆତ୍ମରକ୍ଷା ପ୍ରଶିକ୍ଷଣ ଦେବେ ବୋଲି ଜଣାଯାଇଛି।

# ଟାଙ୍ଗରାଣୀ କ୍ରିକେଟ ଦଳ ବିଜୟୀ

**ଝୁମ୍ପୁରା, ୨୯।୧(ଡି.ଏନ.ଏ.)**

ରାଇକଳା ପଞ୍ଚାୟତର ଟାଙ୍ଗରାଣୀ ଗ୍ରାମ ପଡ଼ିଆରେ ୮ ଦିନ ଧରି ଚାଲିଥିବା ଗ୍ରାମାଞ୍ଚଳ କ୍ରିକେଟ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଛି। ୧୦ମ ବାର୍ଷିକ କ୍ରିକେଟ ପ୍ରତିଯୋଗିତାରେ ୧୬ ଗ୍ରାମାଞ୍ଚଳ କ୍ରିକେଟ ଦଳ ଭାଗ ନେଇଥିଲେ। ଫାଇନାଲ ମ୍ୟାଚ ଟାଙ୍ଗରାଣୀ ଏବଂ ମହାରିଆ କ୍ରିକେଟ ଦଳ ମଧ୍ୟରେ ହୋଇଥିଲା। ଏଥିରେ ଟାଙ୍ଗରାଣୀ ଦଳ ବିଜୟୀ ହୋଇଛି।

ଉଦ୍‌ଯାପନୀ ଦିବସରେ ସଦର ବିଧାୟକ ଅଭିରାମ ନାଏକ, ବିଜେଡିର ବରିଷ୍ଠ ସଦସ୍ୟ ଆଶିଷ ଚକ୍ରବର୍ତ୍ତି, ମାଧବ ସର୍ଦ୍ଦାର, ରଥ ମୁଣ୍ଡା, ଅରୁଣ ବ୍ରହ୍ମ, ଲିପୁନ ବ୍ରହ୍ମ, ସାନନ୍ଦ ବ୍ରହ୍ମ, ସନ୍ତୋଷ ବ୍ରହ୍ମ, ରବି ନାଏକ ପ୍ରମୁଖ ଯୋଗଦେଇଥିଲେ। ବିଜୟୀ ଟାଙ୍ଗରାଣୀ ଦଳକୁ ୧୫ ହଜାର ଏବଂ ରନର୍ସଅପ ମାହାରିଆ ଦଳକୁ ୧୦ ହଜାର ଟଙ୍କା ସହ କପ ପ୍ରଦାନ କରାଯାଇଥିଲା।




ବିଜୟୀ ଦଳକୁ ଅତିଥି ପୁରସ୍କୃତ କରୁଛନ୍ତି।

# ବିଜୁଳି ଆଲୋକ ସାତସପନ

■ହାତୀ ଆଲ ଦେଖାଉଛି ବିଦ୍ୟୁତ୍ ବିଭାଗ

■ପ୍ରଶାସନ ଦ୍ୱାରସ୍ଥ ହେଲେ ଆଦିବାସୀ

**କେନ୍ଦୁଝର, ୨୯।୧(ସ୍ୱ.ପ୍ର.)**



ଜିଲାପାଳଙ୍କ ଅଫିସ ସମ୍ମୁଖରେ ବନବାସୀ।

କେନ୍ଦୁଝର ଜିଲାର ବହୁ ଗ୍ରାମ, ପଡ଼ା ପରି ବଣପାହାଡ଼ ଘେରା ଆଦିବାସୀ ଅଞ୍ଚଳକୁ ବିଦ୍ୟୁତ୍ ସଂଯୋଗ ହୋଇ ନ ଥିବାରୁ ଲୋକେ ସମସ୍ୟା ଭୋଗୁଛନ୍ତି। ଅନ୍ଧାରରେ ଜୀବନ ବିତାଉଛନ୍ତି। ବିଜୁଳି ଆଲୋକ ଦାବିରେ ମଙ୍ଗଳବାର କେତେକ ଆଦିବାସୀ ପ୍ରାୟ ୮୦ କି.ମି. ଦୂର ଅତିକ୍ରମ କରି କେନ୍ଦୁଝର ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସିଥିଲେ। ଜିଲାପାଳଙ୍କ ଅନୁପସ୍ଥିତିରେ ଉପଜିଲାପାଳଙ୍କୁ ଦାବିପତ୍ର ଦେଇଛନ୍ତି। ହରିଚନ୍ଦନପୁର ବ୍ଲକ ରାସୋଳ ପଞ୍ଚାୟତର ପଞ୍ଚମ ରିଜର୍ଭ ଗ୍ରାମର ତିନିପୋଲିଆ ପଞ୍ଚମ, ଖଜୁରିଆ ପଞ୍ଚମ, ଜିପାସାହି ପଞ୍ଚମ, ଟିକରସାହି ପଞ୍ଚମ, ମେରୁଖମଣ ସାହି ପଞ୍ଚମ ଓ ଜଜପଶି ପଞ୍ଚମରେ ବିଦ୍ୟୁତ୍ ସଂଯୋଗ ହୋଇନି। ଉକ୍ତ ଅଞ୍ଚଳ ବନବାସୀଙ୍କ ପାଇଁ ବିଜୁଳି ଆଲୋକ ସ୍ୱପ୍ନ ହୋଇଛି। ସେଠାରେ ୨ ହଜାର ଆଦିବାସୀ ପରିବାର ରହୁଛନ୍ତି। ଅଦ୍ୟାବଧି ଉକ୍ତ ଅଞ୍ଚଳ ଉପରେ ପ୍ରଶାସନର ଦୃଷ୍ଟି ପଡୁନି। ପିଲାଙ୍କ ପାଠପଢା ବାଧାପ୍ରାପ୍ତ ହୋଇଛି। ବନ୍ୟଜନ୍ତୁ ଓ ସରିସୃପଙ୍କ ଉପଦ୍ରବ ଲାଗି ରହିଛି।

ଡିଏମ୍ଏଫ ଭଳି ଫଣ୍ଡରୁ ଅର୍ଥ ବିନିଯୋଗ ହୋଇପାରୁ ନ ଥିବାରୁ ଲୋକେ ଅସୁବିଧା ଭୋଗୁଛନ୍ତି। ହସ୍ତୀ କରିଡର ଅଞ୍ଚଳ ହୋଇଥିବା କହି ବିଦ୍ୟୁତ୍ ତାର ଓ ଖୁଣ୍ଟ ପକାଇବାକୁ ବିଭାଗ ମନା କରୁଛି। ଜଙ୍ଗଲ ମଧ୍ୟରେ ଖଣି ଅଞ୍ଚଳକୁ କିପରି ବିଦ୍ୟୁତ୍ ଯୋଗାଣ କରାଯାଇଛି ବୋଲି ସେମାନେ ପ୍ରଶ୍ନ ଉଠାଇଛନ୍ତି। ଉକ୍ତ ଅଞ୍ଚଳରେ ହାତୀ ଚଳପ୍ରଚଳ ନାହିଁ। ହାତୀ ଆଲ ଦେଖାଇ ବିଦ୍ୟୁତ୍ ଆଲୋକ ଯୋଗାଇ ଦିଆଯାଉନି। ଯଦି ହସ୍ତୀ କରିଡର ତେବେ ତାହା ଯାଞ୍ଚ କରାଯାଉ ବୋଲି ରାସୋଳ ସରପଞ୍ଚ ନାରାୟଣ ପୂର୍ତ୍ତି ଦାବି କରିଛନ୍ତି। ସୋଲାର ସିଷ୍ଟମ ଦ୍ୱାରା ବିଦ୍ୟୁତ୍ ଯୋଗାଣକୁ ଗ୍ରାମବାସୀ ବିରୋଧ କରିଛନ୍ତି। କେବୁଲ ଦ୍ୱାରା ବିଦ୍ୟୁତ୍ ତାର ଟଣାଯିବାକୁ ସ୍ଥାନୀୟ ଜିଲାପରିଷଦ ସଭ୍ୟ (୩୩ ନମ୍ବର ଜୋନ) ବିରସିଂ ମୁର୍ମୁ କହିଛନ୍ତି। ବିଦ୍ୟୁତ୍ ଅଭାବରୁ ଲୋକେ ବହୁ ସମସ୍ୟା ଭୋଗୁଛନ୍ତି। ତୁରନ୍ତ ବିଦ୍ୟୁତୀକରଣ କରାଯାଉ ବୋଲି ସମିତି ସଭ୍ୟ ମନ୍ମଥ ଦାସ କହିଛନ୍ତି।

## ସଂକ୍ଷେପରେ

### ଘାଟିରେ ମିନିଟ୍ରକ ଓଲଟିବା ଘଟଣା, ଚାଳକ ଗିରଫ



**ଦାରିଙ୍ଗବାଡ଼ି,୨୯।୧(ଡି.ଏନ.ଏ.):** ଦାରିଙ୍ଗବାଡ଼ି ବ୍ଲକ ବ୍ରାହ୍ମଣୀଗାଁ ଥାନା ଅନ୍ତର୍ଗତ ବଙ୍ଗରଦୁଆ ଘାଟିରେ ମିନିଟ୍ରକ ଓଲଟି ୧୧ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୩୫ ଜଣଙ୍କ ମୃତ୍ୟୁ ଘଟିଥିଲା। ଗତ ୨୨ ତାରିଖରେ ହୋଇଥିବା ଏହି ଦୁର୍ଘଟଣା ପରଠାରୁ ଫେରାର ଥିବା ମିନିଟ୍ରକ ଚାଳକ ରଞ୍ଜନ ମଣ୍ଡଳଙ୍କୁ ସୋମବାର ଗିରଫ କରାଯାଇଛି। ସନ୍ଧ୍ୟାରେ ତାଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଥିବା ବ୍ରାହ୍ମଣୀଗାଁ ଥାନା ଅଧିକାରୀ ଜୟଚନ୍ଦ୍ର ମଲ୍ଲିକ କହିଛନ୍ତି। ଏ ନେଇ ନଂ. ୫/୧୯ରେ ଏକ ମାମଲା ରୁଜୁ କରାଯାଇଛି। ସୂଚନାଯୋଗ୍ୟ, ମିନିଟ୍ରକ ଦୁର୍ଘଟଣା ପରେ ଚାଳକ ରଞ୍ଜନ ବ୍ରାହ୍ମଣୀଗାଁ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହୋଇ ଫେରାର ହୋଇଯାଇଥିଲେ। ପୋଲିସର ଏକ ଟିମ୍ ତାଙ୍କୁ ଖୋଜୁଥିଲେ ମଧ ଟେର ପାଉ ନ ଥିଲା। ସୋମବାର ରଞ୍ଜନ ଦାରିଙ୍ଗବାଡ଼ି ଅଞ୍ଚଳରେ ଥିବା ଖବର ପାଇ ପୋଲିସ ଚଢ଼ାଉ କରି ତାଙ୍କୁ ଗିରଫ କରିଥିଲା। ମିନିଟ୍ରକ ମାଲିକ ଏବେ ବି ଫେରାର ଅଛନ୍ତି, ତାଙ୍କୁ ମଧ ଗିରଫ କରାଯିବ ବୋଲି ଥାନା ଅଧିକାରୀ ଜୟଚନ୍ଦ୍ର ମଲ୍ଲିକ କହିଛନ୍ତି।

### ପିଠା କାର୍ଯ୍ୟକ୍ରମ: ଶଙ୍କରାଖୋଲ, କଇଁଝର ପଞ୍ଚାୟତ ଶ୍ରେଷ୍ଠ

**ଶଙ୍କରାଖୋଲ,୨୯।୧(ଡି.ଏନ୍.ଏ.):** ପିଠା କାର୍ଯ୍ୟକ୍ରମରେ ଚକାପାଦ ବ୍ଲକରେ ଶଙ୍କରାଖୋଲ ପଞ୍ଚାୟତ ଓ ଟିକାବାଲି ବ୍ଲକର କଇଁଝର ପଞ୍ଚାୟତକୁ ଶ୍ରେଷ୍ଠ ଭାବେ ପୁରସ୍କୃତ କରାଯାଇଛି। ଫୁଲବାଣୀ କୋରୋନେସନ ପଡ଼ିଆରେ ସାଧାରଣତନ୍ତ୍ର ଦିବସରେ ମୁଖ୍ୟ ଅତିଥିଭାବେ ଯୋଗ ଦେଇ ନଗର ଉନ୍ନୟନ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖଙ୍କଠାରୁ ସରପଞ୍ଚ ଚିତ୍ରକହଁର, ସରପଞ୍ଚ ରୁନିତା କହଁର ମାନପତ୍ର ସହ ପାଞ୍ଚଲକ୍ଷ ଟଙ୍କାର ଅର୍ଥରାଶି ଗ୍ରହଣ କରିଛନ୍ତି। ପଞ୍ଚାୟତର ଉନ୍ନୟନ କାର୍ଯ୍ୟରେ ଟଙ୍କା ନିୟୋଜିତ କରିବା ପାଇଁ ବିଡିଓ ଅନିଲ କୁମାର ପଟ୍ଟନାୟକ, ବିଡିଓ ଜସ୍ମିନ ପ୍ରଧାନ ପରାମର୍ଶ ଦେଇଛନ୍ତି।

### ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କ ପାଇଁ କ୍ରୀଡ଼ା, ସାଂସ୍କୃତିକ ଉତ୍ସବ

**ବାଲିଗୁଡ଼ା,୨୯।୧(ଡି.ଏନ୍.ଏ.):** ବାଲିଗୁଡ଼ା ବ୍ଲକ ସ୍ତରୀୟ ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କ ପାଇଁ ଏକ କ୍ରୀଡ଼ା ଓ ସାଂସ୍କୃତିକ ଉତ୍ସବ ସ୍ଥାନୀୟ ବ୍ଲକ କଲୋନୀ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ପ୍ରଧାନ ଶିକ୍ଷୟିତ୍ରୀ ତିଲୋତ୍ତମା ମୁଦୁଲି ଯୋଗ ଦେଇ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଛାତ୍ରୀଛାତ୍ରଙ୍କ ସହ ବହୁ ଅଭିଭାବକମାନେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ଅତିଥିଙ୍କ ଦ୍ୱାରା ମାନପତ୍ର ସହ ପୁରସ୍କୃତ କରାଯାଇଥିଲା। ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରମୋଦ କୁମାର ମଲିକ ପରିଚାଳନା କରିଥିବାବେଳେ ଗୋଷ୍ଠୀ ସମ୍ବଳ ଶିକ୍ଷକ ଶମ୍ଭୁ ପ୍ରସାଦ ମେହେର ସୀତାଶୁଂ ଭୂଷଣ ମେହେର ସହଯୋଗ କରିଥିଲେ।

## ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ

# ତଦନ୍ତ ଦାବିରେ ରାସ୍ତାରୋକୋ

**ବାଲିଗୁଡା,୨୯।୧(ଡି.ଏନ୍.ଏ.)**

କନ୍ଧମାଳ ଜିଲା ବାଲିଗୁଡା ବ୍ଲକ ପରମପଙ୍ଗା ପଞ୍ଚାୟତ ନିକଟ ଗଦ୍ରିଙ୍ଗିଆ ଘାଟିରେ ସୋମବାର ରାତିରେ ଜଣେ ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ ହୋଇଛି। ଇର୍ଦ୍ଦିଗୁଡା ଗ୍ରାମର ରହ ମଲିକ। ଏହାକୁ ନେଇ ଅଞ୍ଚଳବାସୀ ସୋମବାର ରାତିରୁ ୫୯ନଂ ଜାତୀୟ ରାଜପଥକୁ ଅବରୋଧ କରିଥିଲେ। ମଙ୍ଗଳବାର ପୂର୍ବାହ୍ନ ପ୍ରାୟ ୧୧ଟାରେ ପୋଲିସ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିବା ପରେ ରାସ୍ତାରୋକୋ ହଟିଥିଲା।

ପ୍ରକାଶ ଯେ, ସୋମବାର ସନ୍ଧ୍ୟାରେ ଇର୍ଦ୍ଦିଗୁଡା ଗ୍ରାମର ରହ ମଲିକ (୪୫) ଗଦ୍ରିଙ୍ଗିଆରୁ ନିଜ ଗ୍ରାମ ଇର୍ଦ୍ଦିଗୁଡାକୁ ସାଇକେଲରେ ଯାଉଥିଲେ। ପଛରେ ଆସୁଥିବା ଗ୍ରାମର କେତେଜଣ ବ୍ୟକ୍ତି ଗଦ୍ରିଙ୍ଗିଆ ଘାଟିରାସ୍ତାରେ ରହଙ୍କ ମୃତଦେହ ପଡିଥିବା ଦେଖିଥିଲେ।



ଉତ୍ତ୍ୟକ୍ତ ଲୋକେ ରାସ୍ତାରୋକୋ କରିଛନ୍ତି।

ଏନେଇ ତାଙ୍କ ପରିବାର ଲୋକଙ୍କୁ ଖବର ଦେଇଥିଲେ। ପରିବାର ଲୋକେ ପହଞ୍ଚି ରହଙ୍କୁ କେହି ଯୋଜନାବଦ୍ଧ ଭାବେ ହତ୍ୟା କରିଥିବା ଅଭିଯୋଗ କରିଥିଲେ। ଉତ୍ତ୍ୟକ୍ତ ଗ୍ରାମବାସୀ ତଦନ୍ତ କରି ଅଭିଯୁକ୍ତଙ୍କୁ ଗିରଫ ଦାବିରେ ରାସ୍ତାରୋକୋ କରିଥିଲେ। ଫଳରେ ଶହଶହ ଗାଡିମୋଟର ଅଟକି ରହିଥିଲା। ମଙ୍ଗଳବାର ବାଲିଗୁଡା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଲୋକଙ୍କୁ ବୁଝାଶୁଝା ପରେ ରାସ୍ତାରୋକୋ ହଟିଥିଲା। ପରିବାର ଲୋକଙ୍କ ଏତଲା ଆଧାରରେ ନଂ.୨/୧୯ରେ ଏକ ମାମଲା ରୁଜୁ କରି ପୋଲିସ ତଦନ୍ତ ଚଳାଇଛି।

## ସ୍ୱାମୀଙ୍କୁ ହତ୍ୟା ପରେ ସ୍ତ୍ରୀଙ୍କୁ ଗଣବଳାତ୍କାର ମାମଲା

# ୨ ଅଭିଯୁକ୍ତ ଜେଲ ଗଲେ

**ବାଲିଗୁଡା,୨୯।୧(ଡି.ଏନ୍.ଏ.)**

ସ୍ୱାମୀଙ୍କୁ କାଠ ଫାଳିଆରେ ପିଟି ହତ୍ୟା କରିବା ପରେ ସ୍ତ୍ରୀଙ୍କୁ ଗଣବଳାତ୍କାର ଓ ପରେ ପଡୋଶୀ ବିଧବା ମହିଳାଙ୍କୁ ବଳାତ୍କାର ଅଭିଯୋଗରେ ବାଲିଗୁଡା ପୋଲିସ ୨ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ବାଲିଗୁଡା ଥାନା ନୂଆସାହିର ଅର୍ଜୁନ ବାଘ ଓ ରୁଜିତ୍ ବେହେରା। ଏନେଇ ୨ଟି ମାମଲା ରୁଜୁ କରି ଅଭିଯୁକ୍ତଦ୍ୱୟଙ୍କୁ ମଙ୍ଗଳବାର କୋର୍ଟ ଚାଲାଣ କରାଯାଇଛି।

ପ୍ରକାଶ ଯେ, ଗତ ୨୫ ତାରିଖ ବିଳମ୍ବିତ ରାତିରେ ଅର୍ଜୁନ ଓ ରୁଜିତ୍ ବାଲିଗୁଡା ଥାନା ଗୁଇବାଲି ନିକଟ କ୍ରସର ୟୁନିଟ୍‌ସାହିର ପଙ୍କଜ ବିନ୍ଧାଣୀଙ୍କୁ ପିଟିପିଟି ହତ୍ୟା କରିଥିଲେ। ପରେ ତାଙ୍କ ସ୍ତ୍ରୀଙ୍କୁ ଉଭୟେ ବଳାତ୍କାର କରିଥିଲେ। ସେଠାରୁ ଯାଇ ପୁଣି ନୂଆସାହି ଅଞ୍ଚଳର ଜଣେ ବିଧବା ମହିଳାଙ୍କୁ ଘରେ



ଗିରଫ ୨ ଅଭିଯୁକ୍ତ।

ପଶି ଗଣବଳାତ୍କାର କରିଥିଲେ। ଏନେଇ ସୋମବାର ରାତିରେ ପଙ୍କଜଙ୍କ ମା' ଓ ସମ୍ପୃକ୍ତ ବିଧବା ମହିଳା ଥାନାରେ ଏତଲା ଦେଇଥିଲେ। ପୋଲିସ ନଂ.୧୪/୧୯ ଓ ୧୫/୧୯ରେ ୨ଟି ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ଏସ୍‌ଆଇ ଶ୍ରୀକାନ୍ତ ଖମାରୀଙ୍କ ନେତୃତ୍ୱରେ ୨ଟି ଟିମ୍ ବିଭିନ୍ନ ସ୍ଥାନରେ ଚଢାଉ କରି ଅଭିଯୁକ୍ତଙ୍କୁ ଗିରଫ କରିଥିଲା।

# ଅରବିନ୍ଦ ନଗରକୁ ପାନୀୟ ଜଳ ଯୋଗାଣ ଦାବି



ପାଣିପାଇଁ ଲୋକଙ୍କ ଭିଡ।

**ଫୁଲବାଣୀ ଅଫିସ, ୨୯।୧(ଡି.ଏନ.ଏ.)**

ଫୁଲବାଣୀ ସହର ଏଫସିଆଇ ଛକ ପାଖ ଅରବିନ୍ଦ ନଗରର ମୁଣ୍ଡିଆ ଉପରେ ରହୁଥିବା ପରିବାରବର୍ଗଙ୍କୁ ପାନୀୟ ଜଳ ଯୋଗାଣ ପାଇଁ ଦାବି ହୋଇଛି। ମୁଣ୍ଡିଆରେ ବସବାସ କରୁଥିବା ମହିଳା ଓ ପୁରୁଷମାନେ ଏ ନେଇ ଜିଲା ପ୍ରଶାସନକୁ ବହୁବାର ଦାବିପତ୍ର ପ୍ରଦାନ କରି ଆସୁଥିଲେ ମଧ ସମସ୍ୟା ପ୍ରତି ଗୁରୁତ୍ୱ ଦିଆଯାଉ ନାହିଁ । ଏପରିକି ପୌର ପରିଷଦ ମଧ ସେମାନଙ୍କୁ ଅଣଦେଖା କରୁଛି ବୋଲି ସାହିବାସିନ୍ଦା କହିଛନ୍ତି। ଅରବିନ୍ଦ ନଗରରେ ଗୋଟିଏ ନଳ କୂପ ଉପରେ ସମସ୍ତ ପରିବାର ନିର୍ଭର କରୁଛନ୍ତି। ଆଗକୁ ଖରା ଦିନ। ସମସ୍ୟା ଆହୁରି ଜଟିଳ ହେବ । ତେଣୁ ଆମ ସମସ୍ୟାକୁ ଦୃଷ୍ଟି ଦେଇ ସମସ୍ୟାର ସମାଧାନ କରିବାକୁ ଜନକ ବାଘ, ଶବଛ କୁମାର ବେହେରା, ପବି ଦିଗାଲ, ପ୍ରଫୁଲ୍ଲ କୁମାର ଭୋଇ ପ୍ରମୁଖ ଦାବି କରିଛନ୍ତି। ନଳକୂପ ଖୋଳି ହେଉ ଅବା ପାଇପ ଯୋଗେ ଜଳର ବ୍ୟବସ୍ଥା କରାଗଲେ ଆମେ ଉପକୃତ ହେବୁ ।

### ପଞ୍ଚାୟତସ୍ତରୀୟ ୱାର୍ଡ କମିଟି କର୍ମୀ ସମ୍ମିଳନୀ

**ତୁମୁଡିବନ୍ଧ,୨୯।୧(ଡି.ଏନ.ଏ.)**

ତୁମୁଡିବନ୍ଧ ବ୍ଲକରେ ବିଜେଡିର ପଞ୍ଚାୟତସ୍ତରୀୟ ୱାର୍ଡ କମିଟି କର୍ମୀ ସମ୍ମିଳନୀ ଆରମ୍ଭ ହୋଇଛି। ସୋମବାର ଭଣ୍ଡରଙ୍ଗି ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଉକ୍ତ ପଞ୍ଚାୟତର ସମସ୍ତ ୱାର୍ଡ କମିଟି ସଦସ୍ୟମାନଙ୍କୁ ନେଇ ବୈଠକ ହୋଇଥିଲା। ମଙ୍ଗଳବାର ଲଙ୍କାଗଡ଼ ପଞ୍ଚାୟତ ଲଙ୍କାଗଡ଼ଠାରେ ୱାର୍ଡ କମିଟି କର୍ମୀ ସମ୍ମିଳନୀ ହୋଇଛି। ଏଥିରେ ବାଲିଗୁଡା ବିଧାୟକ ରାଜୀବ ପାତ୍ର ମୁଖ୍ୟ ଅତିଥି , ବ୍ଲକ ବିଜେଡି ପର୍ଯ୍ୟବେକ୍ଷକ ଯଶୋବନ୍ତ ରାଉତ, ଜିଲା ବିଜେଡି ଏସସି ସେଲର ଉପସଭାପତି ଅର୍ମୀୟ କୁମାର ପରାସେଠ ପ୍ରମୁଖ ଯୋଗ ଦେଇଥିଲେ। ଆଗାମୀ ସାଧାରଣ ନିର୍ବାଚନରେ ନିଜ ୱାର୍ଡରେ ଦଳକୁ କିଭଳି ଅଧିକ ସମର୍ଥନ ଓ ଅଧିକ ଭୋଟ ମିଳିବ ସେ ନେଇ ଆଲୋଚନା କରାଯାଇଥିଲା। ପଞ୍ଚାୟତ ସଭାପତି ହର ପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ଓଡ଼ିଆ ବିଭାଗ ଆନୁକୂଲ୍ୟରେ ଆଲୋଚନାଚକ୍ର

# ଓଡ଼ିଆ ସାହିତ୍ୟର ଅନନ୍ୟ ଉପନ୍ୟାସ: ମାଟିର ମଣିଷ



ମଞ୍ଚାସୀନ ଅତିଥିବୃନ୍ଦ।

**ଜି.ଉଦୟଗିରି,୨୯।୧(ଡି.ଏନ.ଏ.)**

କଳିଙ୍ଗ ମହାବିଦ୍ୟାଳୟ ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ଆନୁକୂଲ୍ୟରେ 'ଓଡ଼ିଆ ସାହିତ୍ୟର ଅନନ୍ୟ ଉପନ୍ୟାସ: ମାଟିର ମଣିଷ' ଶୀର୍ଷକ ଆଲୋଚନାଚକ୍ର ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ଡ. ସରୋଜ କୁମାର ପରିଡ଼ାଙ୍କ ସଭାପତିତ୍ୱରେ ଆୟୋଜିତ ଆଲୋଚନାଚକ୍ରରେ ମୁଖ୍ୟଅତିଥି ଭାବେ ଗଞ୍ଜାମ ଜିଲା ଶିକ୍ଷା ପରାମର୍ଶଦାତା ଡ. ଲମ୍ବୋଦର ପାଣିଗ୍ରାହୀ ଯୋଗଦେଇ ମାଟିର ମଣିଷ ଉପନ୍ୟାସକୁ ଏକ କାଳଜୟୀ ଉପନ୍ୟାସ ଭାବେ ଆଲୋଚନା କରିଥିଲେ। ମାଟି ଓ ମଣିଷର ସମ୍ପର୍କ ଏକାନ୍ତ ଆଦିମ। ମାଟି ମନସ୍କ ଚେତନା ମାଟିର ମଣିଷର ଅନ୍ତଃଧ୍ୱନି ବୋଲି ନିଜ ଅଭିଭାଷଣରେ ସେ ପ୍ରକାଶ କରିଥିଲେ। ମୁଖ୍ୟବକ୍ତା ଭାବେ ବ୍ରହ୍ମପୁର ସିଟି କଲେଜର ଓଡ଼ିଆ ବିଭାଗ ଅଧାପିକା ସସ୍ମିତା ମିଶ୍ର ଯୋଗଦେଇ ଉପନ୍ୟାସର ଚର୍ଚ୍ଚିତ ଚରିତ୍ରମାନଙ୍କ ଚାରିତ୍ରିକ ବିଶେଷତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ। ମହାବିଦ୍ୟାଳୟର ସମସ୍ତ ଅଧାପିକା, ଅଧାପକ ଓ କର୍ମଚାରୀବୃନ୍ଦ ଯୋଗ ଦେଇଥିଲେ।

# ଦାରିଙ୍ଗବାଡ଼ି ଅଞ୍ଚଳରେ ଝିପିଝିପି ବର୍ଷା

**ଦାରିଙ୍ଗବାଡ଼ି,୨୯।୧ (ଡି.ଏନ.ଏ)**

### ଶୀତର ମଜା ନେଲେ ପର୍ଯ୍ୟଟକ



ନିଆଁ ଚାରିପଟେ ବସିଥିବା ପର୍ଯ୍ୟଟକମାନେ ।

ଦାରିଙ୍ଗବାଡ଼ି ଅଞ୍ଚଳରେ ଗତ ୩ ଦିନ ହେଲା କୋହଲା ପାଗ ସାଙ୍ଗକୁ ଝିପିଝିପି ବର୍ଷା ହେଉଛି। ଦିନ ଓ ରାତି ପ୍ରାୟ ସମାନ ତାପମାତ୍ରା ରହିଛି। ସର୍ବନିମ୍ନ ଏବଂ ସର୍ବାଧିକ ୧୧.୫ ଡିଗ୍ରୀ ତାପମାତ୍ରା ରହୁଥିବାରୁ ଶୀତ ଅନୁଭୂତ ହେଉଛି। ଶୀତ ସହ ଝିପିଝିପି ବର୍ଷା ଯୋଗୁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ଛାତ୍ରୀଛାତ୍ର ସ୍କୁଲ ଯିବାପାଇଁ ଅସୁବିଧା ଭୋଗୁଥିବା ବେଳେ କାମଧନ୍ଦା ପାଇଁ ବାହାରକୁ ନ ଯାଇପାରି ରୋଜଗାର ବନ୍ଦ ହେଉଥିବା ସିମନବାଡ଼ିର ରମା ଦେହୁରୀ କହିଛନ୍ତି। ମଙ୍ଗଳବାର ସକାଳୁ ମଧ ପାଗ ମେଘୁଆ ସହ ଥଣ୍ଡା ପବନ ବହୁଛି । ଶୀତର ମଜା ନେବାକୁ ରାଜ୍ୟ ତଥା ରାଜ୍ୟ ବାହାରୁ ପର୍ଯ୍ୟଟକ ମାନେ ଦାରିଙ୍ଗବାଡ଼ିରେ ଭିଡ଼ ଜମାଉଛନ୍ତି। ସେମାନଙ୍କ ମଧ୍ୟରେ ପଶ୍ଚିମବଙ୍ଗର ପର୍ଯ୍ୟଟକଙ୍କ ସଂଖ୍ୟା ଅଧିକ। ପର୍ଯ୍ୟଟକମାନେ ଦିନରାତି ନିଆଁ ଜଳାଇ ନାଚଗୀତ ମଧ୍ୟରେ ଶୀତକୁ ଭରପୁର ଉପଭୋଗ କରୁଛନ୍ତି।

## ଅଟକିଲା ନିର୍ମାଣ କାମ

# ରାସ୍ତା ଉପରେ ବିଦ୍ୟୁତ୍ ଖୁଣ୍ଟ

**ଶଙ୍କରାଖୋଲ,୨୯।୧(ଡି.ଏନ୍.ଏ.)**

ଚକାପାଦ ବ୍ଲକ ଶଙ୍କରାଖୋଲ ଗ୍ରାମଠାରେ ୧୫୭ନଂ. ଜାତୀୟ ରାଜପଥରେ ବିପଦସଙ୍କୁଳ ଅବସ୍ଥାରେ ୩୩ କେଭି ବିଦ୍ୟୁତ ଖୁଣ୍ଟ ରହିଛି। ଫଳରେ ଯାନବାହନ ଚଳାଚଳରେ ବ୍ୟାଘାତ ସୃଷ୍ଟି ହେଉଛି। ବିଦ୍ୟୁତ୍ ବିଭାଗ ଠିକା କମ୍ପାନୀ ଟଙ୍କା ଜମା କରୁ ନ ଥିବାରୁ ଖୁଣ୍ଟ ହଟିପାରୁ ନ ଥିବା କହୁଥିବାବେଳେ, ଠିକା କମ୍ପାନୀ କର୍ତ୍ତୃପକ୍ଷ ଟଙ୍କା ଡିପୋଜିଟ୍ କରିଥିବା କହିଛନ୍ତି। ଏହି ବିବାଦ ଭିତରେ ଗ୍ରାମବାସୀ ଖୁଣ୍ଟ ରାସ୍ତାରୁ ନ ହଟିଲେ କାମ କରାଇଦେବୁନାହିଁ ବୋଲି ଅଡିବସିବାରୁ ଅଧାରୁ କାମ ବନ୍ଦ ରହିଛି।

ପ୍ରକାଶ ଯେ, ରାଞ୍ଚି ଠାରୁ ବିଜୟୱାଡା ପର୍ଯ୍ୟନ୍ତ କରିଡର ରାସ୍ତା ନିର୍ମାଣ ହୋଇଛି। ଉକ୍ତ ରାସ୍ତାଟି ଫୁଲବାଣୀ, ଶଙ୍କରାଖୋଲ, କଳିଙ୍ଗା ଦେଇ ବ୍ରହ୍ମପୁରକୁ ଯାଇଛି। ସେହି ରାସ୍ତାଟିକୁ ଜାତୀୟ ରାଜପଥ ଭାବେ ସରକାର ଘୋଷଣା କରିବାପରେ ପ୍ରଶସ୍ତିକରଣ କାମ



ରାସ୍ତା ଉପରେ ଥିବା ବିଦ୍ୟୁତ ଖୁଣ୍ଟ।

ଚାଲିଛି। ପୂର୍ବରୁ ରାସ୍ତାକଡରେ ଥିବା ୩୩କେଭି ବିଦ୍ୟୁତଖୁଣ୍ଟ ପ୍ରଶସ୍ତିକରଣ ପରେ ରାସ୍ତା ମଝିରେ ରହି ଯାଉଛି। ଖୁଣ୍ଟଗୁଡିକୁ ହଟାଇ କାମ କରିବା କଥା। କିନ୍ତୁ ଠିକା ନେଇଥିବା ଏଆର୍‌ଏସ୍‌ଏସ୍ କମ୍ପାନୀ ରାସ୍ତାରେ ଖୁଣ୍ଟ ଥାଇ କାମ ଚଳାଇଛି। ସ୍ଥାନୀୟ ଲୋକେ ଯାତାୟତରେ ଅସୁବିଧାର ସମ୍ମୁଖୀନ ହେଉଥିବାବେଳେ ଅଘଟଣ ଆଶଙ୍କାରେ ଏହାକୁ ବିରୋଧ କରିଛନ୍ତି।

ଏନେଇ ସାଉଥ୍‌କୋ, ଫୁଲବାଣୀ ବିଦ୍ୟୁତ ବିଭାଗର ନିର୍ବାହୀଯନ୍ତ୍ରୀ ମନୋଜ କୁମାର ମହାନ୍ତିଙ୍କୁ ପଚାରିବାରୁ, ରାସ୍ତା ଉପରୁ ୩୩ କେଭି ବିଦ୍ୟୁତଖୁଣ୍ଟ ହଟାଇବାକୁ ଏଆର୍‌ଏସ୍‌ଏସ୍ କମ୍ପାନୀ ଟଙ୍କା ଡିପୋଜିଟ୍ କରି ନ ଥିବା କହିଥିଲେ। ଏନେଇ ଏଆର୍‌ଏସ୍‌ଏସ୍ କମ୍ପାନୀ ଇନ୍‌ଚାର୍ଜ ସଞ୍ଜୟ ସାମନ୍ତରାଙ୍କୁ ପଚାରିବାରୁ, ଆମେ ବିଦ୍ୟୁତ୍‌ଖୁଣ୍ଟ ହଟାଇବାପାଇଁ ବିଦ୍ୟୁତ ବିଭାଗ ପାଖରେ ଅର୍ଥ ଜମା କରିଛୁ ବୋଲି କହିଛନ୍ତି। କିଏ ସତ କହୁଛି ତାହା ତଦନ୍ତ ସାପେକ୍ଷ, ମାତ୍ର ହଇରାଣ ଭୋଗୁଛନ୍ତି ଲୋକେ। ଏପଟେ ରାସ୍ତାରୁ ବିଦ୍ୟୁତ ଖୁଣ୍ଟ ନହଟିବା ପର୍ଯ୍ୟନ୍ତ ରାସ୍ତା ନିର୍ମାଣ କରାଇଦେବୁନାହିଁ ବୋଲି ଗ୍ରାମବାସୀ ଅଡି ବସିଛନ୍ତି। ଫଳରେ ନିର୍ମାଣ କାମ ବନ୍ଦ ହୋଇଯାଇଛି। ତୁରନ୍ତ ବିଦ୍ୟୁତ୍ ଖୁଣ୍ଟ ହଟାଇବାକୁ ସ୍ଥାନୀୟ ସରପଞ୍ଚ ଚିତ୍ର କହଁର, ସମିତିସଭ୍ୟ ବିଷ୍ଣୁ ଚରଣ ବିଶାଳ ଓ ଗ୍ରାମବାସୀ ଦାବି କରିଛନ୍ତି।

ଧରିତ୍ରୀ DHARITRI CAREER APPOINTMENT
every Wednesday & Saturday

UNITED GROUP, Bhubaneswar, Requires the following vacancies
1) ACCOUNTS EXECUTIVES: B.Com. with Tally knowledge.
2) SALES ENGINEER: ITI/DIPLOMA in ele/ mech engg with two years experience in mechanical field.
3) DRIVER: 10th pass with 3 years experience in driving.
4) OFFICE ASSISTANT: 12th Pass.
Apply with complete Resume in the mail id: unitedstore1970@gmail.com within 7 days.
Also Contact: 7978585244

WALK IN INTERVIEW
TEACHER
(F)-18 Nos.)-11K,
Sub: Mathematics, Science., English.
CBSE/ICSE: VIII, IX, X,
VENUE: BRIT, 17-Satyanagar,
Mob: 8480743398, 8249903099
D.O.I.: 31.01.2019, Time: 11.00 AM- 1.00 PM

ଧରିତ୍ରୀ DHARITRI
is looking for
LAYOUT DESIGNERS
• Minimum 3 years+ experience in news dailies.
• Proficiency in Indesign 11, Photoshop cs3, PageMaker 7.0, CorelDRAW, QuarkXPress is a must.
Apply within 10 days to:
recruitment@dharitri.com
Pay & perks will be the best in the industry for deserving candidates.

ସବୁ ଏୟାର ପୋର୍ଟ ହେତୁ ଡାଇରେକ୍ଟ ଭର୍ତ୍ତି ପକ୍କା ଜଏନିଂ। ଶାସକୀୟ, ଅର୍ଦ୍ଧଶାସକୀୟ, ଅପାଠୁଆରୁ ଗ୍ରାଜୁଏଟ 45,500/- ରୁ 85,500/-। ଗ୍ରାଉଣ୍ଡ ଷ୍ଟାଫ, ସୁପରଭାଇଜର, ଏୟାରହୋଷ୍ଟେସ୍, ଲୋଡର, ହେଲପର, ଡ୍ରାଇଭର। ରହିବା + ଖାଇବା + ବୀମା
CONSULTANT
07289962847

APPOINTMENT
01. GENERAL MANAGER-01 (Construction Housing).
02. ENGINEER CIVIL-01 (Experience over Building Project).
03. MARKETING EXECUTIVE-05 (Construction Work).
Contact: 9777251369

ଆବଶ୍ୟକ
ଭୁବନେଶ୍ୱରରେ ରହୁଥିବା ଛୋଟ ପରିବାର ପାଇଁ ରୋଷେଇ ଅଭିଜ୍ଞତା ଥିବା ମହିଳା/ଝିଅ ଆବଶ୍ୟକ । ଆକର୍ଷଣୀୟ ଦରମା ସହ ରହିବା ଓ ଖାଇବାର ସୁବିଧା ଅଛି ।
Contact : 9937003185

REQUIRED
ACCOUNTANT knowing Tally ERP
SALES EXECUTIVE for Hardware Fittings.
Apply with biodata to Email: yashviagencies@hotmail.com
Mob: 9556284974

Urgently Required
Bhubaneswar based Timber Company required 4 Nos. Managers having Graduate or +2 Qualification, Driver- 2 Nos.
Please Contact: Hota Associates, VSS Nagar, Bhubaneswar.
Ph: 9583576928

REQUIREMENT
A reputed Real Estate Company Requires:
1) MARKETING (Male/ Female)
2) RECEPTIONIST CUM TELECALLER (Female)
3) OFFICE BOY (Male)
Contact: 0674-2433507, 8763040756

ଭୁବନେଶ୍ୱରରେ ରହୁଥିବା ଛୋଟ ପରିବାର ପାଇଁ ରୋଷେଇ ଏବଂ ଘର କାମ କରିବା ପାଇଁ ଅଭିଜ୍ଞତା ଥିବା ସ୍ତ୍ରୀଲୋକ/ଝିଅ ଆବଶ୍ୟକ। ରହିବା, ଖାଇବା ସୁବିଧା ଅଛି।
ସମ୍ପର୍କ କରନ୍ତୁ:
8114721727

URGENT REQUIRED
•Front Office Exe. (F), •Exp. Teacher (F) with good communication skill, •ଆୟା (F), •Mkt. Exe (M/F), •Art, Dance Teacher ଆବଶ୍ୟକ।
Cont.- BB PRE-SCHOOL Rajeevnagar (Near Patia Rly. Station) BBSR. Ph: 9439295439

OFFICIALLY JOB
ଯୋଗ୍ୟତା: ଦଶମ ପାସ୍/ଫେଲ୍, ବୟସ: (18-40) yrs., ମାସିକ ଦରମା upto Rs.25000/-.
Contact Immediately: Mob: 8763257042

ଆବଶ୍ୟକ
ଭୁବନେଶ୍ୱର, କଟକ, ବ୍ରହ୍ମପୁର, ରାଉରକେଲା ଏବଂ ବାଲେଶ୍ୱର ପାଇଁ Office Staff ଆବଶ୍ୟକ। ଯୋଗ୍ୟତା: 10th/ above. Monthly Salary upto Rs.27000/-. (Part Time/Full Time)
Contact: 9938676412

ସାଉଥ୍ ଇଣ୍ଡିଆନ୍ ଟିଫିନ୍ ସେଣ୍ଟର ପାଇଁ ମିସ୍ତ୍ରୀ ଏବଂ ହେଲ୍‌ପର ଆବଶ୍ୟକ। ମାସିକ ଦରମା ମିସ୍ତ୍ରୀର 6000ରୁ 7000 ପର୍ଯ୍ୟନ୍ତ। ହେଲ୍‌ପରର ଦରମା 3000ରୁ 4000 ପର୍ଯ୍ୟନ୍ତ। ରହିବା ସୁବିଧା ଅଛି। 5 ବର୍ଷର ଅଭିଜ୍ଞତା ଥିବା ଦରକାର। Biodata ସହିତ ଯୋଗାଯୋଗ କରନ୍ତୁ ଏହି ନମ୍ବରରେ–
Mob: 9937138280, 7978895177

JOBS IN AIRPORT (ONLY MALE)
Post : GROUND STAFF
Qual. : 9th Pass, 10th & +2
Age : 18 To 28 Years
Salary : 10,000/- To 25,000/-
Global Certification With 100% Job
Blaze Aviation, Plot No : 576/3398, Nayapalli, Bhubaneswar.
7077708313, 7077708315

ନିଶୁଳ୍କ ଭର୍ତ୍ତି OMIରେ ପୁଅ/ ଝିଅର ଆବଶ୍ୟକତା
BRANCH MANAGER -30 NOS, ASSISTANCE MANAGER - 20 NOS
OFFICE EXECUTIVE - 15 NOS
Qualification - 10th to Graduation Free ନିଯୁକ୍ତି Permanent Job . (Age 18-28) ଟ୍ରେନିଂ + ରହିବା (Free) ଆୟ - 6500-8500 ଟ୍ରେନିଂ ପରେ 25000/- ରୁ 45000/-
OMI MANAGEMENT
Plot no : 551, Samantarapur Chhak, Behind Reliance Fresh, Bhubaneswar
Ph : 7992848615, 9114237051

PADMALAYA BOOK STORE, BBSR
Salesman, Store Keeper. Qualf : 8th to +3. Accommodation free - 9437026922

ନୋଟିସ୍: ନିଯୁକ୍ତି ଓ କ୍ୟାରିୟର ପୃଷ୍ଠାରେ ଅନେକ ନିଯୁକ୍ତି ସମ୍ବନ୍ଧୀୟ ବିଜ୍ଞାପନ ପ୍ରକାଶ ପାଉଛି। ସମସ୍ତ ବିଜ୍ଞାପନ ବା ବିଜ୍ଞାପନଦାତାଙ୍କ ସତ୍ୟାସତ୍ୟ ଅନୁସନ୍ଧାନ କରିବା ଆମ ପକ୍ଷରେ ସମ୍ଭବପର ନୁହେଁ। ତେଣୁ ଯେଉଁ ବିଜ୍ଞାପନକୁ ଦେଖି ଆପଣ ଆବେଦନ କରୁଛନ୍ତି ବା ପରବର୍ତ୍ତୀ ସମୟରେ କୌଣସି ସମ୍ପର୍କ ସ୍ଥାପନ କରୁଛନ୍ତି ତାହା କରିବା ବେଳେ ନିଜର ବିବେକ, ବୁଦ୍ଧି ଖଟାଇ କରନ୍ତୁ। ବିଜ୍ଞାପନକାରୀ କମ୍ପାନୀ ପକ୍ଷରୁ ଅର୍ଥ ଦାବି କରାଗଲେ ତାହା ଦେବା ପୂର୍ବରୁ ନିଜ ସ୍ତରରେ ଅନୁସନ୍ଧାନ କରନ୍ତୁ। କୌଣସି ଅର୍ଥ ନେଣଦେଣ ପାଇଁ 'ଧରିତ୍ରୀ' ଦାୟୀ ରହିବ ନାହିଁ।

REQUIRED
Beautician for a reputed Beauty Parlour at Niladrivihar, Bhubaneswar.
Contact: 9438396349

ବ୍ଲକସ୍ତରୀୟ ନିଯୁକ୍ତି
ନିଜ ବ୍ଲକ ଓ ପଞ୍ଚାୟତ ସ୍ତରରେ କାମ କରିବା ପାଇଁ ପ୍ରତ୍ୟେକ ଜିଲ୍ଲାରୁ Candidate ଆବଶ୍ୟକ। ଦରମା: 7,000/- to 42,000/-.
ଯୋଗାଯୋଗ: 9777639313

URGENT REQUIRED
ନିଜ ଜିଲ୍ଲାରେ ରହିବା, ଖାଇବା ସୁବିଧା ଦିଆଯିବ। ଦରମା– 27,000/-, ଶିକ୍ଷାଗତ ଯୋଗ୍ୟତା–8th to 10th & above.
Contact: 8339922964

## OFFICE OF THE PRINCIPAL
## S.B.R. GOVT. (AUTO.) WOMEN'S COLLEGE, BERHAMPUR, GANJAM

**No. 145/ Date : 29.01.2019**

### QUOTATION CALL NOTICE

Sealed quotations are invited from the registered firms / Authorized dealers / Manufacuters having GST registration for supply & installation of Laboratory equipments, laboratory furniture and chemicals for practical purpose. The details of items to be purchased, specifications, terms & conditions etc. can be obtained from the college office in between 11.00 AM to 1.30 PM. The quotations together with photocopies of valid GST registration Certificate and other relevant certificates, brouchures etc. should reach the office of the undersigned on or before 05.02.2019 by Regd. / Speed Post only.

**Sd./- Principal,**
**S.B.R. Govt. (Auto) Women's College, Berhampur**

## OFFICE OF THE MUNICIPAL COUNCIL, GUNUPUR

### e-procurement Notice

**Tender Reference No. GUN-MUN-39/2018-19**

**No.112** **Dated.28.01.2019**

The Executive Officer, Municipality, Gunupur invites percentage rate of Tenders through e-procurement for civil works (available in the website). The BID should be submitted through on-line in the website www.tendersorissa.gov.in by eligible class of contractors of construction of civil work. The bidder should have necessary portal enrolment (with his own digital signature certificate).

01. Tender opening on 13.02.2019 at 11.00AM.
02. No. of works : 11 nos
03. Estimated cost : Rs 5,50,000/- to Rs. 35,71,000/-
04. The BID document will be available in the website **www.tendersorissa.gov.in** from 10.00AM of 29.01.2019 to 5.00PM of 07.02.2019 for on-line bidding.
05. Bids shall be received only on-line on or before 5.00 PM of 07.02.2019 Detail can be seen from the site **www.tendersorissa.gov.in.**

**Sd./-Executive Officer, Gunupur Municipality**

## CSIR - INSTITUTE OF MINERALS AND MATERIALS TECHNOLOGY
**(Council of Scientific & Industrial Research)**
**BHUBANESWAR - 751013**

### NOTICE INVITING e-TENDER No.01/HV/IMMT/2019

Sealed tenders in two bids (Technical Bids & Price Bids) through e-tender are invited by the Director, CSIR-IMMT, Bhubaneswar from registered travel agency (ies) to provide hired vehicle / taxi on day to day basis at this institute. Important dates for the e-tender are as under.

File No.56(1)/2019/E-III
E-Procurement ID: 2019_CSIR_21608_1
Bid submission start date (through CPP): 30.01.2019, 10.00 Hrs.
Bid submission end date (through CPP) : 13.02.2019, 16.30 Hrs.

For further details please log on to : **www.etenders.gov.in**.

**Sd./- Controller of Administration**

## ADVERTISEMENT
## ODISHA CONSTRUCTION CORPORATION LTD.
**(A Government of Odisha Undertaking)**
**REGD. OFFICE : UNIT-VIII, GOPABANDHU NAGAR, BHUBANESWAR-751012 (ODISHA)**
**E-mail : theoccltd@odishaconstruction.com, Website : www.odishaconstruction.com**

### SPECIAL DRIVE FOR ST CANDIDATES

Odisha Construction Corporation Limited, a state PSU invites applications from eligible Scheduled Tribe category candidates for appointment of **03 (Three) Nos. of Accounts Clerk (Contract) (One post reserved for women candidate)** on contract basis with a consolidated monthly remuneration of ₹ 9,000/- (Rupees Nine thousand) only. The appointment is purely temporary in nature and terminable at anytime without assigning any reason thereof. Service contract may be renewed subject to satisfactory performance up to 6 (six) years. The selected applicants shall be posted to any unit of the Corporation located in the state of Odisha.
Applications in prescribed forms will be received **upto 5.00 PM of 12.02.2019.**
Details of advertisement and prescribed application format are available in the Corporation website : **www.odihsaconstruction.com.**

**Sd/-**
**MANAGING DIRECTOR**

## GOVERNMENT OF ODISHA
## OFFICE OF THE EXECUTIVE ENGINEER
## RURAL WORKS DIVISION, GAJAPATI PARLAKHEMUNDI

### NATIONAL COMPETITIVE BIDDING THROUGH e-Procurement

**Identification No. Online Tender 03/GJP/2018-19**

**No.1486-O:-**

| | | | |
|---|---|---|---|
| 1. | Name of the work | : | Building work |
| 2. | Total No. of Work | : | 8 (Eight) Nos of Building Works |
| 3. | Estimated Cost | : | Rs. 6.41lakhs to 18.54 lakhs |
| 4. | Class of Contractor | : | 'D' & 'C' Class Contractor & 'C' & 'B' Class Contractor as applicable. |
| 5. | Period of Completion | : | Furnished in Annexure |
| 6. | Availability of Tender Online for bidding | : | 01.02.2019 at 10.00 AM to 12.02.2019 upto 5.00 PM |
| 7. | Date and Time of Opening of Tender | : | 14.02.2019 at 11.30 AM |
| 8. | Place of Opening | : | As per Annexure |

Further details can be seen from the Website www.tenderorissa.gov.in.

**EXECUTIVE ENGINEER**
**R.W. DIVN., GAJAPATI**

**25158/11/0009/1819**

## GOVERNMENT OF ODISHA
No.1190-A

### OFFICE OF THE CHIEF CONSTRUCTION ENGINEER
### ANANDAPUR BARRAGE PROJECT, SALAPADA

**(E-mail ID : cceabp-eicwr.od@nic.in/loabp-eicwr.od@nic.in)**
**e' Procurement Notice No. CCEABP-16 of 2018-19**

| Tender Inviting Authority | Name of Work | Bid Id No. | Value of the Work in Lakhs (Approx.) | Bid Security in Rs. (Online) | Cost of Bid Document (Rs.) (Online) | Class of Bidder | Period of Completion | Availability of Tender On-line for bidding | | Date of Opening of Technical Bid (Cover-1) |
|---|---|---|---|---|---|---|---|---|---|---|
| | | | | | | | | From | To | |
| Chief Construction Engineer, A.B. Project, Salapada | Excavation and CC Lining of Baitarani Right Bank Canal (BRBC) from RD 2.68 Km to 3.24Km Including Construction of cut and cover and Service Road | ABP-ACD-05/1 of 2018-19 | 931.51 | 9,32,000/- | 10,000/- | Spl & Super | 7 (Seven) Calendar months | 31.01.19 11.30 AM | 22.02.19 5.00 PM | 23.02.19, 11.30 AM |

Further details can be seen from the Govt. website www.tendersorissa.gov.in/ www.dowrodisha.gov.in. Addendum / Corrigendum / Cancellation if any required will be published in Govt. website only.

32068/11/0026/1819 **Sd./- Chief Construction Engineer, Anandapur Barrage Project, Salapada**

## OFFICE OF THE MUNICIPAL COUNCIL, VYASANAGAR
## JAJPUR ROAD, PIN-755019
## Tel.No.06726-220207

No:- 283 Date:- 29.01.2019

### QUOTATION CALL NOTICE

**FOR SELECTION OF DIFFERENT AGENCIES FOR MANAGING VARIOUS RELATED ACTIVITIES OF VYASASAROBAR MAHOSTAV-2019**

1. The Executive Officer, Vyasanagar Municipality, Jajpur Road invites quotations in sealed covers in conformity with detailed quotation call notice to be eventually drawn up in prescribed Municipal Form, from the intending registered Agencies having experience, expertise and financial standing, in similar nature of the works for the following assignments for smooth management of VYASASAROBAR MAHOSTAV-2019 scheduled to be organized from 15.02.19 to 25.02.19 Vyasanagar Municipality as per the scope and schedule of work as spelt out in the detailed quotation call notice.
2. Bid documents consisting of selection criteria, scope of work and the set of terms and conditions of contracts and other necessary documents can be seen in the office of the undersigned during office hours on all working days and can be purchased from the Municipal office against a non-refundable fee as mentioned in Column -5 towards cost of bid documents and including all Taxes @5% in shape of demand draft/ Bankers cheque issued from any scheduled Bank payable at Jajpur Road in favour of the Executive Officer, Vyasanagar Municipality, Jajpur Road.
3. Quotations must accompany with EMD @ 1% of the bid amount in shape of demand draft/pay order/Bankers cheque from any Nationalized bank duly pledged in favor of "The Executive Officer, Vyasanagar Municipality" which is refundable to the unsuccessful bidders on demand., attested copies of valid ITCC /PAN card. Service tax registration certificate and registration certificate of the Agency from competent authority failing which the bids will be outrightly rejected.
4. The sale of bid documents shall start from dt..30.01.2019 and close on dt 05.02.2019 at 5.00 pm. Bids shall be delivered in the tender box only during office hours up to 12.00 Noon on dt, 06.02.19.
5. The quotations will be opened on dtd. 06.02.2019 at 12.30 PM in the office of the undersigned in the presence of the bidders or their authorized representatives who wish to attend. If the office happens to be closed on the last date of receipt or opening of the bids as specified, then the bids will be received / opened on the next working day at the same time and venue unless otherwise notified.
6. Any other details can be seen in the bidding documents or can be had from the office of the undersigned during working hours on all working days.
7. The undersigned reserves the right to accept /reject any part there of or all the bids without assigning any reason thereof.

| Sl. No. | Name of Assignment | Agencies eligible to apply | Scope of Work | Cost of Bid document including all Taxes (in Rs.) | EMD to be deposited |
|---|---|---|---|---|---|
| 1 | 2 | 3 | 4 | 5 | 6 |
| 1 | Selection of Event Management Agencies (EMA) For Managing Cultural Programmes Of Vyasasarobar Mahostav - 2019 | Agencies having experience, expertise and financial standing, in similar nature of the works and as per qualification criteria spelt out in the detailed quotation call Notice (DQCN). | The Agency shall be responsible for arranging, organizing and staging different cultural programmes etc as per DQCN | 1000.00 | 1 % of the quoted Amount |
| 2 | Selection of manpower service provider agency for Vyasa Mahostav-2019 | -do- | The Agency shall be responsible for providing security personnel for eleven days as per requirement etc as per DQCN. | 400.00 | 1 % of the quoted Amount |
| 3 | Selection of Tent House Decorator and General Order Supplier For Vyasasarobar Mahostav-2019 | -do- | The Agency shall be responsible for erection of stalls, gates, LED light decoration, barricades, supply of tables, chairs, & Power Brak and erection dias with light, Towers (Light Post) etc as per DQCN. | 1200.00 | 1 % of the quoted Amount |
| 4 | Selection of stage decorator for Vyasasarobar Mahostav-2019 | -do- | The Agency shall be responsible for erection of modern stage back drop with lighting system, Par-24Nos. led Par-24 Nos., Multicolor -10 Nos, Scanner -4Nos,Smoke Light -2Nos, Sky Decor-1 No. Follow Light-1 No, Laser-2 No.Stoke-2Nos. Sharpee-4nos.- sound system, Hom - 8 Nos., Digital Box-JVL-300 watt-6 Nos.Bass-4Nos., Moniter Box-4 Nos. Double Bar-4Nos,Typhone-4Nos.Cordless-4 Nos. Small Stand Phone-4Nos, Big Stand Phone-4 Nos.Yamaha 24 Channel Mixture Machine supply of one 82KVA silent DG set etc as per DQCN. | 1500.00 | 1 % of the quoted Amount |
| 5 | Selection of Agency for photography. Video Coverage and live telecast rights of The events of Vyasa sarobar Mahostav-2019 | -do- | The Agency shall be responsible for photography, video coverage, live telecast of the events through Local Cable, supplying and fixing CC.cameras, Multi High Gain public announcement of the programmes of Vyasasarobar Mahostav etc as per DQCN. | 500.00 | 1 % of the quoted Amount |

**Sd./- Executive Officer**
**Vyasanagar Municipality**

# MUNICIPAL OFFICE, DHENKANAL

**No. 379/ Dt. 28.01.2019**

## TENDER CALL NOTICE

1. The Executive Officer, Dhenkanal Municipality, Dhenkanal invites item rate tenders in sealed covers in conformity with detailed tender call notice to be eventually drawn up in prescribed Municipal form, from registered contractors of Dhenkanal Municipality for execution of the under mentioned works. The Contractors may submit tenders for any or all of the works separately.

| Sl. No. | Name of the Work | Approximate value of the work (in Rs.) | Class of Contractors eligible to apply | EMD required (in Rs.) | Non-refundable cost of tender document with GST (in Rs.) | Stipulated period of completion |
|---|---|---|---|---|---|---|
| 1 | Consnt. of Building at Binod Bhawan near Bus-Stand | 1,99,700.00 | Municipal Contractor | Rs. 1970.00 | Rs. 600/- | 15 days |
| 2 | Fixing of Railing at I.G. Super Market (Parking Place) | 1,80,000.00 | -do- | Rs. 1800.00 | Rs. 600/- | -do- |
| 3 | Constn. of approach road at Samaya Lane in ward no. 01 | 1,55,500.00 | -do- | Rs. 1555.00 | Rs. 600/- | -do- |
| 4 | Constn. of road at Maruti Lane in ward no. 01 (Balance Portion) | 76,600.00 | -do- | Rs. 766.00 | Rs. 600/- | -do- |
| 5 | Constn. of Bus-Stand Urinal (Gents 5 seated & Ladies 3 seated) | 1,99,800.00 | -do- | Rs. 1998.00 | Rs. 600/- | -do- |
| 6 | Improvement of Bus-Stand drain | 1,99,400.00 | -do- | Rs. 1994.00 | Rs. 600/- | -do- |
| 7 | R/M to road for laying of pipe line in ward no. 22 (Sanjaya Moharaj res. to Arjun Moharana res. and Arjun Moharana Res. to Mati Khan res.) | 1,16,500.00 | -do- | Rs. 1165.00 | Rs. 600/- | -do- |
| 8 | R/M to road for laying of pipe line in ward no. 22 (Pankaj babu res. to Pabitra Sahu res. Kishori Babu res. to Satrughana Sahu res. and Budhimanta Mohapatra res. to Abhi Sahoo Res.) | 1,22,000.00 | -do- | Rs. 1220.00 | Rs. 600/- | -do- |
| 9 | R/M to road for laying of pipe line in ward no. 22 (Paunruti Gali towards Bhaskar Prusty res.) | 1,04,600.00 | -do- | Rs. 1046.00 | Rs. 600/- | -do- |
| 10 | R/M to road for laying of pipe line in ward no. 22 (Bhaskar Prusty res. towards Akshay Mishra res, Ranjan Mohanty res. to Bhabani Mishra res. and Kartik Barik res.) | 1,34,500.00 | -do- | Rs. 1345.00 | Rs. 600/- | -do- |
| 11 | R/M to road for laying of pipe line in ward no. 22 (Sudam Nayak res. towards Gajendra Babu res.) | 1,30,400.00 | -do- | Rs. 1304.00 | Rs. 600/- | -do- |
| 12 | R/M to road for laying of pipe line in ward no. 22 (Hata Road towards Harijan Sahi) | 1,50,000.00 | -do- | Rs. 1500.00 | Rs. 600/- | -do- |
| 13 | R/M to road for laying of pipe line in ward no. 23 (Kotha Ghara to Narahari babu res. and Santosh Swain res. to Sankarsan babu res.) | 1,73,000.00 | -do- | Rs. 1730.00 | Rs. 600/- | -do- |
| 14 | R/M to road for laying of pipe line in ward no. 23 (Abhimanyu Swain res. to Bijay Das and Mangala Mandir to Water Tank) | 1,83,900.00 | -do- | Rs. 1839.00 | Rs. 600/- | -do- |
| 15 | R/M to road for laying of pipe line in ward no. 23 (Mangala Mandir to Binod Mallick res. via Brahmananda babu & Seta Babu res.) | 1,67,800.00 | -do- | Rs. 1678.00 | Rs. 600/- | -do- |
| 16 | R/M to road for laying of pipe line in ward no. 23 (Brahmananda babu res. towards Prafulla Mallick res. and Tank side) | 1,27,000.00 | -do- | Rs. 1270.00 | Rs. 600/- | -do- |
| 17 | R/M to road for laying of pipe line in ward no. 23 (Main road towards Kotha Ghara) | 1,64,600.00 | -do- | Rs. 1646.00 | Rs. 600/- | -do- |
| 18 | R/M to road for laying of pipe line in ward no. 23 (Chinta Dehuri to Akshya Mohany, Dwarika Parida to Bhramara Parida & Kailash Bhutia res. to Jenamani Babu res.) | 1,69,750.00 | -do- | Rs. 1698.00 | Rs. 600/- | -do- |
| 19 | R/M to road for laying of pipe line in ward no. 21 (Dhankunia Sahi Road repair) | 1,42,900.00 | -do- | Rs. 1429.00 | Rs. 600/- | -do- |
| 20 | Constn. of Drain near Lipu Bhutia res. at Jadupati Bihar in ward no. 09 | 1,94,600.00 | -do- | Rs. 1946.00 | Rs. 600/- | -do- |
| 21 | Constn. of cover slab near Brajamohan Pati Res. in ward no. 04 | 1,00,000.00 | -do- | Rs. 1000.00 | Rs. 400/- | -do- |
| 22 | Constn. of drain near Bishnu Prasad Seth res. towards Bijay Ku. Mishra res. in ward no. 04 | 1,97,500.00 | -do- | Rs. 1975.00 | Rs. 600/- | -do- |
| 23 | Repair & Maintenance to Road for pipe line in Ward No. 16, (Abhinandana Garden Towards Prasanta Pani house) | 1,72,500.00 | -do- | Rs. 1725.00 | Rs. 600/- | -do- |
| 24 | Repair & maintenance to road for pipe line in Ward no. -16 (Paramananda Behera house towards Harekrushna Nanda House) | 1,36,500.00 | -do- | Rs. 1365.00 | Rs. 600/- | -do- |
| 25 | Repair & Maintenance to Road for pipe line in Ward No. -16 (Meera Bhawan Towards Saroj Parida House) | 1,30,500.00 | -do- | Rs. 1305.00 | Rs. 600/- | -do- |
| 26 | Constn. of Public Toilet (Two Seated) near Bhudhi Thakurani Mandir in Ward no. 09 | 1,99,700.00 | -do- | Rs. 1997.00 | Rs. 600/- | -do- |
| 27 | Constn. of Public Toilet (Two Seated) at Ama Gaon Hata Back side. | 1,99,700.00 | -do- | Rs. 1997.00 | Rs. 600/- | -do- |
| 28 | Constn. of drain in front of Dillip Mohapatra res. in ward no. 10 (Jagannath Bihar) | 1,99,700.00 | -do- | Rs. 1997.00 | Rs. 600/- | -do- |
| 29 | Sinking of 125mm × 100mm dia. Tube well with laying of water supply Pipe line at Danda Sahi in ward no. -07. | 1,53,000.00 | -do- | Rs. 1530.00 | Rs. 600/- | -do- |
| 30 | Repair & Maintenance to Road for pipe Line in Ward no. 16, (Petrol Pump Towards Basanti Nath House via.- Biswaranjan Sahoo house) | 1,35,800.00 | -do- | Rs. 1358.00 | Rs. 600/- | -do- |
| 31 | Constn. of Gate at Bajichowk Vegitable Market in ward no. 14 | 1,00,000.00 | -do- | Rs. 1000.00 | Rs. 400/- | -do- |
| 32 | R/M of Urinal & Platform at Deaf & Dump School in ward no. 09 | 1,00,000.00 | -do- | Rs. 1000.00 | Rs. 400/- | -do- |
| 33 | R/M to road for laying of pipe line in ward no. 03 (Kunjakanta Pokhari East side Basanta Kumar Nath Res. end, Pratap Kumar Padhi res. to Kalpana Mishra res. & Krutibas Bhawan to Tareni Niwas) | 1,53,300.00 | -do- | Rs. 1533.00 | | -do- |
| 34 | R/M to road for laying of pipe line in ward no. 03 (Dr. Susant Ranjan Das res. to Rabi Narayan Samal res. front) | 1,49,400.00 | -do- | Rs. 1494.00 | | -do- |
| 35 | R/M to road for laying pipe line in ward no 03 (Chandra Bhawan to Rabi res. & Samal res. to Sanjukta Bhawan) | 1,56,000.00 | -do- | Rs. 1560.00 | | -do- |
| 36 | R/M to road from Dipu Samant Res. towards Ranjan Sahoo res. in ward no. 08 | 1,70,000.00 | -do- | Rs. 1700.00 | | -do- |
| 37 | R/M to road from Lulu Sahoo res. towards Manas Ranjan Sahoo Res. in ward no 08 | 1,80,000.00 | -do- | Rs. 1800.00 | | -do- |
| 38 | R/M to road at Sabar Sahi Road towards Tuni Behera res. in ward no. 19 | 1,00,000.00 | -do- | Rs. 1000.00 | | -do- |
| 39 | Constn. of CC road at Kalarapal in ward no 06 | 1,00,000.00 | -do- | Rs. 1000.00 | | -do- |
| 40 | Constn. of CC Road from Nrusingh Ch. Swain to Bijay Swain res. in ward no. 23 | 1,00,000.00 | -do- | Rs. 1000.00 | | -do- |
| 41 | R/M of Road & Drain at Pand Babu Gali in ward no 10. | 1,00,000.00 | -do- | Rs. 1000.00 | | -do- |
| 42 | R/M to road from Kabita Pattanaik res. towards Mango tree chhack in ward no. 07 | 1,00,000.00 | -do- | Rs. 1000.00 | | -do- |
| 43 | R/M to road at Banamaliprasad near culvert in ward no. 09 | 1,00,000.00 | -do- | Rs. 1000.00 | | -do- |
| 44 | R/M to road near Pati Babu res. in ward no. 10 | 1,00,000.00 | -do- | Rs. 1000.00 | | -do- |
| 45 | R/M to drain from culvert near Jagadish Prasad res. towards Mohan Singh res. in ward no. 12 | 1,00,000.00 | -do- | Rs. 1000.00 | | -do- |
| 46 | R/M to road near Kabi Sahoo res. in ward no. 13 | 1,00,000.00 | -do- | Rs. 1000.00 | | -do- |
| 47 | R/M to road from Benudhar Behera res. towards Chamar Sahi Mahila Club in ward no. 16 | 1,00,000.00 | -do- | Rs. 1000.00 | | -do- |
| 48 | R/M to road from Dina Sahoo res. towards Ganeswar Ojha res. in ward no. 17 | 1,00,000.00 | -do- | Rs. 1000.00 | | -do- |
| 49 | R/M to road at Kapilash road towards Kathia Behera res. in ward no. 17 (Balance portion) | 1,00,000.00 | -do- | Rs. 1000.00 | | -do- |
| 50 | R/M to drain near Niranjan Mishra res. in ward no. 21 | 1,00,000.00 | -do- | Rs. 1000.00 | | -do- |
| 51 | R/M to road and Drain from Anirudha Sahoo res. to Mayadhar Sahoo res. in ward no. 16 | 1,95,000.00 | -do- | Rs. 1950.00 | | -do- |

1. Tender documents consisting of plan, specification, the schedule of quantities and the set of terms and conditions of contracts and other necessary documents can be seen in the office of the undersigned during office hours on all working days.
2. Tenders must accompany by EMD of the amount specified for the work in the table above in shape of cash receipt in Municipal form, attested copies of valid ITCC/PAN card, GST clearance Certificate and contractor registration certificate failing which the tenders will be rejected.
3. The sale of tender doucments shall be start from Dt. 29.01.2019 and close on dt. 07.02.2019 At. 3.00 P.M. Tenders shall be delivered in the tender box only during Office hours upto 3.00 P.M. on dt. 08.02.2019. The tenders will be opened on Dt. 08.02.2019 at 3.30 P.M. in the office of the undersinged in presence of the Contractors who wish to attend. If the office happens to be closed on the date of receipt and opening of the tenders as specified, the tenders will be received and opened on the next working day at the same time and venue respectively.
4. The Contractors are instructed not to write their name on the out cover containing the tender document. They are only required to write the name of the work and authority that is to receive the tender. Tender for each work shall be submitted in separate covers.
5. Any other details can be seen in the tendering documents or can be had from the office of the undersigned during working hours on all working days.
6. The undersigned reserves the right to reject any or all the tenders without assigning any reason thereof.

**Sd./- Executive Officer**
**Dhenkanal Municipality**

# ଫେବୃୟାରୀ ମାସର କୃଷିସୂଚନା

**ଡାଲୁଅ ଧାନ :** ରୋଇବାର ୧୫-୨୦ ଦିନ ଜମିରେ ନଖବୁଡ଼ା ପାଣି ରଖି ୧୨୦ରୁ କମ୍ ଦିନିଆ ଧାନରେ ହେକ୍ଟର ପ୍ରତି ୩୦ କିଲୋଗ୍ରାମ୍ ଓ ୧୨୦ ଦିନରୁ ଅଧିକ ଦିନିଆ ତଥା ସଙ୍କର କିସମ ଧାନରେ ୪୦ କିଲୋଗ୍ରାମ୍ ଯବକ୍ଷାରଜାନ ସାର ପିଲସାର ହିସାବରେ ପ୍ରୟୋଗ କରନ୍ତୁ। ପିଲ ଅବସ୍ଥାରେ ୨.୫ ସେ.ମି. ପର୍ଯ୍ୟନ୍ତ ପାଣି ରଖନ୍ତୁ।

-କାଣ୍ଡବିନ୍ଧା ପୋକ ଦମନ ପାଇଁ ହେକ୍ଟର ପ୍ରତି ୧ ଲିଟର କ୍ଲୋରୋପାଇରିଫସ୍ କିମ୍ବା ପ୍ରୋଫେନୋଫସ୍ ପତ୍ରରେ ସିଞ୍ଚନ କରନ୍ତୁ।

**ଗହମ :** ଗହମ କାଣ୍ଡ ହଳଦିଆ ପଡ଼ି ଶୁଖି ମଥା ନଇଁଗଲେ ଅମଳ କରନ୍ତୁ।

**ମକା :** ଲଗାଇବାର ୨୧ ଦିନ ପରେ କୋଡ଼ାଖୁସା କରି ଗଛମୂଳେ ମାଟିଦେବା ଦରକାର।

- ଫସଲ ବୁଣିବାର ୩୫ରୁ ୪୫ ଦିନ ମଧ୍ୟରେ ଥିବା କୋଡ଼ାଖୁସା କରି ଘାସ ବାଛି ହେକ୍ଟର ପ୍ରତି ୩୦-୩୫ କି.ଗ୍ରା. ଯବକ୍ଷାରଜାନର ଗଛ ମୂଳରେ ଦେଇ ଦ୍ୱିତୀୟ ଥର ହୁଡ଼ା ଟେକି ଦିଅନ୍ତୁ।

**ଡାଲି ଜାତୀୟ ଫସଲ-**

-ଖରାଦିନେ ଅଧିକ ଅମଳକ୍ଷମ ଡାଲିଜାତୀୟ ଫସଲ ଯଥା- **ମୁଗ କିସମ:** ଆଇ.ପି.ଏମ୍.-୦୨-୧୪ (୬୫ ଦିନ), ଆଇ.ପି.ଏମ୍.-୦୨-୩ (୬୫ ଦିନ), ପି.ଡି.ଏମ୍-୧୧ (୬୫ଦିନ), ପି.ଡି.ଏମ୍.-୫୪ (୬୦ ରୁ ୬୫ ଦିନ), ଦୁର୍ଗା (୬୦ ରୁ ୬୫ ଦିନ), ସମ୍ରାଟ୍ (୬୫ ରୁ ୭୦ ଦିନ), କେ-୮୫୧ (୬୦ରୁ ୬୫ ଦିନ) ଓ **ବିରି କିସମ:** ଶାରଳା (୬୫ରୁ ୭୦ ଦିନ), ପି.ୟୁ.-୩୧ (୭୦ ଦିନ), ପି.ୟୁ.-୩୦ (୬୫ରୁ ୭୦ ଦିନ), ପି.ୟୁ.-୩୫ (୬୫ରୁ ୭୦ ଦିନ), ପି.ୟୁ-୧୯(୬୫ରୁ ୭୦ ଦିନ) ବିହନ ସଂଗ୍ରହ କରି ଜମିରେ ବୁଣନ୍ତୁ।

-ହେକ୍ଟର ପ୍ରତି ୨୫ କିଲୋଗ୍ରାମ୍ ବିହନ ଆବଶ୍ୟକ। ବିହନକୁ ବିଶୋଧନ କରି ବୀଜାଣୁ କଲ୍ଚର ଉପଚାର କରି ଧାଡ଼ିରେ ବୁଣନ୍ତୁ।

**ତୈଳବୀଜ ଜାତୀୟ ଫସଲ**

**ଚିନାବାଦାମ:** ଏହି ଫସଲରେ ବିହାରୀ ଶଁବାଳୁଆ ଲାଗିଲେ ସକାଳେ କାକର ଥିବାବେଳେ ହେକ୍ଟର ପ୍ରତି ୨୫ କି.ଗ୍ରା. ହିସାବରେ ୧.୫% କ୍ଲୋରୋପାଇରିଫସ୍ ଗୁଣ୍ଡ ପ୍ରୟୋଗ କରନ୍ତୁ କିମ୍ବା ୧ ଲିଟର ଲାମ୍ଡ଼ା ସାଇହାଲୋଥ୍ରିନ୍ ୨.୫ ଇ.ସି. ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।

**ସୋରିଷ :** ଡେରିରେ ବୁଣାଯାଇଥିବା ସୋରିଷ ଅମଳ କରଦିଅନ୍ତୁ। ଖରାଦିନିଆ ରାଶିକୁ ଫେବୃୟାରୀଠାରୁ ମାର୍ଚ୍ଚ ପ୍ରଥମ ସପ୍ତାହ ମଧ୍ୟରେ ବୁଣନ୍ତୁ। ହେକ୍ଟର ପ୍ରତି ୭.୫ ରୁ ୧୦ କି.ଗ୍ରା. ବିହନ ଆବଶ୍ୟକ ହୋଇଥାଏ।

ରାଶିର ଉନ୍ନତ ବିହନ କିସମଗୁଡ଼ିକ ହେଲା - ଅମ୍ରିତ୍ (୭୫ ଦିନ), କନକ (୮୫ ଦିନ), କାଳିକା (୮୫ ଦିନ), ଉମା (୭୫ରୁ ୮୦ ଦିନ), ବିନାୟକ (୮୫ ଦିନ), ନିର୍ମଳା (୮୦ ଦିନ), ପ୍ରାଚୀ (୭୫ରୁ ୮୦ ଦିନ ) ଓ ଉଷା (୭୫ରୁ ୮୦ ଦିନ)।

**ସୂର୍ଯ୍ୟମୁଖୀ :** ଗଛ ୩ ସପ୍ତାହ ହୋଇଥିଲେ କୋଡ଼ାଖୁସା କରି ହେକ୍ଟର ପ୍ରତି ୪୦ କି.ଗ୍ରା. ଯବକ୍ଷାରଜାନ ପ୍ରୟୋଗ କରି ହୁଡ଼ା ଟେକନ୍ତୁ।

-ପତ୍ରକଟା ପୋକ ଦମନ ଲାଗି ହେକ୍ଟର ପ୍ରତି ୧ ଲିଟର କ୍ଲୋରୋପାଇରିଫସ୍ ଓ ଝିଣ୍ଟିକା ଦମନ ପାଇଁ ହେକ୍ଟର ପ୍ରତି ୨୫ କି.ଗ୍ରା. କ୍ଲୋରୋପାଇରିଫସ୍ ୧.୫% ଗୁଣ୍ଡ ସିଞ୍ଚନ କରନ୍ତୁ।

-ଜମିରେ ଅତ୍ୟଧିକ ପାଣି ଜମିବାକୁ ଦିଅନ୍ତୁ ନାହିଁ।

**ଆଖୁ :** ଆଖୁ ଫସଲ ୩୦ ଦିନର ହୋଇଥିଲେ ଜମିରୁ ଘାସବାଛି କୋଡ଼ାଖୁସା କରି ହେକ୍ଟର ପ୍ରତି ୩୦ କି.ଗ୍ରା. ଯବକ୍ଷାରଜାନ ପ୍ରୟୋଗ କରି ହୁଡ଼ା ଟେକନ୍ତୁ।

**ପନିପରିବା :** ପନିପରିବା ଫସଲରେ ଜଉପୋକ ଓ ଫଳବିନ୍ଧା ପୋକ ଦମନ ସକାଶେ ଏକ ଲିଟର ପାଣିରେ ଯଥାକ୍ରମେ ୦.୨ ଗ୍ରାମ୍ କ୍ଲୋଥାୟାନିଡିନ୍ ଓ ୦.୩ ମି.ଲି. ଫ୍ଲୁବେଣ୍ଡିଆମାଇଡ୍ ମିଶାଇ ସିଞ୍ଚନ କରନ୍ତୁ।

**ଆଳୁ :** ଆଳୁ ଗଛର କାଣ୍ଡ ଶୁଖି ଢଳି ପଡ଼ିଲେ ଅମଳ କରନ୍ତୁ। ଆଳୁ ପାକଳ ହେବା ପାଇଁ ଖୋଳିବା ପୂର୍ବରୁ କାଣ୍ଡଗୁଡ଼ିକୁ କାଟି ଦିଅନ୍ତୁ। ଖଣ୍ଡିଆ, ରୋଗାକ୍ରାନ୍ତ ଓ ସବୁଜ ଦିଶୁଥିବା ଆଳୁଗୁଡ଼ିକୁ ଅଲଗା ରଖନ୍ତୁ। ଅମଳ ପରେ ଆଳୁକୁ ୨-୩ ଦିନ ଛାଇରେ ଶୁଖାଇ ଦିଅନ୍ତୁ। ଶୀତଳ ଭଣ୍ଡାରକୁ ନେବା ପୂର୍ବରୁ ୩% ବୋରିକ୍ ଏସିଡ୍‌ରେ ୧୫ ମିନିଟ୍ ବୁଡ଼ାଇ ଶୁଖାଇ ଦିଅନ୍ତୁ।

**ପିଆଜ :** ପତ୍ରଗୁଡ଼ିକ ହଳଦିଆ ପଡ଼ିଲେ ପିଆଜ ପାକଳ ହୋଇଯାଇଥାଏ। ଏହି ସମୟରେ ଅମଳ କରନ୍ତୁ। ଅମଳର ୩/୪ ସପ୍ତାହ ପରେ ତାକୁ ସାଇତି ରଖନ୍ତୁ। ଏହାଦ୍ୱାରା ପିଆଜର ଜଳୀୟ ଅଂଶ ଅନେକାଂଶରେ କମିଯାଇଥାଏ।

**ଭେଣ୍ଡି :** କିସମ - ଆର୍କା ଅନାମିକା, ଆର୍କା ଅଭୟ, ଉତ୍କଳ ଗୌରବ, ପୁଷା-ଏ-୪।

- ଲଗାଇବା ଦୂରତା ୬୦ ସେ.ମି. X ୩୦ ସେ.ମି.।

- ସାର ପ୍ରୟୋଗ: ହେକ୍ଟର ପିଛା ୨୦ ଗାଡ଼ି ଭଲ ଶଢ଼ା ଗୋବର ଖତ ସହିତ ୮୦ କି.ଗ୍ରା. ଯବକ୍ଷାରଜାନ, ୪୦ କି.ଗ୍ରା. ଫସ୍‌ଫରସ୍ ଓ ୪୦ କି.ଗ୍ରା. ପଟାସ୍ ଆବଶ୍ୟକ।

- ଜମି ପ୍ରସ୍ତୁତ ସମୟରେ ଅନୁମୋଦିତ ଯବକ୍ଷାରଜାନ ସାରର ଅର୍ଦ୍ଧେକ ଏବଂ ସମସ୍ତ ଫସ୍‌ଫରସ୍ ଏବଂ ପଟାସ୍ ସାର ମୂଳସାର ହିସାବରେ ସବୁତକ ଖତ ସହିତ ପ୍ରୟୋଗ କରନ୍ତୁ।

- ବିହନ ଲଗାଇବାର ୩ ସପ୍ତାହ ପରେ କୋଡ଼ାଖୁସା କରି ବଳକା ଅର୍ଦ୍ଧେକ ଯବକ୍ଷାରଜାନ ସାର ପ୍ରୟୋଗ କରନ୍ତୁ।

- ପ୍ରତି ୫-୬ ଦିନ ବ୍ୟବଧାନରେ ଭେଣ୍ଡି କିଆରିରେ ମାଟିର ବତର ଦେଖି ଜଳସେଚନ କରନ୍ତୁ। ଭେଣ୍ଡି ଗଛରେ ଫୁଲ ହେବାର ୭-୮ ଦିନ ପରେ ଫଳଗୁଡ଼ିକ ପାକଳ ହୋଇଥାଏ। ଏହି ସମୟରେ ଫଳ ତୋଳନ୍ତୁ। ପ୍ରତି ୨-୩ ଦିନରେ ଥରେ ତୋଳିବା ଉଚିତ। ନଚେତ୍ ଗଛର ବୃଦ୍ଧି ଓ ଫଳ ଧାରଣ ଶକ୍ତି କମିଯାଇଥାଏ ଏବଂ ଫଳ ବୁଢ଼ା ହୋଇଯାଇଥାଏ।

**ପୋଟଳ:** ପୋଟଳ ଫସଲରେ ଝାଉଁଳା ରୋଗ ଦେଖାଦେଲେ ହେକ୍ଟର ପ୍ରତି ୭୫୦ ଗ୍ରାମ୍ କାର୍ବେଣ୍ଡାଜିମ୍ ୫୦% ଡବ୍ଲ୍ୟୁ.ପି. କିମ୍ବା ମେଟାଲାକ୍ସିଲ୍ + ମାନ୍‌କୋଜେବ୍ (୧ କି.ଗ୍ରା.) ୫୦୦ ଲିଟର ପାଣିରେ ମିଶାଇ ଗଛ ମୂଳକୁ ଭିଜାଇବେ।

**ଅଦା ଓ ହଳଦୀ :** ଅଦା ଓ ହଳଦୀ ଫସଲ ଅମଳ ସକାଶେ ଏହା ପ୍ରକୃଷ୍ଟ ସମୟ। ଜମିର ବତର ଦେଖି ଫସଲ ଅମଳ କରନ୍ତୁ ।

**ଫୁଲଚାଷ :** ସେରାକଲ କିସମର ଗେଣ୍ଡୁ ଫୁଲ ଚାଷ କରୁଥିଲେ ହେକ୍ଟର ପ୍ରତି ୨୦ ଗାଡ଼ି ଭଲ ସଢ଼ା ଗୋବରଖତ ସହିତ ୨୦୦ କି.ଗ୍ରା. ଯବକ୍ଷାରଜାନ, ୨୦୦ କି.ଗ୍ରା. ଫସ୍‌ଫରସ୍ ଏବଂ ୨୦୦ କି.ଗ୍ରା. ପଟାସ୍ ଆବଶ୍ୟକ।

- ଲଗାଇବା ସମୟରେ ମୂଳସାର ହିସାବରେ ଅର୍ଦ୍ଧେକ ଯବକ୍ଷାରଜାନ ଏବଂ ସମସ୍ତ ପଟାସ୍ ଓ ଫସ୍‌ଫରସ୍ ଖତ ସହିତ ମାଟିରେ ପ୍ରୟୋଗ କରନ୍ତୁ।

- ମଲ୍ଲୀଫୁଲ ଚାଷ କରୁଥିଲେ ଗଛ ପ୍ରତି ୭୫ ଗ୍ରାମ୍ ଯବକ୍ଷାରଜାନ, ୭୫ ଗ୍ରାମ୍ ଫସ୍‌ଫରସ୍ ଏବଂ ୫୦ ଗ୍ରାମ୍ ପଟାସ୍ ସାର ପ୍ରୟୋଗ କରନ୍ତୁ।

- ଗୋଡ଼ିଫୁଲ, ସୂର୍ଯ୍ୟମୁଖୀ ଏବଂ ଜିନିଆ ଚାଷ କରିପାରିବେ।

- ଗୋଲାପ ଗଛରେ ଶୋଷକ ପୋକ ନିୟନ୍ତ୍ରଣ ଲାଗି ଏକ ଲିଟର ପାଣିରେ ୦.୩ ମି.ଲି. ହିସାବରେ ଇମିଡ଼ାକ୍ଲୋପ୍ରିଡ୍ କୀଟନାଶକ ମିଶାଇ ଗଛରେ ଭଲ ଭାବରେ ସିଞ୍ଚନ କରନ୍ତୁ। ପାଉଁଶିଆ ରୋଗ ଦେଖାଦେଲେ ୧ ଲିଟର ପାଣିରେ ୩ ଗ୍ରାମ୍ ହିସାବରେ ସଲ୍‌ଫର୍ ଗୁଣ୍ଡ ପ୍ରୟୋଗ କରନ୍ତୁ।

**ଗୋପାଳନ :** ନଡ଼ା ଖାଇବାକୁ ଦେବା ପୂର୍ବରୁ ପ୍ରଥମେ ନଡ଼ାକୁ କାଟି ପାଣିରେ ୪ ଘଣ୍ଟା ବତୁରାଇ ଦିଅନ୍ତୁ। ପରେ ନଡ଼ାକୁ ପାଣି ଛଡ଼ାଇ ଶୁଖାଇ ଦିଅନ୍ତୁ। ଏହି ନଡ଼ାକୁ ଖାଇବାକୁ ଦେଲେ ନଡ଼ାରେ ଥିବା ଅକ୍‌ଜାଲିକ୍ ଅମ୍ଳ ପରିମାଣ କମିଥାଏ। ଦୁଧିଆଳୀ ଗାଈକୁ ପ୍ରତ୍ୟେକ ୨.୫ ଲିଟର ଦୁଗ୍ଧ ପାଇଁ ୧ କି.ଗ୍ରା. ସନ୍ତୁଳିତ ମିଶ୍ରିତ ଦାନା ଖାଇବାକୁ ଦିଅନ୍ତୁ। ପ୍ରତ୍ୟେକ ଦିନ ୩୦ ଗ୍ରାମ୍ ଖଣିଜ ଲବଣ ମିଶ୍ରଣ ଗାଈକୁ ଖାଇବାକୁ ଦିଅନ୍ତୁ। ଦାନାଖର୍ଚ୍ଚ କମାଇବା ସହ ଗାଈଙ୍କର ସ୍ୱାସ୍ଥ୍ୟାବସ୍ଥା ଭଲ ରହିବା ପାଇଁ ସବୁଜ ଗୋଖାଦ୍ୟ ଫସଲ ଚାଷ କରନ୍ତୁ।

**ଛେଳି ପାଳନ :** ଛେଳିଙ୍କୁ ଏଣ୍ଟରୋଟକ୍ସିମିଆ ରୋଗ ଏହି ମାସରେ ଦେଖାଯାଇଥାଏ। ଏହାର ପ୍ରତିକାର ସକାଶେ ଏଣ୍ଟରୋଟକ୍ସିମିଆ ଟିକା ଦିଅନ୍ତୁ।

**- କୃଷି ବୈଷୟିକ ସୂଚନା କେନ୍ଦ୍ର**
**ସମ୍ପ୍ରସାରଣ ଶିକ୍ଷା ନିର୍ଦ୍ଦେଶାଳୟ**
**ଓୟୁଏଟି, ଭୁବନେଶ୍ୱର**





## ବାର୍ଡଫ୍ଲୁର ଲକ୍ଷଣ

- ନିମ୍ନଲିଖିତ ଲକ୍ଷଣମାନ ଦେଖାଦେଲେ ବାର୍ଡଫ୍ଲୁ ରୋଗ ହେବାର ସୂଚନା ମିଳିଥାଏ।

- କୁକୁଡ଼ା ଦୁର୍ବଳ ଦେଖାଯାଏ, ପର ଅସଜଡ଼ା ପରି ଲାଗେ, ଅଣ୍ଡାଦିଆ କୁକୁଡ଼ା ଅଣ୍ଡା ଦେବା କମ୍ କରିଦିଏ, ନାକରୁ ପତଳା ସିଙ୍ଘାଣି ବାହାରିବା ସହିତ ଛିଙ୍କ ତଥା ପତଳା ପାଣି ପରି ଝାଡ଼ା ହୁଏ, ପ୍ରାପ୍ତବୟସ୍କ କୁକୁଡ଼ାଙ୍କ ଚୂଳ, ୱାଟଲ୍ ଓ ଆଖି ଚାରିପାଖ ଫୁଲିଯାଏ, ଚୂଳ ନୀଳ ପଡ଼ିବା ସହିତ ରକ୍ତ ଛିଟା ଚିହ୍ନ ଦେଖାଦେଲେ କିମ୍ବା ମୁହଁ ବା ମୁଣ୍ଡ ଫୁଲିଯିବା ଆଦି ଉପସର୍ଗ ମାନ ଦେଖାଦେଲେ ତୁରନ୍ତ ନିକଟସ୍ଥ ପ୍ରାଣୀ ଚିକିତ୍ସକଙ୍କ ସହ ପରାମର୍ଶ କରନ୍ତୁ।



## ଖରାଦିନିଆ ପନିପରିବା

ଖରାଦିନିଆ ପନିପରିବା ଯଥା : କଲରା, ଜହ୍ନି, ପୋଟଳ, କାକୁଡ଼ି, ବରଗୁଡ଼ି, ଗୁଆଁର, କଖାରୁ, ପୋଇ, ଖଡ଼ା ଇତ୍ୟାଦି ପାଇଁ ପଟାଳି ପ୍ରସ୍ତୁତ କରନ୍ତୁ। ତରଭୁଜ ଲଗାଇବା ଆରମ୍ଭ କରନ୍ତୁ। ଉନ୍ନତ କିସମ : ସୁଗାର ବେବି।

- ଅଦିନିଆ ପନିପରିବା ହିସାବରେ ବିଲାତି ବାଇଗଣ, ବନ୍ଧାକୋବି, ମୂଳା ଓ ଗାଜର ଚାଷ ସକାଶେ ଉନ୍ନତ ମାନର ମଞ୍ଜି ସଂଗ୍ରହ କରି ଚାରା ଲାଗି ପଟାଳି ପ୍ରସ୍ତୁତ କରନ୍ତୁ। ଚାରା ରୋପଣ ପାଇଁ ଜମି ପ୍ରସ୍ତୁତ କାର୍ଯ୍ୟ ଆରମ୍ଭ କରନ୍ତୁ।



# ଓଡ଼ିଶାର ଆଦିବାସୀ କୃଷକ ଓ କୃଷି

(ଦ୍ୱିତୀୟ ଭାଗ)

ରାସାୟନିକ ସାରର ବ୍ୟବହାର ଓ ଫସଲର ରୋଗପୋକ ଆଦିର ନିରାକରଣ ଆଦିବାସୀ ଚାଷୀଙ୍କୁ ଜଣାନାହିଁ। କୃଷି ବିଶ୍ୱବିଦ୍ୟାଳୟରୁ ବାହାରିଥିବା ଉନ୍ନତ ଏବଂ ଅଧିକ ଅମଳକ୍ଷମ କିସମ ବିହନ ଆଦିବାସୀ ଚାଷୀମାନଙ୍କ ପାଖରେ ପହଞ୍ଚି ପାରିନାହିଁ। ଯାନ୍ତ୍ରିକ କୃଷିର ବ୍ୟବହାର ଏମାନଙ୍କୁ ଅଜଣା। ଦେଶୀ କାଠ ଲଙ୍ଗଳ ଏବଂ ସେମାନଙ୍କ ଦ୍ୱାରା ପ୍ରସ୍ତୁତ ଅନ୍ୟାନ୍ୟ ଦେଶୀୟ କୃଷି ଯନ୍ତ୍ରପାତି ଦ୍ୱାରା ଚାଷ କରନ୍ତି। ଉପରୋକ୍ତ କାରଣଗୁଡ଼ିକରୁ ଫସଲ ଅମଳ ଆଶାନୁରୂପ ଠାରୁ ଯଥେଷ୍ଟ କମ୍।

ଫଳ ଚାଷ କହିଲେ ମୁଖ୍ୟତଃ ଦେଶୀ କିସମର ଆମ୍ବ ଓ ପଣସକୁ ବୁଝାଏ। କେତେକ ସ୍ଥଳରେ ପାହାଡ଼ ପାଦଦେଶରେ ଆଦିବାସୀମାନେ ସପୁରି ଚାଷ କରିଥାନ୍ତି। ବାହାର ବ୍ୟବସାୟୀମାନେ ଏହି ସବୁ ଫଳକୁ ସ୍ୱଳ୍ପ ମୂଲ୍ୟରେ କିଣି ନେଇ ଚଢ଼ା ଦରରେ ବଜାରରେ ବିକ୍ରିକରି ଲାଭବାନ୍ ହୁଅନ୍ତି। ରାୟଗଡ଼ା, କଳାହାଣ୍ଡି, ବଲାଙ୍ଗୀର ଓ ନୂଆପଡ଼ା ଜିଲାଗୁଡ଼ିକର ମୃତ୍ତିକା ଓ ଜଳବାୟୁ ଉନ୍ନତ କିସମ ଆମ୍ବ ଯଥା ଆମ୍ରପଲ୍ଲି, ଲାଟସୁନ୍ଦରୀ ଓ ନିଲମ ପାଇଁ ଉପଯୁକ୍ତ। ତେଣୁ ଏସବୁ ଆମ୍ବ କିସମର କଲମି ଚାରା ଆଦିବାସୀ ଚାଷୀଙ୍କୁ ଯୋଗାଇ ଆମ୍ବ ବିକ୍ରିବଟାର ବ୍ୟବସ୍ଥା ହେଲେ, ଚାଷୀମାନେ ବହୁ ଉପକୃତ ହେବେ। ଆଦିବାସୀ ଜିଲାଗୁଡ଼ିକରେ ଫଳ ସଂରକ୍ଷଣ ପାଇଁ ଶୀତଳ ଭଣ୍ଡାରର ସୁବିଧା ପ୍ରାୟ ନାହିଁ। ଫଳରୁ ବିଭିନ୍ନ ସଂରକ୍ଷିତ ପଦାର୍ଥ ଯଥା ଆଚାର, ଫଳରସ, ସସ୍, ଜେଲି, ଆମ୍ବଶଢ଼ା ଆଦିର ପ୍ରସ୍ତୁତି ପ୍ରଣାଳୀ ଆଦିବାସୀଙ୍କୁ ଅଜଣା। ତେଣୁ ଜଙ୍ଗଲର ଅନେକ ଫଳ ପଚି ନଷ୍ଟ ହୁଏ। ଆଦିବାସୀ ଜିଲାରେ ଫଳରୁ ବିଭିନ୍ନ ସଂରକ୍ଷଣ ପଦାର୍ଥ ପ୍ରସ୍ତୁତି ପାଇଁ କ୍ଷୁଦ୍ର କୁଟୀରଶିଳ୍ପ ପ୍ରତିଷ୍ଠା ହେଲେ ଚାଷୀମାନେ ଯଥେଷ୍ଟ ଲାଭବାନ ହୋଇପାରିବେ।

ଆଦିବାସୀ କୃଷକଙ୍କର ଗୃହପାଳିତ ପ୍ରାଣୀ କହିଲେ ମୁଖ୍ୟତ ଦେଶୀ କିସମ ଗାଈ, ମଇଁଷି, ଘୁଷୁରି ଓ କୁକୁଡ଼ା ଆଦିକୁ ବୁଝାଏ। ଆଦିବାସୀମାନେ ମୁଖ୍ୟତଃ ମାଂସ ପ୍ରିୟ। ଏମାନେ ଜଙ୍ଗଲରୁ ବାର୍ହା, ଠେକୁଆ, କୁଟୁରା, ଗୁଣ୍ଡୁଚିମୂଷା ଆଦି ମାରି ଖାଆନ୍ତି। ଏଥିରୁ ନିବୃତ୍ତ ହେବାଲାଗି ଆଦିବାସୀ କୃଷକଙ୍କୁ ଉନ୍ନତ କିସମ ଘୁଷୁରି, ଠେକୁଆ ଓ କୁକୁଡ଼ା ଯୋଗାଇ ଏହାର ଚାଷ ପ୍ରଣାଳୀ ଶିକ୍ଷା ଦେବା ଆବଶ୍ୟକ। ବୌଦ୍ଧ, କଳାହାଣ୍ଡି, ନୂଆପଡ଼ା ଓ ରାୟଗଡ଼ା ଜିଲାର ଅଭ୍ୟନ୍ତରରେ ବସବାସ କରୁଥିବା ଅନେକ ଭୂମିହୀନ ଆଦିବାସୀ ପୋଡୁ ଚାଷ କରି ଜଙ୍ଗଲକୁ ନଷ୍ଟ କରନ୍ତି। ପାହାଡ଼ର ପାଦଦେଶରେ ଥିବା ଜଙ୍ଗଲକୁ ପୋଡ଼ି ମାଣ୍ଡିଆ, ସୁଆଁ, ମକା ଆଦି ବୁଣନ୍ତି। ବର୍ଷେ କିମ୍ବା ଦୁଇବର୍ଷ ପରେ ସ୍ଥାନ ପରିବର୍ତ୍ତନ କରି ଅନ୍ୟ ସ୍ଥାନର ଜଙ୍ଗଲକୁ ପୋଡ଼ି ସେଠାରେ ଫସଲ ଚାଷ କରନ୍ତି। ଏହା ଦ୍ୱାରା ସେମାନେ ଭଲ ଫସଲ ଅମଳ କରନ୍ତି ବୋଲି ଦାବି କରନ୍ତି। କିନ୍ତୁ ଜଙ୍ଗଲର ମୂଲ୍ୟବାନ ଗଛ ପୋଡ଼ି ନଷ୍ଟ ହେବା ଏବଂ ପାହାଡ଼ ପାଦ ଦେଶର ମାଟି ବର୍ଷାରେ ଧୋଇ ନଷ୍ଟ ହୋଇଥାଏ। ଏ ପ୍ରକାର ଚାଷ ପ୍ରଥାରୁ ନିବୃତ୍ତ ରହିବା ପାଇଁ ଜିଲାର କୃଷି ଓ ମୃତ୍ତିକା ସଂରକ୍ଷଣ ଅଧିକାରୀ ଏବଂ ଅନ୍ୟ ପ୍ରଶାସନିକ କୃଷି କମଚାରୀ ବୁଝାଇବା ଜରୁରୀ। ଏହାଦ୍ୱାରା ପୋଡୁଚାଷ ପ୍ରଥାରୁ ଆଦିବାସୀମାନେ ନିବୃତ୍ତ ହେବେ। ଗୋଟିଏ ସ୍ଥାନରେ ସ୍ଥାୟୀଭାବେ ବସବାସ କରି ଚାଷ କରିବା ପାଇଁ ଏମାନଙ୍କୁ ବୁଝାଇବା ଦରକାର। ଏଥିପାଇଁ ସରକାର ସେମାନଙ୍କୁ ଉପଯୁକ୍ତ ଚାଷ ଜମି ଯୋଗାଇ ଦେବା ଆବଶ୍ୟକ।



ଭାରତୀୟ କୃଷି ଅନୁସନ୍ଧାନ ପରିଷଦ ଏବଂ ଓଡ଼ିଶା କୃଷି ବିଶ୍ୱବିଦ୍ୟାଳୟ ଦ୍ୱାରା ଆଦିବାସୀ ଜିଲାଗୁଡ଼ିକରେ କୃଷିବିଜ୍ଞାନ କେନ୍ଦ୍ରମାନ ପ୍ରତିଷ୍ଠା କରାଯାଇଛି। ଉକ୍ତ କୃଷିବିଜ୍ଞାନ କେନ୍ଦ୍ରଗୁଡ଼ିକରେ ବିଭିନ୍ନ ବିଭାଗର କୃଷିବୈଜ୍ଞାନିକମାନେ ଅବସ୍ଥାପିତ ହୋଇଛନ୍ତି। ଉକ୍ତ ବୈଜ୍ଞାନିକମାନେ ଆଦିବାସୀ ଚାଷୀମାନଙ୍କ କ୍ଷେତରେ ମାଗଣାରେ ଉନ୍ନତ କୃଷି ପଦ୍ଧତି ମାନ ପ୍ରଦର୍ଶନ କରି ସେମାନଙ୍କୁ ଶିକ୍ଷା ଦେଲେ ଆଦିବାସୀ ଚାଷୀ ଆଧୁନିକ କୃଷି ପ୍ରଣାଳୀକୁ ଆପଣେଇ ନେଇପାରିବେ। ଆଦିବାସୀ ଗ୍ରାମଗୁଡ଼ିକରେ ପ୍ରତି ସପ୍ତାହ ସନ୍ଧ୍ୟାରେ ଉନ୍ନତ କୃଷି ସମ୍ବନ୍ଧୀୟ ଚଳଚ୍ଚିତ୍ରମାନ ପ୍ରଦର୍ଶନ କଲେ ଚାଷୀମାନଙ୍କର କୃଷି ବିଷୟରେ ଆଗ୍ରହ ବଢ଼ିବା ସହିତ ଉନ୍ନତ କୃଷି ପ୍ରଣାଳୀକୁ ଗ୍ରହଣ କରି ଅମଳ ବଢ଼ାଇବା ସହିତ ସୁଖି ଜୀବନ ଯାପନ କରିବାକୁ ଚେଷ୍ଟିତ ହେବେ। ମୁଖ୍ୟତଃ ଆଦିବାସୀ ଚାଷୀମାନଙ୍କୁ ଅଣଆଦିବାସୀ ଚାଷୀମାନଙ୍କ ସହିତ ସମକକ୍ଷ ହେବାକୁ ହେଲେ ସେମାନଙ୍କୁ କୃଷି ସମ୍ବନ୍ଧୀୟ ଶିକ୍ଷା ଅତି ଜରୁରୀ। ଏଥିପାଇଁ କୃଷି ବୈଜ୍ଞାନିକଙ୍କ ପ୍ରଚେଷ୍ଟା ମଧ୍ୟ ରହିବା ଆବଶ୍ୟକ।

**-ପ୍ର.ସୁବୋଧ କୁମାର ସାହୁ**
ଶୈଳଶ୍ରୀବିହାର, ଭୁବନେଶ୍ୱର
ମୋ:୯୫୫୬୨୬୬୦୮୫

ପ୍ରଥମ ପୃଷ୍ଠାରୁ...

## ମୂଳ ମାଲିକଙ୍କୁ ଫେରାଯାଉ ...

କରାଗଲେ ରାମମନ୍ଦିର ନିର୍ମାଣ ସମ୍ଭବ ହୋଇପାରେ। ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆର୍‌ଏସ୍‌ଏସ୍) ଓ ହିନ୍ଦୁତ୍ୱବାଦୀ ସଙ୍ଗଠନଗୁଡ଼ିକ ରାମମନ୍ଦିର ନିର୍ମାଣ ପାଇଁ କେନ୍ଦ୍ର ଉପରେ ଚାପ ପକାଉଥିବାବେଳେ ସରକାର ଏଭଳି ପଦକ୍ଷେପ ନେଇଛନ୍ତି। ସୁପ୍ରିମକୋର୍ଟରେ ଦାଏର ୩୩ ପୃଷ୍ଠାର ପିଟିଶନରେ ସରକାର ଉଲ୍ଲେଖ କରିଛନ୍ତି ଯେ, ପୂର୍ବରୁ ୨.୭୭ ଏକର ସହିତ ୬୭.୩୯୦ ଏକର ଜମିକୁ ଅଧିଗ୍ରହଣ କରାଯାଇଥିଲା। ଏବେ ଅତିରିକ୍ତ ଜମିକୁ ସେମାନଙ୍କ ମୂଳ ମାଲିକଙ୍କୁ ଫେରାଇ ଦେବା ପାଇଁ ଆମେ ଅନୁମତି ଚାହୁଁଛୁ। ଏହାସହ ୨୦୦୩ରେ ସୁପ୍ରିମକୋର୍ଟ ସ୍ଥିତାବସ୍ଥା ବଜାୟ ପାଇଁ ଦେଇଥିବା ରାୟରେ ପରିବର୍ତ୍ତନ ଚାହୁଁଛୁ। କେନ୍ଦ୍ର ସରକାର ୧୯୯୪ର ରାୟର ଅବତାରଣା ମଧ୍ୟ କରିଛନ୍ତି। ସରକାର କହିଛନ୍ତି, କେନ୍ଦ୍ର ଚାହିଁଲେ ଆକ୍ୱିଜିଶନ୍ ଅଫ୍ ସର୍ଟେନ ଏରିଆଜ୍ ଅଫ୍ ଅଯୋଧ୍ୟା ଆକ୍ଟ ଅନୁସାରେ ୦.୩୧୩ ଏକର ବିବାଦୀୟ ଜମିକୁ ବାଦ୍‌ଦେଇ ଅବଶିଷ୍ଟ ଜମି ମୂଳ ମାଲିକଙ୍କୁ ଫେରାଇପାରେ ବୋଲି ଇସ୍‌ମାଇଲ୍ ଫାରୁକି ମାମଲାରେ ସୁପ୍ରିମକୋର୍ଟ କହିଥିଲେ। ଅଧିଗୃହୀତ ଜମି ମୂଳ ମାଲିକଙ୍କୁ ଫେରାଇବା ଦାବି ହେଉଛି ରାମ ଜନ୍ମଭୂମି ନ୍ୟାସର। ନ୍ୟାସ ତା'ର ୪୨ ଏକର ଜମି ମାଗୁଛି। ଏକ ପ୍ଲାନ୍‌ମ୍ୟାପ୍ ତିଆରି କରି ନ୍ୟାସ ଓ ଅନ୍ୟ ମୂଳ ଭୂମି ମାଲିକଙ୍କୁ ସେମାନଙ୍କ ଜମି ଫେରସ୍ତ କରାଗଲେ ସରକାରଙ୍କ କୌଣସି ନୀତିଗତ ଆପତ୍ତି ନାହିଁ। ଆମେ ବିବାଦୀୟ ଜମିକୁ ଛୁଉଁନାହୁଁ।

ପ୍ରକାଶ ଯେ, ପୂର୍ବରୁ ବିବାଦୀୟ ଢାଞ୍ଚା ଥିବା ୦.୩୧୩ ଏକର ଜମିକୁ ନେଇ ବିବାଦ ରହିଛି, ଯାହାର ସମ୍ପୂର୍ଣ୍ଣ ପରିଧି ୨.୭୭ ଏକର। ୧୯୯୨ ଡିସେମ୍ବର ୬ରେ କାରସେବକମାନେ ଉକ୍ତ ଢାଞ୍ଚାକୁ ଭାଙ୍ଗିଦେଇଥିଲେ। ବାବ୍ରି ମସ୍‌ଜିଦ ଭଙ୍ଗ ପରେ ସାରା ଦେଶରେ ହିନ୍ଦୁ-ମୁସଲମାନଙ୍କ ମଧ୍ୟରେ ସାମ୍ପ୍ରଦାୟିକ ଦଙ୍ଗା ସୃଷ୍ଟି ହୋଇଥିଲା। ଏଥିରେ ଦେଶର ୨,୦୦୦ ଲୋକ ପ୍ରାଣ ହରାଇଥିଲେ। ୧୯୯୩ରେ ତତ୍କାଳୀନ କଂଗ୍ରେସ ସରକାର ଏକ ଆଇନ ପ୍ରଣୟନ କରି ୨.୭୭ ଏକର ସମେତ ୬୭.୭୦୩ ଏକର ଜମି ଅଧିଗ୍ରହଣ କରିଥିଲେ। ଅନ୍ୟପକ୍ଷରେ ୨୦୧୦ରେ ଆଲ୍ଲାହାବାଦ ହାଇକୋର୍ଟ ଏହି ମାମଲାର ଶୁଣାଣି କରି ୨.୭୭ ଏକର ଜମିକୁ ୩ ପକ୍ଷ ସୁନ୍ନି ୱାକଫ୍ ବୋର୍ଡ, ନିର୍ମୋହୀ ଆଖଡ଼ା ଓ ରାମଲାଲାଙ୍କ ମଧ୍ୟରେ ସମାନ ୩ ଭାଗରେ ବାଣ୍ଟି ଦେଇଥିଲେ। ଏହା ବିରୋଧରେ ସର୍ବୋଚ୍ଚ ଅଦାଲତରେ ୧୪ଟି ପିଟିଶନ ଦାଏର ହୋଇଛି, ଯାହାର ଶୁଣାଣି ଶେଷ ହୋଇନାହିଁ।

## ୩ ଥର ନୀତି ବିଳମ୍ବ ...

ଉପରେ ସମସ୍ତେ ଧ୍ୟାନ ଦେବା ଦରକାର। କିନ୍ତୁ ଯେଉଁ ଜରିମାନା ନିଷ୍ପତ୍ତି ନିଆଯାଇଛି ତାହା ବଳବତ୍ତର ରହିବ। ଅର୍ଥାତ୍ ସେବାରେ ୧୫ ମିନିଟ୍ ବିଳମ୍ବ ପାଇଁ ଏକ ଚତୁର୍ଥାଂଶ ପାଳିଆ ପୁରସ୍କାର ଓ ଅନ୍ୟାନ୍ୟ ପ୍ରାପ୍ୟ ପାଉଣା ସ୍ଥଗିତ ରଖାଯିବ। ଅଧଘଣ୍ଟାଏ ବିଳମ୍ବ ହେଲେ ସେହିଦିନର ଅଧା ପାଳିଆ ପୁରସ୍କାର ଏବଂ ଅନ୍ୟ ପ୍ରାପ୍ୟ ପାଉଣା ଏବଂ ଘଣ୍ଟାଏ ବିଳମ୍ବ ହେଲେ ସେ ଦିନର ସମସ୍ତ ପାଳିଆ ପୁରସ୍କାର ଏବଂ ପ୍ରାପ୍ୟ ପାଉଣା ସ୍ଥଗିତ ରଖାଯିବ। ନୀତି ତ୍ୱରାନ୍ୱିତ ପାଇଁ ଧୂପ ସହିତ ଉଠିବ ଭୋଗମଣ୍ଡପ। ୨୦୧୧ରେ ପରିଚାଳନା କମିଟିରେ ଏହି ପ୍ରସ୍ତାବ ଆଗତ ହୋଇ ଆଇନ ବିଭାଗକୁ ପଠା ଯାଇଥିଲା। ୮ ବର୍ଷ ପରେ ଆଇନ ବିଭାଗ ଏ ନେଇ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ କରିବାକୁ ଯାଉଛି। ଏହା ପ୍ରଚଳିତ ହେଲେ ନୀତି ଆହୁରି ସଅଳ ହୋଇପାରିବ। ଫଳରେ ପ୍ରତ୍ୟେକ ଦିନ ନୀତି ପାଇଁ ଆଉ ୨ ଘଣ୍ଟା ଅଧିକ ସମୟ ମିଳିବ। ଏତଦ୍‌ବ୍ୟତୀତ ଗତ ଡିସେମ୍ବର ୨୮ରେ ଯେଉଁ ସେବକମାନେ ବିଶୃଙ୍ଖଳା କରିଥିଲେ ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଲାଗି କମିଟି ଏକମତ ହୋଇଛି। ସିସିଟିଭି ଫୁଟେଜରୁ ୩୬ ଜଣଙ୍କୁ ଚିହ୍ନଟ କରାଯାଇଛି। ସେମାନଙ୍କ ମଧ୍ୟରୁ ୧୮ ଜଣଙ୍କୁ କୈଫିୟତ ମଗାଯାଇଥିବା ବେଳେ ଅନ୍ୟମାନଙ୍କଠାରୁ ମତାମତ ମଗାଯାଇଛି। ସେମାନଙ୍କ ବିରୋଧରେ ଶ୍ରୀମନ୍ଦିର ଆଇନ ଅନୁସାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସେହିପରି ୨୦୧୫ ନବକଳେବରକୁ ସ୍ମରଣୀୟ କରିବା ଉଦ୍ଦେଶ୍ୟରେ ନବକଳେବର ସ୍ମାରକୀ ମୁଦ୍ରା ପ୍ରଚଳନ କରାଯାଇଥିଲା। ଯାତ୍ରୀମାନେ ଏହାକୁ କିଣି ନେବା ଲାଗି ଅଧିକ ଆଗ୍ରହ ଦେଖାଇଛନ୍ତି। ଶ୍ରୀମନ୍ଦିର ସ୍ମାରକୀ ମୁଦ୍ରା ବିକ୍ରି କରାଯାଉ ବୋଲି ଯାତ୍ରୀଙ୍କ ଚାହିଦାକୁ ଦୃଷ୍ଟିରେ ରଖି ଏହାକୁ ନିୟମିତ କରାଯିବ। ଭାରତ ସରକାରଙ୍କ ଅର୍ଥ ମନ୍ତ୍ରଣାଳୟ ଜରିଆରେ ଏହା କରାଯିବ। ପରିଚାଳନା କମିଟି ବୈଠକରେ ଏହାକୁ ଅନୁମୋଦନ ମିଳିଛି। ଆଇଟିସି କମ୍ପାନୀ ଅଗରବତି ବିକ୍ରି କରିବା ଲାଗି ଶ୍ରୀଜଗନ୍ନାଥ ମନ୍ଦିର ନାମ ଉଲ୍ଲେଖ କରିବା ପାଇଁ ପ୍ରସ୍ତାବ ଦେଇଛି। ସେମାନେ ଯେତେ ପ୍ୟାକେଟ ବିକ୍ରି କରିବେ ସେତେ ଟଙ୍କା ଶ୍ରୀମନ୍ଦିରକୁ ପ୍ରଦାନ କରିବେ। କିନ୍ତୁ ଏହାର ଉତ୍ପାଦନରେ ଯେପରି ପବିତ୍ରତା ରହିବ ତାହାକୁ ଧ୍ୟାନରେ ରଖି ପରୀକ୍ଷାମୂଳକ ଭାବେ ଉକ୍ତ କମ୍ପାନୀ ସହିତ ଚୁକ୍ତିନାମା କରାଯିବ। କୌଣସି ଭକ୍ତଙ୍କ ଭାବାବେଗକୁ ଯେପରି ଏହା ଆଘାତ ନ ଦିଏ ସେଥିପ୍ରତି ମଧ୍ୟ ଧ୍ୟାନ ଦିଆଯିବ ବୋଲି ମୁଖ୍ୟ ପ୍ରଶାସକ କହିଛନ୍ତି। ବୈଠକରେ ଏସ୍‌ପି ଡା. ସାର୍ଥକ କୁମାର ଷଡ଼ଙ୍ଗୀ, ନୀତିପ୍ରଶାସକ ବିଶ୍ୱଜିତ ବିଶ୍ୱାଳ, ରାଜସ୍ୱ ପ୍ରଶାସକ ମଧୁସୂଦନ ଦାସଙ୍କ ସମେତ ପରିଚାଳନା କମିଟିର ସଦସ୍ୟମାନେ ଉପସ୍ଥିତ ଥିଲେ।

## ୬ ଜିଲାର ୧୮ ଲକ୍ଷଙ୍କୁ ...

ଦ୍ୱାରା ପ୍ରଭାବିତ ୪ ବ୍ଲକର ୫୮୯ ଗ୍ରାମକୁ ଓଡିଶା ମିନେରାଲ ବିୟରିଙ୍ଗ୍ ଏରିଆ ଡେଭଲପମେଣ୍ଟ କର୍ପୋରେଶନ(ଓଏମ୍‌ବିଏଡିସି) ଏବଂ ଜିଲା ଖଣିଜ ଫାଣ୍ଡି (ଡିଏମ୍‌ଏଫ) ସହାୟତାରେ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦିଆଯିବ। ଏଥିପାଇଁ ଡକାଯାଇଥିବା ୯୭୯ କୋଟି ୮୨ ଲକ୍ଷ ଟଙ୍କାର ସର୍ବନିମ୍ନ ଟେଣ୍ଡରକୁ କ୍ୟାବିନେଟ ଅନୁମୋଦନ କରିଛି। ଏହାଦ୍ୱାରା ଉକ୍ତ ୪ଟି ବ୍ଲକ ଅଧୀନରେ ୮୯ ପଞ୍ଚାୟତର ୫୮୯ ଗ୍ରାମରେ ବାସ କରୁଥିବା ଲୋକଙ୍କୁ ପାନୀୟ ଜଳ ଯୋଗାଇ ଦିଆଯିବ। ସେହିପରି ବସୁଧା ଯୋଜନାରେ ଖୋର୍ଦ୍ଧା ଓ ଢେଙ୍କାନାଳ ଜିଲାର ୩ଟି ବ୍ଲକର ୩୯୦ ଗ୍ରାମରେ ବାସ କରୁଥିବା ଲୋକଙ୍କ ପାଇଁ ବିଶୁଦ୍ଧ ପାନୀୟ ଜଳ ବ୍ୟବସ୍ଥା କରାଯିବ। ଏଥିପାଇଁ ୩୧୫ କୋଟି ୨୦ ଲକ୍ଷ ଟଙ୍କାର ଟେଣ୍ଡରକୁ କ୍ୟାବିନେଟ ମଞ୍ଜୁରୀ ଦେଇଛି। ଏହି ପ୍ରକଳ୍ପ ଦ୍ୱାରା ଖୋର୍ଦ୍ଧା ଜିଲାର ବୋଲଗଡ ବ୍ଲକର ୧୭୬ ଗ୍ରାମ ଏବଂ ବେଗୁନିଆ ବ୍ଲକର ୧୬୨ ଗ୍ରାମ ଏବଂ ଢେଙ୍କାନାଳ ସଦର ବ୍ଲକର ୫୨ ଗ୍ରାମର ଜନସାଧାରଣ ଉପକୃତ ହୋଇପାରିବେ। ଖଣି ପ୍ରଭାବିତ ଅନୁଗୋଳ ଜିଲାର ତାଳଚେର ବ୍ଲକର ୧୪୦ ଗ୍ରାମର ୧,୨୧,୮୪୯ଜଣ, ଛେଣ୍ଡିପଦା ବ୍ଲକର ୧୭୨ ଗ୍ରାମର ୧,୬୬,୫୦୮ ଏବଂ କଣିହା ବ୍ଲକର ୭୬ ଗ୍ରାମର ୫୧,୮୪୦ ଲୋକଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବାକୁ ବ୍ୟବସ୍ଥା ହୋଇଛି। ରାଜ୍ୟ କ୍ୟାବିନେଟ ୭୦୧କୋଟି ୮୬ ଲକ୍ଷ ୧୭ ହଜାର ୫୦୦ ଟଙ୍କାର ସର୍ବନିମ୍ନ ଟେଣ୍ଡରକୁ ଅନୁମୋଦନ କରିଛି। ଏ ସମସ୍ତ ପାନୀୟ ଜଳ ପ୍ରକଳ୍ପ ୨୪ ମାସ ମଧ୍ୟରେ ଶେଷ ହେବ।

ରାଜ୍ୟ ସରକାର କାଳିଆ (କୃଷକ ଆସିଷ୍ଟାନ୍ସ ଫର ଲାଇଭଲିହୁଡ୍ ଇନ୍‌କମ ଅଗମେଣ୍ଟେଶନ) ଯୋଜନାରେ ଲାଭ ଉଠାଇବା ପାଇଁ ଦ୍ୱିତୀୟ ପର୍ଯ୍ୟାୟରେ ଚଳିତ ବର୍ଷ (୨୦୧୮-୧୯) ଲାଗି ଆଉ ୪ ଲକ୍ଷ ଭୂମିହୀନ କୃଷି ପରିବାରକୁ ସାମିଲ କରିଛନ୍ତି। ପୂର୍ବରୁ ୧ ଲକ୍ଷ ଲୋକଙ୍କୁ ସହାୟତା ଦେବାକୁ ନିଷ୍ପତ୍ତି ହୋଇଥିଲା। ଏହାକୁ ୫ ଲକ୍ଷକୁ ବୃଦ୍ଧି କରାଯାଇଛି। ପ୍ରଥମ ପର୍ଯ୍ୟାୟରେ ପ୍ରତ୍ୟେକ ହିତାଧିକାରୀଙ୍କୁ ୫ ହଜାର ଟଙ୍କା ଲେଖାଏ ପ୍ରଦାନ କରାଯିବ। ବଳକା ସହାୟତା ରାଶିକୁ ୨ଟି କିସ୍ତିରେ ପରବର୍ତ୍ତୀ ସମୟରେ ହିତାଧିକାରୀଙ୍କୁ ଦିଆଯିବ। ଏହି ପ୍ରସ୍ତାବକୁ ରାଜ୍ୟ କ୍ୟାବିନେଟ ମୋହର ମାରିଛି। ଏହି ଯୋଜନାରୁ କୌଣସି ହିତାଧିକାରୀ ଯେପରି ବାଦ୍ ନ ପଡିବେ ସେଥିପ୍ରତି ଗୁରୁତ୍ୱ ଦିଆଯାଇଛି। କ୍ଷୁଦ୍ର ଓ ନାମମାତ୍ର ଚାଷୀମାନଙ୍କୁ ପ୍ରତ୍ୟେକ ଖରିଫ ଫସଲ ପାଇଁ ଅକ୍ଷୟ ତୃତୀୟା ଓ ରବି ଫସଲ ପାଇଁ ନୂଆଖାଇ ଦିନ ସହାୟତା ରାଶି ପ୍ରଦାନ କରାଯିବାକୁ ନିଷ୍ପତ୍ତି ହୋଇଛି। ୨୦୧୮ ଡିସେମ୍ବର ୨୧ ରେ କାଳିଆ ଯୋଜନାକୁ ରାଜ୍ୟ କ୍ୟାବିନେଟରେ ଅନୁମୋଦନ ଦିଆଯାଇଥିଲା। ପ୍ରଥମ ପର୍ଯ୍ୟାୟରେ ୧୩.୦୩ ଲକ୍ଷ ଚାଷୀଙ୍କ ଆକାଉଣ୍ଟକୁ ୫ ହଜାର ଟଙ୍କା ଲେଖାଏ ପ୍ରେରଣ କରାଯାଇଛି।

## ଏମ୍‌ପି ରବୀନ୍ଦ୍ର ଜେନାଙ୍କୁ ...

ଦୁଇଥର ଯାକ ସେ ସିବିଆଇ କାର୍ଯ୍ୟାଳୟରେ ଉପସ୍ଥିତ ହୋଇ ତଦନ୍ତରେ ସହାୟତା କରିଥିଲେ। ଏପରିକି ତାଙ୍କ କାର୍ଯ୍ୟାଳୟର କେତେଜଣ କର୍ମଚାରୀଙ୍କୁ ମଧ୍ୟ ସିବିଆଇ ପଚରାଉଚରା ନିମନ୍ତେ ୩୮ ଥର ଡାକିଥିଲା। ସବୁଥର ଏହି କର୍ମଚାରୀମାନେ ସିବିଆଇ ଅଫିସରେ ହାଜର ହୋଇଥିଲେ। ଯେହେତୁ ସେ ତଦନ୍ତରେ ସିବିଆଇକୁ ସମ୍ପୂର୍ଣ୍ଣ ସହଯୋଗ କରି ଆସୁଛନ୍ତି ତେଣୁ ଏ କ୍ଷେତ୍ରରେ ତାଙ୍କୁ ଗିରଫ କରିବାର କୌଣସି ପ୍ରାସଙ୍ଗିକତା ନ ଥିବା ଆବେଦନରେ ଦର୍ଶାଇଥିଲେ।



ଦେଶରୁ ରପ୍ତାନିକୁ ପ୍ରୋତ୍ସାହିତ କରିବା ଲାଗି ଅନ୍ତରୀଣ ବଜେଟରେ ବିଭିନ୍ନ ପଦକ୍ଷେପ ଘୋଷଣା କରାଯିବାର ଆବଶ୍ୟକତା ରହିଛି।
– ଗଣେଶ କୁମାର ଗୁପ୍ତା, ସଭାପତି, ଏଫ୍ଆଇଇଓ



କିଆ ମୋଟର୍ସର ବିଶ୍ୱ ବଜାର ସମ୍ପ୍ରସାରଣ ପଦକ୍ଷେପ ମଧ୍ୟରେ ଭାରତ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି।
– ହାନ ଓ ପାର୍କ, ସିଇଓ ଏବଂ ସଭାପତି, କିଆ ମୋଟର୍ସ କର୍ପୋରେଶନ

## ସଂକ୍ଷେପରେ

### ଡିବିଟିରୁ ସଞ୍ଚୟ ହୋଇଛି ୧.୧୦ଲକ୍ଷ କୋଟି

**ନୂଆଦିଲ୍ଲୀ,୨୯-୧:** ବିଭିନ୍ନ କଲ୍ୟାଣକାରୀ ଯୋଜନାର ସବ୍‌ସିଡିକୁ ହିତାଧିକାରୀଙ୍କ ବ୍ୟାଙ୍କ ଆକାଉଣ୍ଟରେ ସିଧାସଳଖ ପହଞ୍ଚାଇବା ଲାଗି କେନ୍ଦ୍ର ସରକାର ଆରମ୍ଭ କରିଥିଲେ ଡାଇରେକ୍ଟ ବେନିଫିଟ୍ ଟ୍ରାନ୍ସଫର(ଡିବିଟି) ଯୋଜନା। ଏହାଦ୍ୱାରା ୨୦୧୮ ଡିସେମ୍ବର ୩୧ ପର୍ଯ୍ୟନ୍ତ ସରକାରଙ୍କ ୧.୧୦ ଲକ୍ଷ କୋଟି ଟଙ୍କା ସଞ୍ଚୟ ହୋଇପାରିଛି ଏବଂ ଦୁର୍ନୀତିକୁ ହ୍ରାସ କରାଯାଇପାରିଛି ବୋଲି ଦାବି କରାଯାଇଛି। କେନ୍ଦ୍ର ସରକାର କହିଛନ୍ତି ଯେ, ଏହି ବ୍ୟବସ୍ଥା ଦ୍ୱାରା ୮ କୋଟି ଜାଲ୍ ହିତାଧିକାରୀଙ୍କୁ ଚିହ୍ନଟ କରାଯାଇ ସେମାନଙ୍କୁ ବାଦ୍ ଦିଆଯାଇଛି। ସଦ୍ୟତମ ରିପୋର୍ଟ ଅନୁଯାୟୀ, ୨୦୧୮ ଡିସେମ୍ବର ୩୧ ସୁଦ୍ଧା ଡିବିଟି ଜରିଆରେ ୧ ଲକ୍ଷ ୯ ହଜାର ୯୮୩ କୋଟି ଟଙ୍କା ସଞ୍ଚୟ ହୋଇପାରିଛି। ଗତବର୍ଷ ମାର୍ଚ୍ଚ ୩୧ ତାରିଖ ସୁଦ୍ଧା ଏହା ୯୦ ହଜାର କୋଟି ଟଙ୍କା ଥିଲା। ଅର୍ଥାତ୍ ଗୋଟିଏ ବର୍ଷରେ ସରକାର ୨୦ ହଜାର କୋଟି ଟଙ୍କା ସଞ୍ଚୟ କରିପାରିଛନ୍ତି। ଅଦ୍ୟାବଧି ହିତାଧିକାରୀଙ୍କୁ ମୋଟ୍ ୬ ଲକ୍ଷ ୫ ହଜାର ୯୦୦ କୋଟି ଟଙ୍କାର ସବ୍‌ସିଡିକୁ ବଣ୍ଟା ଯାଇସାରିଛି। ସରକାରଙ୍କ ତଥ୍ୟ ଅନୁଯାୟୀ, ଆଲୋଚ୍ୟ ବର୍ଷରେ ୪.୦୯ କୋଟି ଜାଲ୍ ଏଲ୍‌ପିଜି ଗ୍ରାହକଙ୍କୁ ଚିହ୍ନଟ କରାଯାଇ ଡିବିଟିରୁ ବାଦ୍ ଦିଆଯାଇଛି। ଫଳରେ ଅଦ୍ୟାବଧି ୫୬ ହଜାର ୪୦୦କୋଟି ଟଙ୍କା ସଞ୍ଚୟ ହୋଇପାରିଛି, ଯାହା ମୋଟ୍ ସଞ୍ଚୟର ପ୍ରାୟ ଅଧା।

### ୯ ବଡ଼ ଆଇବିସି ମାମଲାର ସମାଧାନ ମାର୍ଚ୍ଚ ପର୍ଯ୍ୟନ୍ତ ମିଳିଲା ସମୟ

**ନୂଆଦିଲ୍ଲୀ,୨୯-୧:** ଏସାର ଷ୍ଟିଲ୍ ଏବଂ ଜେପି ଇନଫ୍ରାଟେକ୍ ଭଳି ୯ଟି ବଡ଼ ମୂଲ୍ୟର ଦେବାଳିଆ ମାମଲାର ସମାଧାନ ଲାଗି କେନ୍ଦ୍ର ସରକାର ମାର୍ଚ୍ଚ ମାସ ପର୍ଯ୍ୟନ୍ତ ସମୟ ଧାର୍ଯ୍ୟ କରିଛନ୍ତି। ଦେଶରେ ଇନସଲଭେନ୍ସି ଆଣ୍ଡ ବ୍ୟାଙ୍କରପ୍ସି କୋଡ୍ (ଆଇବିସି) ଲାଗୁ ହେବା ପରେ ଋଣ ସମାଧାନ ପ୍ରକ୍ରିୟା ତ୍ୱରାନ୍ୱିତ ହେଉଛି ଦର୍ଶାଇବାକୁ ସରକାର ଉକ୍ତ ପଦକ୍ଷେପ ନେଇଛନ୍ତି। ସୂଚନାଥାଉ କି, ପ୍ରାୟ ୨.୫ ଲକ୍ଷ କୋଟି ଟଙ୍କାର ୧୨ଟି ଉଚ୍ଚ ମୂଲ୍ୟର ଆଇବିସି ମାମଲା ଏବେ ପଡ଼ିରହିଛି। ଇତିମଧ୍ୟରେ ପ୍ରାୟ ୧୮ ମାସ ଗଡ଼ିଗଲାଣି। ବିଭିନ୍ନ କାରଣରୁ ମାମଲା ଆଗେଇ ପାରୁନାହିଁ। ପ୍ରାୟ ୨୦ ହଜାର ଭିଲ୍ଲା, ଆପାର୍ଟମେଣ୍ଟ ଏବଂ ଫ୍ଲାଟ୍ ଯୋଗାଇବାକୁ ଥିବା ଜେପି ଇନଫ୍ରାଟେକ୍‌ର ଏନ୍‌ପିଏ ସମାଧାନ ଶୀଘ୍ର ସାରିବାକୁ ରିଜଲ୍ୟୁଶନ ପ୍ରଫେସନାଲଙ୍କୁ ସରକାର ନିର୍ଦ୍ଦେଶ ଦେଇଛନ୍ତି। ଆଇନଗତ ବାଧା ଯୋଗୁ କମ୍ପାନୀ ଫ୍ଲାଟ୍ ଯୋଗାଇ ପାରୁନାହିଁ କି ଋଣପ୍ରଦାନକାରୀମାନେ ସେମାନଙ୍କ ବକେୟା ଆଦାୟ କରିପାରୁନାହାନ୍ତି ବୋଲି ଅଭିଯୋଗ ହେଉଛି।

### ଡିଏଚ୍‌ଏଫ୍‌ଏଲ୍ ଖାଇଗଲା ୩୧ ହଜାର କୋଟି




**ନୂଆଦିଲ୍ଲୀ,୨୯-୧:** ଦିୱାନ ହାଉସିଂ ଫାଇନାନ୍ସ କର୍ପୋରେଶନ ଲିମିଟେଡ (ଡିଏଚ୍‌ଏଫ୍‌ଏଲ୍) ସାଧାରଣ ଜନତାଙ୍କ ୩୧ ହଜାର କୋଟି ଟଙ୍କା ଚଳୁ କରିଦେଇଛି ବୋଲି କୋବ୍ରାପୋଷ୍ଟ ନାମକ ଏକ ଅନୁସନ୍ଧାନମୂଳକ ସମ୍ବାଦ ପ୍ରକାଶ କରୁଥିବା ୱେବ୍‌ସାଇଟ୍ ମଙ୍ଗଳବାର ଅଭିଯୋଗ କରିଛି। ଏହି ଠକାମିରେ କମ୍ପାନୀର ପ୍ରାଥମିକ ପ୍ରମୋଟରମାନେ ସାମିଲ ଅଛନ୍ତି ବୋଲି ଅଭିଯୋଗ କରାଯାଇଛି। ଏଠାରେ ଏକ ଖବରଦାତା ସମ୍ମିଳନୀରେ କୋବ୍ରାପୋଷ୍ଟ ଅଧିକାରୀ କହିଛନ୍ତି ଯେ, ଡିଏଚ୍‌ଏଫ୍‌ଏଲ୍ ଭୂତ କମ୍ପାନୀଙ୍କୁ ସୁରକ୍ଷିତ ଏବଂ ଅଣସୁରକ୍ଷିତ ଋଣ ଦେଇଛି। ଏଗୁଡ଼ିକ ଡିଏଚ୍‌ଏଫ୍‌ଏଲ୍‌ର ସହଯୋଗୀ କମ୍ପାନୀ ବୋଲି ଜଣାପଡିଛି। ଏହିସବୁ କମ୍ପାନୀରେ କପିଲ ବର୍ଦ୍ଧମାନ, ଅରୁଣା ବର୍ଦ୍ଧମାନ ଏବଂ ଧୀରଜ ବର୍ଦ୍ଧମାନ ଅଂଶୀଦାର ବୋଲି ଅଭିଯୋଗ କରାଯାଇଛି। ଏ ସମ୍ପର୍କରେ ସୂଚନା ମିଳିବା ମାତ୍ରେ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ(ବିଏସ୍‌ଇ)ରେ ଡିଏଚ୍‌ଏଫ୍‌ଏଲ୍ କମ୍ପାନୀ ଶେୟାର ମୂଲ୍ୟ ଏକ ସମୟରେ ୧୧% ହ୍ରାସ ପାଇଥିଲା। ପରେ ୮% ହ୍ରାସ ସହ କାରବାର ବନ୍ଦ ହୋଇଥିଲା। କୋବ୍ରାପୋଷ୍ଟ ପକ୍ଷରୁ ଅଭିଯୋଗ କରାଯାଇଛି ଯେ, ଭୂତ କମ୍ପାନୀଙ୍କ ଠାରୁ ଋଣ ଫେରସ୍ତ ଅସମ୍ଭବ। କାରଣ ଏହାର ନିର୍ଦ୍ଦେଶକଙ୍କ ନିକଟରେ କୌଣସି ନିଜସ୍ୱ ସମ୍ପତ୍ତି ନାହିଁ। ଏହା ଜାଣି ଡିଏଚ୍‌ଏଫ୍‌ଏଲ୍ ପ୍ରାୟ ୩୧ ହଜାର କୋଟି ଟଙ୍କା ଋଣ ଦେଇଛି। ୱେବ୍‌ସାଇଟ୍ ପକ୍ଷରୁ କୁହାଯାଇଛି ଯେ, ଏହି ଜାଲିଆତି କାରଣରୁ ସାଧାରଣ ଜନତାଙ୍କ ଝାଳବୁହା ଅର୍ଥ ବୁଡ଼ିବା ନିଶ୍ଚିତ ହୋଇଥିବା ବେଳେ ଏସ୍‌ବିଆଇ ଓ ବ୍ୟାଙ୍କ ଅଫ୍ ବରୋଦାକୁ କ୍ଷତି ସହିବାକୁ ପଡ଼ିବ। କାରଣ ଏହି ଦୁଇଟି ରାଷ୍ଟ୍ରାୟତ୍ତ ବ୍ୟାଙ୍କ ଡିଏଚ୍‌ଏଫ୍‌ଏଲ୍‌କୁ ଯଥାକ୍ରମେ ୧୧ ହଜାର ଓ ୪ ହଜାର କୋଟି ଟଙ୍କାର ଋଣ ଦେଇଛନ୍ତି। ଏହାଛଡ଼ା କେତେକ ବିଦେଶୀ ବ୍ୟାଙ୍କ ଏବଂ ପବ୍ଲିକ ଶେୟାରଧାରକ/ନିବେଶକ ମଧ୍ୟ ଡିଏଚ୍‌ଏଫ୍‌ଏଲ୍‌କୁ ଋଣ ଦେଇଛନ୍ତି।

# ମୁଦ୍ରା ଯୋଜନା ଫେଲ୍: ପଡିରହିଛି ୪୦% ପାଣ୍ଠି

ନୂଆଦିଲ୍ଲୀ,୨୯-୧

- ୨୦୧୬-୧୭ରେ ୬୦%, ୨୦୧୭-୧୮ରେ ୬୧% ଋଣ ଦିଆଯାଇଛି
- ୨୦୧୫ ମାର୍ଚ୍ଚରୁ ୨୦୧୮ ମାର୍ଚ୍ଚ ମଧ୍ୟରେ ଅଣ-ଖାଦ୍ୟରେ ୨୮%, ପ୍ରାଥମିକ ସେକ୍ଟରରେ ୨୭% ଋଣ ପ୍ରଦାନ କରାଯାଇଛି

Pradhan Mantri mudra Yojna

କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ତଥା ସ୍ୱରୋଜଗାର ଲାଗି ଆଗଭର ହେଉଥିବା ଉଦ୍ୟମୀଙ୍କ ଲାଗି କେନ୍ଦ୍ର ସରକାର ବହୁ ଆଡମ୍ବରରେ ପ୍ରଧାନମନ୍ତ୍ରୀ ମୁଦ୍ରା ଯୋଜନା ଘୋଷଣା କଲେ। ଏହି ଯୋଜନାର ବାର୍ଷିକ ରିପୋର୍ଟକୁ ତର୍ଜମା କଲେ ଜଣାପଡେ ଯେ, ଏହା ସମ୍ପୂର୍ଣ୍ଣ ବିଫଳ ହୋଇଛି। ଯୋଜନା ଲାଗି ଉଦ୍ଦିଷ୍ଟ ପାଣ୍ଠିର ୪୦% ଅର୍ଥ ଏବେ ବି ବ୍ୟାଙ୍କରେ ପଡ଼ିରହିଛି। ଏହାକୁ ନେବା ଲାଗି କେହି ଆଗ୍ରହ ଦେଖାଉନାହାନ୍ତି। ତେବେ ଏହାର କାରଣ କ'ଣ ତାହା ଅସ୍ପଷ୍ଟ ରହିଛି।

ପ୍ରଧାନମନ୍ତ୍ରୀ ମୁଦ୍ରା ଯୋଜନାର ଦୁଇଟି ବାର୍ଷିକ ରିପୋର୍ଟ ୨୦୧୬-୧୭ ଏବଂ ୨୦୧୭-୧୮କୁ ତର୍ଜମା କଲେ ଜଣାପଡେ ଯେ, ଏଥିଲାଗି ଉଦ୍ଦିଷ୍ଟ ପାଣ୍ଠିର ଯଥାକ୍ରମେ ୬୦ ଓ ୬୧% ଋଣ ଦିଆଯାଇଛି। ଏହା ବ୍ୟତୀତ ରିଜର୍ଭ ବ୍ୟାଙ୍କର ଋଣ ତଥ୍ୟକୁ ଦେଖିଲେ ବୁଝାପଡେ ଯେ, ସୂକ୍ଷ୍ମ, ଲଘୁ ଓ ମଧ୍ୟମ ଉଦ୍ୟୋଗ(ଏମ୍ଏସ୍ଏମ୍ଇ)ରେ ଉଭୟ ଅଣ-ଖାଦ୍ୟ ଏବଂ ପ୍ରାଥମିକ ସେକ୍ଟରକୁ ଋଣ ଦିଆଯାଇଛି। ଉଲ୍ଲେଖଥାଉ କି, ଅଣ-ଖାଦ୍ୟ ସେକ୍ଟରରେ କୃଷି ଏବଂ ତତ୍ ସମ୍ପର୍କିତ ସଂସ୍ଥା, ଉଦ୍ୟୋଗ, ସେବା ଓ ବ୍ୟକ୍ତିଗତ ସେକ୍ଟରକୁ ସାମିଲ କରାଯାଇଛି। ଅନ୍ୟପକ୍ଷରେ କୃଷି ଏବଂ ତତ୍ ସମ୍ପର୍କିତ ସଂସ୍ଥା, ଏମ୍ଏସ୍ଏମ୍ଇ, ହାଉସିଂ, ମାଇକ୍ରୋ-କ୍ରେଡିଟ୍, ଶିକ୍ଷା ଏବଂ ପଛୁଆବର୍ଗଙ୍କ ଲାଗି ଅନ୍ୟ ସୁବିଧା ପ୍ରାଥମିକ ସେକ୍ଟରରେ ସାମିଲ ହୋଇଛି। ସେହିପରି ମୁଦ୍ରା ଯୋଜନା ଲାଗୁ ହେବା ପରେ ୧ ମାସ ପୂର୍ବରୁ ମାର୍ଚ୍ଚ ୨୦୧୫ ରୁ ମାର୍ଚ୍ଚ ୨୦୧୮ମଧ୍ୟରେ ଅଣ-ଖାଦ୍ୟ ଏବଂ ପ୍ରାଥମିକ ସେକ୍ଟରରେ କ୍ରମଶଃ ୨୮ଓ ୨୭% ଋଣ ଦିଆଯାଇଛି। ଅନ୍ୟପକ୍ଷରେ ଏମ୍ଏସ୍ଏମ୍ଇ(ଉଭୟ ଉତ୍ପାଦନ ଏବଂ ସେବା କ୍ଷେତ୍ର)କୁ ମାତ୍ର ୨୪%ଋଣ ମିଳିଛି। ଅନୁରୂପଭାବେ ୨୦୧୪ ନଭେମ୍ବରରୁ ୨୦୧୮ ନଭେମ୍ବର ମଧ୍ୟରେ ରିଜର୍ଭ ବ୍ୟାଙ୍କର ତଥ୍ୟ ଅନୁଯାୟୀ ଅଣ-ଖାଦ୍ୟ ଏବଂ ପ୍ରାଥମିକ ସେକ୍ଟରକୁ ଯଥାକ୍ରମେ ୪୧ ଓ ୩୬% ହାରରେ ଋଣ ପ୍ରଦାନ କରାଯାଇଛି। ସେହିପରି ଏହି ଅବଧିରେ ଏମ୍ଏସ୍ଏମ୍ଇ (ଉଭୟ ଉତ୍ପାଦନ ଏବଂ ସେବା କ୍ଷେତ୍ର)କୁ ମାତ୍ର ୩୩% ଋଣ ଦିଆଯାଇଛି। ଅପରପକ୍ଷରେ ମାନୁଫାକ୍ଚରିଂ ସେକ୍ଟରରେ ଏମ୍ଏସ୍ଏମ୍ଇଙ୍କୁ ଦିଆଯାଇଥିବା ଋଣର ପରିମାଣ ୨୦୧୪ ରୁ ୨୦୧୮ ମାର୍ଚ୍ଚପର୍ଯ୍ୟନ୍ତ (-୨)ପ୍ରତିଶତ ଅର୍ଥାତ୍ ନକାରାତ୍ମକ ଋଣ ଅଭିବୃଦ୍ଧି ଦେଖାଯାଇଛି। ସେହିପରି ନଭେମ୍ବର ୨୦୧୪ରୁ ନଭେମ୍ବର ୨୦୧୮ ମଧ୍ୟରେ ମାତ୍ର ୧% ଋଣ ଅଭିବୃଦ୍ଧି ହୋଇଛି। ଆଶ୍ଚର୍ଯ୍ୟର କଥା ଯେ, କେନ୍ଦ୍ର ସରକାର 'ମେକ୍ ଇନ୍ ଇଣ୍ଡିଆ'କୁ ନିଜର ଫ୍ଲାଗସିପ୍ ଯୋଜନା ଭାବେ ଉପସ୍ଥାପନ କରୁଥିବା ବେଳେ ମୁଦ୍ରା ଋଣ ପ୍ରଦାନର ଦୟନୀୟ ସ୍ଥିତି ବିଫଳତାର କାହାଣୀ ବଖାଣୁଛି।

ଅନ୍ୟପକ୍ଷରେ ବିନା ଗ୍ୟାରେଣ୍ଟିରେ ମୁଦ୍ରା ଋଣ ଦିଆଯାଉଥିବାରୁ ଏହା ଭବିଷ୍ୟତରେ ଅନାଦାୟ ଋଣ(ଏନ୍‌ପିଏ) ହେବାର ଯଥେଷ୍ଟ ସମ୍ଭାବନା ରହିଛି। ଏହାକୁ ନେଇ ରିଜର୍ଭ ବ୍ୟାଙ୍କର ପୂର୍ବତନ ଗଭର୍ନର ରଘୁରାମ ରାଜନ ୨୦୧୮ ସେପ୍ଟେମ୍ବରରେ ଚେତାଇ ସାରିଛନ୍ତି। ଏନ୍‌ପିଏକୁ ନେଇ ସଂଘର୍ଷ କରୁଥିବା ବ୍ୟାଙ୍କିଙ୍ଗ ସେକ୍ଟର ପାଇଁ ଏହା ଏକ ବଡ଼ ମୁଣ୍ଡବ୍ୟଥା ହେବାକୁ ଯାଉଛି ବୋଲି ସେ ସାବଧାନ କରିଛନ୍ତି। ସମ୍ଭାବ୍ୟ ବିପଦ ସମ୍ପର୍କରେ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ(ଏସ୍‌ବିଆଇ) ଏବଂ ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ(ପିଏନ୍‌ବି) ସଂସଦର ସ୍ଥାୟୀ କମିଟିକୁ ଜଣାଇ ସାରିଛନ୍ତି। ଚଳିତ ମାସ ଆରମ୍ଭରେ ରିଜର୍ଭ ବ୍ୟାଙ୍କ ମୁଦ୍ରା ଯୋଜନାର ଋଣକୁ ନେଇ କେନ୍ଦ୍ର ସରକାରଙ୍କୁ ସତର୍କ କରିଛନ୍ତି।




## ଓଡ଼ିଶା ବଜାରରେ ଏଲିଜେଣ୍ଟ ଓଜି ପ୍ରୋ ଗାଲାକ୍ସି

ଭୁବନେଶ୍ୱର,୨୯-୧

କିଚେନ ଆପ୍ଲାଏନ୍ସ, କଞ୍ଜ୍ୟୁମର ଡ୍ୟୁରେବଲ ଏବଂ ସ୍ମାର୍ଟ ହୋମ୍ ଅଟୋମେଶନ ମାନୁଫାକଚରର ଏଲିଜେଣ୍ଟ ଓଜି ପ୍ରୋ ଗାଲାକ୍ସି ପ୍ରାଇଭେଟ ଲିମିଟେଡର ବିଭିନ୍ନ ପ୍ରଡକ୍ଟ ଓଡ଼ିଶା ବଜାରରେ ପ୍ରବେଶ କରିଛି। ଗ୍ରାହକଙ୍କୁ ଗୁଣବତ୍ତା ବିଶିଷ୍ଟ ପ୍ରଡକ୍ଟ ତଥା ସେବା ପ୍ରଦାନ କରିବାକୁ କମ୍ପାନୀ ଲକ୍ଷ୍ୟ ରଖିଛି। କମ୍ପାନୀ ଘରୋଇ ବଜାରରେ ଚତୁର୍ଥ ପିଢିର କିଚେନ ଆପ୍ଲାଏନ୍ସ, କଞ୍ଜ୍ୟୁମର ଡ୍ୟୁରେବୁଲ ଉତ୍ପାଦ ଦ୍ୱାରା ଏହାର ସ୍ଥିତିକୁ ଆହୁରି ଦୃଢ଼ କରିବାକୁ ଲକ୍ଷ୍ୟ ରଖିଛି। ଏହାର ପ୍ରଡକ୍ଟଗୁଡ଼ିକୁ କମ୍ପାନୀ ଅନ୍ ଗାଲାକ୍ସି ନାମରେ ବିକ୍ରି କରୁଛି। ମଧ୍ୟପ୍ରଦେଶ, ଛତିଶଗଡ, ମହାରାଷ୍ଟ୍ର, ଝାଡ଼ଖଣ୍ଡ, ବିହାର, ଉତ୍ତର ପ୍ରଦେଶ ଏବଂ ପଶ୍ଚିମବଙ୍ଗରେ କମ୍ପାନୀ ଏବେ କାରବାର କରୁଛି।

୨୦୧୯-୨୦ ଆର୍ଥିକ ବର୍ଷ ସୁଦ୍ଧା ଏହା ୭% ବଜାର ଅଂଶ ହାସଲ କରିବାକୁ ଲକ୍ଷ୍ୟ ରଖିଛି। ସେହିଭଳି ଚଳିତ ବର୍ଷଠାରୁ ଏହା ମୋବାଇଲ ଆସେସୋରିଜ ବାଣିଜ୍ୟରେ ପ୍ରବେଶ ନେଇ ଯୋଜନା ରଖିଛି। ଉତ୍ପାଦ ଏବଂ ସେବା ଦ୍ୱାରା କିଛି ଅଧିକ ପ୍ରଦାନ କରିବା ସହ ଉନ୍ନତ ଭବିଷ୍ୟତ ସୃଷ୍ଟି ଦିଗରେ କାର୍ଯ୍ୟ କରୁଥିବା କମ୍ପାନୀର ଜାତୀୟ ବିକ୍ରି ମୁଖ୍ୟ ହିମାଂଶୁ ଦୀକ୍ଷିତ କହିଛନ୍ତି। କମ୍ପାନୀ ୧୦୦ କୋଟି ଟଙ୍କା ନିବେଶ କରିବାକୁ ଯୋଜନା ରଖିଥିବା ବେଳେ ଏଫ୍‌ଡିଆଇ ଉପରେ କାର୍ଯ୍ୟ କରୁଥିବା କମ୍ପାନୀର ଏମ୍‌ଡି ସଞ୍ଜୟ ମୋର୍ଯ୍ୟ ସୂଚନା ଦେଇଛନ୍ତି। ରାଜ୍ୟର ପ୍ରତିଟି ଭାଗରେ ପ୍ରଡକ୍ଟ ତଥା ସେବାକୁ ପହଞ୍ଚାଇବାକୁ ଲକ୍ଷ୍ୟ ରହିଥିବା କମ୍ପାନୀର ରାଜ୍ୟ ବ୍ୟବସାୟ ମୁଖ୍ୟ ରାଜୀବ ଲେଙ୍କା କହିଛନ୍ତି।

# ଏନ୍‌ଟିପିସି ଦର୍ଲିପାଲି ୟୁନିଟ୍‌ରୁ ଉତ୍ପାଦନ ଶୀଘ୍ର

ଭୁବନେଶ୍ୱର,୨୯-୧




ନ୍ୟାଶନାଲ ଥର୍ମାଲ ପାୱାର କର୍ପୋରେଶନ (ଏନ୍‌ଟିପିସି) ଲିମିଟେଡର ସୁନ୍ଦରଗଡ ଜିଲାସ୍ଥିତ ଦର୍ଲିପାଲି ପ୍ରକଳ୍ପରୁ ଚଳିତ ବର୍ଷ ମାର୍ଚ୍ଚ ସୁଦ୍ଧା ବିଦ୍ୟୁତ ଉତ୍ପାଦନ ହେବ। ସୁନ୍ଦରଗଡର ଲେଫ୍ରିପଡା ତହସିଲରେ ଏନ୍‌ଟିପିସି ୧୬୦୦ ମେଗାୱାଟ (୨X୮୦୦) ସୁପର ଥର୍ମାଲ ପାୱାର ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ମାର୍ଚ୍ଚ ମାସ ଶେଷ ସୁଦ୍ଧା ପ୍ରଥମ ପର୍ଯ୍ୟାୟ ବିଦ୍ୟୁତ ଉତ୍ପାଦନ କରିବାକୁ ଯୋଜନା ରହିଥିବା କମ୍ପାନୀ ପକ୍ଷରୁ ଏକ ଖବରଦାତା କାର୍ଯ୍ୟକ୍ରମରେ ସୂଚନା ଦିଆଯାଇଛି। ପ୍ରଥମ ୟୁନିଟ କାର୍ଯ୍ୟକ୍ରମ ହେବାର ୬ ମାସ ମଧ୍ୟରେ ଦ୍ୱିତୀୟ ପର୍ଯ୍ୟାୟକୁ କାର୍ଯ୍ୟକ୍ଷମ କରାଇବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି ବୋଲି କାର୍ଯ୍ୟକ୍ରମ ଅବସରରେ ଏନ୍‌ଟିପିସି ପୂର୍ବାଞ୍ଚଳ-୨ର ଆଞ୍ଚଳିକ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଏମ୍.ପି.ସିହ୍ନା କହିଛନ୍ତି।

ଆସନ୍ତା ଆର୍ଥିକ ବର୍ଷ ପ୍ରାରମ୍ଭରେ ଉଭୟ ୟୁନିଟରୁ ସମ୍ପୂର୍ଣ୍ଣ କମର୍ସିଆଲ ଉତ୍ପାଦନ କରିବାକୁ ପଦକ୍ଷେପ ଜାରି ରହିଛି। ଉକ୍ତ ପ୍ରକଳ୍ପରେ କମ୍ପାନୀ ବର୍ତ୍ତମାନ ସୁଦ୍ଧା ପ୍ରାୟ ୮,୫୦୦ କୋଟି ଟଙ୍କା ବିନିଯୋଗ କରିଛି। ପ୍ରକଳ୍ପ କାର୍ଯ୍ୟକ୍ଷମ ହେଲେ ଏଠାରୁ ଉତ୍ପାଦିତ ୫୦% ବିଦ୍ୟୁତ ଓଡ଼ିଶା ପାଇବ ବୋଲି ସେ ସୂଚନା ଦେଇଛନ୍ତି। କମ୍ପାନୀ ଏହାର ତାଳଚେର ଥର୍ମାଲ ପାୱାର ପ୍ଲାଣ୍ଟକୁ ସମ୍ପ୍ରସାରଣ କରିବାକୁ ଲକ୍ଷ୍ୟ ରଖିଛି। ଏହାର କ୍ଷମତା ୧୩୨୦ ମେଗାୱାଟ ରହିବ। ଏଥିଲାଗି ଉଚ୍ଚ କ୍ଷମତା ସମ୍ପନ୍ନ କମିଟିର ମଞ୍ଜୁରୀକୁ ଅପେକ୍ଷା ରହିଛି ବୋଲି ସେ ପ୍ରକାଶ କରିଛନ୍ତି। କାର୍ଯ୍ୟକ୍ରମ ଅବସରରେ ଜେନେରାଲ ମ୍ୟାନେଜର ଓଏନ୍‌ଏମ୍, ଆର୍.ସି. ପଟ୍ଟନାୟକ, ସିଜିଏମ ଟିଏସ୍‌ଟିପିଏସ୍, ସନ୍ତୋଷ ଜେମ୍‌ସ, ଓଏସ୍‌ଟିଏସ୍ ସୌଭାଗ୍ୟ, ଜେନେରାଲ ମ୍ୟାନେଜର ବି.ବି. ତ୍ରିପାଠୀ, ଜିଏମ୍ ଫାଇନାନ୍ସ, ହରଜିତ ସିଂ ପ୍ରମୁଖ ଉପସ୍ଥିତ ଥିଲେ।

## ୬୯୦୦ କୋଟିର ବେନାମୀ ସମ୍ପତ୍ତି ବାଜ୍ୟାପ୍ତ

ନୂଆଦିଲ୍ଲୀ,୨୯-୧

ବେନାମୀ ସମ୍ପତ୍ତି ଆଇନ ଅଧୀନରେ ଆୟକର ବିଭାଗ ୬୯୦୦ କୋଟି ଟଙ୍କାର ବେନାମୀ ସମ୍ପତ୍ତିକୁ ବାଜ୍ୟାପ୍ତ କରିଛି। ମଙ୍ଗଳବାର ଏ ସମ୍ପର୍କରେ ବିଭାଗ ପକ୍ଷରୁ କୁହାଯାଇଛି ଯେ, ଯେଉଁମାନେ ବେନାମୀ କାରବାର କରୁଛନ୍ତି, ବେନାମୀଦାର (ଯାହାଙ୍କ ନାମରେ ବେନାମୀ ସମ୍ପତ୍ତି ରହିଛି) ତଥା ଲାଭାର୍ଥୀ (ଯିଏ ଏଥିଲାଗି ଅର୍ଥ ଖର୍ଚ୍ଚ କରନ୍ତି)ଙ୍କ ବିରୋଧରେ ମାମଲା ଦାଏର କରାଯିବ ଏବଂ ସେମାନଙ୍କୁ ୭ ବର୍ଷ ପର୍ଯ୍ୟନ୍ତ ଜେଲ୍ ଦଣ୍ଡ ଭୋଗିବାକୁ ପଡିବ। ଏହାବାଦ୍ ସମ୍ପତ୍ତି ବାବଦରେ ବଜାର ମୂଲ୍ୟର ୨୫% ପର୍ଯ୍ୟନ୍ତ ଜରିମାନା ଦେବାକୁ ପଡିବ। ଯେଉଁମାନେ ଆୟକର ବିଭାଗକୁ ଭୁଲ୍ ତଥ୍ୟ ଦେଉଛନ୍ତି, ସେମାନଙ୍କୁ ୫ ବର୍ଷ ଜେଲଦଣ୍ଡ ମିଳିବ ଓ ବଜାର ମୂଲ୍ୟର ଏକ ନିର୍ଦ୍ଧାରିତ ଦାମ୍‌ର ଅର୍ଥକୁ ଜରିମାନା ବାବଦରେ ଆଦାୟ କରାଯିବ।

## ହୋଣ୍ଡା କାର୍‌ସ ପକ୍ଷରୁ ମେଗା ସର୍ଭିସ କ୍ୟାମ୍ପ ଘୋଷଣା

ଭୁବନେଶ୍ୱର,୨୯-୧

ହୋଣ୍ଡା କାର୍‌ସ ଇଣ୍ଡିଆ ଲିମିଟେଡ ପକ୍ଷରୁ ଏହାର ଗ୍ରାହକଙ୍କ ଲାଗି ମେଗା ସର୍ଭିସ କ୍ୟାମ୍ପ ସମ୍ପର୍କରେ ଘୋଷଣା କରାଯାଇଛି। ସାରା ଦେଶରେ ୨୩୯ ସହରରେ ଥିବା କମ୍ପାନୀର ଅଧିକୃତ ଡିଲରଶିପଗୁଡ଼ିକରେ ଏହା ଅନୁଷ୍ଠିତ ହେଉଛି। ସର୍ଭିସ କ୍ୟାମ୍ପ ୨୮ ଜାନୁୟାରୀରୁ ୩ ଫେବୃୟାରୀ ଯାଏ ଚାଲିବ। ସପ୍ତାହେ ବ୍ୟାପୀ ଚାଲିବାକୁ ଥିବା ଏହି କାର୍ଯ୍ୟକ୍ରମ ଦ୍ୱାରା ଗ୍ରାହକମାନେ ବହୁବିଧ ସୁବିଧା ଲାଭ କରିପାରିବେ। ଏହା ମଧ୍ୟରେ ଯାନର ପରୀକ୍ଷା, ୫୬-ପଏଣ୍ଟ କାର ଚେପ୍‌ଅପ ଏବଂ ଟପ୍ ୱାଶ, ଭାଲ୍ୟୁ ଆଡେଡ୍ ସର୍ଭିସ କ୍ଷେତ୍ରରେ ରିହାତି, ରୋଡ୍ ସାଇଡ ଆସିଷ୍ଟାନ୍ସ ଭଳି ଅନ୍ୟ କେତେକ ସୁବିଧା ଗ୍ରାହକ ଲାଭ କରି ପାରିବେ ବୋଲି କମ୍ପାନୀ ପକ୍ଷରୁ ସୂଚନା ରହିଛି। ଗ୍ରାହକଙ୍କୁ ସର୍ବୋତ୍ତମ ସେବା ଯୋଗାଣ ଦିଗରେ କାର୍ଯ୍ୟକ୍ରମ ଜାରି ରହିଥିବା କମ୍ପାନୀର ସେଲ୍‌ସ ମାର୍କେଟିଂ ବରିଷ୍ଠ ଉପସଭାପତି ତଥା ନିର୍ଦ୍ଦେଶକ ରାଜେଶ ଗୋଏଲ କହିଛନ୍ତି।

**GOVERNMENT OF ODISHA, OFFICE OF THE EXECUTIVE ENGINEER RURAL WORKS DIVISION, BHUBANESWAR**

Ph. No. – 0674-2301787, Fax No.- 0674-2300965, E.Mail I.D. – eerw_bbsr@yahoo.co.in
No:-Tender – Online – BBSR Divn. - 53 Date : 21.1.2019

1461-O

**e-Procurement NOTICE**

1. Name of the work : Construction / Special Repair of Building work
2. Total No. of Projects : 3 Nos. individual project
3. Class of contractor
   a) Estimated cost more than Rs. 40.00 lakh & not exceeding to Rs. 1.50 Crore : "A" & "B" Class (of Odisha PWD) or relevant class of other licensing authorities.
   b) Estimated cost more than Rs. 20.00 lakh & not exceeding to Rs. 40.00 lakh : "B" & "C" Class (of Odisha PWD) or relevant class of other licensing authorities.
   c) Estimated cost not exceeding to. Rs. 20.00 lakh : "C" & "D" Class (of Odisha PWD) or relevant class of other licensing authorities.
4. Estimate cost of Individual projects : Rs. 60.00 lakh to 70.00 lakh
5. Time for completion : 9 (Nine) calendar months.
6. Other details

| Procurement Officer | Bid Identification No. | Availability of Tender on-line for bidding | | Date & Time of opening of tender | |
|---|---|---|---|---|---|
| | | From | To | Technical Bid | Financial Bid |
| 1 | 2 | 3 | 4 | 5 | 6 |
| Executive Engineer, Rural Works Division, Bhubaneswar | Tender Online–BBSR Divn.-53 | 1.2.2019 at 11.00AM | 16.2.2019 upto 5.00PM | 18.2.2019 at 11.00AM | 23.2.2019 at 11.00AM |

7. Further details can be seen from the website www.tendersorissa.gov.in
8. Corrigendum if any / shall only be published in the above website.

25066/11/0034/1819 *Sd./- Executive Engineer, Rural Works Divn., BBSR*

**GOVERNMENT OF ODISHA
OFFICE OF THE SUPERINTENDING ENGINEER
RURAL WORKS CIRCLE, BALASORE**

E-Mail:- serw_balasore@yahoo.in Tel/FAX:- 06782-260318

**NOTICE**

**FOR PRADHAN MANTRI GRAM SADAK YOJANA (PMGSY)
NATIONAL COMPETITIVE BIDDING THROUGH "e"-Procurement
Bid identification No. PMGSY On-line N.C.B. No.- 245**

**No. 1467-O:-** The Superintending Engineer, Rural Works Circle, Balasore on behalf of Odisha State Rural Road Agency invites the percentage rate bids in electronic tendering system for construction of Roads under Pradhan Mantri Gram Sadak Yojana in the districts of Balasore & Bhadrak for 46 (Forty six) number of packages with estimated cost totalling to Rs. 103.94 Cr (Approximate) including their maintenance for five years from the eligible contractors registered with State PWD / CPWD / MES / Railways. The registered bidder of outside Odisha, can also participate in this process, but shall have to subsequently undergo registration with the appropriate authority of the State Govt. preferably within a month of the deadline for bid submission, but prior to signing of the contract.

Date of release of Invitation for Bids through e-procurement. Dtd. 01.02.2019 from 11.00 AM

Availability of Bid Documents and mode of submission: The bid document is available online and should be submitted online in www.pmgsytenders.gov.in. The bidder would be required to register in the web-site which is free of cost. For submission of the bids, the bidder is required to have a valid Digital Signature Certificate (DSC) from one of the authorized Certifying Authorities. The bidders are required to submit (a) original Demand Draft towards the cost of bid document and (b) original bid security in approved form and (c) original affidavit regarding correctness of information furnished with bid document as per provisions of Clause 4.4 B (a) (ii) of ITB at Three places i.e. O/O Chief Engineer, PMGSY, Rural Works, Odisha, Bhubaneswar // Superintending Engineer, Rural Works Circle, Balasore// Executive Engineer of the Concerned divisions on a date not later than three working days after the opening of technical qualification part of the Bid, either by registered post or by hand (i.e 26.02.2019 upto 5.00 P.M), failing which the bids shall be declared non-responsive.

Last Date/ Time for receipt of bids through e-procurement: 21.02.2019 upto 5.00 PM

For further details and corrigendum (if any) please log on to www.pmgsytenders.gov.in.

25105/11/0033/1819 *Sd./- D.Sahoo, Superintending Engineer, R.W. Circle, Balasore*

**अखिल भारतीय आयुर्विज्ञान संस्थान (एम्स), भुवनेश्वर
ALL INDIA INSTITUTE OF MEDICAL SCIENCES (AIIMS), BHUBANESWAR**

(A Statutory Body under aegis of Ministry of Health and Family Welfare, Govt. of India)
Engineering Branch (Civil), Sijua (Patrapada), Bhubaneswar (Odisha)-751019
www.aiimsbhubaneswar.edu.in

File No. : AIIMS/BBSR/Engg./ 466 /2018-19 Dated : 29th Jan 2019

**NOTICE INVITING E-TENDER**

The All India Institute of Medical Sciences (AIIMS), Bhubaneswar invites e-Tender for the Work **"Provision of In-Built Storage Cabinet (Lockers) & Sensor Doors at $S_2$, $S_4$ (+3 & +4) Levels at Hospital Complex, AIIMS, Bhubaneswar"** *(NIT No. : AIIMS/BBSR/Engg./ 043 /2018-19).* The detailed Tender Document along with Last Date & Time of Submission of Tender can be viewed & downloaded from the website : www.aiimsbhubaneswar.edu.in, www.tenderwizard.com/ AIIMSBBSR & CPP Portal www.eprocure.gov.in.

Sd/-
Executive Engineer (Civil)
AIIMS, Bhubaneswar

**OFFICE OF THE EXECUTIVE ENGINEER
RWSS DIVISION, RAIRANGPUR
INVITATION FOR BIDS**

E-mail: eerwss_rai@nic.in, eerwss.rai@gmail.com

**E-PROCUREMENT NOTICE**

**IDENTIFICATION No. 38 RWSS / RRPUR-2018-19/Dated 25.01.2019**

No.1513-O: The Executive Engineer, RWSS Division, Rairangpur on behalf of Governor of Odisha, invites **percentage rate** bids to be received in online mode for the following works from the eligible experienced contractors in similar nature of work, registered with State Govt. & contractor of equivalent Grade / Class Registered with Central Govt. / Railways.

1. Nature of work :- Execution of piped water supply project on turnkey basis
2. No. of tenders :- 15 (Fifteen) Nos.
3. Period of completion :- 330 days to 360 days
4. Cost of tender :- Rs.10000.00
5. Estimated cost :- Rs. 104.83 lakhs to Rs. 160.75 lakhs
6. Class of contractor :- (As mentioned in tender call notice)
7. Date and time of availability of bid documents in portal : From 9.00 hours of dt.01.02.19 to 17.00 hours of dt.15.02.2019
8. Receipt of bid cost, bid security, documents :- Online only
9. Date & time of opening of technical bid :- Dt.16.02.19 at 11.00 hours onwards
10. Other documents :- (As mentioned in DTCN)
11. The bidders have to participate in on-line bidding only. Further details can be seen from the website **https://www.tendersodisha.gov.in**.
12. Any addendum / Corrigendum / Cancellation of tender can also be seen in the said website.
13. ST / SC upto B class contractors only eligible to avail 10% price preference over the general category contractors & have to submit an affidavit to consider such preference for them.

25010/11/0040/1819 **Sd./- Executive Engineer, RWSS Division, Rairangpur**

**INSTITUTE OF MANAGEMENT & INFORMATION TECHNOLOGY
(A constituent College of BPUT, Odisha)
BOSE CAMPUS, CUTTACK - 753007**

No.117, Dtd.29.01.2019

**EXTENSION OF DATE FOR SUPPLY OF MULTIMEDIA PROJECTORS**

In response to the Tender Notice issued by college bearing no.1790 dt.18.12.2018 for supply, Installation & Commissioning of Multimedia Projectors to IMIT, Cuttack, the last date of receipt of tender papers is extended from 21.01.2019 to 11.02.2019. The technical bids will be opened on 12.02.19 at 11 AM and the financial bids will be opened on 13.02.19 at 11 AM.

**PRINCIPAL**

**The Odisha Small Industries Corporation Ltd.**
( A Government of Odisha Undertaking) )
*(An ISO:9001:2008 certified Govt.Company)*
Industrial Estate, Madhupatna, CUTTACK – 753 010. Odisha
Tel No. : 0671-2341204 ,2342816 Fax : 0671-2341875/2342561
e-mail: osicltd@gmail.com,osicltd@rediffmail.com website: osicltd.in

**TENDER CALL NOTICE**

Bid Notice:OSIC/SOUTHCO/001/2018-19/OSIC/RE Date:13.12.2018

Tender Document for supply of Materials to SOUTHCO Utility under "Cyclone Restoration Work- Titli-2018."
Bidding Document : Not transferable

| | |
|---|---|
| DATE OF COMMENCEMENT OF SALE OF THE BID | 28.01.2019 at 11.00 AM |
| LAST DATE / TIME FOR SALE OF BID | 17.02.2019 up to 1.30 PM |
| LAST DATE / TIME FOR SUBMISSION OF BID | 17.02.2019 up to 3.00 PM |
| DATE OF OPENING OF TECHNICAL BID DOCUMENT | 17.02.2019 at 3.30 PM |
| DATE & TIME OF OPENING OF THE FINANCIAL BID DOCUMENT | SHALL BE INTIMATED SEPARATELY |
| PLACE OF OPENING OF BID AND ADDRESS FOR COMMUNICATION AND RECEIPT OF BID DOCUMENT | OFFICE OF THE MANAGING DIRECTOR ODISHA SMALL INDUSTRIES CORPORATION LTD., MADHUPATNA INDUSTRIAL ESTATE, CUTTACK-10 |

A Complete set of BID Document containing the details of the terms & Conditions may be downloaded from website. www.osicltd.in and the same can be submitted along with cost of tender paper in shape of Demand Draft. The authority reserves the right to accept / reject any part or all the BIDs without assigning any reason thereof. The authority has the right the increase / decreases / cancels the quantity of procurement of equipment / Materials without assigning any reason thereof.

**MANAGING DIRECTOR**

## ସଂକ୍ଷେପରେ

### ଦକ୍ଷିଣ ଆଫ୍ରିକା ବିପକ୍ଷରୁ ଭାରତର ଅଭିଯାନ

**ଦୁବାଇ, ୨୯।୧(ପି.ଟି.):** ପୁରୁଷ ଟି୨୦ ବିଶ୍ୱକପ୍‌ର ୭ମ ସଂସ୍କରଣ ଆସନ୍ତାବର୍ଷ ଅକ୍ଟୋବର ୨୮ରୁ ନଭେମ୍ବର ୧୫ ପର୍ଯ୍ୟନ୍ତ ଅଷ୍ଟ୍ରେଲିଆରେ ଅନୁଷ୍ଠିତ ହେବ। ଏଥିଲାଗି ମଙ୍ଗଳବାର ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ପକ୍ଷରୁ କାର୍ଯ୍ୟସୂଚୀ ପ୍ରକାଶ ପାଇଛି। ଏହି ଫର୍ମାଟ୍‌ର ପ୍ରଥମ ବିଶ୍ୱକପ୍ ଜିତିଥିବା ଭାରତ ଅକ୍ଟୋବର ୨୪ରେ ପର୍ଥଠାରେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଖେଳି ଏହାର ଅଭିଯାନ ଆରମ୍ଭ କରିବ। ଏଥିପୂର୍ବରୁ ଅକ୍ଟୋବର ୧୮ରୁ ସାଉଥ୍ ଗିଲଙ୍ଗ୍‌ଠାରେ କ୍ୱାଲିଫାଇଙ୍ଗ୍ ରାଉଣ୍ଡ ଅନୁଷ୍ଠିତ ହେବ ବୋଲି ଏହି କାର୍ଯ୍ୟସୂଚୀରୁ ଜଣାପଡ଼ିଛି। ୨୦୧୬ରେ ଖେଳାଯାଇଥିବା ଟି୨୦ ବିଶ୍ୱକପ୍‌ର ପୂର୍ବ ସଂସ୍କରଣରେ ଭାରତ ସେମିଫାଇନାଲରେ ଚାମ୍ପିୟନ ୱେଷ୍ଟଇଣ୍ଡିଜ ନିକଟରୁ ହାରି ଅଭିଯାନ ଶେଷ କରିଥିଲା। ଦକ୍ଷିଣ ଆଫ୍ରିକା ମ୍ୟାଚ୍ ପରେ ଭାରତ ସୁପର୍-୧୨ ମ୍ୟାଚ୍‌ରେ ଏକ ଯୋଗ୍ୟତା ଅର୍ଜନକାରୀ ଦଳକୁ ଭେଟିବ। ଏହି ମ୍ୟାଚ୍ ଅକ୍ଟୋବର ୨୯ରେ ଅନୁଷ୍ଠିତ ହେବ। ଆୟୋଜକ ଅଷ୍ଟ୍ରେଲିଆ ଓ ବିଶ୍ୱର ଏକ ନମ୍ବର ଟି୨୦ ଦଳ ପାକିସ୍ତାନ ମଧ୍ୟରେ ଅକ୍ଟୋବର ୨୪ରେ ଉଦ୍‌ଘାଟନୀ ମ୍ୟାଚ୍ ସିଡ୍‌ନୀ କ୍ରିକେଟ୍ ଗ୍ରାଉଣ୍ଡରେ ଫ୍ଲଡ୍ ଲାଇଟ୍‌ରେ ଖେଳାଯିବ। ସେହିଭଳି ଡିଫେଣ୍ଡିଂ ଚାମ୍ପିୟନ ୱେଷ୍ଟଇଣ୍ଡିଜ ଏହାର ପ୍ରଥମ ମ୍ୟାଚ୍‌ରେ ନ୍ୟୁଜିଲାଣ୍ଡକୁ ଅକ୍ଟୋବର ୨୫ରେ ମେଲବୋର୍ନରେ ଭେଟିବ। ସୁପର୍-୧୨'ର ଗ୍ରୁପ୍-୧'ରେ ଆୟୋଜକ ଅଷ୍ଟ୍ରେଲିଆ ସମେତ ପାକିସ୍ତାନ, ୱେଷ୍ଟଇଣ୍ଡିଜ, ନ୍ୟୁଜିଲାଣ୍ଡ ଓ ୨ଟି ଯୋଗ୍ୟତା ଅର୍ଜନକାରୀ ଦଳ ସ୍ଥାନ ପାଇଛନ୍ତି। ସେହିଭଳି ଗ୍ରୁପ୍-୨'ରେ ଭାରତ, ଇଂଲଣ୍ଡ, ଦକ୍ଷିଣ ଆଫ୍ରିକା ଓ ଆଫଗାନିସ୍ତାନ ସମେତ ୨ଟି ଯୋଗ୍ୟତା ଅର୍ଜନକାରୀ ଦଳ ରହିଛନ୍ତି।

# ସ୍ପେନକୁ ହରାଇଲା ଭାରତ

**ମୁରିକା (ସ୍ପେନ), ୨୯।୧ (ପି.ଟି.)**

ଭାରତୀୟ ମହିଳା ହକି ଦଳ ଏହାର ତୃତୀୟ ଟୁର୍ ମ୍ୟାଚରେ ବିଜୟ ହାସଲ କରିଛି। ଦଳ ମଙ୍ଗଳବାର ଏଠାରେ ବିଶ୍ୱକପ୍ ବ୍ରୋଞ୍ଜ ବିଜୟୀ ସ୍ପେନକୁ ୫-୨ ଗୋଲରେ ପରାସ୍ତ କରିଛି। ମିଜୋରାମ ଷ୍ଟ୍ରାଇକର ଲାଲ୍‌ରେମ୍‌ସିଆମି (୧୭ତମ ଓ ୫୮ତମ ମିନିଟ୍) ଦୁଇଟି ଗୋଲ ସ୍କୋର କରିଥିବାବେଳେ ଅନ୍ୟ ଗୋଲ୍‌ଗୁଡ଼ିକ

## ମହିଳା ହକି

ନେହା ଗୋୟଲ (୨୧ଶ), ନଭନୀତ କୌର (୩୨ତମ) ଓ ରାଣୀ ରାମପାଲ (୫୧ତମ) ଦେଇଥିଲେ। ଏହି ବିଜୟ ଦ୍ୱାରା ଭାରତ ସିରିଜକୁ ୧-୧ବରାବର ସ୍ଥିତିକୁ ଆଣିପାରିଛି। ଦୁଇ ଦଳ ମଧ୍ୟରେ ଅନୁଷ୍ଠିତ ପ୍ରଥମ ମ୍ୟାଚ ଭାରତ ୨-୩ ଗୋଲରେ ପରାଜିତ ହୋଇଥିଲା। ଦୁଇ ଦଳ ମଧ୍ୟରେ ଦ୍ୱିତୀୟ ଗେମ୍ ୧-୧ରେ ଡ୍ର ଭାବେ ଶେଷ ହୋଇଥିଲା।



ବଲ୍‌କୁ ନିଜ ନିୟନ୍ତ୍ରଣକୁ ନେବାକୁ ଚେଷ୍ଟା କରୁଛନ୍ତି ଭାରତର ନଭନୀତ କୌର (ବାମ)।

ମଙ୍ଗଳବାର ମ୍ୟାଚ୍‌ର ୧୭ତମ ମିନିଟ୍‌ରେ ବର୍ଟା ବୋନାଷ୍ଟ୍ରେଙ୍କ ଜରିଆରେ ପ୍ରଥମ ଗୋଲ ସ୍କୋର କରିଥିଲା। ତେବେ ଦୃଢ଼ମନା ଭାରତ ୧୭ତମ ମିନିଟ୍‌ରେ ଷ୍ଟ୍ରାଇକର ଲାଲରେମସିଆମିଙ୍କ ଚମତ୍କାର ଗୋଲ ଜରିଆରେ ମ୍ୟାଚକୁ ପ୍ରତ୍ୟାବର୍ତ୍ତନ କରିଥିଲା। ଏହାର ୪ ମିନିଟ୍ ପରେ ନେହାଙ୍କ ଗୋଲ ଯୋଗୁ ଭାରତ ୨-୧ରେ ଆଗ୍ରଣୀ ହୋଇଥିଲା। ନବନିତ ୩୨ତମ ମିନିଟ୍‌ରେ ଦଳ ତରଫରୁ ତୃତୀୟ ଗୋଲ ସ୍କୋର କରିଥିଲେ। ବୋନାଷ୍ଟ୍ରେ ୩୫ତମ ମିନିଟ୍‌ରେ ତାଙ୍କର ଦ୍ୱିତୀୟ ଗୋଲ ସ୍କୋର କରି ଭାରତ ଅଗ୍ରଣୀ ବ୍ୟବଧାନକୁ ୩-୨କୁ ହ୍ରାସ କରିଥିଲେ। ଏହାପରେ କିନ୍ତୁ ଭ୍ରମଣକାରୀ ଦଳ ଠିକଣା ସମୟରେ ଗୋଲ ସ୍କୋର କରି ମ୍ୟାଚକୁ ଜିତି ନେଇଥିଲା। ଅଧିନାୟିକା ରାଣୀ ୫୧ତମ ମିନିଟ୍‌ରେ ଏବଂ ଖେଳ ଶେଷ ହେବାକୁ ଆଉ ମାତ୍ର ୨ ମିନିଟ ସମୟ ରହିଥିବାବେଳେ ଲାଲରେମସିଆମି ତାଙ୍କର ବ୍ୟକ୍ତିଗତ ଦ୍ୱିତୀୟ ଗୋଲ ସ୍କୋର କରି ଭାରତକୁ ୫-୨ରେ ସହଜ ବିଜୟୀ କରାଇଥିଲେ। ମ୍ୟାଚର ଫଳାଫଳ ନେଇ ଭାରତର ମୁଖ୍ୟ କୋଚ୍ ଜୋର୍ଡ ମାରିଜ୍‌ନେ ସନ୍ତୋଷ ବ୍ୟକ୍ତ କରିଛନ୍ତି। ସେ କହିଛନ୍ତି, ମ୍ୟାଚ ପରେ ମ୍ୟାଚ ଆମ ପ୍ରଦର୍ଶନରେ ଉନ୍ନତି ଘଟିବାରେ ଲାଗିଛି। ଏହି ଧାରା ବଜାୟ ରଖିପାରିଲେ ଆମେ ଉନ୍ନତି କରିପାରିବା। ସ୍ପେନ ବିପକ୍ଷ ଚତୁର୍ଥ ମ୍ୟାଚ ଭାରତ ଗୁରୁବାର ଖେଳିବ।

## କଳିଙ୍ଗ ଷ୍ଟାଡିୟମରେ ଟେନିସ କୋଚିଂ କ୍ୟାମ୍ପ

**ଭୁବନେଶ୍ୱର, ୨୯।୧(କ୍ରୀଡ଼ା ପ୍ରତିନିଧି):** ଓଡ଼ିଶା ଟେନିସ ଆସୋସିଏଶନ (ଓଟିଏ) ଆନୁକୂଲ୍ୟରେ ଏକ ଟେନିସ କୋଚିଂ କ୍ୟାମ୍ପ କଳିଙ୍ଗ ଷ୍ଟାଡିୟମରେ ଚଳିତମାସ ୨୫ରୁ ୨୮ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ କୋଚ୍ ରବି ଶଙ୍କର ସିଂଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କ୍ୟାମ୍ପରେ ୨୦ ଖେଳାଳି ଯୋଗ ଦେଇଥିଲେ। କ୍ୟାମ୍ପ ଶେଷ ହେବା ଅବସରରେ ଓଟିଏ ସମ୍ପାଦକ ମଧୁସୂଦନ ପାଢ଼ୀ ଉପସ୍ଥିତ ରହି ପୁରସ୍କାର ପ୍ରଦାନ କରିଥିଲେ। ଓଟିଏ ସିଇଓ ବି.କେ.ଦାସ ଏବଂ ମ୍ୟାନେଜର ପ୍ରକାଶ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## କୁଶ, ଲିପିକାଙ୍କ କିଲିମାଞ୍ଜୋରୋ ଆରୋହଣ



କିଲିମାଁଜୋରୋ ଶୃଙ୍ଗରେ କୁଶ ଆର୍ଲବ ଓ ଲିପିକା ସେଠ।

**ଭୁବନେଶ୍ୱର, ୨୯।୧(ସ୍ପୋର୍ଟ୍ସ ବ୍ୟୁରୋ):** କୋରାପୁଟ ଜିଲାର କୁଶ ଆର୍ଲବ ଓଡ଼ିଶାର ପ୍ରଥମ ଆଦିବାସୀ ଯୁବକଭାବେ ଏବଂ ବରଗଡ଼ର ଲିପିକା ସେଠ୍ ଆଫ୍ରିକା ମହାଦେଶର ଉଚ୍ଚତମ ଶୃଙ୍ଗ କିଲିମାଁଜୋରୋ (୫,୮୯୫ ମିଟର/୧୯,୩୪୦ ଫୁଟ)କୁ ସଫଳତାର ସହ ଆରୋହୋଣ କରିଛନ୍ତି। ଏହି ଅଭିଯାନ ଗତ ୨୧ରୁ ଆରମ୍ଭ ହୋଇ ୨୯ ତାରିଖରେ ଶେଷ ହୋଇଛି। ଉଭୟ କୁଶ ଓ ଲିପିକା ୨୫ରେ କିଲିମାଁଜୋରୋ ବେସ୍ କ୍ୟାମ୍ପ୍‌ରେ ପହଞ୍ଚି କିଛି ସମୟ ବିଶ୍ରାମ ନେବାପରେ ରାତି ୧୨ଟାରେ ଶିଖର ଅଭିମୁଖେ ବାହାରିଥିଲେ। କୁଶ ଏହାପରଦିନ ସକାଳ ୬ଟା ୩୦ରେ ଲକ୍ଷ୍ୟସ୍ଥଳରେ ପହଞ୍ଚି ଜାତୀୟ ପତାକାକୁ ଗର୍ବର ସହ ଉଡ଼ାଇଥିଲେ। ଶିଖରରେ ପରିବେଶ ଅନୁକୂଳ ନ ଥିବାରୁ ଲିପିକା ଏହାର ଅଧଘଣ୍ଟା ବିଳମ୍ବରେ ପହଞ୍ଚି ଜାତୀୟ ପତାକା ଉଡ଼ାଇଥିଲେ। ଶିଖରରେ ବହୁତ ପବନ ବହିବା ଯୋଗୁ ବରଫାବୃତ ପାହାଡ଼ ଧୂଆଁମୟ ହୋଇଯାଇଥିଲା। ବରଫ ସବୁ କିଛି ସମୟ ଉଡ଼ିବାକୁ ଲାଗିଥିଲା ବୋଲି ଉଭୟ ଲିପିକା ଓ କୁଶ ପ୍ରକାଶ କରିଛନ୍ତି। ଏହି ଅଭିଯାନ ପାଇଁ ଲିପିକାଙ୍କୁ ବରଗଡ଼ ଏମ୍‌ପିଙ୍କ ସହଯୋଗରେ ଏମ୍‌ସିଏଲ୍ ସହଯୋଗର ହାତ ବଢ଼ାଇଥିବା ସହ ସମସ୍ତ ଖର୍ଚ୍ଚ ବହନ କରିଥିଲା। ଅପରପକ୍ଷରେ କୋରାପୁଟର ଜଣେ ଉଦୀୟମାନ ପର୍ବତାରୋହୀ ଭାବେ ପରିଚିତ କୁଶଙ୍କୁ ଭୁବନେଶ୍ୱର ସ୍କୁଲ ଅଫ୍ ଆଡଭେଞ୍ଚର ସହଯୋଗ କରିଥିଲା। ଭୁବନେଶ୍ୱର ସ୍କୁଲ ଅଫ୍ ଆଡଭେଞ୍ଚର ଓଡ଼ିଶାର ଅନୁନ୍ନତ ଅଞ୍ଚଳର ତଥା ଏହି ଦୁଃସାହସିକ କ୍ରୀଡ଼ାପ୍ରତି ରୁଚି ରଖୁଥିବା ଯୁବତୀ ଯୁବକମାନଙ୍କୁ ଆଗକୁ ବଢ଼ିବାରେ ଏଭଳି ସହଯୋଗ ହାତ ବଢ଼ାଇବାକୁ ଲକ୍ଷ୍ୟ ରଖିଛି। ଉଚ୍ଚଭ କୁଶ ଓ ଲିପିକା ଜୁଲାଇରେ ଇଉରୋପ ମହାଦେଶର ଉଚ୍ଚତମ ଶୃଙ୍ଗ ମାଉଣ୍ଟ ଏଲାବ୍ରୁସ ଓ ଡିସେମ୍ବରରେ ମାଉଣ୍ଟ ଏକୋନକାଗୁଆକୁ ସଫଳତାର ସହ ଆରୋହୋଣ ଲକ୍ଷ୍ୟରେ ରହିଛନ୍ତି।


**ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ.**
ODISHA POWER TRANSMISSION CORPORATION LIMITED
(A Government of Odisha Undertaking)
Office of the Deputy General Manager (Elect), E.H.T. (O&M) Division, Joda, PO: Boneikala, Dist: Keonjhar, Pin: 758038 (Odisha), Phone No: 7328829375, E-mail: ehtm.div.jod@optcl.co.in, CIN: U40102OR2004SGC007553
Letter No. 1683 Dated: 29.01.19

**TENDER CALL NOTICE NO.- 10/2018-19**

Sealed tenders are invited from the Civil & HT Contractors having valid "C" & "D" Class Civil Contractor license issued by Govt. of Odisha/ Military/ Railways & having valid IT, PAN Card/ GST registration for the Work of "Grading plaster of roof of control room at Grid substation Joda under EHT (O&M) Division, Joda". Cost of Tender paper Rs. 2240/, EMD= Rs. 5000/-, Sale of tender documents from dt: 01.02.2019 to 15.02.2019. Last Date of submission of tender: 16.02.2019 upto 1.00 PM. Date of opening of tender: 16.02.2019 at 3.30 PM. For details visit our website: www.optcl.co.in.
Corrigendum if any will be published in the OPTCL website only.

Sd./- Dy. General Manager (Elect), EHT (O&M) Division, Joda



ZILLA SWASTHYA SAMITI, KANDHAMAL
**OFFICE OF THE CDM&PHO-CUM-DISTRICT MISSION DIRECTOR, KANDHAMAL**

**Tender Call Notice**

**No. 1230/ NHM/18 Dt. 29.01.2019**

Sealed proposals as per prescribed RFP document are invited from interested eligible bidders (Private individuals/Tour Operators/ Travel Agency /Society/ Firms) for hiring of vehicles on Monthly & Daily basis. The eligible criteria, the terms of reference and the formats for submission of bid as set forth in the RFP document can be downloaded from the website **www. kandhamal.nic.in.** The details of the location where the vehicles will be engaged are mentioned in the RFP document. Interested bidders fulfilling the eligibility criteria may submit their proposals separately (with EMD & document as per RFP) to the O/o CDM&PHO, DHH, Phulbani, Kandhamal. Proposal(s) complete in all respect should reach the undersigned on or before 04.00 PM of 12.02.2019 through Regd/Speed Post & courier and the same will be opened on the same day at 05.00 PM in the office chamber of the undersigned. The undersigned reserves the right to reject any or all the tender(s) without assigning any reason thereof.

Sd./- CDM&PHO cum District Mission Director
NHM, Kandhamal



GOVERNMENT OF ODISHA
RURAL WATER SUPPLY & SANITATION ORGANISATION
**OFFICE OF THE EXECUTIVE ENGINEER**
**RWS&S DIVISION, ANGUL, AT- TALCHER**
At- Baghuabole, Po.- Hatatota, Talcher, Dist.- Angul, Pin- 759100
(Ph. No./Fax-06760-240762, E-mail : eerwss_ang@nic.in)
**National Competitive Bidding through e-procurement**
**Bid Identification No. 20/EE/RWSS/ANGUL/2018-19**
**Dt. 22.01.2019 (DMF)**

**No.1495-O:-** The Executive Engineer, RWS&S Division, Angul, At:Talcher on behalf of Governor of Odisha invites Item Rate/Percentage bid through e-procurement in double/single cover system according to norm of e-Procurement system in on-line mode.

Nature of Work : Rural Piped Water Supply Schemes.

| | | | |
|---|---|---|---|
| 1. | No. of Tenders | : | 12 Nos. |
| 2. | Tender Paper Cost | : | Rs. 10,000.00 & Rs. 6,000.00 |
| 3. | Value of work | : | Rs. 306.47 Lakhs to Rs. 11.57 Lakhs |
| 4. | Class of Contractor | : | "D", "C", "B", "A" & "Spl." Class |
| 5. | Date & time of availability of bid document in portal | : | 01.02.2019 at 17.00 hours to 10.02.2019 upto 17.00 hours |
| 6. | Date & time of seeking tender clarification | : | 06.02.2019 upto 17.00 hours |
| 7. | Date & time of opening of tender & verification of original document | : | 11.02.2019 at 15.00 hours in the office of the Executive Engineer, RWS&S Division, Angul, At:Talcher |
| 8. | Time of completion | : | 3 (Three) to 10 (Ten) Calendar Months |
| 9. | The bidders have to participate in online bidding only. Further details can be seen from the website **https://www.tendersodisha.gov.in.** | | |
| 10. | Corrigendum if any shall be published in the above website only. | | |

Sd./- Executive Engineer,
25019/11/0029/1819 RWS&S Division, Angul at Talcher



Government of Odisha
**Office of the Superintending Engineer, Rural Works Circle, Sambalpur**
Tel-0663-2548268,E-mail id-serwcirclesbp@yahoo.com
**e-Procurement No.103** **/ Dated: 24 /01 /2019**

**No.1497-O:-** Superintending Engineer, Rural Works Circle, Sambalpur on behalf of **Odisha State Rural Roads Agency** invites Percentage ( %) bids through e_ Procurement from eligible class of experienced bidders for construction of roads and CD works including maintenance for 5 years of rural roads under **Pradhan Mantri Gram Sadak Yojana (PMGSY-II)** Batch-I (2018-19).

| | | | |
|---|---|---|---|
| 1 | Name of work. | : | Construction of road and CD works including five year maintenance under PMGSY-II, Batch-I (2018-19) |
| 2 | Class of Contractor. | : | B Class,A Class,SPI Class, Super Class(Information in DTCN will be Final) |
| 3 | No of packages. | : | 32 Nos of contract Package |
| 4 | Estimated cost | : | Rs. 101.00 Lakh to 428.00 Lakh(Information in DTCN will be Final) |
| 5 | Bid submission fee. | : | Rs.10,000/-(Non-Refundable) per set of package costing more than Rs.50.00 lakh and Rs.6,000/-(Non-Refundable) per set of package costing less than Rs.50.00 lakh |
| 6 | Mode of submission of tender. | : | Only through online in website: www.pmgsytenders.gov.in. |
| 7 | Summary of key dates are provided below: | | |

| Procurement Officer | Bid Identification No. | Availability of Tender online for bidding | | Last date& time for seeking clarification | Date & Time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| Superintending Engineer, Rural Works Circle, Sambalpur | PMGSYOnline-RWCSBP-01/2019 | 01/02/2019 From 11.00. A.M. | 21/02/2019 Up to 05.00 P.M. | 20/02/2019 Up to 4.00 P.M. | 22.02.2019 At 11.00 A.M. | 28.02.2019 At 11.00 A.M. |

* **Special conditions** 1-EMD-2% of the amount put to tender as per DTCN.2- EPF registration is mandatory before drawl of agreement.3- Rate quoted by the contractor shall be excluding GST.4. Original EMD, Bid submission fee and original affidavits should be submitted only at the office of Superintending Engineer, Rural Works Circle, Sambalpur.
* Details can be seen from the e-procurement portal **www.pmgsytenders.gov.in.**
* Subsequent modification/corrigendum/Addendum if required shall be appeared in the website only.

25091/11/0042/1819 Sd./- Superintending Engineer, Rural Works Circle, Sambalpur



**BHUBANESWAR SMART CITY LIMITED**
Block-1, 5th Floor, BMC Bhawani Mall, Saheed Nagar, Bhubaneswar-751007
e-mail Id : bbsr.bscl@gmail.com, CIN : U74990OR2016PLC020016
**NOTICE INVITATION REQUEST FOR PROPOSAL (RFP)** No. 445-C

**No. 245/BSCL/01/2018** **Date : 29.01.2019**

1. Chief Executive Officer, BSCL invites proposals from experienced and reputed Agencies for the following work as detailed in the table below.

| Name of the Project | Bid Security | Cost of the Bid Document | Period of Work |
|---|---|---|---|
| Operation and Maintenance of 3 (Three) Nos. of Smart Parks in Saheed Nagar Bhubaneswar | Rs. 25,000/- | Rs. 10,000/- + 1,200/- (GST @ 12%) | 24 Months |

2. Bid documents will be available at www.smartcitybhubaneswar.gov.in from 30.01.2019 to 3.00 P.M. of 20.02.2019.
3. A pre-bid meeting shall be held on 11.02.2019 at 11.30 AM in the Conference hall of Bhubaneswar Smart City Ltd.
4. Last date / Time for receipt of Proposals is 20.02.2019 till 3.00 P.M.
5. The tender will be opened on 20.02.2019 at 4.30 P.M.

Sd./- General Manager (E&T)
13070/11/0042/1819 Bhubaneswar Smart City Limited



**OFFICE OF THE DISTRICT PROJECT MANAGEMENT UNIT (MDM), MALKANGIRI**
**TENDER CALL NOTICE**
**No.: 24/MDM-2019** **Dated: 28.01.2019**

A fresh sealed tenders are invited in the prescribed format from the intending Firms/Company/Individuals/ Corporation for undertaking Transportation of Food Stuff under MDM Programme of Malkangiri district during the financial year 2019-20. Tender shall be received by the District Project Management Unit, Malkangiri in sealed packet form 01.02.19 to 15.02.19 during the working hours. The last date for droping of tender paper is 15.02.19 from 10.00 A.M. to 5.00 P.M. The tender papers dropped in the tender box will be opened on 16.02.19 at 11 A.M. in presence of the Tender Committee of the district and the bidder or their authorized representatives, in the Chamber of the Collector, Malkangiri. The undersigned will not be responsible for any delay in circumstances. The details regarding terms & conditions, Earnest Money Deposit (EMD) etc. can be obtained along with the tender document from the Office of the District Project Management Unit, Malkangiri/from the website on payment of cost of tender papers Rs.5000/- (including VAT) and E.M.D. Rs.10,000/- (Rupees ten thousand) only in shape of Bankers Cheque in favour of District Education Officer-cum-District Nodal Officer (MDM), Malkangiri payable at S.B.I., Malkangiri on any working day from dated 01.02.19 to 15.02.19 between 10.00 A.M. to 5.00 P.M. The cost of tender papers is not refundable. The tender received beyond the date and time mentioned above shall not be taken into consideration. The tender document can also be downloaded from the website **http://www.malkangiri.nic.in.** The undersigned reserves the rights either to reject any or all tenders or cancel the entire process without assigning the reason thereof.

Sd./- District Education Officer-cum-District Nodal Officer (MDM), DPMU, Malkangiri



**ଓଡ଼ିଶା ସରକାର**
**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ**
**ଅଧିସୂଚନା**

ଭୁବନେଶ୍ୱର ତାରିଖ: ୧୬ ଅଗଷ୍ଟ ୨୦୧୮
**RDM-LAB-KPT-0001-2017 30239 / R&DM-**

**No. X-01:-** ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି, ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ୍ ତେଲେଙ୍ଗିରି ମଧ୍ୟମ ଜଳସେଚନ ପ୍ରକଳ୍ପର ରାମପାତ୍ରପୁଟ-ରତାଳି ଡିଷ୍ଟ୍ରିବ୍ୟୁଟାରୀ ଖନନ ନିମନ୍ତେ ସରକାର ସରକାରୀ ବ୍ୟୟରେ ମୌଜା- ରତାଳି, ଥାନା- ବି.ସିଙ୍ଗିପୁର, ନଂ.- ୧୮, ତହସିଲ- ବୋରିଗୁମ୍ମା, ଜିଲ୍ଲା- କୋରାପୁଟରେ ନିମ୍ନ ତଫସିଲମତେ ପ୍ରାୟ ୦.୬୮ ଏକର ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ ୨୦୧୩ର ଧାରା ୧୧(୧)ର ବ୍ୟବସ୍ଥା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥିସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ।

୧. ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ- ରାମପାତ୍ରପୁଟ-ରତାଳି ଡିଷ୍ଟ୍ରିବ୍ୟୁଟାରୀ।
୨. ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ- ନିର୍ବାହୀ ଯନ୍ତ୍ରୀ, ତେଲେଙ୍ଗିରି କେନାଲ ସେଚଖଣ୍ଡ, ନଂ.-୨, ଆମ୍ବାଗୁଡ଼ା।
୩. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ- କୌଣସି ବିସ୍ଥାପନ ହେଉନାହିଁ।
୪. ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ- ଉକ୍ତ ପ୍ରକଳ୍ପ ପାଇଁ ପ୍ରଯୁଜ୍ୟ ନୁହେଁ।
୫. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ:- ଉପ-ଜିଲ୍ଲାପାଳ, ଜୟପୁର, କୋରାପୁଟ।
୬. ଜମିର ବିବରଣୀ-

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ୍ ନଂ. | ପ୍ଲଟ୍‌ର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|---|
| କୋରାପୁଟ | ବୋରିଗୁମ୍ମା | ରତାଳି | ଗ୍ରାମାଞ୍ଚଳ | ଏଥିସହିତ ସଂଲଗ୍ନ | ଏଥିସହିତ ସଂଲଗ୍ନ | ଏ.୧.୭୩ | ଏ.୦.୬୮ | ଏଥିସହିତ ସଂଲଗ୍ନ |

ଉକ୍ତ ଭୂମିର ଏକ ନକ୍ସା ତଥା ବିସ୍ତୃତ ବିବରଣୀ କୋରାପୁଟ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ କାର୍ଯ୍ୟଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟବିକ୍ରୟ, ହସ୍ତାନ୍ତର (ଦେଣନେଣ) କିମ୍ବା ଦାୟ ସୃଷ୍ଟି କୋରାପୁଟ ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ।

ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ/ ଜମିମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ (ଷାଠିଏ) ଦିନ ମଧ୍ୟରେ କୋରାପୁଟ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ।

ରାଜ୍ୟପାଳଙ୍କ ଆଦେଶକ୍ରମେ
**ସ୍ୱା./- ଯୁଗ୍ମ ଶାସନ ସଚିବ**

**ଜମିର ବିଶଦ ବିବରଣୀ**

| ଜିଲ୍ଲାର ନାମ | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ୍ ନଂ. | ଜମିର ମୋଟ ରକବା | ଅଧିସୂଚିତ ହେବାକୁ ଥିବା ଜମିର ପରିମାଣ | ରୟତଙ୍କ ନାମ ଏବଂ ପିତାଙ୍କ ନାମ |
|---|---|---|---|---|---|---|---|---|
| କୋରାପୁଟ | ବୋରିଗୁମ୍ମା | ରତାଳି | ଗ୍ରାମାଞ୍ଚଳ | ୨୯୫/ ୬୬ | ୬୧୮/ ୯୩୬ | ୦.୯୦ | ୦.୪୨ | ସୁଡି ହରିଜନ, ପି- ଶ୍ୟାମ ସୁନ୍ଦର ହରିଜନ |
| କୋରାପୁଟ | ବୋରିଗୁମ୍ମା | ରତାଳି | ଗ୍ରାମାଞ୍ଚଳ | ୨୯୫/ ୧୦୧ | ୧୭୦/ ୯୭୭ | ୦.୩୩ | ୦.୦୨ | ପଦ୍ମା ହରିଜନ, ପି- ସନିଆ |
| କୋରାପୁଟ | ବୋରିଗୁମ୍ମା | ରତାଳି | ଗ୍ରାମାଞ୍ଚଳ | ୨୯୫/ ୪୪୩ | ୧୭୦/ ୧୮୩୨ | ୦.୫୦ | ୦.୨୪ | ସମାରୁ ତମ, ପି: ଲକ୍ଷ୍ମଣ |
| ମୋଟ | | | | | | ୧.୭୩ | ୦.୬୮ | |

24001/14/0572/1819



GOVT. OF ODISHA
**OFFICE OF THE SUPERINTENDING ENGINEER**
**RURAL WORKS CIRCLE, BARIPADA**
Tel No.: 06792-261343(O)/ 261344 (Fax)/ E-Mail: serwcbaripada@nic.in
**No.1489-O:-** "e" Procurement Notice for PMGSY Works
Identification No.- Online Tender-PMGSY N.C.B. No. 148 for 2018-19
**Letter No. 141** **Date: 22.01.19**

| | | | |
|---|---|---|---|
| 1. | Name of the work | : | Construction & Maintenance PMGSY road and Bridge works Batch-I of 2018-19 in the District of Mayurbhanj. |
| 2. | Total No. of works | : | 03 Nos. (Three Nos.) |
| 3. | Estimated Cost | : | From Rs. 116.94 lakhs to Rs. 181.47 lakhs (approximately). |
| 4. | Eligible Class of Contractor | : | 'B' & 'A' Class P.W.D. or relevant Class of other licensing authorities. |
| 5. | Period of Completion | : | 06 (Six) calendar months. |
| 6. | Other details | : | |

| Procurement Officer | Bid Identification No. | Availability of tender On-line for bidding | | Last Date & Time of seeking Tender Clarification | Date & Time of Opening of Tender in O/o S.E.R.W. Circle, Baripada | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Superintending Engineer, Rural Works Circle, Baripada | PMGSY On-line N.C.B. No. 148 | Dt. 31.01.2019 at 11.00 AM | Dt. 15.02.2019 up to 5.00 PM | Dt. 14.02.2019 upto 1.00 PM | Dt. 16.02.2019 at 11.00 AM | Dt. 22.02.2019 at 11.00 AM |

- Further details can be seen from the website: www.pmgsytenders.gov.in.
- Any Corrigendum / Addendum will be displayed in the above e_tender website only.

25130/11/0028/1819 Sd./- Superintending Engineer, R.W. Circle, Baripada



idco Your power to grow ISO 9001 & 14001 CORPORATION | ODISHA NEW OPPORTUNITIES
**ODISHA INDUSTRIAL INFRASTRUCTURE DEVELOPMENT CORPORATION**
*(A Government of Odisha Undertaking)*
IDCO Towers, Janpath, Bhubaneswar - 751022

**File No. IDCO/HO/P&A/EST-E-3118/2019 (P-II) 1722** **Dated :- 29.01.2019**

**ADVERTISEMENT FOR ENGAGEMENT OF RETIRED PLANNING MEMBER TO FUNCTION AS OFFICER ON SPECIAL DUTY (TOWN PLANNER).**

IDCO require the services of one retired Planning Member below the age of 65 (Sixty five) years having good service record and physical fitness for engagement as Officer on Special Duty (Town planner) on contractual basis in IDCO for one year with consolidated monthly remuneration fixed as per Govt. in Finance Department, Odisha, Office Memorandum No.7022 dt. 17.03.2018. Eligible & interested candidates are requested to submit their application with copies of the required testimonials in support of their service records as mentioned below on or before **19.02.2019** by **3.00 P.M.** within Office hours by registered post/Speed Post to the undersigned at IDCO, Head Office, IDCO Towers, Janpath, Bhubaneswar-751022. The Corporation will not be liable for any delay in the delivery of the application/documents or non-receipt of the same within the stipulated period/time. The engagement will be strictly project specific and purely temporary in nature. The details of documents to be submitted along with the application are as follows:-

1) Retirement Notice.
2) Pay Slip of last pay drawn.
3) Copy of 1st page of Service Book.
4) Self-Declaration that no disciplinary/Vigilance/Criminal case is pending in his/her name.
5) ID proof.
6) Details of work experience as Town Planner/Planning Member.

IDCO reserves the right to dis-engage at any time without assigning any reason thereof.
IDCO reserves the right to accept/reject any application without assigning any reason thereof.
The same can be seen from our website **http://www.idco.in**.

Sd/-
Chief General Manager (P&A)



"ପାକିସ୍ତାନ କ୍ରିକେଟ ବୋର୍ଡ ଦକ୍ଷିଣ ଆଫ୍ରିକାରୁ ସର୍ଫରାଜ ଅହମ୍ମଦଙ୍କୁ ଫେରାଇ ନ ଆଣି ଅନ୍ତିମ ଟି୨୦ରେ ଖେଳାଇବା ଉଚିତ ଥିଲା ।

–ୱାସିମ ଆକ୍ରମ, ପୂର୍ବତନ ପାକିସ୍ତାନ କ୍ରିକେଟର



"ବିରାଟ କୋହଲି ଜଣେ ଅସାଧାରଣ ଖେଳାଳି । ଭବିଷ୍ୟତରେ ଭାରତୀୟ ଅଧିନାୟକଙ୍କୁ ଆଉଟ କରିବା ମୋର ଲକ୍ଷ୍ୟ।

–ଟମ୍ କୁରାନ, ଇଂଲଣ୍ଡର ଯୁବ ଫାଷ୍ଟ ବୋଲର

**ସଂକ୍ଷେପରେ**

## ମହିଳା ଟି୨୦ ବିଶ୍ୱକପ୍ ଭାରତ ପ୍ରଥମେ ଅଷ୍ଟ୍ରେଲିଆକୁ ଭେଟିବ

**ଦୁବାଇ, ୨୯।୧ (ପି.ଟି.):** ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ପକ୍ଷରୁ ମଙ୍ଗଳବାର ଆସନ୍ତାବର୍ଷ ହେବାକୁଥିବା ଆଇସିସି ମହିଳା ଟି୨୦ ବିଶ୍ୱକପ୍ ଲାଗି କାର୍ଯ୍ୟସୂଚୀ ଘୋଷଣା କରାଯାଇଛି। ଏହି ଟୁର୍ନାମେଣ୍ଟ ଅଷ୍ଟ୍ରେଲିଆରେ ଫେବୃୟାରୀ ୨୧ରୁ ମାର୍ଚ୍ଚ ୮ପର୍ଯ୍ୟନ୍ତ ଖେଳାଯିବ। ମ୍ୟାଚଗୁଡ଼ିକ ସିଡ୍‌ନୀ, କାନବେରା, ପର୍ଥ ଓ ମେଲବୋର୍ନଠାରେ ଖେଳାଯିବ। ଏହାପୂର୍ବରୁ ୱାର୍ମଅପ୍ ମ୍ୟାଚଗୁଡ଼ିକ ଫେବୃୟାରୀ ୧୫ରୁ ୨୦ ଆଡିଲେଡ୍ ଓ ବ୍ରିସବେନଠାରେ ଖେଳାଯିବାର କାର୍ଯ୍ୟକ୍ରମ ରହିଛି। ଭାରତ ଫେବୃୟାରୀ ୨୧ରେ ଏହାର ଉଦ୍‌ଘାଟନୀ ମ୍ୟାଚ ସିଡ୍‌ନୀରେ ଗତଥରର ଚାମ୍ପିୟନ ଅଷ୍ଟ୍ରେଲିଆକୁ ଭେଟିବ। ଘରୋଇ ଦଳ ବିପକ୍ଷ ମ୍ୟାଚ ପରେ ଭାରତୀୟ ମହିଳା କ୍ରିକେଟ ଦଳ ପର୍ଥ ଗସ୍ତ କରିବ। ସେଠାରେ ଫେବୃୟାରୀ ୨୪ରେ ଏକ କ୍ୱାଲିଫାୟର ଟିମ୍ ସହିତ ମୁକାବିଲା କରିବ। ପରେ ମେଲବୋର୍ନଠାରେ ଫେବୃୟାରୀ ୨୭ରେ ନ୍ୟୁଜିଲାଣ୍ଡ ବିପକ୍ଷରେ ଖେଳିବ। ଏହି ଭେନ୍ୟୁରେ ଶ୍ରୀଲଙ୍କା ବିପକ୍ଷରେ ଖେଳି ଭାରତ ଏହାର ରାଉଣ୍ଡ ରବିନ ପର୍ଯ୍ୟାୟ ଶେଷ କରିବ। ସେମିଫାଇନାଲ ମ୍ୟାଚ ଦୁଇଟି ମାର୍ଚ୍ଚ ୫ରେ ସିଡ୍‌ନୀଠାରେ ଖେଳାଯିବାକୁ ଥିବାବେଳେ ଟାଇଟଲ ମୁକାବିଲା ମାର୍ଚ୍ଚ ୮ରେ ମେଲବୋର୍ନଠାରେ ଖେଳାଯିବାର କାର୍ଯ୍ୟକ୍ରମ ରହିଛି।

## ଗ୍ରୀନ୍ସ ଏକାଡେମୀ ବିଜୟୀ



**ଭୁବନେଶ୍ୱର, ୨୯।୧(ସ୍ପୋର୍ଟ୍ସ ବ୍ୟୁରୋ):** ପ୍ରଗତି ସ୍ପୋର୍ଟିଂ ଆନୁକୂଲ୍ୟରେ ଚାଲିଥିବା ଭୁବନେଶ୍ୱର ଲିଟିଲ୍ ଷ୍ଟାରର୍ସ କ୍ରିକେଟ ଲିଗ୍‌ରେ ମଙ୍ଗଳବାର ଖେଳାଯାଇଥିବା ମ୍ୟାଚ୍‌ରେ ଗ୍ରୀନ୍ସ ଏକାଡେମୀ ବିଜୟ ଲାଭ କରିଛି। ଗ୍ରୀନ୍ସ ଏକାଡେମୀ ୯୯ ରନରେ ବିବିସିଏକୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରି ଗ୍ରୀନ୍ସ ନିର୍ଦ୍ଧାରିତ ୪୦ ଓଭରରେ ୯ ଉଇକେଟ୍ ହରାଇ ୧୭୪ ରନ କରିଥିଲା। ଦଳ ପକ୍ଷରୁ ଆୟୁଷ ଚାନ୍ଦ (୫୨ ରନ) ଓ ମୃତ୍ୟୁଞ୍ଜୟ ମହାପାତ୍ର (୫୬) ଅର୍ଦ୍ଧଶତକୀୟ ଇନିଂସ ଖେଳିଥିଲେ। ବିବିସିଏ ପକ୍ଷରୁ ଛଗନ୍ ସର୍ବାଧିକ ୨ଟି ଉଇକେଟ୍ ଅକ୍ତିଆର କରିଥିଲେ। ଜବାବରେ ବିବିସିଏ ୨୮.୫ ଓଭରରେ ମାତ୍ର ୭୫ ରନ କରି ସମସ୍ତ ଉଇକେଟ୍ ହରାଇଥିଲା। ବିଜୟୀ ଦଳ ପକ୍ଷରୁ ଅଭିଜିତ୍ ମହାନ୍ତିଙ୍କୁ ୩ଟି ଉଇକେଟ୍ ମିଳିଥିଲା। ମୃତ୍ୟୁଞ୍ଜୟଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଥିଲା। ବୁଧବାର ଆୟୋଜକ ପ୍ରଗତି ସ୍ପୋର୍ଟିଂ ଓ ଓସ୍କାର ସ୍ପୋର୍ଟିଂ ମଧ୍ୟରେ ମ୍ୟାଚ୍ ଖେଳାଯିବ।

## ମହାନଦୀ କ୍ରିକେଟ ଲିଗ୍ ଜିତିଲା ହାପି ଏକାଦଶ

**କଟକ ଅଫିସ, ୨୯।୧:** ନିମପୁର ସ୍ପୋର୍ଟ୍ସ କମ୍ପ୍ଲେକ୍ସ ପରିସରରେ ଜିଲାସ୍ତରୀୟ ମହାନଦୀ କ୍ରିକେଟ ଲିଗ୍ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ୍‌ରେ ଯୋବ୍ରାର ହାପି ଏକାଦଶ ୭ ରନ୍‌ରେ ଏଲ୍‌ଏନ୍‌ସିସି ବାଲିସାହି ଦଳକୁ ହରାଇ ଚାମ୍ପିୟନ ହୋଇଛି। ହାପି ଏକାଦଶ ପ୍ରଥମେ ବ୍ୟାଟିଂ କରି ୬୩ ରନ୍ ସଂଗ୍ରହ କରିଥିବାବେଳେ ଏଲ୍‌ଏନ୍‌ସିସି ବାଲିସାହି ଦଳ ୫୬ ରନ୍ କରିବାକୁ ସକ୍ଷମ ହୋଇଥିଲା। ଉଦ୍‌ଯାପନୀ ସମାରୋହରେ ମୁଖ୍ୟଅତିଥି ଭାବେ ଚୌଦ୍ୱାର-କଟକ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ। ଚାମ୍ପିୟନ୍ ଦଳକୁ ଟ୍ରଫି ସହ ୩୦ ହଜାର ଟଙ୍କା, ରନର୍ସଅପ୍ ଦଳକୁ ଟ୍ରଫି ସହ ୨୦ ହଜାର ଟଙ୍କା ପ୍ରଦାନ କରାଯାଇଛି। ଏହି ପ୍ରତିଯୋଗିତାକୁ ମହାନଦୀ କ୍ରିକେଟ ଲିଗ୍ ସଭାପତି ପ୍ରଦୀପ ପରିଡ଼ା, ସମ୍ପାଦକ ରାକେଶ ଦଳାଇ, ତୃପ୍ତି ବିଶୋଇ, ରାଜୀବ ରାଉତ, ରାହୁଲ କୁମାର ସିଂହ, ସରୋଜ ସାହୁ, ସଞ୍ଜୟ ଜେନା ପ୍ରମୁଖ ପରିଚାଳନା କରିଥିଲେ। ପ୍ରଥମ ଦିନରୁ ପ୍ରତିଯୋଗିତାକୁ ପ୍ରଜ୍ଞାକୁମାରୀ ନାୟକ ଓ ବରିଷ୍ଠ ଆଇନଜୀବୀ ପୀତାମ୍ବର ଆଚାର୍ଯ୍ୟ ଉଦ୍‌ଘାଟନ କରିଥିଲେ।

# ସିରିଜ ଜିତାଇଲେ ମନ୍ଧାନା, ମିଥାଲି

**ମାଉଣ୍ଟ ମାଉଁଗାନୁଇ, ୨୯।୧(ପି.ଟି.)**

ଓପନର୍ ସ୍ମୃତି ମନ୍ଧାନାଙ୍କ ଅପରାଜିତ ଅର୍ଦ୍ଧଶତକୀୟ ଇନିଂସ ବଳରେ ଭାରତୀୟ ମହିଳା କ୍ରିକେଟ ଟିମ୍ ମଙ୍ଗଳବାର ଏଠାରେ ଖେଳାଯାଇଥିବା ୨ୟ ଦିନିକିଆ ମ୍ୟାଚ୍‌ରେ ଘରୋଇ ନ୍ୟୁଜିଲାଣ୍ଡକୁ ୮ ଉଇକେଟ୍‌ରେ ପରାସ୍ତ କରିଛି। ନ୍ୟୁଜିଲାଣ୍ଡ ମହିଳା ଟିମ୍ ପକ୍ଷରୁ ଧାର୍ଯ୍ୟ ୧୬୨ ରନର ଟାର୍ଗେଟ୍‌କୁ ଭାରତ ୮୮ ବଲ୍ ପୂର୍ବରୁ ୨ ଉଇକେଟ୍ ହରାଇ ହାସଲ କରିନେଇଥିଲା। ଏହି

**ମହିଳା ଦିନିକିଆ କ୍ରିକେଟ୍**

ବିଜୟ ସହ ଭାରତୀୟ ମହିଳା କ୍ରିକେଟ୍ ଟିମ୍ ୩ ମ୍ୟାଚ୍‌ବିଶିଷ୍ଟ ଦିନିକିଆ ସିରିଜକୁ ୨–୦ରେ ଆଗୁଆ କବ୍‌ଜା କରିନେଇଛି। ପୂର୍ବରୁ ସିରିଜର ପ୍ରଥମ ମ୍ୟାଚ୍‌କୁ ଭାରତ ୯ ଉଇକେଟ୍‌ର ବୃହତ୍ ବ୍ୟବଧାନରେ ବିଜୟ ଲାଭ କରିଥିଲା। ସିରିଜର ଅନ୍ତିମ ତଥା ୩ୟ ମ୍ୟାଚ୍ ଶୁକ୍ରବାର ହାମିଲଟନ୍‌ରେ ଅନୁଷ୍ଠିତ ହେବ। ଏହାପରେ ଦୁଇଦେଶ ମଧ୍ୟରେ ୩ ମ୍ୟାଚ୍‌ବିଶିଷ୍ଟ ଟି୨୦ ସିରିଜ ଫେବୃୟାରୀ ୬ରୁ ଆରମ୍ଭ ହେବ।

ସ୍ଥାନୀୟ ବେ ଓଭାଲ ଗ୍ରାଉଣ୍ଡରେ ଖେଳାଯାଇଥିବା ଏହି ଗୁରୁତ୍ୱପୂର୍ଣ୍ଣ ମ୍ୟାଚ୍‌ରେ ଟସ୍ ଜିତି ଭାରତୀୟ ଅଧିନାୟିକା ମିଥାଲି ରାଜ ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲେ। ଜବାବରେ ଆମନ୍ତ୍ରଣ ପାଇ ପ୍ରଥମେ ବ୍ୟାଟିଂ କରିଥିବା ଘରୋଇ କିୱି ଦଳ ନିର୍ଦ୍ଧାରିତ ବ୍ୟବଧାନରେ ଉଇକେଟ୍ ହରାଇ ୪୪.୨ ଓଭରରେ ୧୬୧ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ଅଧିନାୟିକା ଆମି ସାଟ୍ଟରର୍ଥୱେଟ୍ (୭୧)ଙ୍କୁ ଛାଡ଼ିଦେଲେ ଅନ୍ୟକୌଣସି ଖେଳାଳି ବଡ଼ ସ୍କୋର କରିପାରି ନ ଥିଲେ। ଭାରତ ପକ୍ଷରୁ ଅଭିଜ୍ଞ ଝୁଲଣ ଗୋସ୍ୱାମୀ ସର୍ବାଧିକ ୩ଟି ଏବଂ ଏକତା ବିସ୍ତ, ଦୀପ୍ତି ଶର୍ମା ଓ ପୁନମ ଯାଦବ ୨ଟି ଲେଖାଏ ଉଇକେଟ୍ ଦଖଲ କରିଥିଲେ। ଜବାବରେ ୧୬୨ ରନର ଟାର୍ଗେଟ୍‌କୁ ପିଛା କରିଥିବା ଭାରତ ପ୍ରାରମ୍ଭରୁ ଓପନର୍ ଜେମିମା ରୋଡ୍ରିଗୁଏଜ (୦) ଓ ଦୀପ୍ତି ଶର୍ମା (୮)ଙ୍କ ଉଇକେଟ୍ ହରାଇ ସଙ୍କଟରେ ପଡ଼ିଥିଲା। ତେବେ ଫର୍ମରେ ଥିବା ଅନ୍ୟତମ ଓପନର୍ ମନ୍ଧାନା (୯୦ ରନ, ୮୩ ବଲ, ୧୩ ଚୌକା, ୧ ଛକା) ଓ ଅଧିନାୟିକା ମିଥାଲି (୬୩ ରନ, ୧୧୧ ବଲ୍, ୪ ଚୌକା, ୨ ଛକା)ଙ୍କ ଅପରାଜିତ ଅର୍ଦ୍ଧଶତକ ହାସଲ କରି ଦଳକୁ ଆଉ କୌଣସି କ୍ଷତି ହେବାକୁ ନ ଦେଇ ୮ ଉଇକେଟ୍‌ରେ ଜିତାଇଥିଲେ। ଅସମାପ୍ତ ୩ୟ ଉଇକେଟ୍ ଯୋଡ଼ିରେ ଉଭୟ ୧୫୧ ରନର ପାର୍ଟନରଶିପ୍ କରିଥିଲେ। ଫର୍ମରେ ଥିବା ୨୨ ବର୍ଷୀୟା ମନ୍ଧାନା ଏଥିପୂର୍ବରୁ ପ୍ରଥମ ମ୍ୟାଚ୍‌ରେ ୧୧୫ ରନର ଏକ ମାରାଥନ ଶତକୀୟ ଇନିଂସ ଖେଳିଥିଲେ। ନିଜର ଶେଷ ୧୦ ଦିନିକିଆରୁ ମନ୍ଧାନାଙ୍କ ଏହା ୮ମ ଅର୍ଦ୍ଧଶତକ ଥିଲା।



ଅର୍ଦ୍ଧଶତକୀୟ ଇନିଂସ ଅବସରରେ ମିଥାଲି ରାଜ।

**ସଂକ୍ଷିପ୍ତ ସ୍କୋର**

ନ୍ୟୁଜିଲାଣ୍ଡ ମହିଳା ଟିମ୍- ୧୬୧ରେ ଅଲ୍‌ଆଉଟ୍, ୪୪.୨ ଓଭର (ଆମି ୭୧, ଲେଇଗ କାସପର୍କ ୨୧, ଝୁଲଣ ୩/୨୩)।

ଭାରତୀୟ ମହିଳା ଟିମ୍- ୧୬୬/୨, ୩୫.୨ ଓଭର (ମନ୍ଧାନା ୯୦*, ମିଥାଲି ୬୩*, ଲି ତାହୁହୁ ୧/୧୬)।

### ଆନ୍ତଃଜିଲା ବିମ୍ବାଧର ସାହୁ ମେମୋରିଆଲ କ୍ରିକେଟ

# ସେମିରେ ସୂର୍ଯ୍ୟଶିଖା



ଅଜୟ ରାଉତ ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି।

**ଭଣ୍ଡାରିପୋଖରୀ, ୨୯।୧(ଡି.ଏନ.ଏ.)**

ଭଣ୍ଡାରିପୋଖରୀ ବ୍ଲକ ମଞ୍ଜୁରିରୋଡ ଡାକ୍ତରଖାନା ଖେଳପଡିଆରେ ଚାଲିଥିବା ଆନ୍ତଃଜିଲା ବିମ୍ବାଧର ସାହୁ ମେମୋରିଆଲ ଟୁର୍ନାମେଣ୍ଟର ଚତୁର୍ଥ କ୍ୱାର୍ଟର ଫାଇନାଲ ମ୍ୟାଚରେ କଟକର ନିମପୁର ସ୍ପୋର୍ଟିଂକୁ ହରାଇ ଭଦ୍ରକର ସୂର୍ଯ୍ୟଶିଖା କ୍ଲବ ସେମିଫାଇନାଲରେ ପ୍ରବେଶ କରିଛି। ସୂର୍ଯ୍ୟଶିଖା କ୍ଲବ ଟସ୍ ଜିତି ବ୍ୟାଟିଂ କରିବାର ନିଷ୍ପତ୍ତି ନେଇ ୨୫ ଓଭରରେ ୧୬୪ ରନ ସଂଗ୍ରହ କରି ଅଲଆଉଟ ହୋଇଥିଲା। ଜିତିବା ପାଇଁ ୧୬୫ ରନର ପିଛା କରି ନିମପୁର ସ୍ପୋର୍ଟିଂ ୨୫ ଓଭରରେ ୯ ଉଇକେଟ ହରାଇ ୧୬୩ ରନ କରି ପରାଜୟ ହୋଇଥିଲା। ମ୍ୟାନ ଅଫ ଦି ମ୍ୟାଚ ଭାବେ ନିମପୁର ସ୍ପୋର୍ଟିଂ ଅଧିନାୟକ ଅଜୟ ରାଉତଙ୍କୁ ପୁରସ୍କୃତ କରାଯାଇଥିଲା। ସଞ୍ଜୟ ଜେନା, କାଳନ୍ଦୀ ପଣ୍ଡା ଅମ୍ପାୟର ଦାୟିତ୍ୱ ତୁଲାଇଥିବା ବେଳେ ସୂର୍ଯ୍ୟକାନ୍ତ ଭାରତୀ ରେଫରୀ ଥିଲେ। ନାରାୟଣ ଜେନା, ବିଶ୍ୱରଞ୍ଜନ ଜେନା ସ୍କୋରର, ଚନ୍ଦନ ନନ୍ଦ, ପ୍ରିୟବ୍ରତ ସାହୁ ଧାରା ବିବରଣୀ ପ୍ରଦାନ କରିଥିଲେ। ଧବଳେଶ୍ୱର ପାଣିପଞ୍ଚାୟତ ସଭାପତି ଗୌରାଙ୍ଗ ଚରଣ ଜେନା ମ୍ୟାନ ଅଫ ଦି ମ୍ୟାଚ ଅଜୟ ରାଉତଙ୍କୁ ପୁରସ୍କୃତ କରିଥିଲେ। ବୁଧବାର ଟୁର୍ନାମେଣ୍ଟର ୨ୟ ସେମିଫାଇନାଲ ମ୍ୟାଚ କଟକର ୟୁନିୟନ ସ୍ପୋର୍ଟିଂ ସହିତ ଭଦ୍ରକର ସୂର୍ଯ୍ୟଶିଖା କ୍ଲବ ମଧ୍ୟରେ ମୁକାବିଲା ହେବ।

### ଅଲ୍ ଓଡ଼ିଶା ଚେସ୍ ଆସୋସିଏଶନ ନିର୍ବାଚନ

## ସଭାପତି ପଦବୀ ପାଇଁ ୩ ଆଶାୟୀ

**କଟକ ଅଫିସ,୨୯।୧:** ଅଲ୍ ଓଡ଼ିଶା ଚେସ୍ ଆସୋସିଏଶନ (ଏଓସିଏ)ର କର୍ମକର୍ତ୍ତା ନିର୍ବାଚନ ପାଇଁ ପ୍ରାର୍ଥୀପତ୍ର ଦାଖଲ ଓ ଯାଞ୍ଚ ପ୍ରକ୍ରିୟା ମଙ୍ଗଳବାର ଶେଷ ହୋଇଛି । ବୁଧବାର ପ୍ରାର୍ଥୀପତ୍ର ପ୍ରତ୍ୟାହାରର ଶେଷ ଦିବସ । ସଭାପତି ପଦବୀ ନିମନ୍ତେ ୩ଜଣ ପ୍ରାର୍ଥୀ ଆଶାୟୀ ରହିଥିବାବେଳେ ଏମାନଙ୍କ ମଧ୍ୟରେ ରହିଛନ୍ତି କଟକ–ବାରବାଟୀ ବିଧାୟକ ଦେବାଶିଷ ସାମନ୍ତରାୟ। ଅନ୍ୟ ଦୁଇଜଣ ଆଶାୟୀ ପ୍ରାର୍ଥୀ ହେଲେ ଦେବାଶିଷ ଚକ୍ରବର୍ତ୍ତୀ ଓ ବିଶ୍ୱଜିତ ରାୟ । ବିଧାୟକ ସାମନ୍ତରାୟ ପୂର୍ବରୁ ଫୁଟବଲ ଆସୋସିଏଶନ ଅଫ ଓଡ଼ିଶା(ଫାଓ)ର ସଭାପତି ମଧ୍ୟ ରହିଛନ୍ତି। ବିଧାୟକଙ୍କ ପ୍ରାର୍ଥିତ୍ୱକୁ କଟକ ଜିଲା ଚେସ ସଂଘ ସମେତ ଏଓସିଏର କେତେକ ବରିଷ୍ଠ କର୍ମକର୍ତ୍ତା ବିରୋଧ କରୁଛନ୍ତି। ରାଜନୈତିକ ବ୍ୟକ୍ତି ହେବା ସହ ଦୁଇ ଦୁଇଟି ରାଜ୍ୟ କ୍ରୀଡ଼ା ସଂଘର ସଭାପତି ହେବା ଅସାମ୍ବିଧାନିକ ବୋଲି ଅଭିଯୋଗ ହୋଇଛି। ବିଧାୟକ ସାମନ୍ତରାୟଙ୍କ କହିବା ଅନୁସାରେ "ରାଜ୍ୟରେ ଚେସ ଖେଳର ଉନ୍ନତି ହେଉଛି। ଆଗାମୀ ଦିନରେ ଏହି ଧାରା କିପରି ବଜାୟ ରହିବ ସେ ଦିଗରେ ଚେଷ୍ଟା ହେବା ଉଚିତ । ପ୍ରାର୍ଥିତ୍ୱ ନେଇ ଅଭିଯୋଗ ହେବା ଖବର ମୋ ପାଖରେ ନାହିଁ" । ପ୍ରକାଶ ଯୋଗ୍ୟ ଯେ, ଫେବୃୟାରୀ ୩ ତାରିଖରେ ହେବାକୁ ଥିବା ଏହି ନିର୍ବାଚନ ନିମନ୍ତେ ଗତ ୧୩ ତାରିଖରେ ବିଧିବଦ୍ଧ ଘୋଷଣା ହୋଇଥିଲା । ଏଓସିଏ ସହ ଅନୁବନ୍ଧିତ ୧୬ଟି ଜିଲା ନିର୍ବାଚନରେ ଅଂଶ ଗ୍ରହଣ କରିବେ। ଉପସଭାପତି, ସମ୍ପାଦକ ଓ ଯୁଗ୍ମ ସମ୍ପାଦକ ପଦବୀ ନିମନ୍ତେ ଦୁଇଜଣ ଲେଖାଏ ଆଶାୟୀ ପ୍ରାର୍ଥୀ ରହିଛନ୍ତି । ସମ୍ପାଦକ ପଦବୀ ନିମନ୍ତେ ଦେବବ୍ରତ ଭଞ୍ଜ, ଆଶିଷ କୁମାର ମହାନ୍ତି, ଉପସଭାପତି ପଦବୀ ନିମନ୍ତେ ସୁଭାଶିଷ ପଟ୍ଟନାୟକ, ଆର. ମହାନ୍ତି, ଯୁଗ୍ମ ସମ୍ପାଦକ ପଦବୀ ନିମନ୍ତେ ସୁରେଶ ଚନ୍ଦ୍ର ସାହୁ, ବିଧୂଭୂଷଣ ମିଶ୍ର ପ୍ରାର୍ଥୀପତ୍ର ଦାଖଲ କରିଥିବା ଜଣାପଡ଼ିଛି । କୋଷାଧ୍ୟକ୍ଷ ନିମନ୍ତେ କେବଳ ଶଙ୍କର ପ୍ରସାଦ ମିଶ୍ର ଚୂଡ଼ାନ୍ତ ପ୍ରାର୍ଥୀ ତାଲିକାରେ ରହିଛନ୍ତି। ନିର୍ବାଚନକୁ ଶୃଙ୍ଖଳିତ ଭାବେ ସମାପନ କରାଯିବ ବୋଲି ନିର୍ବାଚନ ଅଧିକାରୀ ଶ୍ରୀହର୍ଷ ପ୍ରଧାନ କହିଛନ୍ତି।

### ଜାତୀୟ ସିନିୟର ସ୍ନୁକର ଆଜିଠାରୁ

## ଆକାଶ, ସୁବ୍ରତ, ରାକେଶ, ଆଶୁତୋଷ ଭାଗନେବେ

**ଭୁବନେଶ୍ୱର, ୨୯।୧(କ୍ରୀଡ଼ା ପ୍ରତିନିଧି):** ଇନ୍ଦୋରଠାରେ ଜାତୀୟ ସିନିୟର ସ୍ନୁକର ଚାମ୍ପିୟନଶିପ୍ ବୁଧବାରଠାରୁ ଆରମ୍ଭ ହେବ। ଏଥିରେ ଓଡ଼ିଶାର ୩ ଜଣ ଶୀର୍ଷ ସିଡେଡ ଖେଳାଳି ଆକାଶ ମହାପାତ୍ର, ସୁବ୍ରତ ଦାସ ଓ ଡ. ରାକେଶ ରୋଶନ ପ୍ରଧାନ ଅଂଶଗ୍ରହଣ କରିବେ। ଏଥିରେ ଭାରତର ବିଭିନ୍ନ ଭାଗରୁ ୧୪୪ ପ୍ରତିଯୋଗୀ ଭାଗନେବେ। ଓଡ଼ିଶା କ୍ୟୁ ସ୍ପୋର୍ଟ୍ସର ଯୁବରାଜ ଭାବେ ବିବେଚିତ ଆଶୁତୋଷ ପାଢ଼ୀ ସିଧାସଳଖ ରାଉଣ୍ଡ ଅଫ୍ ୬୪ରେ ଅଂଶଗ୍ରହଣ କରିବେ। ଏହି ପ୍ରତିଯୋଗିତା ପୂର୍ବରୁ ଅନୁଷ୍ଠିତ ସିନିୟର ବିଲିୟାର୍ଡ୍ସ କାଟେଗୋରିରେ ଓଡ଼ିଶାର କୁନାଲ ଅଗ୍ରୱାଲ ଓ ରାକେଶ ପରାସ୍ତ ହୋଇଛନ୍ତି। ମୁଖ୍ୟ ଡ୍ର ଲିଗ୍‌ରେ କୁନାଲ ଗୋଟିଏ ଗେମ୍ ଜିତିଥିବାବେଳେ ୨ଟିରେ ପରାଜିତ ହୋଇଥିଲେ। ଅନ୍ୟପକ୍ଷରେ ରାକେଶ ୩ଟି ଯାକ ମ୍ୟାଚ ଜିତି ବିଦାୟ ନେଇଛନ୍ତି।

## ନନ୍‌ଷ୍ଟପ୍ ସ୍କେଟିଂ: ବ୍ରହ୍ମପୁରର ୮ ସ୍କେଟର୍‌ଙ୍କୁ ସ୍ୱର୍ଣ୍ଣ



ପରିବାରବର୍ଗଙ୍କ ଗହଣରେ ସଫଳ ସ୍କେଟର୍‌ମାନେ ।

**ବ୍ରହ୍ମପୁର ଅଫିସ୍, ୨୯।୧:** ବ୍ରହ୍ମପୁରର ସିଟି ରୋଲର୍ ସ୍କେଟିଂ ଏକାଡେମିର ସ୍କେଟର୍‌ମାନେ ପୁଣି ଥରେ ସଫଳତା ଅର୍ଜନ କରିଛନ୍ତି। ଦୁଇଟି ଇଭେଣ୍ଟ୍‌ରେ ନିଜର ପ୍ରତିଭା ଦେଖାଇ ଉଚ୍ଚ ପ୍ରଶଂସିତ ହୋଇଛନ୍ତି। ଜାନୁୟାରୀ ୨୬ତାରିଖରେ ମହାରାଷ୍ଟ୍ରର ନାଗପୁରରେ ବିଶ୍ୱ ରେକର୍ଡ଼ ଇଣ୍ଡିଆ ଇଭେଣ୍ଟ୍ ଅନୁଷ୍ଠିତ ହୋଇଥିଲା। ଏକକାଳୀନ ସର୍ବାଧିକ ଜାଗାରେ, ସର୍ବାଧିକ ସ୍କେଟର୍‌ମାନେ ସ୍କେଟିଂ ପ୍ରଦର୍ଶନ କରିବାରେ ବିଶ୍ୱରେକର୍ଡ଼ ସୃଷ୍ଟି କରିଥିଲେ। ଏଥିରେ ବ୍ରହ୍ମପୁରର ୮ ସ୍କେଟର୍ ଭାଗ ନେଇଥିଲେ। ବିଶ୍ୱ ରେକର୍ଡ଼ରେ ନିଜ ସ୍ଥାନ ଲିପିବଦ୍ଧ କରିଛନ୍ତି । ଏହି ସ୍କେଟର୍‌ମାନେ ଗତ ୨୭ ତାରିଖରେ ନାଗପୁରରେ ହିଁ ଲଗାତର ୮ଘଣ୍ଟା ନନ୍‌ଷ୍ଟପ୍ ସ୍କେଟିଂ ପ୍ରତିଯୋଗିତାରେ ଭାଗ ନେଇଥିଲେ। ଅପରାହ୍ଣ ଗୋଟାଏରୁ ରାତ୍ର ୯ଟା ପର୍ଯ୍ୟନ୍ତ ଲଗାତର ସ୍କେଟିଂ ପ୍ରଦର୍ଶନ କରାଯାଇଥିଲା । ଏଥିରେ ବ୍ରହ୍ମପୁରର ସମସ୍ତ ୮ ସ୍କେଟର୍ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ସେମାନେ ହେଲେ ଅନିକେତ ପାତ୍ର, ନିତେଶ କୁମାର ବେହେରା, ଶିବ ଶଙ୍କର ରେଡ୍ଡୀ, ବିଦ୍ୟାରାଣୀ ମୁଣ୍ଡା, ପି.ସାଇ ଶୁଭଙ୍କର, ଶୁଭମ୍ ପାଣିଗ୍ରାହୀ, ଏସ୍.ସଦ୍‌ଗୁଣ ଏବଂ ପୋଲାକି ସ୍ୱରୂପ । ଏମାନଙ୍କ ମଧ୍ୟରେ ଶିବ ଶଙ୍କରଙ୍କୁ ଶ୍ରେଷ୍ଠ ସ୍କେଟର୍ ପୁରସ୍କାର ମିଳିଛି। ଦଳ ସହ କୋଚ୍ ରମେଶ ମଧ୍ୟ ନାଗପୁର ଯାତ୍ରା କରିଥିଲେ। ସେ ବିଶ୍ୱରେକର୍ଡ଼ ଇଭେଣ୍ଟ୍‌ରେ ଭାଗ ନେଇଥିଲେ। ମଙ୍ଗଳବାର ଅପରାହ୍ଣରେ କୋଚ୍ ରମେଶ ଏବଂ ସ୍କେଟର୍‌ମାନେ ବ୍ରହ୍ମପୁର ଷ୍ଟେଶନ୍‌ରେ ପହଞ୍ଚିଥିଲେ। ସ୍କେଟର୍‌ଙ୍କ ପରିବାରଙ୍କ ତରଫରୁ ସେମାନଙ୍କୁ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା ଦିଆଯାଇଥିଲା। ବିଶ୍ୱ ରେକର୍ଡ଼ରେ ଭାଗନେବା ସହ ସ୍ୱର୍ଣ୍ଣ ପଦକ ହାସଲ କରିଥିବା ଯୋଗୁ ଖେଳାଳିମାନେ ଖୁସି ବ୍ୟକ୍ତ କରିଥିଲେ। ଆଗାମୀ ଦିନରେ ମଧ୍ୟ ଏହି ସଫଳତା ଜାରି ରହିବ ବୋଲି କୋଚ୍ ରମେଶ ପ୍ରକାଶ କରିଛନ୍ତି।

### ସର୍ବଭାରତୀୟ ଲାଲମନି କ୍ରିକେଟ୍

# ଫାଇନାଲରେ ଇଷ୍ଟକୋଷ୍ଟ ରେଲୱେ

**ସୋନପୁର,୨୯।୧(ନି.ପ୍ର.)**

ସ୍ଥାନୀୟ ଗାନ୍ଧୀ ପଡିଆରେ ଚାଲିଥିବା ସର୍ବଭାରତୀୟ ଲାଲମନି କ୍ରିକେଟ ଟୁର୍ନାମେଣ୍ଟରେ ଇଷ୍ଟକୋଷ୍ଟ ରେଲୱେ (ଖୋର୍ଦ୍ଧା) ପ୍ରଥମ ଦଳ ଭାବେ ଫାଇନାଲରେ ପ୍ରବେଶ କରିଛି। ମଙ୍ଗଳବାର ଅନୁଷ୍ଠିତ ସେମିଫାଇନାଲ ମ୍ୟାଚ୍‌ରେ ଖୋର୍ଦ୍ଧା ରେଲୱେ ୪୨ ରନରେ ବ୍ଲୁ ଡାଇମଣ୍ଡ ବରଗଡକୁ ହରାଇ ଫାଇନାଲକୁ ଉଠିଛି। ଟସ୍ ଜିତି ଖୋର୍ଦ୍ଧା ଦଳ ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା। ଦଳ କାମେଶ୍ୱର ବାରିକଙ୍କ ୨୭ ବଲରୁ ୩୫ ରନ, ଅଭିଷେକ ଯାଦବଙ୍କ ୨୪ ବଲରୁ ୨୭ ରନ, ଅଙ୍କିତ ଯାଦବଙ୍କ ୧୬ ବଲରୁ ୧୫ ରନ ଓ ପ୍ରଶାନ୍ତ ସାହୁଙ୍କ ୧୧ ବଲରୁ ୧୨ରନ ସହାୟତାରେ ଟି/୨୦ ମ୍ୟାଚ୍‌ରେ ୧୩୦ ରନ ସଂଗ୍ରହ କରିଥିଲା। ବରଗଡର ପରଦେଶୀ ନିଶାଦ, ସୟଦ ଜାକି ଓ ଆର. କେ. ସିଂହ ପ୍ରତ୍ୟେକ ୨ଟି ଲେଖାଏ ଓ ବାଦଲ ଭୋଳ ଗୋଟିଏ ଉଇକେଟ ଅକ୍ତିଆର କରିଥିଲେ। ଜବାବରେ ବରଗଡ ଦଳ ମାତ୍ର ୯୯ ରନ ସଂଗ୍ରହ କରିବାକୁ ସମର୍ଥ ହୋଇଥିଲା। ଦଳ ପକ୍ଷରୁ ମହମ୍ମଦ ୱାସିମ ୨୬ବଲରୁ ୨୭ରନ, ହରଜିତ ସିଂହ ୨୭ ବଲରୁ ୧୮ ରନ, ବାଦଲ ଭୋଳ ୮ ବଲରୁ ୧୬ ରନ ଓ ସୟଦ ଜାକି ୯ ବଲରୁ ୧୩ ରନ ସଂଗ୍ରହ କରିଥିଲେ। ଖୋର୍ଦ୍ଧା ରେଲୱେ ତରଫରୁ ଲଗ୍ନଜିତ ସାମଲ ୩ଟି, ସୂର୍ଯ୍ୟକାନ୍ତ ପ୍ରଧାନ ଓ ଜୟନ୍ତ ବେହେରା ପ୍ରତ୍ୟେକ ୨ଟି ଓ ପ୍ରଶାନ୍ତ ସାହୁ ଏବଂ ଆଲୋକ ମଙ୍ଗରାଜ ଉଭୟ ଗୋଟିଏ ଲେଖାଏ ଉଇକେଟ୍ ଅକ୍ତିଆର କରିଥିଲେ। ଟୁର୍ନାମେଣ୍ଟ ଫର୍ମାଟ ନିୟମାନୁସାରେ ଖୋର୍ଦ୍ଧା ଦଳକୁ ବୋନସ ୬ ରନ ମିଳିଥିଲା।

ଟି୧୦ ମ୍ୟାଚ୍‌ରେ ଖୋର୍ଦ୍ଧା ଦଳ ଦର୍ଶନୀୟ ବ୍ୟାଟିଂ କରି ସମୀର ମହାନ୍ତିଙ୍କ ଧୂଆଁଧାର ୧୨ ବଲରୁ ୩୬ ରନ, ଅଭିଷେକ ଯାଦବଙ୍କ ୧୪ ବଲରୁ ୨୮ ରନ ଓ ପ୍ରଶାନ୍ତ ସାହୁଙ୍କ ଚିତ୍ତାକର୍ଷକ ୨୪ ବଲରୁ ୫୩ ରନ ସହାୟତାରେ ନିର୍ଦ୍ଧାରିତ ୧୦ ଓଭରରେ ୬ ଉଇକେଟ ବିନିମୟରେ ୧୩୯ ରନ ସଂଗ୍ରହ କରିଥିଲା । ଏବଂ ଟି୨୦ରେ ବୋନସ ୬ ରନକୁ ମିଶାଇ ସମୁଦାୟ ସଂଖ୍ୟା ୧୪୫ ରନ ହୋଇଥିଲା । ବରଗଡ ପକ୍ଷରୁ ସୟଦ ଜାକି ୨ଟି ଉଇକେଟ ଅକ୍ତିଆର କରିଥିଲେ । ଜବାବରେ ବରଗଡ ଦଳ ମାତ୍ର ୯୩ ରନରେ ସୀମିତ ରହିଥିଲା । ଦଳ ପକ୍ଷରୁ ବାଦଲ ଭୋଳ ୧୬ ବଲରୁ ୩୫ ରନ, ମଳୟ ହାତୀ ୨୧ ରନ ଓ ମହମ୍ମଦ ସାଲିମ ୧୪ ରନ ସଂଗ୍ରହ କରିଥିଲେ । ଖୋର୍ଦ୍ଧା ପକ୍ଷରୁ ଜୟନ୍ତ ବେହେରା ୨ଟି, ସୂର୍ଯ୍ୟକାନ୍ତ, ମଳୟ ଓ ଅଭିଷେକ ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ। ଟୁର୍ନାମେଣ୍ଟ ଫର୍ମାଟ ନିୟମାନୁସାରେ ଖୋର୍ଦ୍ଧା ଦଳ ୪୨ ରନରେ ବିଜୟୀ ହୋଇ ଫାଇନାଲରେ ପ୍ରବେଶ କରିଥିଲା। ଖୋର୍ଦ୍ଧା ଦଳର ଜୟନ୍ତ ବେହେରାଙ୍କୁ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଇଥିଲା। ନିର୍ମଳ ନେଗୀ ମ୍ୟାନ ଅଫ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରିଥିଲେ । ମ୍ୟାଚ୍ ପରିଚାଳନା କରିଥିଲେ ସମୀର ପାଣିଗ୍ରାହୀ ଓ ସତ୍ୟପ୍ରକାଶ ରଥ। ସ୍କୋରର ଥିଲେ ବିନୋଦ ପାତ୍ର। ଧାରା ବିବରଣୀ ପ୍ରଦାନ କରିଥିଲେ ପ୍ରଜ୍ଞା ପ୍ରିୟଦର୍ଶନୀ ମିଶ୍ର, ଅଚ୍ୟୁତ ମିଶ୍ର, ପାର୍ଥ ଦାସ ଓ ବି ଏସ ରାଓ। ବୁଧବାର କରିମ୍ ସ୍ପୋର୍ଟ୍ସ ନାଗପୁର ଓ ହଲଦ୍ୱାନୀ କ୍ରିକେଟ୍ସ ଉତ୍ତରାଖଣ୍ଡ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ।



ଜୟନ୍ତ ବେହେରାଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଉଛି ।

# ବଲରାଜ କ୍ଲବ ଚାମ୍ପିୟନ

**ଭଦ୍ରକ ଅଫିସ,୨୯।୧**

ଭଦ୍ରକ ବ୍ଲକ ଆରଏନ ବେତରା ରାମନବମୀ ପଡ଼ିଆରେ ମହାବୀର କ୍ଲବ ଆନୁକୂଲ୍ୟରେ ଚାଲିଥିବା ୩୫ତମ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ଭଞ୍ଜନଗରର ବଲରାଜ କ୍ଲବ ଆଦମପୁର ସ୍ପୋର୍ଟ୍ସ ଏକାଡ଼େମୀକୁ ଟାଇବ୍ରେକରରେ ପରାସ୍ତ କରି ଚାମ୍ପିୟନ ହୋଇଛି। ଏହି ଟୁର୍ନାମେଣ୍ଟରେ ମୋଟ ୮ଟି ଦଳ ଅଂଶଗ୍ରହଣ କରିଥିବାବେଳେ, ଅନୁଷ୍ଠିତ ଫାଇନାଲ ମ୍ୟାଚ ପ୍ରବଳ ପ୍ରତିଦ୍ୱନ୍ଦ୍ୱିତାପୂର୍ଣ୍ଣ ହୋଇଥିଲା। ଖେଳର ଉଭୟାର୍ଦ୍ଧରେ କେହି କାହାକୁ ଗୋଲ ଦେଇ ପାରି ନ ଥିଲେ। ଫଳରେ ଟାଇବ୍ରେକର ପଦ୍ଧତିର ଆଶ୍ରୟ ନିଆଯାଇଥିଲା। ଏଥିରେ ଭଞ୍ଜନଗର ଦଳ ଆଦମପୁର ସ୍ପୋର୍ଟ୍ସ ଏକାଡ଼େମୀକୁ ୫–୨ଗୋଲରେ ପରାସ୍ତ କରି ଚାମ୍ପିୟନ ହୋଇଥିଲା। ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟଅତିଥି ଭାବେ ପିସିସି ସମ୍ପାଦକ ଶୁଭେନ୍ଦୁ ରାୟମହାପାତ୍ର ଯୋଗଦେଇ ବିଜୟୀ ଦଳକୁ ଟ୍ରଫି ସହ ନଗଦ ୨୦ହଜାର ଓ ରନର୍ସଅପ ଦଳକୁ ଟ୍ରଫି ସହ ନଗଦ ୧୦ହଜାର ଟଙ୍କା ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଜୟ କୁମାର ଦାସ, ଶଶୀକାନ୍ତ ଦାସ, ଅଜୟ ଧଳ, ଅନ୍ୟତମ ଅତିଥି ଭାବେ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। କ୍ଲବର ସଦସ୍ୟ ଗୌରାଙ୍ଗ ପ୍ରଧାନ ଆଲୋକ ନାୟକ, କିଶୋର ବାରିକ, ଦୀପକ ମହାପାତ୍ର ଟୁର୍ନାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ। ଉତ୍ସବ ଶେଷରେ ହୃଷୀକେଶ ପାଣି ଧନ୍ୟବାଦ ଅର୍ପଣ କରିଥିଲେ।



ଅତିଥିଙ୍କ ସହ ଦୁଇ ଦଳର ଖେଳାଳିମାନେ।

## ସଂକ୍ଷେପରେ

### ସ୍ତ୍ରୀଙ୍କୁ ହତ୍ୟା ମାମଲା ସ୍ୱାମୀ ସମେତ ୪ ଅଟକ

ଛତ୍ରପୁର,୨୯।୧(ଡି.ଏନ.ଏ.)-ଗଞ୍ଜାମ ଜିଲା ଚମାଖଣ୍ଡି ଥାନା ନରେନ୍ଦ୍ରପୁରରେ ସୋମବାର ଅବସରପ୍ରାପ୍ତ ସେନା କର୍ମଚାରୀ ବି. ବାବୁଲା ସେନାପତି ତାଙ୍କ ୬ ବର୍ଷିୟ ପୁଅ ସମ୍ମୁଖରେ ସ୍ତ୍ରୀ ଲିସାରାଣୀଙ୍କ ମୁଣ୍ଡକୁ ଲୁହା ଛଡ଼ରେ ପିଟି ହତ୍ୟା କରିଥିଲେ । ହତ୍ୟା ପରେ ସେ ଥାନାରେ ଆତ୍ମସମର୍ପଣ କରିଥିଲେ। ତେବେ ବାବୁଲା ଓ ତାଙ୍କ ପରିବାରର ୩ ଜଣଙ୍କୁ ପୋଲିସ ଅଟକ ରଖି ପଚରାଉଚୁରା କରୁଛି। ଅନ୍ୟପକ୍ଷରେ ହତ୍ୟା ଘଟଣାକୁ ନେଇ ଅଞ୍ଚଳରେ ଚାପା ଉତ୍ତେଜନା ଲାଗି ରହିଛି ।

ମଙ୍ଗଳବାର ବିଭିନ୍ନ ମହିଳା ସଂଘର ଶତାଧିକ ସଦସ୍ୟା ଏକାଠି ହୋଇ ଘଟଣା ଉପରେ ଆଲୋଚନା କରିବା ସହ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ବାବୁଲାଙ୍କୁ ଫାଶୀ ଦେବା ସହ ତାଙ୍କ ପରିବାରର ଅନ୍ୟ ସଦସ୍ୟଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିବାକୁ ମହିଳା ସଂଘ ସଦସ୍ୟାମାନେ ଦାବି କରିଛନ୍ତି। ପାରିବାରିକ କଳହରୁ ବାବୁଲା ଓ ଲିସାରାଣୀଙ୍କ ମଧ୍ୟରେ ବଚସା ହେଉଥିଲା । ଏ ନେଇ ଲିସାରାଣୀ ରବିବାର ବ୍ରହ୍ମପୁରସ୍ଥିତ ମହିଳା ଥାନାକୁ ଯାଇ ଜଣାଇଥିଲେ ବୋଲି ସୂଚନା ମିଳିଛି । ଅନ୍ୟପଟେ ଲିସାରାଣୀଙ୍କ ଭାଇ କେ. ଶିବ ପାତ୍ର ଚମାଖଣ୍ଡି ଥାନାରେ ଦେଇଥିବା ଏତଲାରେ ଏହି ହତ୍ୟା ପାଇଁ ବାବୁଲା ଓ ତାଙ୍କ ପରିବାରବର୍ଗ ଦାୟୀ ବୋଲି ଦର୍ଶାଇଛନ୍ତି। ଚମାଖଣ୍ଡି ପୋଲିସ ବ୍ରହ୍ମପୁର ସାଇଣ୍ଟିଫିକ ଟିମ୍‌ର ତଦନ୍ତ ରିପୋର୍ଟ ଏବଂ ବଡ ମେଡିକାଲରେ ହୋଇଥିବା ମୃତଦେହ ବ୍ୟବଚ୍ଛେଦ ରିପୋର୍ଟକୁ ଅପେକ୍ଷା କରିଛି ।

### ପଥଚାରୀଙ୍କୁ ଲୁଟ୍ ଉଦ୍ୟମ ପଣ୍ଡ

# ଦୁର୍ଦ୍ଧାନ୍ତ ଅପରାଧୀ ବଚନଙ୍କ ସମେତ ୬ ଗିରଫ



ଗିରଫ ୬ ଅଭିଯୁକ୍ତ।



ଜବତ ଦେଶୀ ବନ୍ଧୁକ, ଖଣ୍ଡା ଓ ବାଇକ୍।

ଗୋପାଳପୁର,୨୯।୧

ଏକ ବଡଧରଣର ଡକାୟତି ଯୋଜନାକୁ ଗୋଳନ୍ଥରା ପୋଲିସ ପଣ୍ଡ କରିଛି। ସୋମବାର ବିଳମ୍ବିତ ରାତିରେ ଡକାୟତି ଯୋଜନାବେଳେ ପୋଲିସ ଦୁର୍ଦ୍ଧାନ୍ତ ଅପରାଧୀ ବଚନଙ୍କ ସମେତ ୬ଜଣଙ୍କୁ ଗିରଫ କରିବା ସହ ସେମାନଙ୍କ ନିକଟରୁ ଦେଶୀ ବନ୍ଧୁକ, ଖଣ୍ଡା ଓ ବାଇକ୍ ଜବତ କରିଛି। ଗିରଫମାନେ ହେଲେ, ବନ୍ଥପଲ୍ଲୀ ଗ୍ରାମର ବଚନ ସ୍ୱାଇଁ, ଭେଜିପୁଟର ରାଜେନ୍ଦ୍ର ନାୟକ, ଭଞ୍ଜନଗରର ଏ. ବିନୋଦ, ଆଠଗଡପାଟଣାର ଅଜିତ କୁମାର ନାୟକ, ଏ. ରଘୁନାଥପୁରର ଶିବ ନାୟକ ଓ ବନ୍ଥପଲ୍ଲୀ ଗ୍ରାମର ହେମନ୍ତ ସ୍ୱାଇଁ। ପ୍ରକାଶ ଯେ, ଗୋଳନ୍ଥରା ଥାନା ଟାମଣା ରାସ୍ତାର ଘଟକେଶ୍ୱର ମନ୍ଦିର ନିକଟରେ ଗ୍ୟାଙ୍ଗର ମୁଖ୍ୟ ବଚନଙ୍କ ନେତୃତ୍ୱରେ ୮ଜଣିଆ ଡକାୟତ ଦଳ ସୋମବାର ବିଳମ୍ବିତ ରାତିରେ ପଥଚାରୀଙ୍କୁ ଅଟକାଇ ଲୁଟ କରିବାକୁ ବ୍ଲୁପ୍ରିଣ୍ଟ ପ୍ରସ୍ତୁତ କରୁଥିଲେ। ଖବର ପାଇ ଗୋଳନ୍ଥରା ଥାନାଧିକାରୀ ଡ. ଆଲୋକ କୁମାର ଜେନା ସଦଳବଳ ଚଢାଉ କରିଥିଲେ। ୬ ଡକାୟତଙ୍କୁ ପୋଲିସ କାବୁ କରିଥିବା ବେଳେ୨ଜଣ ଖସି ପଳାଇଥିଲେ। ସେମାନଙ୍କ ଠାରୁ ଗୋଟିଏ ଦେଶୀ ବନ୍ଧୁକ, ୨ ଖଣ୍ଡା ଓ ବାଇକ୍ ଜବତ କରାଯାଇଥିଲା। ଏନେଇ ଗୋଳନ୍ଥରା ଥାନାରେ ନଂ.୧୬/୧୯ରେ ମାମଲା ରୁଜୁ କରି ପୋଲିସ ଘଟଣାର ତଦନ୍ତ ଚଳାଇଛି। ଗିରଫମାନଙ୍କୁ ମଙ୍ଗଳବାର କୋର୍ଟ ଚାଲାଣ କରାଯାଇଛି। ସେମାନଙ୍କ ନାମରେ ବ୍ରହ୍ମପୁର ପୋଲିସ ଜିଲା ସହ ଅନ୍ୟ ଥାନାରେ ଏକାଧିକ ମାମଲା ରହିଛି ଓ ଫେରାର ୨ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରାଯିବ ବୋଲି ଥାନାଧିକାରୀ ଜେନା ସୂଚନା ଦେଇଛନ୍ତି।

# ମାଳ ଅଞ୍ଚଳର ପାରମ୍ପରିକ ଗ୍ରାମସଭା ସମ୍ମିଳନୀ

ବେଗୁନିଆପଡ଼ା,୨୯।୧(ଡି.ଏନ.ଏ.)

ବେଗୁନିଆପଡ଼ା ବ୍ଲକର ଘୋଡ଼ାପଡ଼ା, ଚନ୍ଦନପୁର ଓ କାଳିମେଖି ପଞ୍ଚାୟତର ଆଦିବାସୀଙ୍କ ମଙ୍ଗଳବାରରୁ ଗୁରୁବାର ୩ ଦିନ ଧରି ଡଭାବଣିଆ ଗ୍ରାମରେ ମାଳ ଅଞ୍ଚଳର ପାରମ୍ପରିକ ଗ୍ରାମସଭା ସମ୍ମିଳନୀ ସଭାପତି ଦିନବନ୍ଧୁ ଶବରଙ୍କ ସଭାପତିତ୍ୱରେ ଶୁଭାରମ୍ଭ ହୋଇଯାଇଛି। ଏଥିରେ କୋଦଳା ତହସିଲଦାର ପ୍ରଭାତ କୁମାର ପରିଡ଼ା, ଅତିରିକ୍ତ ଜିଲା ସମାଜ ମଙ୍ଗଳ ଅଧିକାରୀ ଅଶୋକ କୁମାର ଶତପଥୀ, ଅତିରିକ୍ତ ତହସିଲଦାର ଅଶୋକ କୁମାର ତ୍ରିପାଠୀ, ଆରଆଇ ମିନକେତନ ଶବର ଓ ଲକ୍ଷ୍ମୀଶ୍ରୀ ମହାରଣା, ଆଦିବାସୀ ସଙ୍ଗଠନର ରାଜ୍ୟ ସଦସ୍ୟ ପ୍ରଦୀପ ସାହୁ, ମିତ ଅନୁଷ୍ଠାନର ଆବାହକ ବିଜୟ କୁମାର ସ୍ୱାଇଁ ଯୋଗଦେଇଥିଲେ। ଦୀର୍ଘ ୩୫ ବର୍ଷ ହେଲା ଆଦିବାସୀ ସଂଗଠନ ମିତ ସେମାନଙ୍କୁ ଅହରହ ସହଯୋଗ କରୁଥିବାରୁ ଧନ୍ୟବାଦ ଦେଇଥିଲେ। ଗ୍ରାମସଭାର ଉଦ୍ଦେଶ୍ୟ ହେଲା ସେମାନଙ୍କ ହକ୍ ପାଇଁ ଏକତା ଭାବେ ଲଢ଼େଇ କରିବା, ମାଳ ଅଞ୍ଚଳକୁ ସୁଗମିତ ରାସ୍ତା ନିର୍ମାଣ କରିବା, ଶିକ୍ଷା ବ୍ୟବସ୍ଥାରେ ଉନ୍ନତି, କେନ୍ଦୁପତ୍ର ଓ ବାଉଁଶ ବିକ୍ରି ପାଇଁ କଟକଣାକୁ ଉଚ୍ଛେଦ କରିବା ଆଦି ବିଷୟରେ ଆଲୋଚନା କରାଯାଇଥିଲା। ଆଗାମୀ ଦିନରେ ଏ ସମସ୍ତ ସମସ୍ୟାକୁ ଆଲୋଚନା କରି ଏକତା ଭାବେ ଲଢ଼େଇ ଜାରି ରଖିବାକୁ କୁହାଯାଇଥିଲା। ଅଞ୍ଚଳର ବରିଷ୍ଠ ନାଗରିକମାନଙ୍କୁ ସମ୍ମାନିତ କରାଯିବା ସହ ପିଲାମାନଙ୍କ ଦ୍ୱାରା ନୃତ୍ୟ, ଗୀତ ଓ ସଂଗୀତ ପରିବେଷଣ କରାଯାଇଥିଲା।




# ବୁଦ୍ଧଖୋଲ ମହୋତ୍ସବ ପ୍ରସ୍ତୁତି ବୈଠକ



ବୈଠକରେ ଉପସ୍ଥିତ ବିଧାୟକ ଓ ସଭ୍ୟମାନେ।

ବୁଗୁଡ଼ା,୨୯।୧(ଡି.ଏନ.ଏ.)

ବୁଗୁଡ଼ା ବୁଦ୍ଧଖୋଲ ମହୋତ୍ସବ ପ୍ରସ୍ତୁତି ବୈଠକ ଶନିବାର ବୁଦ୍ଧଖୋଲ ପାଦଦେଶରେ ଅନୁଷ୍ଠିତ ହୋଇଥିଲା। ଏଥିରେ ବୁଦ୍ଧଖୋଲ ଉନ୍ନୟନ ସମିତିର ଅଧ୍ୟକ୍ଷ ତଥା ବିଧାୟକ ଶ୍ରୀକାନ୍ତ ସାହୁ ଅଧ୍ୟକ୍ଷତା କରିଥିଲେ। ମହୋତ୍ସବ କିପରି ସୂଚାରୁ ରୂପେ ହେବ ସେ ବିଷୟରେ ସଭ୍ୟମାନେ ବିସ୍ତୃତ ଆଲୋଚନା କରିଥିଲେ। ଏହି ମହୋତ୍ସବ ଫେବୃୟାରୀ ୧, ୨ ଓ ୩ରେ ହେଉଥିବା ବେଳେ କାର୍ଯ୍ୟସୂଚୀ ଅନୁଯାୟୀ ବିଭିନ୍ନ କାର୍ଯ୍ୟକ୍ରମ କିପରି ଶୃଙ୍ଖଳିତ ଭାବେ ହୋଇପାରିବ ସେନେଇ ବୈଠକରେ ଆଲୋଚନା ହୋଇଥିଲା। ବୈଠକରେ ଉନ୍ନୟନ ସମିତିର ସାଧାରଣ ସମ୍ପାଦକ ସୁରେଶ ଚନ୍ଦ୍ର ଦାଶ, ଉପସଭାପତି ଏ. ଚନ୍ଦନ ଚର୍ଚ୍ଚିତ ପାତ୍ର, ସମ୍ପାଦକ ବିଶ୍ୱମୋହନ ମିଶ୍ର, କୋଷାଧ୍ୟକ୍ଷ କେ. ତ୍ରିଲୋଚନ ଦୋରା, ଉପଦେଷ୍ଟା ରାମ ନାରାୟଣ ସାହୁ, ରେବତୀ ମୋହନ ନାୟକ, କବିରାଜ ଗୌଡ଼, ଯୁଗ୍ମ ସମ୍ପାଦକ ଗଙ୍ଗାଧର ବିଷୋୟୀ, ସୁଧାଂଶୁ ଶେଖର ପାଢ଼ୀଙ୍କ ସମେତ ସମିତିର ଅନ୍ୟାନ୍ୟ ସଭ୍ୟମାନେ ଉପସ୍ଥିତ ଥିଲେ। ଶେଷରେ ସମୀକ୍ଷକ ରାମକୃଷ୍ଣ ସାହୁ ଧନ୍ୟବାଦ ଦେଇଥିଲେ।



For Institutional and Bulk Sales please write to Kolkata@heromotocorp.com

ଅଥରାଇଜ୍ଡ ଡିଲର: ବ୍ରହ୍ମପୁର: ଲକ୍ଷ୍ମୀ ହୀରୋ - 7799766350. ଶ୍ରୀ କାଳେଶ୍ୱର ହୀରୋ - 7799766372. ଜୟପୁର: ସୁପ୍ରିମ ହୀରୋ - 7799766340. ଫୁଲବାଣୀ: ନାରାୟଣୀ ହୀରୋ - 7799766373. ରାୟଗଡ଼ା: ଅଜୀତ ହୀରୋ - 7799766358. ଅଥରାଇଜ୍ଡ ସର୍ଭିସ୍ ସେଣ୍ଟର: ଆସିକା: ଅଶୋକ ମୋଟର୍ସ - 273226. ପାରଳାଖେମୁଣ୍ଡି: ପ୍ରୀତମ ଏଣ୍ଟରପ୍ରାଇଜ - 224656. ମାଲକାନଗିରି: କନିଷ୍କ ଅଟୋମୋବାଇଲ୍ସ - 9437181980, 230514. ନବରଙ୍ଗପୁର: ଅରୁଣ ସେଲ୍ସ ଆଣ୍ଡ ସର୍ଭିସ - 223970. ସିମିଳିଗୁଡା: କେ.ପି.ଏଣ୍ଟରପ୍ରାଇଜ - 225222. ଦେବଗଡ଼ : ଜିନ୍ଦଲ ମୋଟର୍ସ : 9337774624.

2-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar. Published at 11/2, Industrial Estate, Berhampur, Editor - Tathagata Satpathy, ସମ୍ପାଦକ-ତଥାଗତ ସତପଥୀ